

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play
Download on the App Store



ସୁଶାସନ ତିହାର ନ୍ୟାୟ ଦେଉଛି | ୬

୧୭ ପରେ ଏକାଠି ନଜର ଆସିବେ ଅକ୍ଷୟ-ସୈଫ୍ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୭ Vol. 22 No-37 8 MAY 2025 THURSDAY, BHUBANESWAR ଗୁରୁବାର, ୮ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

# ଅପରେସନ ସିନ୍ଦୂର

## ଭୟରେ ଥରୁଛି ପାକିସ୍ତାନ

- ୨୫ ମିନିଟରେ ୯ ଆତଙ୍କୀ ଆଡ୍ଡା ଧ୍ୱଂସ
- ୩୦୦ରୁ ଊର୍ଦ୍ଧ୍ୱ ଆତଙ୍କୀ ନିପାତ
- ଇତିହାସ ରଚିଲା ଭାରତୀୟ ସେନା
- ରାଷ୍ଟ୍ରପତିଙ୍କୁ ଅବଗତ କଲେ ମୋଦୀ
- ମାସୁଦ ପରିବାର ନିପାତ
- ଆଜି ସର୍ବଦଳୀୟ ବୈଠକ





ନୂଆଦିଲ୍ଲୀ,୭।୫: ଦିନବେଳେ ଧର୍ମ ପଚାରି ଭାରତର ଭୂସ୍ୱର୍ଗରେ ବର୍ବରତାର କାଣ୍ଡ ରଚିଥିବା ପାକିସ୍ତାନର ପୋଷା ପୁଅ ଆତଙ୍କୀମାନେ ସ୍ୱପ୍ନରେ ବି କେବେ ଭାବିନଥିବେ, ରାତିର ଘନ ଅନ୍ଧକାରରେ ତାଙ୍କ ଶିବିର ଏମିତି ସମାଧି ପାଲଟିଯିବ ବୋଲି। ପହଲଗାମର ପ୍ରତିଶୋଧ ସ୍ୱରୂପ ମଧ୍ୟରାତ୍ରିରେ ଭାରତୀୟ ସେନାର ଘନ ଘନ ମିସାଇଲ ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ ଆତଙ୍କୀ ସ୍ଥାନର ଧରିତ୍ରୀ। ଯେଉଁ ସୁହାଗିନୀର ସିନ୍ଦୁର ଛଡ଼ାଇ ନେଇ ମୋଦୀଙ୍କୁ କହିବୁ ବୋଲି ସିଧାସଳଖ ଚାଲେଞ୍ଜ ଦେଇଥିଲେ ଆତଙ୍କୀ, ଆଜି ସେହି ମୋଦୀଙ୍କ ରଣନୀତି, ଭାରତୀୟ ସେନାର କୌଶଳ ଏବଂ ୧୪୦ କୋଟି ଭାରତୀୟଙ୍କ ସମର୍ଥନ ସେହି ଆତଙ୍କୀ ଏବଂ ସେମାନଙ୍କ ପୃଷ୍ଠପୋଷକ ପାଲଟିଥିବା ପାକିସ୍ତାନର ପ୍ରାଣକୁ ଦୋହଲାଇ ଦେଇଛି। ଏବେ ଯେଉଁ ନାଁ ଶୁଣିଲେ ପାକିସ୍ତାନ ଛାନିଆ ହେବ ଏବେ ତାକୁ ନେଇ ଗର୍ବ କରୁଛି ଭାରତ... ଅପରେସନ ସିନ୍ଦୁର। ସମୟ ରାତି ୧୨.୩୫। ଗଭୀର ନିଦରେ ପାକିସ୍ତାନ ଶୋଇଥିବାବେଳେ ରାଫେଲ ଆଉ ସୁଖୋଇର ସୁ ସୁ ଗର୍ଜନ ସାଙ୍ଗକୁ ଆଖିବୁଜା ମିସାଇଲ ମାଡ଼ ପାକିସ୍ତାନର ନିଦ ହଜାଇ ଦେଇଥିଲା। କେହି କିଛି ବୁଝିବା ଆଗରୁ ତିନି ଭାରତୀୟ ସେନାର ମିଳିତ ଉଦ୍ୟମରେ ପାକିସ୍ତାନ ଅଧିକୃତ କାଶ୍ମୀରର ୫ଟି ଓ ପାକିସ୍ତାନର ୪ଟି ଆତଙ୍କୀ ଶିବିର ଉପରେ ଘନଘନ ମିସାଇଲ ମାଡ଼ ହୋଇଥିଲା। ପହଲଗାମ ଆକ୍ରମଣ ପରେ ଆତଙ୍କୀଙ୍କୁ ଏବଂ ତାଙ୍କର ପୃଷ୍ଠପୋଷକ ପାଲଟିଥିବା ପାକିସ୍ତାନକୁ କଡ଼ା ଜବାବ ଦେବାକୁ ରଣନୀତି ପ୍ରସ୍ତୁତ କରିଥିଲା ଭାରତ। ସେନାକୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଉ ତାଙ୍କରି ମାର୍ଗଦର୍ଶନରେ ସେନା ପାକିସ୍ତାନ • ପୃଷ୍ଠା ୫ ଦେଖନ୍ତୁ

## ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଶାହଙ୍କ ବୈଠକ




ନୂଆଦିଲ୍ଲୀ,୭।୫: ଅପରେସନ ସିନ୍ଦୂରର ସଫଳତା ପରେ ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଜରୁରି ବୈଠକ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଭିସି ମାଧ୍ୟମରେ ଶ୍ରୀ ଶାହ ଜମ୍ମୁକାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ସିକିମ୍, ପଶ୍ଚିମବଙ୍ଗ ଓ ଲଦାଖର ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନସଚିବ ଏବଂପୋଲିସ ମହାନିର୍ଦ୍ଦେଶକ ମଧ୍ୟ ସାମିଲ ହୋଇଥିଲେ। ଅପରେସନ ସିନ୍ଦୂରର • ପୃଷ୍ଠା ୫ ଦେଖନ୍ତୁ

## ମୋଦୀଙ୍କ ନେତୃତ୍ୱରେ ଆତଙ୍କବାଦ ମୂଳପୋଛ ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୫ (ଭାସ୍କର ନ୍ୟୁଜ): ଆତଙ୍କବାଦ ବିରୋଧରେ ଭାରତର ଅପରେସନ ସିନ୍ଦୂର ନେଇ ପ୍ରତିକ୍ରିୟା ରଖିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ସେ କହିଛନ୍ତି, ପହଲଗାମରେ ଯେଭଳି ନିରୀହ ଲୋକଙ୍କୁ ଆତଙ୍କବାଦୀମାନେ ବର୍ବୋରଚିତ ହତ୍ୟା କଲେ, ତା'ର ଉଚିତ ଜବାବ ଦେଇଛନ୍ତି ଭାରତୀୟ ସେନା। ସ୍ଥଳ, ଆକାଶ ଓ ନୌବାହିନୀ ଯେଉଁ ଅପରେସନ କଲେ, ସାରା ବିଶ୍ୱ ଭାରତର ଶକ୍ତି ଓ ପରାକାଷ୍ଠା ଦେଖିଲା। ସିନ୍ଦୂର ହେଉଛି ଆମ ତ୍ୟାଗ ଓ ପରମ୍ପରାର ପ୍ରତୀକ। ମୋଦିଜୀଙ୍କ ନେତୃତ୍ୱରେ ସାରା ବିଶ୍ୱରୁ ଆତଙ୍କବାଦକୁ ମୂଳପୋଛ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ସେନାକୁ ସାବାସୀ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୭।୫: ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ନିଆଯାଇଥିବାରୁ ସେନାକୁ ସାବାସୀ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ କହିଛନ୍ତି, ସେନା ହେଉଛନ୍ତି ଭାରତର ଆତ୍ମା। ସେମାନେ ଦେଶର ସୁରକ୍ଷାରେ ନିଜକୁ ନିୟୋଜିତ କରି ପାକିସ୍ତାନରେ ଥିବା ଆତଙ୍କୀ ଆଡ୍ଡାକୁ ଯେପରି ଧ୍ୱଂସ କରିଛନ୍ତି, ତାହା ଅତୁଳନୀୟ। ଏହି ଦିନଟି ଆମ ସମସ୍ତଙ୍କ ପାଇଁ ଏଭ ଗର୍ବର ଦିନ। ଅପରେସନ ସିନ୍ଦୂର ପରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆୟୋଜିତ ସିସିଏସ୍ ବୈଠକରେ ଯୋଗ ଦେଇଥିଲେ। ଏହାପରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୋଦୀ ମଧ୍ୟ ଅଧ୍ୟକ୍ଷତା କରିଥିଲେ। ମୋଦୀ କହିଥିଲେ ଯେ ଭାରତର ଅପରେସନ ସିନ୍ଦୂର ମାଧ୍ୟମରେ ପହଲଗାମ ସମେତ ଅନେକ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନିଆଯାଇଛି। ୬ ତାରିଖ ମଧ୍ୟରାତ୍ରିରେ ପାକିସ୍ତାନ ଓ ପିଓକେରେ ଥିବା ୯ଟି ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଛି। ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସେନାର କାର୍ଯ୍ୟକୁ ମଧ୍ୟ ଭୁରି ଭୁରି ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀ ମାସୁଦ ଆଝାରର ସାଂଘାତିକ କ୍ଷତି ଘଟିଛି। ତାଙ୍କ ପରିବାରର ୧୦ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ସହଯୋଗୀଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନେକ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି।

## ଓଡ଼ିଶାର ୧୨ ସ୍ଥାନରେ ମକ୍‌ଡ୍ରିଲ

## କୌଶଳ ଶିଖାଇଲେ ସିଭିଲ ଡିଫେନ୍ସ କର୍ମୀ



ଭୁବନେଶ୍ୱର,୭।୫(ଭାସ୍କର ନ୍ୟୁଜ): ଜାମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲା ପହଲଗାମରେ ଗତମାସ ୨୨ ତାରିଖରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏହାମଧ୍ୟରେ ଭାରତ ସରକାର ଦେଶର ଜନତାଙ୍କୁ ଜାଗ୍ରତ କରିବା ପାଇଁ ଯୁଦ୍ଧ ପ୍ରସ୍ତୁତିପାଇଁ ମକ୍‌ଡ୍ରିଲ କରିବାକୁ ଯେଉଁ ପରାମର୍ଶ ଦେଇଥିଲେ, ତଦନୁଯାୟୀ ବୁଧବାର ଅପରାହ୍ନ ୪ଟାରେ ଏହି ମକ୍‌ଡ୍ରିଲ କରାଯାଇଥିଲା। • ପୃଷ୍ଠା ୫ ଦେଖନ୍ତୁ

## ୨୦୦ ବିମାନ ଉଡାଣ ବାତିଲ ୧୮ ଏୟାରପୋର୍ଟ ବନ୍ଦ

ନୂଆଦିଲ୍ଲୀ,୭।୫: ଜାମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ। ରାତି ଅଧରେ ପାକିସ୍ତାନ ଓ ପିଓକେରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଏକ ବଡ଼ ଆକ୍ରମଣ କରାଯାଇ ସେଗୁଡ଼ିକୁ ଧ୍ୱଂସ କରାଯାଇଛି। ଅପରେସନ ସିନ୍ଦୁର ପରେ ସାରା ଦେଶରେ ହାଇଆଲର୍ଟ ଜାରି ହୋଇଛି। ଉତ୍ତର ଓ ପଶ୍ଚିମ ଭାରତର ଅତି କମ୍‌ରେ ୧୮ଟି ବିମାନବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦକରି ଦିଆଯାଇଛି। ଏଗୁଡ଼ିକ ମଧ୍ୟରେ ଶ୍ରୀନଗର, ଜମ୍ମୁ, ଲେହ, ଅମୃତସର, ପଠାନକୋଟ, ଚଣ୍ଡିଗଡ଼, ଯୋଧପୁର, ସିମଲା, ଧର୍ମଶାଳା, ଜାମନଗର ଇତ୍ୟାଦି ରହିଛି। ଅପରେସନ ସିନ୍ଦୁର ପରେ ବିମାନ ଚଳାଚଳ ଗୁରୁତର ପ୍ରଭାବିତ ହୋଇଛି। ୨୦୦ରୁ ଅଧିକ ବିମାନ ଚଳାଚଳକୁ ବାତିଲ କରି ଦିଆଯାଇଛି। କେବଳ ଇଣ୍ଡିଗୋର • ପୃଷ୍ଠା ୫ ଦେଖନ୍ତୁ

## ହନୁମାନଙ୍କ ଆଦର୍ଶକୁ ପାଳନ କରି ଆତଙ୍କୀଙ୍କୁ କଡ଼ା ଜବାବ ଦେଇଛୁ: ରାଜନାଥ



ନୂଆଦିଲ୍ଲୀ,୭।୫: ପହଲଗାମ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ। ଆତଙ୍କବାଦୀଙ୍କୁ କଡ଼ା ଜବାବ ଦିଆଯାଇଛି। ପ୍ରତିଶୋଧ ସମୟରେ ହନୁମାନଙ୍କ ଆଦର୍ଶକୁ ପାଳନ କରିଛୁ। ହନୁମାନ ଅଶୋକ ବାଟିକାରେ ଯାହା କରିଥିଲେ, ଆମେ ତାହା କରି ଦେଖାଇଛୁ। ଯେଉଁମାନେ ନିରୀହ ଲୋକଙ୍କୁ ମାରିଥିଲେ ସେମାନଙ୍କୁ ଟାର୍ଗେଟ କରିଛୁ। ଭାରତୀୟ ସେନା ହେଉଛି ଆମର ଗର୍ବ ଓ ଗୌରବ। ସଠିକ ଭାବେ ସେମାନେ ଏୟାରଷ୍ଟ୍ରାଇକ୍ କରିଛନ୍ତି। କେବଳ ଆତଙ୍କୀ ଠିକଣାକୁ ଭାରତୀୟ ସେନା ଟାର୍ଗେଟ କରିଥିଲେ ବୋଲି ସ୍ପଷ୍ଟ କରିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ। ଅପରେସନ ସିନ୍ଦୂର ସଫଳ ହେବାପରେ ରାଜନାଥ କହିଛନ୍ତି ଯେ ୨୫ ମିନିଟରେ ଭାରତୀୟ ସେନା ୯ଟି ଆତଙ୍କୀ ଆଡ୍ଡା ଧ୍ୱଂସ କରିଛନ୍ତି। ରାତି ୧.୫ରୁ ୧.୩୦ ମଧ୍ୟରେ ଲକ୍ଷ୍ୟଭେଦି ଆକ୍ରମଣ କରାଯାଇଥିଲା। ତେବେ କୌଣସି ବେସାମରିକ ଅଞ୍ଚଳ ଉପରେ ଆକ୍ରମଣ କରାଯାଇନଥିବାର ସେ ପ୍ରକାଶ କରିଛନ୍ତି। ପାକିସ୍ତାନ ଉପରେ ଆକ୍ରମଣର ସଠିକ ସ୍ଥାନ ଓ ସମୟର ପୁରା ପ୍ରମାଣ ଦେଶବାସୀଙ୍କ ଆଗରେ ରଖି ଯେଉଁ ୯ଟି ଆଡ୍ଡା ଉପରେ ଆକ୍ରମଣ କରାଯାଇଥିଲା ସେ ନେଇ ସୂଚନା ଦେଇଥିଲେ। ସେ କହିଥିଲେ, ସୀମାଠାରୁ ୧୦୦କିମି ଦୂରରେ ଥିବା ଜୈଶ-ଇ-ମହମ୍ମଦର କ୍ୟାମ୍ପ • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା
ଭାସ୍କର
ODISHA BHASKAR






ଆସିକା:(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଠାରେ ଜିଲ୍ଲା ପ୍ରଶାସନର ଜନ ବିରୋଧୀ କାର୍ଯ୍ୟକଳାପକୁ ନେଇ ଜନଅଧିକାରୀ ମଞ୍ଚ ପକ୍ଷରୁ ପ୍ରତିବାଦ ସଭା ସହ ଆଠ ଦଫା ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଛି ।ଆସିକା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ବିଶେଷ କରି ଦୀର୍ଘ ୭୦ ବର୍ଷ ଧରି କାଳଷଣ୍ଡପୁର ପଞ୍ଚାୟତ ସ୍ଥିତ ଏରୋଗଲା ବସ୍ତିରେ ସ୍ଥାୟୀ ଭାବରେ ଥିବା ଜନବସତିକୁ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ଉଚ୍ଛେଦ ନିଷ୍ପତିକୁ ବନ୍ଦ କରାଯାଉ । ଉତ୍କଳ ଆୟୁର୍ବେଦିକ ଫାର୍ମାସି ସହ ସମସ୍ତ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ଚାଲିଥିବା ଘୋଟଲା ଓ ବିକ୍ରୀ ମସୁଧା ବନ୍ଦ କରାଯାଉ। ଚାଷୀ ଓ ଗରିବ ଲୋକଙ୍କୁ ମାଗଣା ବିଜୁଳି ବାସହୀନମାନଙ୍କୁ ଘର ଓ ଦଖଲରେ ଥିବା ଜମିର ସରକାରୀ ଜମି ପଟ୍ଟା ପ୍ରଦାନ କରାଯାଉ । ଚାଷୀମାନଙ୍କୁ ମାସିକ ୩୦୦୦ ଟଙ୍କା ପେନସନ ଦେବାସହ ମିଲରମାନଙ୍କ କଟଣି ଛଟନି ବନ୍ଦ କରାଯାଉ। ବନ୍ଦ ହୋଇଥିବା ଆସିକା ସୂତାକଳର ପୁନରଦ୍ଧାର କରି ବେକାରୀ ଯୁବକମାନଙ୍କୁ ନିଯୁକ୍ତି ଦିଆଯାଉ ଏହିପରି ଆଠ ଦଫା ଦାବି ନେଇ ଆସିକା ଜନଅଧିକାର ମଞ୍ଚ ପକ୍ଷରୁ ଆସିକା ତହସିଲ ଠାରେ ପ୍ରତିବାଦ ସଭା କରାଯାଇଥିଲା ।



# ରିଟେଲର କେନ୍ଦ୍ରରେ ଅନିୟମିତା ଅଭିଯୋଗ

## ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ କଲେ ଅତିରିକ୍ତ ବିଡିଓ ଓ ଯୋଗାଣ ଅଧିକାରୀ



ଗୋପ(ଭାସ୍କର ନ୍ୟୁଜ୍): ଗୋପ ବ୍ଲକ୍ ଅଧିନ ବେଦପୁର ପଂଚାୟତରେ ରାସନ ସାମଗ୍ରୀ ବଂଟନ ଦାୟିତ୍ୱରେ ଥିବା ମା’ ସାରଳା ମହିଳା ଶକ୍ତି ସଂଗଠନ ରିଟେଲର କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ସହ ଓଜନ ମାପ ରେ ଠକେଇ, ସଠିକ୍ ସମୟରେ ରିଟେଲର କେନ୍ଦ୍ର ଖୋଲାଯାଉନଥିବା ଓ ବିଭିନ୍ନ ସମୟରେ ହିତାଧିକାରୀମାନେ ରାସନ ସାମଗ୍ରୀ ଆଣିବାକୁ ଯାଇ ଫେରୁଥିବା ଓ ଗୋଟିଏ ରିଟେଲର କେନ୍ଦ୍ର ଯୋଗୁଁ ବିଭିନ୍ନ ସମୟରେ ରିଟେଲର କେନ୍ଦ୍ରରେ ଗହଳି ପରିଲକ୍ଷିତ ହେଉଥିବା ନେଇ ଗତ ମାର୍ଚ୍ଚ ୧୮ ତାରିଖରେ ପୁରୀ ଉପ-ଜିଲ୍ଲାପାଳଙ୍କ ନିକଟରେ ଉକ୍ତ ପଂଚାୟତ୍‌ବାସୀ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତିକରି ଏହାର ତଦନ୍ତ କରି ରିପୋର୍ଟ ଦେବା ନିମନ୍ତ ଉପ ଜିଲ୍ଲାପାଳ ଗୋପ ବିଡିଓ ଙ୍କୁ ନିର୍ଦ୍ଦେଶ ଦ୍ୱୋପରେ ମଙ୍ଗଳବାର ଅତିରିକ୍ତ ବିଡ଼ିଓ ଦୀପକ କୁମାର ଜେନା ଓ ଯୋଗାଣ ନିରୀକ୍ଷକା ରଚିତା ପଣ୍ଡା ପ୍ରମୁଖ ପଂଚାୟତ କାର୍ଯ୍ୟାଳୟରେ ପଂହଚି ରିଟେଲର କେନ୍ଦ୍ରର ଅତ୍ୟାବଶ୍ୟକ ବିଭିନ୍ନ କାଗଜପତ୍ର ତନଖି କରିବା ସହିତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ । ଅଭିଯୋଗ କରିଥିବା ଅଭିଯୋଗକାରୀଙ୍କ ଠାରୁ ସମସ୍ତ ତଥ୍ୟ ସଂଗ୍ରହ କରୁଥିବାବେଳେ ଘଟଣାସ୍ଥଳରେ ସଠିକ୍ ଭାବେ ରାସନ ସାମଗ୍ରୀ ବଂଟନ କରାଯାଉଥିବା, କୌଣସି ଅନିୟମିତତା ହୋଇନଥିବା ନେଇ ୫୦ରୁ ଉର୍ଦ୍ଧ ମହିଳା ଓ ବ୍ୟକ୍ତିବିଶେଷ ମାନେ ହୋ-ହଲ୍ଲା କରିଥିଲେ । ଫଳରେ ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଉତେଜନା ଲାଗି ରହିଥିଲା । ହେଲେ ଏହି ଘଟଣାକୁ ନେଇ ପୂର୍ବ ଯୋଜନା ଅନୁଯାୟୀ ରିଟେଲର କେନ୍ଦ୍ର ଦାୟିତ୍ୱରେ ଥିବା ଜୈନିକା ଡିଲର ସଂପୃକ୍ତ ମହିଳା ଓ ଲୋକମାନଙ୍କୁ ତଦନ୍ତକାରୀ ଅଧିକାରୀଙ୍କ ତଦନ୍ତ ରେ ବିଭ୍ରାଟ ସୃଷ୍ଟି କରିବା ପାଇଁ ସେଠାରେ ଏକଜୁଟ୍ କରିଥିବା ଅଭିଯୋଗକାରୀମାନେ ଅଭିଯୋଗ କରିଛନ୍ତି । ଫଳରେ ସଠିକ୍ ଭାବେ ତଦନ୍ତ ହୋଇନଥିବା ସେମାନେ କହିବା ସହ ପ୍ରକୃତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ଏହାର ପ୍ରତିବାଦରେ ବ୍ଲକ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏ ସଂପର୍କରେ ଅତିରିକ୍ତ ବିଡ଼ିଓ ଦୀପକ କୁମାର ଜେନାଙ୍କୁ ପଚାରିବାରେ ସେ କହିଛନ୍ତି ଅଭିଯୋଗ ଆଧାରରେ ତଦନ୍ତ କରାଯାଇଛି । ତଦନ୍ତ ରିପୋର୍ଟ ଉପ-ଜିଲାପାଳଙ୍କୁ ପ୍ରଦାନ କରାଯିବ । ଆବଶ୍ୟକ ସ୍ଥଳେ ଦୁଇଟି ରିଟେଲର କେନ୍ଦ୍ର ବୃଦ୍ଧି ଲାଗି ପ୍ରସ୍ତାବ ଦିଆଯିବ । ଏ ସଂପର୍କରେ ଯୋଗାଣ ନିରୀକ୍ଷକା ରଚିତା ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି ତଦନ୍ତ କରାଯାଇଛି । ରିପୋର୍ଟ ପ୍ରସ୍ତୁତ କରାଯାଇ ଉପ-ଜିଲାପାଳଙ୍କୁ ପ୍ରଦାନ କରାଯିବ । ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ।ଏଠାରେ ସୂଚନାଥାଉକି ଅନିୟମିତତାକୁ ନେଇ ଉକ୍ତ ରିଟେଲର ନାମରେ ପୂର୍ବରୁ ଅନେକ ଥର ବିଭିନ୍ନ ଦପ୍ତରରେ ଅଭିଯୋଗ ହୋଇଛି ।

# କିଚେନ ଗାର୍ଡେନରେ ଅନୁଦାନ ବନ୍ଦ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ପୋଷଣ ଅନୁଦାନରେ ରାଜ୍ୟରେ ସ୍କୁଲ କିଚେନ ଗାର୍ଡେନ ଯୋଜନା ଆରମ୍ଭ ହୋଇଥିଲା । ଯେଉଁ ବିଦ୍ୟାଳୟ ପରିସରରେ ବଗିଚା ପାଇଁ ଜାଗା ରହିଛି ଏବଂ ଉକ୍ତ ବିଦ୍ୟାଳୟରର ପ୍ରଧାନ ଶିକ୍ଷକଙ୍କ ଆବେଦନ କ୍ରମେ ସେହି ବିଦ୍ୟାଳୟକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମାଧ୍ୟମରେ ପ୍ରତ୍ୟେକ ବର୍ଷ ୫୦୦୦ଟଙ୍କା ଅନୁଦାନ ପ୍ରଦାନ କରାଯାଇଥାଏ । ବିଶେଷ କରି ପାଚେରୀ, ଜଳସେଚନ ବ୍ୟବସ୍ଥା ଓ କିଚେନ ଗାର୍ଡେନ ପାଇଁ ଉପଯୁକ୍ତ ଭିତିଭୂମି ଥିବା ସ୍କୁଲମାନଙ୍କୁ ଏଥିରେ ସାମିଲ କରାଯାଇଥିଲା । ଉକ୍ତ ଅର୍ଥରେ ପନପରିବା ଚାଷ ହେଉଥିଲା । ଏହାର ଏକମାତ୍ର ଲକ୍ଷ୍ୟ ଥିଲା ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ । ପନିପରିବା ଦର ବଢିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ଆଉ ଭୟ ରହୁନଥିଲା । ଡାଲି,ତେଲ ଏବଂ ପରିବା ଦର ବଢିଲେ ମଧ୍ୟ ସ୍କୁଲ ପନିପରିବା ପକାଇ ସୁସ୍ୱାଦୁ ଖାଦ୍ୟ ଦିଆଯାଉଥିଲା । ଏହି କାର୍ଯ୍ୟକ୍ରମ ୨୦୨୧-୨୨ ମସିହାରେ ରାଜ୍ୟରେ ୪୩ ହଜାର ବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ଏଭଳି ଅଭିନବ କାର୍ଯ୍ୟକ୍ରମ ପାଇଁ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ଗତ ୨ ବର୍ଷ ହେବ ଏଥିପାଇଁ ଅନୁଦାନ ବନ୍ଦ ହୋଇ ଯାଇଥିବାରୁ ଏହି ଯୋଜନା ଏକ ପ୍ରକାର ବନ୍ଦ ହୋଇଯାଇଛି । ଯେଉଁ କେତୋଟି ବିଦ୍ୟାଳୟରେ ଏହା ଚାଲିଛି ତାହା ନିଜ ଖର୍ଚ୍ଚରୁ ଚାଲିଛି। ସ୍କୁଲ ଛାତ୍ରଛାତ୍ରୀ ଏବଂ ହଷ୍ଟେଲ ଅନ୍ତେବାସୀଙ୍କୁ ଏହି ଯୋଜନା ବେଶ ସହାୟକ ହେଉଥିଲା । ଏହାଦ୍ୱାରା ମଧାହ୍ନ ଭୋଜନ ଏବଂ ଛାତ୍ରାବାସ ଅନ୍ତେବାସୀଙ୍କୁ ସ୍କୁଲ

**ବାଟ ହୁଡ଼ିଛି ଯୋଜନା**

ବଗିଚାରୁ ଜୈବିକ ପଦ୍ଧତିରେ ଅମୃତଭଣ୍ଡା, ବାଇଗଣ, କଦଳୀ, ବିଲାତି, ବୋଇତାଳୁ, ଭେଣ୍ଡି, ମୂଳା, ଶାଗ ତଟକା ପନିପରିବା ପ୍ରସ୍ତୁତ ଖାଦ୍ୟ ଖାଉଥିଲେ । ସ୍କୁଲ କିଚେନ ଗାର୍ଡେନକୁ ଛାତ୍ରଛାତ୍ରୀ ବୁଲି ଦେଖିବା ସହ ଏଥିରୁ ପିଲାମାନେ ପନିପରିବା ଆଦିର ନାମ ଓ ଚିହ୍ନିବା ଭଳି ଶିକ୍ଷା ପାଉଥିଲେ । ସ୍କୁଲ କର୍ମଚାରୀ ଏବଂ ପିଲାମାନେ ପ୍ରତିଦିନ ଗଛରେ ପାଣି ଦେବା ଠାରୁ ଆରମ୍ଭ କରି ଯତ୍ନ ନେଉଥିଲେ । କିଚେନ ଗାର୍ଡେନ ସ୍କୁଲ ପରିବେଶର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲା । ପିଲାମାନଙ୍କୁ ବଗିଚା ପ୍ରତି ଆଗ୍ରହ ବଢାଇବାକୁ ଗୋଟିଏ ଦିନ ବଗିଚା ପାଇଁ କିଛି ସମୟ ଦିଆଯାଉଥିଲା । ଏହି ଯୋଜନା ଗୋଟିଏ ବର୍ଷ ଭଲ ଭାବରେ ଚାଲିବା ପରେ ଗତ ୨ ବର୍ଷ ଠାରୁ ଅନୁଦାନ ହଠାତ୍ ବନ୍ଦ ହୋଇଯାଇଛି । କେନ୍ଦୁଝର ଜିଲ୍ଲାରେ ମୋଟ ୨୧୭୬ ଟି ବିଦ୍ୟାଳୟରେ ଏହି ସୁନ୍ଦର ଯୋଜନା ଚାଲିଥିଲା। ୨୦୨୨-୨୦୨୩ ଏବଂ ୨୦୨୩-୨୪ ମସିହାରେ ଏହି ଯୋଜନାରେ ଆର୍ଥିକ ଅନୁଦାନ ମିଳିନାହିଁ । ଆନନ୍ଦପୁର ବ୍ଲକର ୧୬୮, ବାଂଶପାଳ ବ୍ଲକର ୧୭୧,ଚମ୍ପୁଆ ବ୍ଲକର ୧୩୧,ଘସିପୁରା ବ୍ଲକର ୧୬୮, ଘଟଗାଁ ବ୍ଲକର ୧୫୫, ହରିଚନ୍ଦନପୁର ବ୍ଲକର ୧୯୮,ହାଟଡିହି ବ୍ଲକର ୨୫୬, ଝୁମ୍ପୁରା ବ୍ଲକର ୧୪୪,ଯୋଡା ବ୍ଲକର ୧୫୨, କେନ୍ଦୁଝର ସଦର ବ୍ଲକର ୧୯୮, ପାଟଣା ବ୍ଲକର ୧୪୭,ସାହାରପଡା ବ୍ଲକର ୧୨୫ ଏବଂ ତେଲକୋଇ ବ୍ଲକର ୧୬୩ ଟି ବିଦ୍ୟାଳୟରେ କିଚେନ ଗାର୍ଡେନ ଚାଲିଥିଲା। ଏହି ସ୍କୁଲ କିଚେନ ଗାର୍ଡେନ ଉତ୍ପନ୍ନ ହେଉଥିବା ପନିପରିବା ମଧାହ୍ନ ଭୋଜନରେ ପୃଷ୍ଟିକର ଖାଦ୍ୟ ଯୋଗାଇବାରେ ସାହାଯ୍ୟ କରୁଥିଲା । ତେଣୁ ଏହା ପୂର୍ବପରି ଚାଲୁ କରିବା ପାଇଁ ଦାବୀ ହୋଇଛି ।

# ‘ଭବିଷ୍ୟତରେ ଡକ୍ଟର ହେବାକୁ ଲକ୍ଷ୍ୟ’

## - ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୪-୨୫ଶିକ୍ଷା ବର୍ଷର ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଲବଣ ସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ, କୁହୁଡି ଛାତ୍ର ପ୍ରସାଦ କୁମାର ନାୟକ ଅସ୍ତରଙ୍ଗ ବ୍ଲକରେ ଟପ୍ପର ରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ମୋଟ ୬୦୦ନମ୍ବର ରୁ ୫୪୫ନମ୍ବର ରଖି ବିଦ୍ୟାଳୟ ପାଇଁ ତଥା ଅସ୍ତରଙ୍ଗ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଖବର ମୁତାବକ ବୁଧବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଲବଣ ସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ, କୁହୁଡି ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ତରୁଣ କୁମାର ନାୟକଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବିଦ୍ୟାଳୟ ଶିକ୍ଷୟତ୍ରୀ ନିରୁପମା ମିଶ୍ର, କବିତା ନାୟକ, ଶିକ୍ଷକ ସନାତନ ପରିଡା, ଅମୀୟ କୁମାର ମିଶ୍ର, ସୁଧାକର ତ୍ରିପାଠୀ, କବିସୂର୍ଯ୍ୟ ମଲ୍ଲ, ହୃଷିକେଶ ନାୟକ, ପ୍ରତାପ ନାୟକ, ବନ ବିହାରୀ ଜେନାଙ୍କ ସହ ବିଦ୍ୟାଳୟ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଯୋଗଦାନ କରି ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକରେ ଟପ୍ପର ରେ ପଞ୍ଚମ ସ୍ଥାନରେ ଥିବା ପ୍ରସାଦ କୁମାର ନାୟକ (୫୪୫)ଙ୍କ ସହ ଲିପ୍ସା ପ୍ରିୟଦର୍ଶିନୀ ମୁଦୁଲି ଓ ସୋମ୍ୟ ରଞ୍ଜନ ପାତ୍ର ବିଦ୍ୟାଳୟ ରେ ଭଲ ନମ୍ବର ରଖିଥିବା ବେଳେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହା ସହ ବ୍ଲକ ଟପ୍ପରରେ ପଞ୍ଚମ ସ୍ଥାନ ହୋଇଥିବା ପ୍ରସାଦ କୁମାର ନାୟକ ଭବିଷ୍ୟତରେ ଡକ୍ଟର ହେବା ସହ ସମାଜ ପାଇଁ କିଛି କାମ କରିବେ ବୋଲି ଲକ୍ଷ୍ୟ ରଖିଥିବା ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି। ଉପସ୍ଥିତ ଥିବା ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର ଥାନାରେ ଏତଲା

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଗଡସାନପୁଟ ପଞ୍ଚାୟତ ରେ ପ୍ରତିଷ୍ଠିତ ଚୌଦ ମୌଜା ବିଦ୍ୟୁତ ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପିକା ଡଃ ଲକ୍ଷ୍ମୀପ୍ରିୟା ସାହୁ ସେହି ବିଦ୍ୟାଳୟର ଖେଳ ଶିକ୍ଷକ ରଜନୀକାନ୍ତ ବଡଜେନା ଦୁର୍ବ୍ୟବହାର କରିବାରୁ ଡଃ ସାହୁ ଅଧ୍ୟକ୍ଷଙ୍କୁ ଏ ସଂପର୍କରେ ଜଣାଇବା ପରେ ଅଧ୍ୟକ୍ଷ କୌଣସି କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ ନକରିବାରୁ ସେ ମନ୍ଦାରବସ୍ତ ଫାଣ୍ଡି ରେ ଏତଲା ଦେଇଥିବା ଜଣାପଡିଛି । ଏତଲାରୁ ପ୍ରକାଶ ଡଃ ଲକ୍ଷ୍ମୀପ୍ରିୟା ସାହୁ ପରୀକ୍ଷା ନିର୍ବାହ କରୁଥିବା ସମୟରେ ଉକ୍ତ ବିଦ୍ୟାଳୟର ଖେଳ ଶିକ୍ଷକ ରଜନୀକାନ୍ତ ବଡଜେନା ପରୀକ୍ଷାରେ ଅସତ ଉପାୟ ଅବଲମ୍ବନ କଲେ ମୁଁ ମନା କରିବାରୁ ସେ ମୋର ଫାଇଲ ପତ୍ର ବାହାରକୁ ଫିଙ୍ଗି ଦେବା ସହିତ ଅସଭ୍ୟ ଭାଷାରେ ଗାଳି ଗୁଲଜ କଲେ । ସେହି ଦିନ ଠାରୁ ମୋ କାମରେ ପ୍ରତିବନ୍ଧକ ସୃଷ୍ଟି କରିଆସୁଛନ୍ତି ମୁଁ କଲେଜ ଆସିପାରିବି ନାହିଁ ବୋଲି ଧମକ ଦେଉଛନ୍ତି । ମୁଁ ଏ ସଂପର୍କରେ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କୁ ଜଣାଇଥିଲି ସେ କୌଣସି କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କଲେ ନାହିଁ। ବାଧ୍ୟ ହୋଇ ମନ୍ଦାରବସ୍ତ ଫାଣ୍ଡି ଓ କଣାସ ଥାନାରେ ଅଭି ଯୋଗ କରିଛି । ସାତ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟ ଅନୁଷ୍ଠାନ ହୋଇ ନାହିଁ । ଏ ସଂପର୍କରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଲେ ଘଟଣା ଘଟିବାର ଦିନକ ପରେ ମୋ ନିକଟରେ ଅଭି ଯୋଗ କରିଥିଲେ । ମୁଁ ଯାହା କହିଲି ମୋ କଥା ମାନିଲେ ନାହିଁ । ଏ ସଂପର୍କରେ କଣାସ ଥାନା ପ୍ରଦୀପ କୁମାର ଜୁଝାରସିଂହଙ୍କୁ ପଚାରିବାରୁ ସେ କୁହନ୍ତି ମନ୍ଦାରବସ୍ତ ଫାଣ୍ଡିର ଏଏସଆଇ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ଏକ ଲିଖିତ ଅଭି ଯୋଗ ଦେଇଥିବାରୁ ଶ୍ରୀ ବେହେରା ମୋତେ ଅଭି ଯୋଗ ସଂପର୍କରେ ସୂଚନା ଦେଇଥିଲେ ମୁଁ ତାଙ୍କୁ ତଦନ୍ତ କରି କେସ କରିବା ପାଇଁ ନିର୍ଦ୍ଦେଶ ଦେଇଛି ।

# ବରୀ ମାଉଣ୍ଟ-ବିରୁପା ନଦୀବନ୍ଧ ରାସ୍ତାକାର୍ଯ୍ୟ ନିମ୍ନମାନର

## ଜିଲ୍ଲାପାଳଙ୍କୁ ଭେଟିଲେ ଅଞ୍ଚଳବାସୀ



ଯାଜପୁର(ଭାସ୍କର ନ୍ୟୁଜ୍): ବରୀ ମାଉଣ୍ଟରୁ ବିରୁପା ନଦୀବନ୍ଧ ରାସ୍ତା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଗମନାଗମନ ବ୍ୟବସ୍ଥା ।ବରୀ ଅଂଚଳରୁ କେନ୍ଦ୍ରାପଡାକୁ ଗମନା ଗମନ କ୍ଷେତ୍ରରେ ଏହି ନଦୀବନ୍ଧ ଅନେକ ଗୁରୁତ୍ୱ ବହନ କରେ। ଏହାର ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ସରକାର ଏବେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏହି ରାସ୍ତା କାର୍ଯ୍ୟ ଆରମ୍ଭରୁ ହିଁ ଠିକାଦାରଙ୍କ ମନମାନି ରେ ଚାଲୁଥିବା ଦେଖିବାକୁ ମିଳୁଛି । ଆଉ କାର୍ଯ୍ୟ ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗ ସବୁ ଜାଣି ଶୁଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି । ଏମିତିକି ସ୍ଥାନୀୟ ଲୋକମାନେ ଅଭିଯୋଗ କଲେ ଠିକାଦାର ଜୋର ଜବରଦସ୍ତ ଗୁଣ୍ଡା ଲଗାଇ ସେମାନଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ ହେଉଛି। ଉକ୍ତ ନଦୀବନ୍ଧଟି ବାଲିବିଲି,ରଜାତୋଟା, ଅନ୍ୟାସପୁର, ଭବାନୀପୁର ପ୍ରଭୃତି ଗାଁ ଦେଇ ଯାଇଥିବା ବେଳେ ବହୁ ଲୋକଙ୍କ ବ୍ୟକ୍ତିଗତ ଜମିକୁ ମାଡ଼ିବସିଛି। ରାସ୍ତା କାର୍ଯ୍ୟ ଅଧାରୁ ଅଧିକ ସାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହୋଇ ନାହିଁ କି ଏ ବିଷୟରେ ଜମି ମାଲିକ ମାନଙ୍କ ସହ କୌଣସି ଆଲୋଚନା ମଧ୍ୟ ବିଭାଗ କରି ନାହିଁ। ବରଂ ରାତି ଅଧିଆ କିଛି ଭଡାଟିଆ ଗୁଣ୍ଡାଙ୍କୁ ଧରି ଜୋର ଜବରଦସ୍ତ ରାସ୍ତା କାର୍ଯ୍ୟ କରାଯାଉଅଛି ବୋଲି କେତେକ ଜମି ମାଲିକ ଓ ଗ୍ରାମବାସୀ ବୁଧବାର ଦିନ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହି ନଦୀବନ୍ଧ ରାସ୍ତା ର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଏ ପର୍ଯ୍ୟନ୍ତ ପ୍ରକଳ୍ପ ଆରମ୍ଭ ସ୍ଥାନରେ ସୂଚନା ଫଳକ ମଧ୍ୟ ସ୍ଥାପନ କରାଯାଇ ନାହିଁ। ପାଣିକୋଇଲି ପୂର୍ତ୍ତ ଡିଭିଜନ ଅନ୍ତର୍ଗତ ଚଣ୍ଡିଖୋଲ ସବଡିଭିଜନର ଏହି ପ୍ରକଳ୍ପର ବିଭିନ୍ନ ସ୍ଥାନରେ ନନ ଟ୍ରେଡ ସିମେଣ୍ଟରେ ଢ଼ଳେଇ କାର୍ଯ୍ୟ କରାଯାଉ ଅଛି ବୋଲି ଅଭିଯୋଗ ହେଉଛି। ଗତ ମଙ୍ଗଳବାର ଦିନ ଏ ନେଇ ସ୍ଥାନୀୟ ଲୋକେ ଠିକାଦାରଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଘଟଣା ବରୀ-ରାମଚନ୍ଦ୍ରପୁର ଥାନାକୁ ଯାଇଥିଲା । ଥାନା ଅଧିକାରୀଣିଙ୍କ ହସ୍ତକ୍ଷେପ ପରେ ଉଭୟ ପକ୍ଷକୁ ନେଇ ଏକ ଜମାନବନ୍ଦୀ ଲେଖାଯାଇଥିଲା ଯେ, ଯେଉଁଥିରେ ଜମି ଅଧିଗ୍ରହଣ ନହେବା ଯାଏଁ ରାସ୍ତା କାର୍ଯ୍ୟ ବନ୍ଦ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆ ଯାଇଛି ।ତେବେ ପୂର୍ବରୁ ଏ ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ଏବେ ବରୀବାସୀଙ୍କ ଦୁଃଖ ପାଲଟିଛି ବ୍ରାହ୍ମଣୀ ନଦୀବନ୍ଧ। ବ୍ରାହ୍ମଣୀ ନଦୀର ଉତ୍ତର ପାର୍ଶ୍ୱ ବନ୍ଧର କାର୍ଯ୍ୟ ସରକାର ଜଳସମ୍ପଦ ବିଭାଗ ହାତରୁ ନେଇ ପୂର୍ତ୍ତ ବିଭାଗ ହାତକୁ ଟେକିଦେବା ପରେ ଏହି ବିଭାଗ ର ସ୍ଥାନୀୟ ଅସାଧୁ ଅଧିକାରୀମାନେ ନିମ୍ନ ମାନର ନିର୍ମାଣ କାର୍ଯ୍ୟ କୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। କେବଳ ସେତିକି ନୁହେଁ ଯୋଜନା ବିହୀନ ମନମୁଖୀ କାମ ଯୋଗୁଁ ପାର୍ଶ୍ୱବର୍ତ୍ତୀ ଅଂଚଳର ଜନବସତି ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ୨୫/୨୬ କୋଟି ଖର୍ଚ୍ଚ କରାଯାଇ ନଦୀବନ୍ଧର ଚଉଡ଼ା କରାଯାଉଥିବା ବେଳେ ବିନା ମାପଚୁପରେ ଅଥବା ବିନା ନୋଟିସ ରେ ଜନସାଧାରଣଙ୍କ ଜଳଜମି ,ଘରବାରି, ବାସଗୃହ ଇତ୍ୟାଦିକୁ ଜବରଦସ୍ତ ଛଡ଼େଇ ନିଆଯାଉଥିବା କହିଛନ୍ତି ଅଞ୍ଚଳବାସୀ। ପ୍ରତିବାଦ କରିବାରୁ ଧମକ ଦିଆଯାଉଥିବା ବେଳେ ନ୍ୟାୟ ଭିକ୍ଷାରେ ଥାନା, ତହସିଲ ଓ ଜିଲ୍ଲାପାଳଙ୍କ ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲାପରେ ବି ଜିଲ୍ଲା ପ୍ରଶାସନ କର୍ଣ୍ଣପାତ କରୁନଥିବା ଗ୍ରାମବାସୀମାନେ ବଡ଼ କ୍ଷୋଭର ସହ କହିଛନ୍ତି। ତଥାପି ପୁନର୍ବାର ବୁଧବାର ଦିନ ଅଲିପୁର, ବାଲିବିଲ, ଅନ୍ୟାସପୁର, କଳାମାଟିଆ ପ୍ରଭୃତି ପଞ୍ଚାୟତରୁ ସର୍ବଶ୍ରୀ ବିବେକାନନ୍ଦ ନାଥ,ବିଶ୍ୱମ୍ଭର ନାଥ,ସନ୍ତୋଷନାଥ, ବିଶ୍ୱରଞ୍ଜନ ନାଥଶର୍ମା, କେଶବ ଚନ୍ଦ୍ର ସାମଲ, ଉମେଶ ଚନ୍ଦ୍ର ଦାସ, ଭାଗ୍ୟଧର ସାମଲ, ପ୍ରବୋଧ କୁମାର ଦାସ, ଅକ୍ଷୟ ଦାସ,ରମାକାନ୍ତ ଦାସ,ବଦ୍ରିନାଥ ପତି, ନିତ୍ୟାନନ୍ଦ ଓଝା,ରବୀନ୍ଦ୍ର କୁମାର ପତି,ଜଗତ କିଶୋର ନାଥ ଓ ବିନାୟକ ପତି ପ୍ରମୁଖ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ନ ହେଲେ ଅଂଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

# ନୂତନ ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ




ପରଜଙ୍ଗ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ର କୁଆଳୁ ହାଇସ୍କୁଲ ଛକ ଠାରୁ କଳଦା ମଧୁବନ ଅମ୍ବାପଳାସ ଛକ ପର୍ଯ୍ୟନ୍ତ ଏକ ନୂତନ ରାସ୍ତାର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଓଡିଶା ଗ୍ରାମ ଉନ୍ନୟନ ବିଭାଗର ଏହି ରାସ୍ତା କୁ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ସମିତି ଉପାଧକ୍ଷା ଯଶସ୍ୱିନୀ ରାଉତ,କଳଦା ସରପଞ୍ଚ ସ୍ନେହଲତା ସାହୁ, ଅମ୍ବପଳାସ ସରପଞ୍ଚ କୁନାଳ ମହାପାତ୍ର, କୁଆଳୁ ସରପଞ୍ଚ ଅଜିତ କୁମାର ସାହୁ, ବରିଷ୍ଠ ନେତା ଦୁର୍ଗା ଚରଣ ସାହୁ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇ ନୂତନ ରାସ୍ତାର ଭିତ୍ତି ପ୍ରସ୍ତରକୁ ଆନୁଷ୍ଠାନିକଭାବେ ନାମ ସଂକୀର୍ତନ ପୂର୍ବକ ଶୁଭ ଦେଇଥିଲେ ।୭କିମି ବ୍ୟାପି ଏହି ରାସ୍ତା ୪କୋଟି ୯୬ଲକ୍ଷ ଟଙ୍କାରୁ ଉର୍ଦ୍ଧ ଟଙ୍କାର ବ୍ୟୟ ଅଟକଳ ରହିଥିବା ବେଳେ, ଏହାକୁ ଏକ ବର୍ଷ ମଧ୍ୟରେ ଉଚିତ ମାନର କାମ କରି ସମାପ୍ତ କରିବା ପାଇଁ ଠିକାଦାର ଓ ସର୍ବସାଧାରଣ ଙ୍କ ସହଯୋଗ ରହିବା ପାଇଁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ନେତା ଦୁର୍ଗା ଚରଣ ନାୟକ,ପ୍ରଶାନ୍ତ କୁମାର ଦଳବେହେରା, ଦୟାନିଧି ସାହୁ, ଅନିଲ କୁମାର ଭୁତିଆ, ବୈଷ୍ଣବ ଚରଣ ନାଥ,କୃଷ୍ଣଚନ୍ଦ୍ର ସାହୁ,ହେମନ୍ତ କୁମାର ସାମଲ, ମନୋଜ ଦଳବେହେରା, ଶୁକଦେବ ଦଳବେହେରା, ବିବଶ୍ୱ ପ୍ରଧାନ, ନାରୀ ନେତ୍ରୀ ଅଳକା ମହାପାତ୍ର ଙ୍କ ସମେତ ମିଶନ ଶକ୍ତି ମହିଳା ବୃନ୍ଦ ଓ ଶତାଧିକ ବିଜେପି ଛାମୁଆ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

# ବରିଷ୍ଠ ସାରସ୍ୱତ ସାଧକ କବି ଚିନ୍ତାମଣି ମହାଳିକଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର(ଭାସ୍କର ନ୍ୟୁଜ): କୀର୍ତ୍ତନ ବିହାରୀ - ଲକ୍ଷ୍ମୀ ଦେବୀ ମେମୋରିଆଲ ଟ୍ରଷ୍ଟର ତୃତୀୟ ବାର୍ଷିକ ସାମ୍ବତ୍ସରିକ ଉତ୍ସବରେ କେନ୍ଦୁଝର ଜିଲ୍ଲାର ବିଶିଷ୍ଟ କବି ଚିନ୍ତାମଣି ମହାଳିକଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭଦ୍ରକ ସହରର ଉପକଣ୍ଠରେ ଅବସ୍ଥିତ ମା’ ଦୁର୍ଗା ପ୍ୟାଲେସର ସଭଗୃହରେ ଟ୍ରଷ୍ଟର ପ୍ରାକ୍ତନ ଅଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସାହିତ୍ୟ ସମାରୋହରେ ଶ୍ରୀ ମହାଳିକଙ୍କୁ କବିତା କ୍ଷେତ୍ରରେ ଦୀର୍ଘଦିନର ସାଧନା ଲାଗି ଅଙ୍ଗବସ୍ତ୍ର, ମାନପତ୍ର ଆଦି ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଏହି ଉତ୍ସବରେ ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି, ଡ. ପବିତ୍ର ପାଣିଗ୍ରାହୀ, ଲୋପାମୁଦ୍ରା ମିଶ୍ର,ଶ୍ରୀଯୁକ୍ତ ପ୍ରିୟବ୍ରତ ପାତ୍ର ଓ ଡ. ମମତା ସାହୁ ମଞ୍ଚାସୀନ ଅତିଥି ରୂପେ ଯୋଗଦାନ କରିଥିଲେ। ଅଧାପକ ଗଜେନ୍ଦ୍ର ସେନାପତି କଥାଗ୍ରନ୍ଥର ସମୀକ୍ଷକ ରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ।

# ପଶ୍ଚିମ ଶମ୍ଭୁ କପିଳେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାତର ତ୍ରିଲୋଚନପୁର ଗ୍ରାମର ଆରାଧ୍ୟ ଠାକୁର ପଶ୍ଚିମ ଶମ୍ଭୁ କପିଳେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ପରି ଆଜିଠାରୁ ତ୍ରିୟବିଶଂତମ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଏହି ଯଜ୍ଞ ୧୨ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଅନୁଷ୍ଠିତ ହେବ । ଅଙ୍କୁରୋପଣ,ସାଲା ମଣ୍ଡନ, ଜଳଯାତ୍ରା, ସୌରାଗ୍ନି ଗ୍ରହଣ,ସୂର୍ଯ୍ୟପୂଜା ,ସାଲାପୂଜା, ରୁଦ୍ରାଭିଷେକ, ଆହୁତି,ଯଜ୍ଞ ବିହିତପୂଜା ,ଗୀତା ଆହୁତି,ଯଜ୍ଞ ବିହିତ କର୍ମ, ଚଣ୍ଡୀପାଠ, ଚଣ୍ଡୀଆହୁତି, ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହେବ ।

# ଆନ୍ଦୋଳନରୁ ଓହରିଲା ମିସ୍ତ୍ରୀ ଶ୍ରମିକ ସଂଘ



ବାଲିମେଳା (ଭାସ୍କର ନ୍ୟୁଜ୍): ସରିଲା ମିସ୍ତ୍ରୀ ଶ୍ରମିକ ସଂଘର ସମୂହ ବୈଠକ। ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଆଜିକୁ ଦୀର୍ଘ ୩ଦିନ ଧରି ଚାଲିଥିବା ମିସ୍ତ୍ରୀ ଶ୍ରମିକ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆଜି ଶେଷ ହୋଇଛି। ତେବେ ଏହି ୩ ଦିନ ମଧ୍ୟରେ ଠିକାଦାରୀ କାର୍ଯ୍ୟ ଏବଂ ବେସରକାରୀ ଘର ନିର୍ମାଣ ସମ୍ପୂର୍ଣ ଠପ ହୋଇ ଯାଇଥିଲା। ଆଜି ସଂଘ ପକ୍ଷରୁ ଏକ ବୈଠକ ଡକାଯାଇ ବାଲିମେଳା ସହର ତଥା ଏହାର ଆଖପାଖ ଅଞ୍ଚଳର ଠିକାଦାର ମାନଙ୍କୁ ଡକାଇ ଏହି ବୈଠକରେ ଶ୍ରମିକ ମାନଙ୍କ ଦୈନିକ ମଜୁରି ସର୍ବ ସମ୍ମତି କ୍ରମେ ଧାର୍ଯ୍ୟ କରାଯାଇଥିଲା। ତେବେ ମହିଳା ଶ୍ରମିକମାନଙ୍କ ଦୈନିକ ମଜୁରୀ ୨୫୦ ଟଙ୍କା ରୁ ୩୨୦ ଟଙ୍କା କୁ ବୃଦ୍ଧି କରାଯାଇଥିବା ବେଳେ ପୁରୁଷ ଶ୍ରମିକମାନଙ୍କ ଦୈନିକ ମଜୁରୀ ୩୫୦ ଟଙ୍କାରୁ ୪୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହ ସମସ୍ତ ଶ୍ରମିକମାନେ ନିଜ ଦୈନିକ ମଜୁରୀ ରୁ ୧୦ ଟଙ୍କା ଲେଖାଏଁ ସପ୍ତାହ ର ୬ ଦିନର କାର୍ଯ୍ୟରେ ୬୦ ଟଙ୍କା ଲେଖାଏଁ ସାପ୍ତାହର ରବିବାର ଦିନ ଏହି ବିଶ୍ୱକର୍ମା ମିସ୍ତ୍ରୀ ଶ୍ରମିକ ସଂଘ କୁ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଆଜିଠାରୁ ଯେ କୌଣସି ଠିକାଦାର କାର୍ଯ୍ୟ କରିବେ ସଂଘକୁ ଏକ ଲିଖିତ ପତ୍ର ପ୍ରଦାନ କରି ଶ୍ରମିକ ଏବଂ ମିସ୍ତ୍ରୀ ନିଜ ନିର୍ମାଣ କାର୍ଯ୍ୟ ରେ ଲଗାଇବେ ବୋଲି ସ୍ଥିର କରାଯାଇଛି। ଏଥିସହ ପୂର୍ବରୁ ଯେଉଁ ଶ୍ରମିକମାନେ କାର୍ଯ୍ୟ ନ ପାଇ ଘରେ ଦୀର୍ଘଦିନ ବସି ରହୁଥିଲେ ଆଜିଠାରୁ ସେପରି ନ ହୋଇ ସମସ୍ତ ଶ୍ରମିକ ମାନଙ୍କୁ ସଂଘ ପକ୍ଷରୁ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଜଣାପଡିଛି। ସଙ୍ଘ ପକ୍ଷରୁ ଏକ ୧୫ ଜଣିଆ କମିଟି ଗଠନ କରାଯାଇଥିବା ବେଳେ ସଂଘର ୫ ମହିଳା ଶ୍ରମିକ, ୫ ପୁରୁଷ ଶ୍ରମିକ ଏବଂ ୫ ବୁଦ୍ଧିଜୀବୀ ଏହି କମିଟିରେ ରହି ଶ୍ରମିକ ମାନଙ୍କ ସମସ୍ତ ସୁଖଦୁଃଖ ରେ ଛିଡା ହେବା ସହ ଏହି କମିଟି ହିଁ ସମସ୍ତ ନିଷ୍ପତ୍ତି ନିର୍ଣ୍ଣୟ କରିବ ବୋଲି ଜଣାପଡିଛି। ତେବେ ଆଜିର ଏହି ବୈଠକରେ ବିଶ୍ୱକର୍ମା ଶ୍ରମିକ ସଂଘ ସଭାପତି ରବୀନ୍ଦ୍ର ସରକାର, ସମ୍ପାଦକ ଲବ କିଶୋର ବାଘ, କୋଷାଧକ୍ଷ ସନ୍ତୋଷ ଖରା, ଉପ ସଭାପତି ଯୋଗେନ୍ଦ୍ର ଦାସ, ସହ ସମ୍ପାଦକ ନରେନ୍ଦ୍ର ପଟ୍ଟନାୟକ, ପୂର୍ବତନ କାଉନ୍ସିଲର ଗୌର ଖିଲ, କାଉନ୍ସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏବଂ ବିମଳ ବେହେରା, କାଉନ୍ସିଲର ମନୋଜଦେବ ପାଙ୍ଗି, ଆମ୍ବେଦକର ସ୍ମୃତି କମିଟି ସଭାପତି ହାଡୁ ହନ୍ତାଳ, ସମାଜସେବୀ ଏମ୍ ସରିଫ, ନଗର ବିଜେଡି ସଭାପତି ରାଜେନ୍ଦ୍ର କୂଳଦୀପ, ଠିକାଦାର କାଲୁ ପ୍ରଧାନ, ଲୋରିଷ ମହାନ୍ତି, ସୁକାନ୍ତ ହାଲଦାର ଙ୍କ ସମେତ ଶତାଧିକ ଶ୍ରମିକମାନେ ଉପସ୍ଥିତ ଥିଲେ।

# ପୋଖରୀ ପୁନରୁଦ୍ଧାର ଅର୍ଥ ଖର୍ଚ୍ଚ ହେଉଛି ନୂଆପୋଖରୀ ଖୋଳାରେ

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଅନ୍ତର୍ଗତ ଗଡଶାହି ଗ୍ରାମପଞ୍ଚାୟତର କୋଟକଣା ଗ୍ରାମର ପୋଖରୀ ପୁନରୁ ଉଦ୍ଧାର ନିମନ୍ତେ ପୂର୍ବତନ ବିଧାୟକ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ମାତ୍ର ନିର୍ବାଚନ ଆଚରଣ ବିଧି ଲାଗିଯିବାରୁ କାର୍ଯ୍ୟାଦେଶ ମିଳିନଥିଲା ସଂପ୍ରତି କାର୍ଯ୍ୟାଦେଶ ଦିଆଯାଇଛି କିନ୍ତୁ ଗ୍ରାମରେ ଥିବା ପୋଖରୀ ପୋତି ହୋଇ ଯାଇଥିଲେ ମଧ୍ୟ ପୁନରୁ ଉଦ୍ଧାର କରାନଯାଇ ଗ୍ରାମଠାରୁ ଏକ କିଲୋମିଟର ଦୂରରେ ଏକ ନୂଆ ପୋଖରୀ ଖୋଳାଯାଉଛି । ଯେଉଁ ସ୍ଥାନରେ ଏହି ନୂଆ ପୋଖରୀ ଖୋଳାଯାଉଛି ତାହା କୋଟକଣା ମୌଜାର ପ୍ଲଟ ନମ୍ବର ୩୦,୩୧,୩୨,୩୩ ଓ ୩୬ ରେ କରାଯାଉଛି । ଏହି ଜମି ପ୍ଲଟ ଗୁଡିକ ପାଣି ନାଳ,ରକ୍ଷିତ ଅନାବାଦୀ ଓ ନୀଳକଣ୍ଠେଶ୍ୱର ଦେବଓଗେର ଗ୍ରାମବାସୀଙ୍କ ମାର୍ଫତରେ ରହିଅଛି । ଏଥିପାଇଁ ମଧ୍ୟ କୌଣସି ଗ୍ରାମସଭା କରାଯାଇ ନାହିଁ । ଗ୍ରାମବାସୀମାନେ ଏ ସଂପର୍କରେ କଣାସ ବିଡିଓ, ତହସିଲିଦାର,ଜିଲ୍ଲାପାଳ ପୁରୀଙ୍କୁ ଜଣାଇଛନ୍ତି । ଏ ସଂପର୍କରେ କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଅଭିଯୋଗ ପାଇଛି ତହସିଲିଦାରଙ୍କୁ ପୋଖରୀ ଖୋଳାଯାଉଥିବା ସ୍ଥାନ ସଂପର୍କରେ ରିପୋର୍ଟ ମାଗିଛି । ପୋଖରୀ ଖୋଳାଯାଉଥିବା ଅର୍ଥ ରିପୋର୍ଟ ମିଳିବା ପରେ ପେମେଣ୍ଟ ଦିଆଯିବ ।

# ସୂଚନା ଅଧିକାର ନିୟମକୁ ଫୁଁ

ମହାକାଳପଡା (ଭାସ୍କର ନ୍ୟୁଜ୍ ) : ସୂଚନା ଅଧିକାର ଆଇନ ପ୍ରହସନ ପାଲଟିଛି। ସୂଚନା ଅଧିକାର ଜରୀଆରେ ସାମାଜିକ କର୍ମୀ ତଥ୍ୟ ମାଗିଥିଲେ ସୁଦ୍ଧା ଅଧିକାରୀ ତଥ୍ୟ ଦେବାକୁ କୁନ୍ଥୁ କୁନ୍ଥୁ ହେଉଥିବା ଜଣାପଡ଼ିଛି। ଅଧିକାରୀଙ୍କ ତଥ୍ୟ ଦେବାରେ ପଛଘୁଂଚା ପରୋକ୍ଷରେ ଯା ପଛରେ ରହିଥିବା ଦୁର୍ନୀତିର ବାସ୍ନା ବାରିହୋଇପଡୁଛି। ପ୍ରକାଶ ଯେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧିନରେ ଥିବା ପାଟକୁରା ଜଳ ସେଚନ ଉପଖଣ୍ଡ ଅଧୀନରେ ହୋଇଥିବା କାର୍ଯ୍ୟର ବିବରଣୀ ସୂଚନା ଅଧିକାର ନିୟମରେ କେନ୍ଦ୍ରାପଡ଼ା କାର୍ଯ୍ୟାଳୟକୁ ୩୦,୦୧,୨୦୨୫ରେ ମଗାଯାଇଥିଲା। ଯାହା ୩୧,୦୧,୨୦୨୫ରେ ସେହି କାର୍ଯ୍ୟାଳୟ ରେ ପ୍ରାପ୍ତ ହୋଇଥିଲା।କିନ୍ତୁ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଜନ ସୂଚନା ଅଧିକାରି କୌଣସି ଉତ୍ତର ଦେଇନଥିଲେ। ନିୟମ ଅନୁସାରେ ସେହି କାର୍ଯ୍ୟାଳୟକୁ ପ୍ରଥମ ଅପିଲ ୨୬,୦୩,୨୦୨୫ରେ କରିଥିଲେ। ଯାହା ସେଇ କାର୍ଯ୍ୟାଳୟରେ ୨୭,୦୩,୨୦୨୫ରେ ପ୍ରାପ୍ତ ହୋଇଥିଲା। ପ୍ରଥମ ଅପିଲ ଅଥରେଟି ବା ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କ କାର୍ଯ୍ୟାଳୟରୁ ଦୀର୍ଘ (୪୦) ଦିନ ବିତିଯାଇଥିଲେ କୌଣସି ଉତ୍ତର ମିଳିନଥିଲା। ଯାହା ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି। ସୂଚନା ପାଇବା ପାଇଁ ଆବେଦନ କରିଥିବା ସୂଚନା ଅଧିକାର କର୍ମୀ ରାଜେନ୍ଦ୍ର ପ୍ରସାଦ କହିଛନ୍ତ ଯନ୍ତ୍ରୀ ଓ ଅଧିକାରୀ ମାନଙ୍କୁ ସୁରକ୍ଷା ଦେବା ପାଇଁ ଶ୍ରୀ ସେଠୀ ସମସ୍ତ ଆଇନକୁ ଜଳାଞ୍ଜଳି ଦେବାକୁ ବି ପଛାଉ ନାହାନ୍ତି।

**ଅଧିକ୍ଷଣ ଯନ୍ତ୍ରୀ ଦେଉଛନ୍ତି କି ସୁରକ୍ଷା କନିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନଙ୍କୁ**

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





କଟକ,(ଭାସ୍କର ନ୍ୟୁଜ): ଦଶମ ଜିଲ୍ଲା ପରିଷଦ ବୈଠକ ବୁଧବାର କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଗତ ନବମ ଜିଲ୍ଲା ପରିଷଦ ବୈଠକରେ ଉତଥାପିତ ସମସ୍ୟାର ସମାଧାନ ଓ ପ୍ରସ୍ତାବିତ କାର୍ଯ୍ୟର ସ୍ଥିତି ଅଗ୍ରଗତି ଉପରେ ସମୀକ୍ଷା ପୂର୍ବକ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଜ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବଡମ୍ବା ବିଧାୟକ ବିଜୟ ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଏବଂ ଜଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

## ଅପରେସନ୍ ସିନ୍ଦୂର

# ସେନାର ଶୌର୍ଯ୍ୟ ଓ ସାହସକୁ ସଲାମ୍

## ଭାରତୀୟ ସେନାକୁ ଧନ୍ୟବାଦ୍




କଟକ,(ଭାସ୍କର ନ୍ୟୁଜ): ଗତ କିଛିଦିନ ତଳେ ଜମ୍ମୁ କାଶ୍ମୀର ପହଲଗାମରେ ଘଟିଥିବା ଆତଙ୍କବାଦୀ ହାମଲାର ପ୍ରତିଶୋଧ ନେବାକୁ ଭାରତୀୟ ସେନା ଗତକାଲି ମଧ୍ୟ ରାତିରେ ପାକିସ୍ତାନ ଭିତରେ ପଶି ଆତଙ୍ଗବାଦୀଙ୍କ ଆଡ୍ଡାକୁ ନଷ୍ଟ କରିବା ସହିତ ସେମାନଙ୍କୁ ନିହତ କରିଥିବାରୁ ସମସ୍ତ ଭାରତୀୟ ଖୁସି ମନାଇବା ସହିତ ଭାରତୀୟ ସେନାକୁ ଧନ୍ୟବାଦ ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ କଟକ କାଠଗଡା ସାହି ଛକରେ ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ବାଜା, ବାଣ ଫୁଟାଇବା ସହିତ ସିନ୍ଦୁର ପରସ୍ପରକୁ ଲଗାଇ କଟକର ଯୁବ ସମାଜ ଅପରେସନ ସିନ୍ଦୁରର ସଫଳତାର ଉତ୍ସବ ପାଳନ କରିଛନ୍ତି। ଏହି ଖୁସିର ମୁହୂର୍ତ୍ତରେ ସଞ୍ଜୟ ଦାସ, ଶିବ ନାରାୟଣ ନାୟକ, କେଶବ କୁଣ୍ଡୁ, ରାଜେଶ ମହାରଣା, ରତ୍ନାକର ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ଶିବସଙ୍କର ମଲ୍ଲିକ, ପବନ ଓଝା, ଯତୀନ ମହାରଣା, ବିଶ୍ୱରଞ୍ଜନ ସ୍ୱାଇଁ, ଅଜୟ ଓଝା, ଅନୀଲ ଡାକୁଆ, ସେକ ରାଜୁ, ସେକ ପପୁ, କାର୍ତ୍ତିକ ନନ୍ଦି, ସରୋଜ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ପପୁ ଦାସ, ବାଦଲ ସାହୁ, ରାଜ ଗୁପ୍ତା, ସରୋଜ ରାଉତଙ୍କ ସହିତ ବହୁ ଯୁବକ ଉପସ୍ଥିତ ଥିଲେ।

**ଗତ ଅପ୍ରେଲ ୨୨ ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମ୍‌ରେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା ପରେ ସେମାନଙ୍କ ପତ୍ନୀମାନେ ମୁଣ୍ଡରୁ ସିନ୍ଦୂର ପୋଛି ଦେଇଥିଲେ । ଏହି ଘଟଣା ସେତେବେଳେ କେବଳ ଭାରତ କାହିଁକି ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଥିଲା । ସେହି ବର୍ବର କାଣ୍ଡର ପ୍ରତିଶୋଧ ପାଇଁ ତଥା ସିନ୍ଦୂର ଲିଭାଇଥିବା ସେହି ସାହସୀ ମହିଳାଙ୍କୁ ସମବେଦନା ଜଣାଇବା ପାଇଁ ଭାରତୀୟ ସେନା ପାକିସ୍ତାନ ବିରୋଧରେ ରାତିଅଧିଆ 'ଅପରେସନ୍ ସିନ୍ଦୂର' ଆରମ୍ଭ କରି ପାକିସ୍ତାନ ଆତଙ୍କୀଙ୍କୁ ଚକ୍‌ମା ଦେଇଥିଲା । ଭାରତୀୟ ସେନାର ସୁଖୋଇ ଓ ରାଫେଲ୍ ସୁ ସୁ ଗର୍ଜନ କରି ବୋମାବର୍ଷା କରିଥିଲେ । ସେଥିରେ ୯ଟି ଆତଙ୍କୀ ଆଡ୍ଡା ଧ୍ୱଂସ ହୋଇଥିଲା । ଭାରତୀୟ ସେନାର ଶୌର୍ଯ୍ୟ ଓ ପରାକ୍ରମକୁ ଆଜି ଦେଶ ସଲାମ୍ କରୁଛି ।**

## ଆତଙ୍କବାଦର ସଂପୂର୍ଣ୍ଣ ମୁଳୋତ୍ପାଟନ ପାଇଁ ସାମୂହିକ ପ୍ରାର୍ଥନା



କଟକ(ଭାସ୍କର ନ୍ୟୁଜ୍): ସର୍ବଧର୍ମ ସମନ୍ୱୟର ପୀଠ କଟକ କିଲ୍ଲା ଖାଇ ସ୍ଥିତ ବାବା ବୁଖାରୀଙ୍କ ମଜାର ସରିଫ ଠାରେ ଭାରତ ପକ୍ଷରୁ ଆତଙ୍କବାଦ ବିରୋଧୀ ଅପରେସନ ସିନ୍ଦୂରର ସଫଳତା ସହ ଆତଙ୍କବାଦର ସଂପୂର୍ଣ୍ଣ ମୁଳଉତ୍ପାଟନ ପାଇଁ ଭାରତ ବର୍ଷର ସୈନ୍ୟବାହିନୀକୁ ଆଲ୍ଲା ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ବୋଲି ଦୁଆ କରାଯାଇଥିଲା। ଅଞ୍ଜୁମନ ଇସଲାମୀୟା ଅହେଲେ ସୁନ୍ନତ୍ ଓ ଜମାତ ଓଡ଼ିଶା ଏବଂ କଟକ ସଂଖ୍ୟା ଲଘୁ ସମାଜ ପକ୍ଷରୁ ବାବା ବୁଖାରୀଙ୍କ ମଜାର ସରିଫରେ ଚାଦର ଚଢ଼ା ଯାଇଥିଲା ଏବଂ ମିଷ୍ଟାନ୍ନ ଭୋଗ କରାଯାଇ ଭାରତ ସରକାରଙ୍କୁ ବଧାଇ ଜଣାଇବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଆତଙ୍କବାଦୀଙ୍କର କୌଣସି ଧର୍ମ ନାହିଁ ଇସଲାମ ଧର୍ମରେ ଆତଙ୍କବାଦର କୌଣସି ସ୍ଥାନ, ମାନବତା ଆମ ସମସ୍ତଙ୍କ ଧର୍ମ, ମାନବବାଦ ହତ୍ୟାକାରୀ ସହ କୌଣସି ସାଲିସ ନାହିଁ ବୋଲି କର୍ମକର୍ତ୍ତା ମାନେ କହିବା ସହ ଆତଙ୍କବାଦ ବିରୋଧୀ ଲଢ଼େଇ ସହିତ କଟକର ମୁସଲମାନ ସମାଜ ସରକାରଙ୍କ ସହିତ ଅଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

## ଭାରତୀୟ ସେନାର ସାହସକୁ ନମନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଅପରେସନ ସିନ୍ଦୂର ଭାରତୀୟ ସେନାର ସାହସକୁ ନମନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସଂସ୍କୃତିରେ 'ସିନ୍ଦୂର'କେବଳ ପରମ୍ପରା ନୁହେଁ, ଏହା ତ୍ୟାଗ ଏବଂ ସଂକଳ୍ପର ପ୍ରତୀକ। ଏହି ଭାବନା ଆମ ସୈନିକମାନଙ୍କ ମନରେ ମଧ୍ୟ ରହିଛି। ଭାରତ ବର୍ତ୍ତମାନ କେବଳ ପ୍ରତିରକ୍ଷା କରୁନାହିଁ ବରଂ ସଂପୂର୍ଣ୍ଣ ଭାବରେ ଆତଙ୍କବାଦକୁ ଉଚ୍ଛେଦ କରିବାକୁ ଆଗେଇ ଚାଲିଛି। ଆମେ ସେନାର ସାହସକୁ ନମନ କରୁଛୁ। ଆମେ ସେନା ସହିତ ଅଛୁ। ଆମେ ସେନାର ବିଜୟରେ ବିଶ୍ୱାସ କରୁଛୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

## ସେନାର ପରାକ୍ରମକୁ ନେଇ ସେଲିବ୍ରେସନ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ସେନାର ପରାକ୍ରମକୁ ନେଇ ବିଜେପି ଯୁବ ମୋର୍ଚ୍ଚାର ସେଲିବ୍ରେସନ । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅପରେସନ ସିନ୍ଦୂର ସଫଳତାକୁ ନେଇ ପରସ୍ପରକୁ ସିନ୍ଦୂର ପିନ୍ଧାଇ ଉତ୍ସବ ପାଳନ କଲା ବିଜେପି । ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ହେଲା ସେଲିବ୍ରେସନ । ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଏଥିରେ ସାମିଲ ହୋଇଥିଲେ । ଏହି ଅବସରରେ ମନମୋହନ କହିଛନ୍ତି, ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସମସ୍ତେ ଅପେକ୍ଷା କରିଥିଲେ । ୧୪୦ କୋଟି ଲୋକ ପ୍ରଧାନମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ, ଯେ ଆତଙ୍କବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯାଉ । ଆଜି ସମସ୍ତ ଭାରତୀୟ ଖୁସି । ସେନା ବାହିନୀର ସାହସିକତା ଓ ପରଙ୍ଗମତା ଦେଖାଇଛନ୍ତି ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ । ଆତଙ୍କବାଦୀଙ୍କ ଆଡାକୁ ଯେଉଁଭଳି ଭାବେ ଧ୍ୱଂସ କରାଯାଇଛି, ଧୀରେ ଧୀରେ ସବୁ ଚିତ୍ର ସାମ୍ନାକୁ ଆସୁଛି ।

## ପହଲଗାମ୍‌ର ପ୍ରତିଶୋଧ ପୂରଣ ହେଲା: ଧର୍ମେନ୍ଦ୍ର



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଅପରେସନ ସିନ୍ଦୂର- ସେନାର ଶୌର୍ଯ୍ୟ ଓ ସାହସକୁ ସଲାମ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'କହିଥିଲୁ ଆତଙ୍କବାଦୀଙ୍କୁ ମାଟିରେ ମିଶାଇ ଦେବୁ, ଦେଖ ମିଶାଇଦେଲୁ' । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପହଲଗାମର ପ୍ରତିଶୋଧ ପୂରଣ ହେଲା । ସେନାର ଶୌର୍ଯ୍ୟ ଓ ସାହସକୁ ସଲାମ । ଆମ ଭଉଣୀଙ୍କ ସିନ୍ଦୂରର ପ୍ରତିଶୋଧ ଭାରତ ଅପରେସନ ସିନ୍ଦୂରରେ ନେଇଛି ।

## ଅପରେସନ ସିନ୍ଦୂର ଭାରତ ପାଇଁ ଗୌରବର ଦିନ: ଆଇନ ମନ୍ତ୍ରୀ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଅପରେସନ ସିନ୍ଦୂରକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଏହା ଭାରତ ବର୍ଷ ପାଇଁ ଗର୍ବ ଓ ଗୌରବର ଦିନ । ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ପ୍ରତିଶୋଧ ନେଇ ଆତଙ୍କୀବାଦ ଆଡ୍ଡା ଉଡାଯାଇଛି । ଏହା ଭାରତ ସେନାର ପାରଦର୍ଶିତା ବିଶ୍ୱରେ ଜଣାଯାଇଛି । ଗୋଟେ ଭାରତୀୟକୁ ହାତ ଉଠାଇଲେ, ସାରା ଦେଶ ଜବାବ ଦେବ । ଅପରେସନ ସିନ୍ଦୁର ନାଁ ଅର୍ଥ ଆତଙ୍କୀବାଦୀ ଯେଉଁ ଭାରତୀୟ ମହିଳାଙ୍କ ସିନ୍ଦୁର ଲିଭାଇଥିଲେ, ତାହାର ଜବାବ । ଏହା ସାମଗ୍ରିକ ଭାବେ ନାରୀ ଶକ୍ତି ଓ ସଶକ୍ତ ମିଲିଟାରୀ ଅପରେସନ ଫ । ଯେଉଁଥିରେ କୌଣସି ସାଧାରଣ ନାଗରିକ ମରିନାହାନ୍ତି । ଯାହା ଅନ୍ୟ କୌଣସି ଦେଶ କରିନି । ସାମରିକ ଦକ୍ଷତାର ପରିଚୟ ଆସିଛି । ବିଶ୍ୱ ଚକିତ ଓ ଆନନ୍ଦିତ କାରଣ ଆତଙ୍କବାଦ ଉପରେ ପାଲଟା ଆକ୍ରମଣ ଭାରତ କରିଛି । ଭାରତର ପ୍ରତିପତ୍ତି ବଢିବ ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ ।

## ସମ୍ଭାବ୍ୟ ଯୁଦ୍ଧ ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌ର ପ୍ରସ୍ତୁତି

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ସମ୍ଭାବ୍ୟ ଯୁଦ୍ଧ ପାଇଁ କ୍ୟାପିଟାଲ ହସ୍ପିଟାଲର ପ୍ରସ୍ତୁତି । ସମସ୍ତ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । କାଜୁଆଲଟି ପାଖରେ କଣ୍ଟ୍ରୋଲ ରୁମ ମଧ୍ୟ ଖୋଲା ଯାଇଛି ବୋଲି କ୍ୟାପିଟାଲ ହସ୍ପିଟାଲ ଡେପୁଟି ଡାଇରେକ୍ଟର ଧନଞ୍ଜୟ ଦାସ ସୂଚନା ଦେଇଛନ୍ତି । ୪ଟି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି । ଦୁଇଟି ଆମ୍ବୁଲାନ୍ସ ଆହତ ଲୋକଙ୍କୁ ଆଣିବାକୁ ଯିବ, ଆଉ ଦୁଇଟି ଆମ୍ବୁଲାନ୍ସ କ୍ୟାପିଟାଲ ହସ୍ପିଟାଲରେ ମହଜୁଦ ରହିବ । ୨୦ଟି ବେଡ଼ ବିଶିଷ୍ଟ ୩ଟି ସ୍ୱତନ୍ତ୍ର ୱାର୍ଡ ଖୋଲା ଯାଇଛି । ଯେହେତୁ ବୋମା ବର୍ଷଣ ହୋଇପାରେ ସେଥିପାଇଁ ସ୍ୱତନ୍ତ୍ର ବର୍ଣ୍ଣ ୟୁନିଟ ମଧ୍ୟ ଖୋଲା ଯାଇଛି ।

## ନୂଆ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଦେଶର ତିନୋଟି ନୂଆ ଅପରାଧିକ ଆଇନ୍‌ର ଫଳପ୍ରଦ କାର୍ଯ୍ୟକାରୀତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ଜିରୋ ଏଫ.ଆଇ.ଆର ଉପରେ ଗୁରୁତ୍ୱାରୋପ କରିବା ସହ ଇ-ଏଫ.ଆଇ.ଆର୍, ଇ-ସମନ୍, ଇ-ସାକ୍ଷ୍ୟ ପ୍ରଦାନ ଆଦି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ, ସରଳ ହେବା ସହିତ ତ୍ୱରିତ ବେଗରେ କାର୍ଯ୍ୟକାରୀ କରାଯାଇ ପାରିବ। ଏଥିପାଇଁ ଜେଲ୍, ହସ୍ପିଟାଲ, ଫରେନସିକ୍ ଲ୍ୟାବ, କୋର୍ଟ ଇତ୍ୟାଦିକୁ ଭିଡିଓ କନ୍‌ଫରେନ୍‌ସ ଜରିଆରେ ଯୋଡିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ଖୁବଶୀଘ୍ର ୩୨ଟି ମୋବାଇଲ ଫରେନସିକ୍ ଭ୍ୟାନ ନିୟୋଜିତ କରାଯିବ। ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍‌ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆନନ୍ଦବନରେ ନୂତନ ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ମହିଳା-ନେତୃତ୍ୱାଧୀନ ଉଦ୍ୟୋଗିତାର ଗତିଶୀଳ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସଦୃଶ, ଆଜି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନୀୟ ଶ୍ରୀ ଅଟଳ ବିହାରୀ ବାଜପାୟୀ ଆନନ୍ଦବନ ପରିସରରେ ଏକ ନୂତନ ସୁଭଦ୍ରା ଶକ୍ତି କ୍ୟାଫେ ଉଦ୍ଘାଟନ କରିଛନ୍ତି। ଏହା କେବଳ ଏକ କ୍ୟାଫେ ନୁହେଁ, ବରଂ ଏହା ରାଜ୍ୟର ବିକାଶ ମଡେଲରେ ଏକ ପରିବର୍ତ୍ତନକୁ ପ୍ରତିଫଳିତ କରେ, ଯେଉଁଥିରେକି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉଦ୍ୟୋଗିତା, ସାମାଜିକ ଏବଂ ଅର୍ଥନୈତିକ ଅନ୍ତର୍ଭୁକ୍ତିର ଅଗ୍ରଭାଗରେ ଅଛନ୍ତି। ଏହି କାଫେ ଭୁଆଶୁଣି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କଦ୍ୱାରା ସଂପୂର୍ଣ୍ଣଭାବେ ପରିଚାଳିତ ହେବ, ଯେଉଁମାନେ ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ ବିଶେଷ ଆତିଥ୍ୟ ପ୍ରଶିକ୍ଷଣ ନେଇଛନ୍ତି। ମିଶନ ଶକ୍ତି ବିଭାଗର ଏକ ବ୍ୟାପକ କ୍ଷମତା ଓ ଦକ୍ଷତା ବିକାଶ ନିର୍ମାଣର ଅଂଶ ଭାବରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା, ଯାହା କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସହାୟତା ଯୋଗାଇଦେବା ସହ ଏବଂ ମହିଳାମାନଙ୍କୁ ବ୍ୟବସାୟ ପରିଚାଳନା ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାବୁ ସିଂ, ବିଧାୟକ, ଏକାମ୍ର ଭୁବନେଶ୍ୱର ମଧ୍ୟ ଉପସ୍ଥିତ ଥିଲେ । ଶାଳିନୀ ପଣ୍ଡିତ, କମିଶନର ତଥା ଶାସନ ସଚିବ, ମିଶନ ଶକ୍ତି, ଡଃ ମୋନିକା ପ୍ରିୟଦର୍ଶିନୀ, ନିର୍ଦ୍ଦେଶକ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ (ଓଏଲମ) ଏବଂ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବିଶ୍ୱ କୌଶଳ କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦକ୍ଷତା ବିକାଶ ତାଲିମ୍‌ରେ ଉଦ୍ୟୋଗୀ ମନୋନିବେଶ ପାଇଁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି। ବୁଧବାର ପୂର୍ବାହ୍ନରେ ରାଜ୍ୟପାଳ ମଞ୍ଚେଶ୍ୱରସ୍ଥିତ ବିଶ୍ୱ କୌଶଳ କେନ୍ଦ୍ର (ଡବ୍ଲ୍ୟୁଏସସି) ପରିଦର୍ଶନ କରିବା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକ କେବଳ ନିଯୁକ୍ତି ସୃଷ୍ଟି କରିବା ନୁହେଁ, ବରଂ ଉଦ୍ୟୋଗୀକତାକୁ ପୋଷଣ କରିବା ମଧ୍ୟ ଲକ୍ଷ୍ୟ ରହିବା ଉଚିତ୍ ବୋଲି ରାଜ୍ୟପାଳ କହିଛନ୍ତି। ଦକ୍ଷତା ବିକାଶ ଅନୁଷ୍ଠାନ ଗୁଡ଼ିକ ବୈଷୟିକ ଦକ୍ଷତା ଶିକ୍ଷା ଦେବା ଠାରୁ ଆଗକୁ ବଢ଼ି ବ୍ୟବସାୟିକ ମଡେଲ ନିର୍ମାଣରେ ଉଦ୍ୟୋଗୀ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ଉଚିତ୍ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଗସ୍ତ ସମୟରେ ରାଜ୍ୟପାଳ ଡବ୍ଲ୍ୟୁଏସସିରେ ସ୍ଥାପିତ ବିଭିନ୍ନ ପ୍ରୟୋଗଶାଳାଗୁଡ଼ିକୁ ପରିଦର୍ଶନ କରିଥିଲେ। ଏହି ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂହ ପୂନିଆ, ଡବ୍ଲ୍ୟୁଏସସି ଓ ଓଡ଼ିଶା କୌଶଳ ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା, ଡବ୍ଲ୍ୟୁଏସସିର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ପିନାକୀ ପଟ୍ଟନାୟକ, ମୁଖ୍ୟ କୌଶଳ ଅଧିକାରୀ ବ୍ରୁସ ପୋହ, ଡବ୍ଲ୍ୟୁଏସସିର ଉପାଧ୍ୟକ୍ଷା ଜୀତାମିତ୍ର ଶତପଥୀ ଏବଂ ସ୍କୁଲ ଅଫ ସର୍ଭିସେସର ବରିଷ୍ଠ ନିର୍ଦ୍ଦେଶିକା ଲିମ ଲାଇ ସୁନ ଉପସ୍ଥିତ ଥିଲେ ।

# ରାଜଧାନୀର ବିଭିନ୍ନ ସ୍ଥାନରେ ମକ୍ ଡ୍ରିଲ୍









ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ସୁରକ୍ଷା ଏବଂ ବିପର୍ଯ୍ୟୟ ପ୍ରସ୍ତୁତିକୁ ନେଇ ରାଜଧାନୀରେ ବୁଧବାର ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ କରାଯାଇଛ । ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ ଏହି ମକ ଡ୍ରିଲ କରାଯାଇଛି । ଏହି ଅଭ୍ୟାସ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା 'ଅପରେସନ୍ ଅଭ୍ୟାସ'ର ଏକ ଅଂଶବିଶେଷ ଥିଲା । ୨୨ ଏପ୍ରିଲ୍‌ରେ ପହଲଗାମ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ସାରା ଦେଶରେ ଏହି ମକ ଡ୍ରିଲ କରାଯାଇଛି । ଏହି ଆକ୍ରମଣରେ ୨୬ ଜଣ ନାଗରିକ ନିହତ ହୋଇଥିଲେ। ଅପରାହ୍ନ ୪ଟାରେ ମକ୍ ଡ୍ରିଲ୍ ଏୟାର୍ ରେଡ୍ ସାଇରନ୍ ଓ ବ୍ଲାକଅଉଟ୍ ପ୍ରୋଟୋକଲ୍ ସହିତ ଆରମ୍ଭ ହୋଇଥିଲା। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ତତ୍ତ୍ୱାବଧାନରେ ଜରୁରୀକାଳୀନ ଆଶ୍ରୟ କେନ୍ଦ୍ର ଓ ଟ୍ରାଞ୍ଜିଟ୍ ଶେଲ୍ଟର୍ ସକ୍ରିୟ କରାଯାଇଥିଲା। ଅଗ୍ନିଶମ ସେବା, ପୋଲିସ୍ ଓ ଜିଲ୍ଲା ପ୍ରଶାସନ ମିଳିତ ଭାବେ ଉଚ୍ଚ ଭବନ ଓ ସାଧାରଣ ସ୍ଥଳରୁ ଲୋକମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିବା ଅଭ୍ୟାସ କରିଥିଲେ। ଭୁବନେଶ୍ୱରରେ ଅଗ୍ନିଶମ ଯାନଗୁଡିକ ବିଭିନ୍ନ ଅଞ୍ଚଳରେ ଘୁରି ଘୁରି ସାଇରନ୍ ଦେଇଥିଲେ ଏବଂ ଲାଉଡସ୍ପିକର୍ ମାଧ୍ୟମରେ ସତର୍କତା ଘୋଷଣା କରିଥିଲେ। ପୋଲିସ୍ କମିଶନର୍ ସୁରେଶ ଦେବଦତ୍ତ ସିଂହ ଗଣମାଧ୍ୟମକୁ କହିଥିଲେ ଯେ, ଏହି ମକ୍ ଡ୍ରିଲ୍ ସମସ୍ତ ଏଜେନ୍ସୀଙ୍କ ସକ୍ରିୟ ଅଂଶଗ୍ରହଣ ସହ ଫଳପ୍ରଦ ଭାବେ କାର୍ଯ୍ୟାନ୍ୱିତ ହୋଇଛି। ସ୍ୱୟଂ ସେବକ ଓ ସୁରକ୍ଷା ବାହିନୀଙ୍କ ସହଯୋଗ ଉଲ୍ଲେଖନୀୟ ଥିଲା ଏବଂ ଏହି ଅଭ୍ୟାସ ଦ୍ୱାରା ଜନମାନସରେ ସୁରକ୍ଷା ପ୍ରତି ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାସଙ୍କ କହିବାନୁଯାୟୀ ରାଜଧାନୀର ୧୨ଟି ଅଗ୍ନିଶମ ଷ୍ଟେସନରୁ ସାଇରନ୍ ବାଜିଥିଲା । ଏହି ମକ୍‌ଡ୍ରିଲ୍‌ରେ ୨୦୦ ଅଗ୍ନିକ ଓ ସିଭିଲ୍ ଡିଫେନ୍ସ ସାମିଲ ହୋଇଥିଲେ । ମକ୍‌ଡ୍ରିଲ୍‌ର ମୁଖ୍ୟ କେନ୍ଦ୍ର ହୋଇଥିଲା ରାଜମହଲ ଓ ଏଜି ଛକ । ରାଜଧାନୀର ଏକ ପ୍ରମୁଖ ବ୍ୟବସାୟ ସ୍ଥଳ ହେଉଥିବାରୁ ଏଠାରେ ମକ୍‌ଡ୍ରିଲ୍ ହୋଇଥିଲା । ସାଇରଜ ବାଜିବା ମାତ୍ରେ କିଭଳି ସର୍ବସାଧାରଣ ସୁରକ୍ଷିତ ସ୍ଥାନକୁ ପଳାଇବେ ସେ ନେଇ ସତର୍କତା କରାଯାଇଥିଲା ।

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

PUBLIC NOTICE

To provide relief to our consumers during the ongoing summer, TP Central Odisha Distribution Limited (TPCODL) will not plan power outages for routine maintenance up to 15th June 2025. Power outages for essential works such as new service connections, addressing unsafe conditions and urgent project related activities will be taken with prior announcement.

ଆପଣଙ୍କ ପାଇଁ, ଆପଣଙ୍କ ସହିତ, ସର୍ବଦା
For You, With You, Always
www.tpcentralodisha.com | 24x7 Toll-free Call Centre: 1912 / 1800-345-7122

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ମଧ୍ୟରାତ୍ରୀରେ ଭାରତର ଗର୍ଜନ

# ଆତଙ୍କବାଦ ବିରୋଧରେ ଯୁଦ୍ଧ ଘୋଷଣା

ମଙ୍ଗଳବାର ମଧ୍ୟରାତ୍ରୀରେ ଆତଙ୍କବାଦ ବିରୋଧରେ ଯୁଦ୍ଧ ଘୋଷଣା କରିଛି ଭାରତ, ଆରମ୍ଭ କରିଛି 'ଅପରେସନ୍ ସିନ୍ଦୁର'। ଜାମ୍ମୁ-କାଶ୍ମୀରର ପର୍ଯ୍ୟଟନସ୍ଥଳୀ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଦ୍ୱାରା ନୃଶଂସ ନରସଂହାର ପରେ ଭାରତ ଯଥାର୍ଥ ପ୍ରତିଶୋଧମୂଳକ ପଦକ୍ଷେପ ଗ୍ରହଣ କରିବା ସଙ୍ଗେସଙ୍ଗେ ଆତଙ୍କୀଙ୍କ ଚରାଭୂଇଁ ପାକ୍ ଅଧିକୃତ କାଶ୍ମୀର (ପି.ଓ.କେ) ଏବଂ ପାକିସ୍ତାନ ଭିତରେ ପଶି ପ୍ରବଳ ବୋମାମାଡ଼ କରିଛି। ଭାରତୀୟ ବାୟୁସେନା ଖୁବ୍ ଯୋଜନାବଦ୍ଧ ଭାବରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ ଚଳାଇ ସେମାନଙ୍କ ୯ଟି ଶିବିରକୁ ଧ୍ୱଂସସ୍ତୂପରେ ପରିଣତ କରିବା ଦେଶବାସୀଙ୍କୁ ଆଶ୍ୱସ୍ତି ଆଣିଦେଇଛି। ପାକିସ୍ତାନ ପ୍ରରୋଚନାରେ ଆମ ଦେଶରେ ଦୀର୍ଘବର୍ଷ ଧରି ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ହିଂସାକାଣ୍ଡ ଘଟାଇ ଆସିଥିବା ଦୁଇ ଦୁର୍ଦ୍ଦାନ୍ତ ସଂଗଠନ ଲସ୍କର-ଏ-ତୋଇବା ଏବଂ ଜୈସ-ଇ-ମହମ୍ମଦର ମୁଖ୍ୟ କାର୍ଯ୍ୟାଳୟକୁ ଭାରତ ଟାର୍ଗେଟ୍ କରି ଏହି ଆକ୍ରମଣ କରିଥିଲା। ଭାରତର ଗୋଟିଏ ପରେ ଗୋଟିଏ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ପ୍ରଚଣ୍ଡ ବିସ୍ଫୋରଣ ଘଟିବା ସହିତ ସମଗ୍ର ଅଞ୍ଚଳ ଅଗ୍ନିକୁଣ୍ଡରେ ପରିଣତ ହୋଇଥିଲା, ଯାହାର ଦୃଶ୍ୟ ବିଶ୍ୱର ବିଭିନ୍ନ ଟେଲିଭିଜନ୍ ସଂସ୍ଥା ଦ୍ୱାରା ପ୍ରସାରିତ ହୋଇଛି। ଆତଙ୍କିତ ଲୋକେ ପ୍ରାଣ ବିକଳରେ ଏଣେତେଣେ ଦୌଡ଼ାଦୌଡ଼ି କରୁଥିବାର ଦେଖିବାକୁ ମିଳିଛି। ଭାରତର ଏହି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ କେତେସଂଖ୍ୟକ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି, ତାହା ନିର୍ଦ୍ଦିଷ୍ଟ ଭାବରେ ଜଣାନପଡ଼ିଥିଲେ ହେଁ ମୃତ୍ୟୁସଂଖ୍ୟା ଯେ ଯଥେଷ୍ଟ ଅଧିକ, ଏଥିରେ ସନ୍ଦେହ ନାହିଁ। ପିଓକେ ରାଜଧାନୀ ମୁଜାଫରବାଦ୍ ଉପରେ କ୍ଷେପଣାସ୍ତ୍ର ମାଡ଼ ହେବା ବେଳେ ସହରରେ ବ୍ଲାକ୍ ଆଉଟ୍ କରାଯାଇଥିଲା। 'ଅପରେସନ୍ ସିନ୍ଦୁର' ଆରମ୍ଭ କରିବା ପୂର୍ବରୁ ଭାରତୀୟ ସେନା ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଏକ ଭିଡିଓ ଜାରି କରି କହିଥିଲା 'ଆକ୍ରମଣ ପାଇଁ ପ୍ରସ୍ତୁତ, ଜିତିବା ପାଇଁ ତାଲିମପ୍ରାପ୍ତ' (ରେଡି ଟୁ ଷ୍ଟ୍ରାଇକ୍, ଟ୍ରେନ୍ଡ ଟୁ ଉଇନ୍')। ଭାରତ ସରକାର ମଧ୍ୟରାତ୍ରୀ କାର୍ଯ୍ୟାନୁଷ୍ଠାନ ନେଇ ସ୍ପଷ୍ଟ କରିଛନ୍ତି ଯେ 'ଅପରେସନ୍ ସିନ୍ଦୁର' କେବଳ ଆତଙ୍କବାଦ ଆଡ୍ଡାକୁ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ ଏବଂ କୌଣସି ପାକିସ୍ତାନୀ ସାମରିକ ଘାଟିକୁ ଟାର୍ଗେଟ୍ କରିବା ଉଦ୍ଦେଶ୍ୟରେ ନୁହେଁ। ଭାରତ ପକ୍ଷରୁ ପିଓକେ ଏବଂ ପାକିସ୍ତାନ ଉପରେ ବିମାନ ଆକ୍ରମଣ ହୋଇଥିବାର ପାକିସ୍ତାନ ସ୍ୱୀକାର କରିଛି ଏବଂ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ତାଙ୍କ ଦେଶ ଉପରେ ଭାରତ ଯୁଦ୍ଧ ଲଦି ଦେଇଛି ବୋଲି ପ୍ରକାଶ କରିଛନ୍ତି। ଏହାର ଜବାବ୍ ଯୁଦ୍ଧରେ ଦିଆଯିବ ବୋଲି ସେ ଚେତାଇ ଦେଇଛନ୍ତି। ପାକିସ୍ତାନର ପ୍ରଧାନ ସହର ଲାହୋର୍, ଇସ୍‌ଲାମାବାଦ୍ ଓ ସିଆଲକୋଟ୍ ବିମାନବନ୍ଦରକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଭାରତର ବୋମାମାଡ଼ ପରେ ପାକିସ୍ତାନ ପକ୍ଷରୁ ଯୁଦ୍ଧ ବିରତି




ଉଲ୍ଲଙ୍ଘନ କରାଯାଇ ନିୟନ୍ତ୍ରଣ ରେଖା (ଏଲ୍.ଓ.ସି) ନିକଟରେ ପୁଞ୍ଛ ଓ ରାଜୌରୀରେ ପ୍ରବଳ ଗୁଳିବର୍ଷା କରାଯାଇଛି। ପୂର୍ବରୁ ପ୍ରସ୍ତୁତ ଥିବା ଭାରତୀୟ ସେନା ମଧ୍ୟ ଏହାର ପାଲଟା ଜବାବ୍ ଦେଇଛନ୍ତି। ରାଜଧାନୀ ଦିଲ୍ଲୀ ସମେତ ଭାରତର ବିଭିନ୍ନ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ବେଳେ ବୁଧବାର ଦେଶବ୍ୟାପୀ ମକ୍‌ଡ୍ରିଲ୍ କରାଯାଇ ଜନସାଧାରଣଙ୍କୁ ବେସାମରିକ ପ୍ରତିରକ୍ଷା ତାଲିମ୍ ଦିଆଯାଇଛି। ଭାରତୀୟ ବାୟୁସେନା ପାକ୍ ସୀମାରେ ଏକ ବିଶାଳ ସମରାଭ୍ୟାସ ଯୋଜନା ଆରମ୍ଭ କରିବାକୁ ଯାଉଛି। ପହଲଗାମ୍ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ମୋଦି ଆତଙ୍କବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରାଯିବ ବୋଲି ଦେଶବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ମଙ୍ଗଳବାର ରାତ୍ରୀର 'ଅପରେସନ୍ ସିନ୍ଦୁର'କୁ ସେ ଦିଗରେ ଏକ ସାର୍ଥକ ପଦକ୍ଷେପ କହିଲେ ଭୁଲ୍ ହେବନାହିଁ। ଏହି ସମୟରେ ଦେଶବାସୀ ଐକ୍ୟବଦ୍ଧ ହୋଇ ସରକାରଙ୍କ ହାତମୁଠାକୁ ଟାଣ କରିବା ସମୟର ଆହ୍ୱାନ୍।

# ଚାରିଧାମ ଓ ପବିତ୍ର ଜଗନ୍ନାଥ ପୁରୀଧାମ



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୯୯୩୮୯୦୬୦୭୦

ଦିଘାରେ ଜଗନ୍ନାଥ ଧାମକୁ ନେଇ ଚର୍ଚ୍ଚା ବଢ଼ିଥିବା ବେଳେ ପୁଣି ମନ୍ଦିର ସମ୍ମୁଖରେ ବଡ଼ ବଡ଼ ଅକ୍ଷରରେ ପ୍ରସ୍ତୁତ କରି ମରାଯାଇଛି ଜଗନ୍ନାଥ ଧାମ। ଅମିତ ମାଲବ୍ୟ ଏକ୍ସରେ ପୋଷ୍ଟ କରିବା ପରେ ଏବେ ଦିଦି ପୋଷ୍ଟକୁ ଭୁଲ ପ୍ରମାଣ ଓ ଜିଦ୍ ପାଇଁ ପୁଣି ରାତାରାତି ଜଗନ୍ନାଥ ଧାମ ଲେଖିବା ସହ ପୂର୍ବ ସେଲ୍‌ଫି ପଏଣ୍ଟ କରୁଛନ୍ତି। ଦିଘା ଜଗନ୍ନାଥ ମନ୍ଦିର ଉଦ୍ଘାଟନ ସମୟରେ ଯେଉଁ ଅସ୍ଥାୟୀ କାଗଜ ଓ ଥର୍ମାକୋଲରେ ସେଲ୍‌ଫି ପଏଣ୍ଟ କରାଯାଇଥିଲା ସେଥିରେ ଦିଘା ଜଗନ୍ନାଥ ଧାମ ବୋଲି କରାଯାଇଥିଲା। ଯାହା ୩୦ ତାରିଖ ଉଦ୍‌ଘାଟନ ସରିବା ପରେ ୧ ତାରିଖ ଦିନ ଟେଣ୍ଟ ମାଲିକ ଖୋଲି ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜଗନ୍ନାଥ ଧାମ ଶବ୍ଦକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଜୋରଦାର ପ୍ରତିବାଦ ଓଡ଼ିଶାରେ ଦେଖିବାକୁ ମିଳିଛି। ଏହା ସ୍ୱାଭାବିକ୍। କାରଣ ଚାରି ଧାମ ମଧ୍ୟରୁ ପୁରୀ ଜଗନ୍ନାଥ ଧାମ ଅନ୍ୟତମ। ଅନ୍ୟ କେଉଁଟି ଆଉ ଜଗନ୍ନାଥ ଧାମ ହୋଇପାରିବ ନାହିଁ। ଅଲଗା ଆଡ଼େ ହଜାର ହଜାର ମନ୍ଦିର ଜଗନ୍ନାଥଙ୍କର ହେଉ ସେଥିରେ କିଛି ଆପତ୍ତି ନାହିଁ କିନ୍ତି ଜଗନ୍ନାଥ ଧାମ କେବଳ ପୁରୀ।

ଏବେ ଆସନ୍ତୁ ଜାଣିବା ପୁରୀ ଧାମ ଜଗନ୍ନାଥ ମନ୍ଦିର ବିଷୟରେ ଓ ଚାରି ଧାମ ବିଷୟରେ। ଆର୍ଯ୍ୟାବର୍ତ୍ତ ଭାରତ ବର୍ଷର ପ୍ରତ୍ୟେକ ଭାରତୀୟ ଚତୁର୍ଦ୍ଧାମ ରାମେଶ୍ୱର, ପୁରୀ, ବଦ୍ରୀନାଥ ଓ ଦ୍ୱାରକା ଦର୍ଶନର କାମନା କରିଥାନ୍ତି। ଚାରୋଟି ସ୍ଥାନ - ଚାରିଧାମ ପରମ ପବିତ୍ର। ଏଥିମଧ୍ୟରୁ ତିନୋଟି ଧାମ ପୁରୀ, ରାମେଶ୍ୱର ଏବଂ ଦ୍ୱାରକା ସାଗର କୂଳରେ ଓ ବଦ୍ରୀନାଥ ଧାମ ହିମାଳୟ ପର୍ବତରେ ଅବସ୍ଥିତ। କଥିତ ଅଛି ଯେ ମନୁଷ୍ୟ ପରି ଭଗବାନ ମଧ୍ୟ ରାମେଶ୍ୱରରେ ସ୍ନାନ କରି ଆଭୂଷଣ ବିମଣ୍ଡିତ ହୁଅନ୍ତି ଦ୍ୱାରକାରେ, ଶ୍ରୀକ୍ଷେତ୍ରରେ ଷାଠିଏ ପଉଟି ଭୋଜନ କରି ବଦ୍ରିକାର ନିଷ୍କଳ ଅଞ୍ଚଳରେ ସୁଖ ନିଦ୍ରା ଯାଇଥାନ୍ତି। କାର୍ତ୍ତିକଠାରୁ ବୈଶାଖ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଛଅମାସ କାଳ ବଦ୍ରୀନାଥ ମନ୍ଦିର ଦ୍ୱାର ବନ୍ଦ ରହେ।

ଅଦ୍ୱୈତ ମତବାଦର ପ୍ରଣେତା ଆଦି ଶଙ୍କରାଚାର୍ଯ୍ୟ ସ୍ୱପ୍ରତିଷ୍ଠିତ ସନ୍ନ୍ୟାସୀ ସଂପ୍ରଦାୟକୁ ଦଶ ଭାଗରେ ଯଥା- ତୀର୍ଥ, ଆଶ୍ରମ, ବନ, ଅରଣ୍ୟ, ଗିରି, ପର୍ବତ, ସାଗର, ପୁରୀ, ଭାରତୀ ଓ ସରସ୍ୱତୀ, ବିଭକ୍ତ କରି ସେମାନଙ୍କ ବ୍ୟବହାର ପାଇଁ ଭାରତର ଚତୁର୍ଦ୍ଦିଗରେ ଚାରିଟି ମଠ ତାଙ୍କର ଚାରିଜଣ ଶିଷ୍ୟଙ୍କ ଅଧିନରେ ସ୍ଥାପନ କରିଥିଲେ ଓ ପ୍ରତ୍ୟେକ ମଠରେ ଦେବ, ଆଚାର୍ଯ୍ୟ ଏବଂ ମଠ ସେବକ ବ୍ରହ୍ମଚାରୀ ନିଯୁକ୍ତ କରିଥିଲେ। ସେହି ଚାରିଗୋଟି ମଠ ଆଜି ପର୍ଯ୍ୟନ୍ତ ଶିଷ୍ୟ ପ୍ରଶିଷ୍ୟାନୁକ୍ରମେ ମଠଧାରୀମାନଙ୍କ ଦ୍ୱାରା ପରିଚାଳିତ ହୋଇ ଆସୁଅଛି। ପଶ୍ଚିମରେ ଦ୍ୱାରକାସ୍ଥିତ ଶାରଦା ମଠରେ ପୀଠାଧିକାରୀଙ୍କ ନାମ ହସ୍ତାମଳକାଚାର୍ଯ୍ୟ। ଦଶନାମୀ ସନ୍ନ୍ୟାସୀମାନଙ୍କ ମଧ୍ୟରୁ ତୀର୍ଥ ଓ ଆଶ୍ରମ ନାମଧାରୀ ସନ୍ନ୍ୟାସୀମାନଙ୍କ ବାସ ନିମିତ୍ତ ଏହି ମଠଟି ଉତ୍କୃଷ୍ଟ। ପୂର୍ବରେ ପୁରୀସ୍ଥିତ ଗୋବର୍ଦ୍ଧନ ମଠରେ ପୀଠାଧିକାରୀଙ୍କ ନାମ ପଦ୍ମପାଦାଚାର୍ଯ୍ୟ। ବନ ଓ ଅରଣ୍ୟ ନାମଧାରୀ ସନ୍ନ୍ୟାସୀମାନଙ୍କ ନିମିତ୍ତ ଏହି ମଠଟି ଉତ୍କୃଷ୍ଟ। ଉତ୍ତରରେ ବଦରିକାଶ୍ରମସ୍ଥିତ ଯୋଶୀ ମଠ ବା ଜ୍ୟୋତିଃ ମଠରେ ପୀଠାଧିକାରୀଙ୍କ ନାମ ତ୍ରୋଟକାଚାର୍ଯ୍ୟ। ଗିରି, ପର୍ବତ ଓ ସାଗର ନାମଧାରୀ ସନ୍ନ୍ୟାସୀମାନଙ୍କ ବାସ ନିମିତ୍ତ ଏହି ମଠଟି ଉତ୍କୃଷ୍ଟ। ଦକ୍ଷିଣରେ ଶୃଙ୍ଗେରୀ ଯଥା ଋଷ୍ୟଶୃଙ୍ଗାଶ୍ରମ ମଠରେ ପୀଠାଧିକାରୀଙ୍କ ନାମ ସୁରେଶ୍ୱରାଚାର୍ଯ୍ୟ। ପୁରୀ, ଭାରତୀ ଓ ସରସ୍ୱତୀ ନାମଧାରୀ ସନ୍ନ୍ୟାସୀମାନଙ୍କ ବାସାର୍ଥେ ଏହା ଉତ୍କୃଷ୍ଟ।

ଜଗନ୍ନାଥ ମନ୍ଦିର ଯାହା ବଡ଼ଦେଉଳ, ଶ୍ରୀମନ୍ଦିର ନାମରେ ମଧ୍ୟ ଜଣା। ଓଡ଼ିଶାର ପୁରୀ ସହରର ମଧ୍ୟଭାଗରେ ଅବସ୍ଥିତ। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ପୂଜିତ ହେଉଥିବା ଏକ ପୁରାତନ ଦେଉଳ। ଓଡ଼ିଶାର ସଂସ୍କୃତି ଏବଂ ଜୀବନଶୈଳୀ ଉପରେ ଏହି ମନ୍ଦିରର ସବିଶେଷ ସ୍ଥାନ ରହିଛି। କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ଏହି ଦେଉଳ ବିଶ୍ୱର ପୂର୍ବ-ଦକ୍ଷିଣ ଯାହାକୁ ଅଗ୍ନିକୋଣରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ, ପୁରୀର ଅଗ୍ନିକୋଣରେ ଶ୍ରୀବସ୍ତଖଣ୍ଡଶାଳ ରୀତିରେ ନିର୍ମିତ ବଡ଼ଦେଉଳ ଏବଂ ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ। ଏହା ମହୋଦଧିତୀରେ ଥିଲେ ହେଁ ଏଠାରେ କୂଅ ଖୋଳିଲେ ଲୁଣପାଣି ନଝରି ମଧୁରଜଳ ଝରିଥାଏ। ୧୯୭୫ ମସିହାରେ ଶ୍ରୀମନ୍ଦିରକୁ ଜାତୀୟ କୀର୍ତ୍ତି ରୂପେ ଘୋଷଣା କରାଯାଇଛି। ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ଅନଙ୍ଗବର୍ମା ଚୋଡ଼ଗଙ୍ଗ ଦେବ ବର୍ତ୍ତମାନ ବଡ଼ଦାଣ୍ଡ ପତନଠାରୁ ୨୧୪ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅନଙ୍ଗ ଭୀମଦେବ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ। ଏହା ଦଶ ଏକର ଆୟତନ ବିଶିଷ୍ଟ ଜମି ଉପରେ ଅବସ୍ଥିତ। ୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ। ଏହାର ଦୈର୍ଘ୍ୟ ୬୬୫ ଫୁଟ ଓ ପ୍ରସ୍ଥ ୬୪୦ ଫୁଟ, ଉଚ୍ଚତା ୨୨ ଫୁଟ ଓ ସ୍ଥାନେ ସ୍ଥାନେ ୨୦ରୁ ୨୪ ଫୁଟ ଉଚ୍ଚତା ମଧ୍ୟ ରହିଥିବା ଦେଖାଯାଇଛି। ମେଘନାଦ ପାଚେରି ପରେ କୂର୍ମ ବେଢ଼ାର ଦୈର୍ଘ୍ୟ ୪୨୦ ଫୁଟ, ୩୫୦ ଫୁଟ ପ୍ରସ୍ଥ ଓ ୨୦ ଫୁଟ ଉଚ୍ଚତାରେ ନିର୍ମିତ ହୋଇଛି।

ଶ୍ରୀମନ୍ଦିରର ଶୋଭା ନୀଳଚକ୍ର ବୃଦ୍ଧି କରୁଛି ଓ ଏହା ଉପରେ ପତିତପାବନ ବାନା ଫର ଫର ହୋଇ ଉଡି ଅଗଣିତ ଭକ୍ତ, ପାପୀ ତପୀଙ୍କୁ ନିଜ ପାଖକୁ ଟାଣି ଆଣି ଅଭୟ ଦେଉଛି ଓ ଶରଣ ପଞ୍ଜର ନାମକୁ ସାର୍ଥକ କରୁଛି। ବର୍ତ୍ତମାନର ଶ୍ରୀମନ୍ଦିର ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କଦ୍ୱାରା ନିର୍ମିତ ଓ ଏହା ଏକାଦଶ ଶତାବ୍ଦୀର ବିଷୟ। ଏଥିପୂର୍ବରୁ ଶ୍ରୀମନ୍ଦିରର ନାଭିକଟା ମଣ୍ଡପ ଓ ଶ୍ରୀଜଗନ୍ନାଥଙ୍କ ପାଦୁକାନଳା ମଧ୍ୟବର୍ତ୍ତୀ ସ୍ଥାନରେ ଦକ୍ଷିଣାଭିମୂଖୀ ଭାବେ ଅବସ୍ଥିତ ଥିବା ଜଣାଯାଏ। ଉକ୍ତ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ କିମ୍ବା ତୃତୀୟ ଶତକର ବୋଲି କେହି କେହି ପ୍ରତ୍ନତାତ୍ତ୍ୱିକ ପରିଦୃଶ୍ୟମାନ ଭଗ୍ନ ମନ୍ଦିରର ମୂଳଭିତ୍ତିରୁ ଅନୁମାନ କରନ୍ତି। ଏହି ମନ୍ଦିରର ମୂଳଭିତ୍ତି ଉପରେ ବର୍ତ୍ତମାନ ଅମୁହଁ ଦେଉଳ ବା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅବସ୍ଥିତ। ବର୍ତ୍ତମାନ ମଧ୍ୟ ଏହି ମନ୍ଦିରର ମୁଖ ଶ୍ରୀଜଗନ୍ନାଥଙ୍କ ବାହାର ଗମ୍ଭୀରା ବା ଜଗମୋହନ ଦିଗକୁ ରହିଛି। ପୂର୍ବ ଦିଗସ୍ଥ ଜୟବିଜୟ ଦ୍ୱାର ବ୍ୟତୀତ ଭକ୍ତ ଗମ୍ଭୀରାକୁ ଗମନାଗମନର ଅପର ଏକ ଦ୍ୱାର ଦକ୍ଷିଣାଭିମୁଖରେ ଅବସ୍ଥିତ। ବେଢ଼ା ମଧ୍ୟରୁ ଉକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ହେଲେ ଦ୍ୱାରଦେଶରେ ପହଞ୍ଚିବା ନିମନ୍ତେ କେତୋଟି ପାହାଚ ଚଢ଼ିବାକୁ ପଡେ। ଉକ୍ତ ପାବଚ୍ଛ ଶ୍ରେଣୀର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ବିଦ୍ୟମାନ। ତେଣୁ ଏହାକୁ ଏକ ସିଂହଦ୍ୱାର କୁହାଯାଇପାରେ। ଦ୍ୱାର ପ୍ରବେଶ ପଥର ପୂର୍ବରେ ମାଜଣା ମଣ୍ଡପ ଓ ପଶ୍ଚିମରେ ଦକ୍ଷିଣି ଘର ଅବସ୍ଥିତ। ଉକ୍ତ ପ୍ରବେଶ ପଥର ଅନତି ଦୂରର ଦକ୍ଷିଣରେ ମୁକ୍ତିମଣ୍ଡପ, ଯେଉଁ ସ୍ଥାନରେ କି ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥାଏ। ମୁକ୍ତି ମଣ୍ଡପର ପଶ୍ଚିମ ଦିଗରେ ଶ୍ରୀନୃସିଂହ ମନ୍ଦିର ବା ପୁରୁଷୋତ୍ତମ ମନ୍ଦିର ଏବଂ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଛି। କ୍ଷେତ୍ରପାଳ ମନ୍ଦିରର ମୁଖ ଦକ୍ଷିଣ ଦିଗକୁ ଏବଂ ଏହି ମନ୍ଦିରରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ ମଧ୍ୟ ବିଗ୍ରହର ପଶ୍ଚାତ ଭାଗର ଭିତ୍ତିଚିତ୍ର ଶିବଙ୍କର ନହୋଇ ଭୈରବ ନାମରେ ଅଭିହିତ। ମନ୍ଦିରର ତିନି ପାର୍ଶ୍ୱରେ କାର୍ତ୍ତିକ, ପାର୍ବତୀ ଓ ଗଣେଶଙ୍କ ପରିବର୍ତ୍ତେ ନୃମୁଣ୍ଡମାଳିନୀ ଖଡ୍ଗଧାରିଣୀ ଭୈରବୀ ମୂର୍ତ୍ତିମାନ ରହିଛନ୍ତି। ଏଥିମଧ୍ୟରୁ ପୂର୍ବ ପାର୍ଶ୍ୱଗଡା ଭୈରବୀ କୁତାମଚଣ୍ଡୀ ରୂପେ ସର୍ବଜନ ପରିଚିତା ଓ ଆରାଧିତା ଅଟନ୍ତି। ମନ୍ଦିରର ପୂର୍ବଦିଗରେ ଅନନ୍ତଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ, ପଶ୍ଚିମରେ ମୁକ୍ତିମଣ୍ଡପ ଏବଂ ଉତ୍ତର ଦିଗରେ ସୂର୍ଯ୍ୟ ପୂଜା ମଣ୍ଡପାଦିଦ୍ୱାରା ପରିବେଷ୍ଟିତ ରହି ଏକ ପ୍ରକାର ଅବହେଳିତ ତଥା ଲୋକଲୋଚନର ଅଗୋଚରରେ ରହିଛି କ୍ଷ କିମ୍ବଦନ୍ତୀ ମତେ ଭାନୁଦେବ ନାମରେ ଜଣେ ନିଃସନ୍ତାନ ରାଜା ଜମ୍ବେଶ୍ୱରଙ୍କୁ ଆରାଧନା କରି ସୁନ୍ଦର ପୁତ୍ର ସନ୍ତାନଟିଏ ଲାଭକଲେ। ଜାତକ ତିଆରି କଲାବେଳେ ରାଜା ଜାଣିଲେ ତାଙ୍କ ପୁତ୍ରର ଆୟୁଷ କେବଳ ୨୨ବର୍ଷ। ପୁତ୍ରର ଅଳ୍ପାୟୁ ବାବଦରେ ଅବଗତ ହୋଇ ରାଜା ଭାନୁଦେବ ପୁନଶ୍ଚ ଜମ୍ବେଶ୍ୱରଙ୍କୁ ଆରାଧନା କଲେ। ଜମ୍ବେଶ୍ୱର ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀମନ୍ଦିର ଭିତରେ ବାଇଶି ପାହାଚ ନିର୍ମାଣ କରିବାକୁ ଆଜ୍ଞା ଦେଲେ। ରାଜା ବାଇଶି ପାହାଚ ନିର୍ମାଣ କରି ତାଙ୍କ ସନ୍ତାନର ଆୟୁ ବୃଦ୍ଧି ପାଇଁ ସେହି ବାଇଶି ପାହାଚରେ ଗଡ଼ାଇ ଦେଇଥିଲେ। ଶ୍ରଦ୍ଧାଳୁମାନେ ସେଥିପାଇଁ ନିଜ ନିଜ ପିଲାମାନଙ୍କର ଆୟୁଷ ବୃଦ୍ଧି ନିମନ୍ତେ ବାଇଶି ପାହାଚରେ ଗଡ଼ାଇ ଦେଇଥାନ୍ତି।

ମୁଖ୍ୟ ଦେଉଳଟି ପଞ୍ଚରଥ ଶୈଳୀରେ ନିର୍ମିତ। ଦେଉଳ ଚାରିପଟେ 'ମେଘନାଦ ପାଚେରୀ' ଯାହା ୬୬୫ଫୁଟ ଦୈର୍ଘ୍ୟ, ୬୪୦ଫୁଟ ପ୍ରସ୍ଥ ଓ ୨୦ରୁ ୨୪ଫୁଟ ଉଚ୍ଚତା ରହିଛି। ମେଘନାଦ ପାଚେରୀ ଭିତର ପଟେ 'କୂର୍ମ ପାଚେରୀ' ଯାହା ୪୨୦ଫୁଟ ଦୈର୍ଘ୍ୟ ଓ ୩୧୫ଫୁଟ ପ୍ରସ୍ଥ ନାମକ ଆଉ ଏକ ପାଚେରୀ ରହିଛି। କୂର୍ମ ପାଚେରୀ ମଝିରେ ଥିବା 'କୂର୍ମବେଢ଼ା' ମଝି ଭାଗରେ ବଡ଼ଦେଉଳ। ଦେଉଳଟି ଚାରି ଭାଗରେ ବିଭକ୍ତ କ୍ଷ ବିମାନ ଯାହାକୁ ମୁଖ୍ୟ ମନ୍ଦିର ବା ଗର୍ଭଗୃହ କୁହଯାଏ କ୍ଷ ତାପରେ ଜଗମୋହନ ବା ମୁଖଶାଳା। ତା'ପରେ ନାଟମଣ୍ଡପ ଶେଷରେ ଭୋଗମଣ୍ଡପ। ଭୋଇବଂଶ ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ମନସିଂହଙ୍କ ପତ୍ନୀ ଗୌରୀ ମହାଦେବୀ ମୁକ୍ତିମଣ୍ଡପର ନିର୍ମାଣ କରାଇଥିଲେ। ୩୮ ଫୁଟ ଦୈର୍ଘ୍ୟ ଓ ୩୮ ଓସାରର ଓ ୧୬ଟି ସ୍ତମ୍ଭ ବିଶିଷ୍ଟ ମୁକ୍ତି ମଣ୍ଡପ ନିର୍ମାଣ କରାଯାଇଥିଲା। ଶ୍ରୀମନ୍ଦିର ଗର୍ଭଗୃହର ଆକାର ଉଭୟ ଲମ୍ବ ଓ ପ୍ରସ୍ଥରେ ୩୦ ଫୁଟ ଲେଖାଏଁ ଓ ଉଚ୍ଚତା ୪୮ ଫୁଟ। ଗର୍ଭଗୃହରେ ପ୍ରତିଷ୍ଠିତ ରତ୍ନସିଂହାସନ ଯାହା ୧୬ଫୁଟ ଦୈର୍ଘ୍ୟ, ୧୩ଫୁଟ ପ୍ରସ୍ଥ ଓ ୪ଫୁଟ ଉଚ୍ଚତା ଉପରେ କାଷ୍ଠ ନିର୍ମିତ କନକ ମୁଣ୍ଡି ରହିଛି। ଜଗମୋହନର ଉଚ୍ଚତା ୧୦୦ ଫୁଟ।ଧ କନକ ମୁଣ୍ଡିର ତଳେ ଏକ ବିରାଟ ଚାନ୍ଦୁଆ ଆବରଣ ହୋଇଛି। ଏହି ରତ୍ନବେଦୀ ଉପରେ ତିନୋଟି କଳା ମୁଗୁନି ପ୍ରସ୍ତରର ଚକା ରହିଛି, ଯାହା ଉପରେ ଚତୁର୍ଦ୍ଧା ଦାରୁମୂର୍ତ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଅଧିଷ୍ଠିତ ହୋଇଛନ୍ତି। ଚତୁର୍ଦ୍ଧା ଦାରୁମୂର୍ତ୍ତିଙ୍କ ସହ ନୀଳମାଧବ ଏବଂ ଶ୍ରୀଦେବୀ ଯାହା ଲକ୍ଷ୍ମୀଙ୍କ ସୁବର୍ଣ୍ଣ ମୂର୍ତ୍ତୀ ଓ ଭୂଦେବୀ ଯାହା ସରସ୍ୱତୀଙ୍କ ରୂପା ମୂର୍ତ୍ତି ମଧ୍ୟ ରତ୍ନସିଂହାସନାସୀନ। ରତ୍ନସିଂହାସନ ଚାରିପଟେ ପରିକ୍ରମା କରିବା ପାଇଁ ବାଟ ଅଛି। ଶ୍ରୀମନ୍ଦିର ରୋଷ ଘରେ ସ୍ୱତ୍ୱଲିପି ମୁତାବକ ୨୪୦ଟି ଚୂଲି ଅଛି ଓ ସେଥିମଧ୍ୟରୁ ଚୂଲି କୋଠ ଭୋଗ ଚୂଲି ରୂପେ ପରିଚିତ। ଶ୍ରୀମନ୍ଦିରରେ ବିରାଜିତ ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ନାନାଦି ନୈବେଦ୍ୟ ଭୋଗ ଲାଗି କରାଯାଇଥାଏ। ସେଥି ମଧ୍ୟରୁ ଦୁଇଟି ପ୍ରମୁଖ ନୈବେଦ୍ୟ ହେଉଛି ବଲ୍ଲଭ ଭୋଗ ଓ ସକାଳ ଧୂପ। ଏହିପରି ଆହୁରି ବହୁତ କିଛି ରହିଛି ପବିତ୍ର ପୁରୀ ଧାମରେ।

# ମାଆ ପାଇଁ ପଦେ...



ଶ୍ରୁତକୀର୍ତ୍ତି ତ୍ରିପାଠୀ
ବିବେକାନନ୍ଦ ମାର୍ଗ , ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

ଗପଟିଏରୁ ଆରମ୍ଭ କରିବା...ପାଞ୍ଚ ବର୍ଷର ପିଲାଟିଏ ବିଦ୍ୟାଳୟରୁ ଫେରି ମାଆକୁ କୁଣ୍ଢେଇ ପକେଇ ଜୋରରେ ଜାବୁଡି ଧରିଲା। କିଛି ସମୟ ପାଇଁ ଆଖି ବନ୍ଦ କରି ସେମିତି ମାଆଙ୍କୁ କୁଣ୍ଢେଇ ବସିଥାଏ, ମାଆ ମନକୁ କେତେ କଥା ଯେପରିକି 'ମୋ ପୁଅକୁ କିଏ କ'ଣ କହିଲା କି?', 'ପୁଅ କ'ଣ ଆଜି କିଛି ବଡ଼ କାମ କରି ଆସିଛି କି?', 'ପୁଅ ମୋତେ କିଛି କହିବାକୁ ଚାହୁଁଛି କି?'... ଏଭଳି ଅନେକ ପ୍ରଶ୍ନ ତା' ମନକୁ ଆସୁଥାଏ... ଶେଷରେ ମାଆ ପଚାରିଲେ, 'କ'ଣ ହେଲା ପୁଅ, ତୁ କ'ଣ ପାଇଁ ମୋତେ ଏମିତି ଜାବୁଡ଼ି ଧରି ବସିଛୁ?' ପୁଅର ସରଳ ଉତ୍ତର, 'ମାଆ ତୁ ଦୁନିଆଁର ସବୁଠାରୁ ଭଲ ମାଆ'! ମାଆ ଆଶ୍ଚର୍ଯ୍ୟ ହୋଇ କହିଲେ, 'ଆଚ୍ଛା, ତୁ କେମିତି ଜାଣିଲୁ ତୋ ମାଆ ଦୁନିଆଁର ସବୁଠାରୁ ଭଲ ମାଆ ବୋଲି, ତୁ କ'ଣ ଦୁନିଆଁର ସବୁ ମାଆଙ୍କୁ ଦେଖିଛୁ?, ତାଙ୍କ ସହ ମିଶିଛୁ?' ନିରୀହ ଭାବରେ ପୁଅ କହିଲା, 'ମାଆ, ତୁ ପରା ମୋର ଦୁନିଆଁ!!' କହିବା ବାହୁଲ୍ୟ ମାଆ ଆଖିରେ ଲୁହର ଧାର ଥିଲା, ଯାହା କୌଣସି ଶବ୍ଦଠାରୁ ବହୁଗୁଣରେ ମୂଲ୍ୟବାନ! ଗପଟିର ଭାବାର୍ଥ ହେଲା, ମାଆର ଉପସ୍ଥିତି ହିଁ ସନ୍ତାନ ଜୀବନର ସାର୍ଥକତା।

କଥାରେ ଅଛି, 'ଭଗବାନ ସବୁବେଳେ ସବୁ ସ୍ଥାନରେ ଉପସ୍ଥିତ ହୋଇପାରନ୍ତି ନାହିଁ, ସେଥିପାଇଁ ସେ 'ମାଆ'ମାନଙ୍କୁ ସୃଷ୍ଟି କରିଛନ୍ତି। ଏଣୁ ପ୍ରତି କାମ ପାଇଁ ଆମେ ଭଗବାନଙ୍କ ଆଶୀର୍ବାଦ ସହ ମାଆଙ୍କର ଆଶୀର୍ବାଦ ଓ ସହାୟତା ନିଶ୍ଚୟ ଲୋଡିଥାଉ। ଆମ ସମସ୍ତଙ୍କ ଜୀବନରେ, ପରିବାର ଭିତରେ ଏବଂ ଘରେ ଭଗବାନରୂପୀ ମାଆଟିଏ ସର୍ବଦା ରହିଥାନ୍ତି। ଏମିତି ନିଜ ପିଲା ବିଷୟରେ କିଛି କଥା ଥିବ, ଆଉ ତା' ବିଷୟରେ ମାଆ ଜାଣି ନଥିବ, ସେଇଟା ବୋଧେ ଅସମ୍ଭବ। ହଁ, ଏଇଟା ଅଲଗା କଥା ଯେ ପିଲା ଜାଣିପାରେ ନାହିଁ ଯେ ମାଆ ତା' ବିଷୟରେ ସବୁ ଟିକିନିଖି ଜାଣିଛି।

ସନ୍ତାନର ଭୁଲ୍, ଠିକ୍, ସାମର୍ଥ୍ୟ, ଦୁର୍ବଳତା ସବୁ ବିଷୟରେ ଅବଗତ ଥାଏ ମାଆ, ତଥାପି ତା' ଛଡା ଆଉ କେହି ଏହା ପାଇଁ ତା ପିଲାଙ୍କୁ ଆକଟ କରନ୍ତୁ, ଦୋଷ ଦିଅନ୍ତୁ, ସେ ଜମା ଚାହେଁନାହିଁ। ସେଥିପାଇଁ ତ ଆଜୀବନ ଆମର ସବୁ ଲକ୍ଷଣ ଉପରେ ନଜର ରଖି ସମୟ ସହିତ ତାକୁ ସୁଧାରିବାକୁ ଚେଷ୍ଟା କରେ ସେ। ଭଲଗୁଣ ଗୁଡ଼ିକ ପାଇଁ ଗର୍ବରେ ଛାତି ଫୁଲେଇ ଚାରିଆଡେ କହିବୁଲେ ତ ମନ୍ଦଗୁଣ ପାଇଁ ଆମକୁ ପଛରେ ରଖି ଦୁନିଆଁ ଆଗରେ ଛିଡା ହୋଇଯାଏ। ଦୁନିଆଁର ସବୁ ଖୁସି ଯେମିତି ଆମକୁ ମିଳୁ, ଜୀବନରେ ଯେପରି ଦୁଃଖ, କଷ୍ଟର ଲେଶ ମାତ୍ର ନରହୁ, ତା'ପାଇଁ ଅଜୀବନ ପରମେଶ୍ୱରଙ୍କୁ ଡାକୁଥାଏ। ପିଲାମାନେ ହେଲେ କେବେ ରାଗି, ଅଭିମାନ କରି ମାଆକୁ କଡା କଥା କହିଦେଇଥିବି, ହେଲେ ସେ ତା' ଜୀବନ କାଳରେ ପିଲାଙ୍କୁ ଅବହେଳା କରିବା, ତାଙ୍କ ପ୍ରତି ଅନ୍ୟାୟ କରିବା କେବେ ଦେଖାଯାଏ ନାହିଁ।

ସନ୍ତାନ ସହ ମାଆର ସମ୍ପର୍କ ଜନ୍ମ ହେବା ପୂର୍ବରୁ, ଅର୍ଥାତ; ଯେଉଁ ଦିନରୁ ସେ ନାଭିସଂଲଗ୍ନ ହୁଏ। ନିଜକୁ କଷ୍ଟ ଦେଇ ସନ୍ତାନକୁ ଜନ୍ମଦେବା ସତ୍ତ୍ୱେ ସେହି କଷ୍ଟକୁ ମାଆଟିଏ ଭୋଗେ ଏବଂ ସେଥିରେ ପରମ ଶାନ୍ତି ଓ ଆତ୍ମତୃପ୍ତି ବି ଲାଭ କରେ। ସୃଷ୍ଟିର ଏ ଅଦ୍ଭୁତ ଯାଦୁକରୀ ନୁହେଁ ତ ଆଉ କ'ଣ! ମାଆ ଓ ବାପା ଉଭୟ ସନ୍ତାନ ପାଇଁ ନିଜର ସବୁକିଛି ଉତ୍ସର୍ଗ କରିଦିଅନ୍ତି, କିନ୍ତୁ ମାଆ ହିଁ ପିଲାକୁ ପରିଚୟ କରାଏ ସର୍ବପ୍ରଥମେ ତା'ର ପିତା, ପରିବାର, ବନ୍ଧୁ ଏବଂ ଶେଷରେ ସମାଜ ସହ। ସେ ହିଁ ଏକାଧାରରେ ଚଳଣି, ପରମ୍ପରା, ସଂସ୍କାର, ଆଚରଣ, ଚିନ୍ତାଧାରାର ଉଚିତ ଶିକ୍ଷା ଦିଏ। ସେଥିପାଇଁ ତ ପ୍ରତିଟି ବ୍ୟକ୍ତିର ସଫଳତା ପଛରେ ଅନେକାଂଶରେ ମାଆର ହିଁ ହାତ ରହିଥାଏ।

ଘର ସଫାସୁତୁରା, ଠାକୁରପୂଜା, ରୋଷେଇବାସ, ପୁରା ଘରକୁ ତଦାରଖ କରି ଯତ୍ନନେବା, ସମସ୍ତେ ଭଲରେ ଖାଇଲେ କି ନାହିଁ ଦେଖିବା, ଦେହ ପା' ଅସୁସ୍ଥ ହେଲେ ସେବା ଦେଇ ସୁସ୍ଥ କରେଇବା, ତା'ରି ଭିତରେ କୁଣିଆ, ମଇତ୍ର ଦେଖାଶୁଣା, ନାନାଦି ପୂଜା, ବ୍ରତ ଓଷା, ବିବାହ, ବ୍ରତ, ଶୁଦ୍ଧିଘର, ଜନ୍ମଦିନ ଗୁଡିକୁ ଠିକ୍‌ଠିକ୍ ସମୟରେ ପହଞ୍ଚି ନିଜ ଦାୟିତ୍ୱ ନିର୍ବାହ କରିବା। ଏତେଗୁଡ଼ିଏ କାମ, ମାଆ ଏକୁଟିଆ ଅବିରତ କରି ଚାଲେ। ଆଜିକାଲି ତ ମାଆମାନେ ଏସବୁ କାମ ସହ ବାହାରେ ଚାକିରୀ ମଧ୍ୟ କଲେଣି। ନିଜକୁ କଷ୍ଟ ହେଉ ପଛେ ଘର, ସ୍ୱାମୀ, ପିଲାମାନଙ୍କର କିଛି ଅସୁବିଧା ନହେଉ, ତା'ପାଇଁ ସେମାନେ ଚେଷ୍ଟିତ, ବିବ୍ରତ। ସେଥିପାଇଁ ତ' ମାଆ' କେବଳ ଗୋଟିଏ ଶବ୍ଦ ନୁହେଁ, ଗୋଟେ ଆବେଗ, ଏମିତି ଗୋଟିଏ ବ୍ୟକ୍ତିତ୍ୱ ଯିଏ ଅନ୍ୟ ସବୁ ସମ୍ପର୍କ ସହ ସେତୁ ଭଳି କାମ କରେ।

ମାଆଙ୍କୁ ଆଜିକାଲି ପିଲାମାନେ କିଏ କେତେ ନାମରେ ଡାକିଲେଣି, ମାମା, ମମ୍ମି, ମମ୍। ମାତ୍ର ଶବ୍ଦ ଯାହା ହେଉ ନା କାହିଁକି ମାତୃତ୍ୱର ଭାବ ସବୁଠି ସମାନ। ସ୍ନେହ, ଆଦର, ଭଲପାଇବା, କ୍ଷମା କରିବା ମାଆଟିର ସବୁବେଳେ ସମାନ। ସେ ତା ପିଲାଙ୍କୁ ଏତେ ଭଲ ପାଏ ଯେ ପ୍ରତିଥର ତା'ର ଦୁର୍ବ୍ୟବହାର, ଅଝଟପଣ, ରାଗ, ଅଭିମାନ ସବୁକୁ କ୍ଷମା ଦେଇ କେବଳ ସ୍ନେହ ଓ ଆଶୀର୍ବାଦ ହିଁ ଫେରାଇଥାଏ। ପିଲାମାନେ ମନଖୋଲି ସବୁକଥା ମାଆକୁ କୁହନ୍ତି, ତାକୁ ଖରାପ ଲାଗିବ, କଷ୍ଟ ହେବ ନ ଭାବି ନିଜର ପ୍ରତ୍ୟେକ ଆବଶ୍ୟକତା, ଖୁସିକୁ ଜାହିର କରନ୍ତି, ଆଉ ସେସବୁକୁ ଶୁଣିଲା ମାତ୍ରେ ପୂରଣ କରିବାରେ ଲାଗିପଡେ ସେ। ଏହା ପାଇଁ ବେଳେବେଳେ ତାକୁ ସ୍ୱୟଂ ନିଜ ସ୍ୱାମୀ, ପରିବାର, ବନ୍ଧୁବାନ୍ଧବ ଏପରିକି ସମାଜ ସହ ମଧ୍ୟ ଯୁଝିବାକୁ ହୁଏ; କିନ୍ତୁ ସେ ସବୁ ହସି ହସି ସହିଯାଏ। ସେଥିପାଇଁ ତ ଶୈଶବ ହେଉ ବା ବାର୍ଦ୍ଧକ୍ୟ, ଜଣେ କିଛି କଷ୍ଟ ଅନୁଭବିଲେ କିମ୍ବା କିଛି ସମସ୍ୟାର ସମ୍ମୁଖୀନ ହେଲେ ଅନାୟାସରେ ତା' ପାଟିରୁ 'ବୋଉଲୋ' ବା 'ମାଆଲୋ' ଶବ୍ଦଟି ବାହାରି ଆସେ। ଏହା ମାଆର ସନ୍ତାନ ପ୍ରତି ନିଃସ୍ୱାର୍ଥପର ଭଲ ପାଇବା ନୁହେଁ ତ ଆଉ କ'ଣ?

ମାଆକୁ ଥରେ ହରେଇଲେ, ସେ ସ୍ଥାନ କେହି ନେଇ ପାରନ୍ତି ନାହିଁ। ବ୍ୟକ୍ତିର ଜୀବନ କାଳ ମଧ୍ୟରେ ଏହି ଅପୂରଣୀୟ କ୍ଷତିର ଭରଣା କେବେ ନା ହୋଇଛି ନା ଭବିଷ୍ୟତରେ କେବେ ହୋଇପାରିବ। ସେଥିପାଇଁ ମାଆ ଥାଉ ଥାଉ ତା'ର ମହତ୍ତ୍ୱ ବୁଝିବା ଦରକାର। ଆଜିକାଲିର ପରିବର୍ତ୍ତିତ ସମାଜରେ କେଉଁଠି କେଉଁଠି ଦେଖିବାକୁ ମିଳୁଛି ଯେ ବାର୍ଦ୍ଧକ୍ୟରେ ବାପାମାଆଙ୍କୁ ସନ୍ତାନମାନେ ବୃଦ୍ଧାଶ୍ରମକୁ ପଠେଇଦେଉଛନ୍ତି। ବାସ୍ତବରେ ଏଭଳି ଚିନ୍ତାଧାରା ରଖୁଥିବା ଏବଂ ଏଭଳି ଘୃଣିତ କାର୍ଯ୍ୟ କରୁଥିବା ଲୋକଙ୍କ ଠାରୁ ହତଭାଗା ଆଉ କେହି ନାହାନ୍ତି ଏ ସଂସାରରେ। ଆଜୀବନ ଶ୍ରମ, ଅଭିଜ୍ଞତା, ତପସ୍ୟାରେ ତିଆରି ହୋଇଥିବା ଏକ ପରିବାର ପାଇଁ ମାଆବାପାଙ୍କ ଉପସ୍ଥିତି ଏକ ବରଦାନ ସଦୃଶ, ଏହାକୁ ଏବେର ପିଢ଼ି ବୁଝିବା ନିହାତି ଦରକାର। ଏମାନେ ଘରେ ରହିଲେ ବଡ଼ ବଡ଼ ବିପତ୍ତି, ପାରିବାରିକ କଳହ, ଅଶାନ୍ତି, ଭୁଲବୁଝାମଣା ଆଦି ସମସ୍ୟାର ସହଜ ସମାଧାନ ହୁଏ। ଏସବୁ ଉପରେ, ଯିଏ ଘରକୁ ଗୋଟିଏ ବନ୍ଧନରେ ବାନ୍ଧି ରଖିପାରେ ସେ ଆଉ କେହି ନୁହେଁ 'ମାଆ'। ତା'ର ଉଦାରତା, ଜୀବନକୁ ଦେଖିବାର ଦୃଷ୍ଟିଭଙ୍ଗୀ ସମସ୍ତଙ୍କ ଠାରୁ ନିଆରା। ନିଜ ପରିବାରର ପ୍ରତି ସଦସ୍ୟଙ୍କ ମନବୁଝି ଘରକୁ ସୁରୁଖୁରୁରେ ଚଳେଇ ନେବାର ବିଦ୍ଧାଣୀ ସେଇ। ସେଥିପାଇଁ ତ କୁହାଯାଏ, 'ଯଦି ଗୋଟିଏ ପରିବାରରେ 'ମାଆ' ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାର କ୍ଷମତା ରଖିଲେ, ସେ ପରିବାରଟି ସବୁବେଳେ ହସଖୁସିରେ ପୁରିଉଠିବ।

ମାଆ ଜୀବିତ ଥିବା ଅବସ୍ଥାରେ ତାକୁ ସମ୍ମାନ, ଆଦର, ସ୍ନେହ ଦିଅ। ଆତ୍ମୀୟତା ଓ ଶ୍ରଦ୍ଧାର ଦୁଇପଦ କଥା, କିଛି ସମୟ ପାଖରେ ବସି ସେ କ'ଣ କହୁଛି ଶୁଣିବା ଛଡା ସେମାନଙ୍କୁ ଆଉ କିଛି ଅଧିକ ଲୋଡ଼ା ନଥାଏ। ତାକୁ ଭଲ ଖାଇବା, ଭଲ ଘର, ଦାମୀ ଶାଢ଼ୀର ଆବଶ୍ୟକତା ନାହିଁ, ତାକୁ କେତେ ଭଲ ପାଉଛ ଦେଖେଇ ହେବା ପାଇଁ ମାତୃଦିବସ ପାଳନର ଆବଶ୍ୟକତା ନାହିଁ, ଏସବୁ ନକଲେ ମଧ୍ୟ ସେ ସବୁବେଳେ ତା' ପିଲାଙ୍କୁ ଆଶୀର୍ବାଦ ଦେବ, ତା'ର ଶୁଭ ମନାସିବ। ତୁମେ ଭୁଲ ବାଟରେ ଯାଉଥିଲେ ବି ଠାକୁରଙ୍କୁ ତୁମକୁ ସଦ୍‌ବୁଦ୍ଧି ଦେବାକୁ କହିବ। ବଦଳରେ ତୁମେ ତାକୁ ସ୍ୱାର୍ଥହୀନ, ଛଳନାହୀନ, ହୃଦୟଭରା ଭଲ ପାଇବା ଟିକେ ଦିଅ, ଯାହା ପାଇଁ ହିଁ ସବୁବେଳେ ରଙ୍କ। ଏତକ ଯଦି ସେ ପାଇଲେ, ତାଙ୍କୁ ବଞ୍ଚିଥିବା ଭିତରେ ହିଁ ସ୍ୱର୍ଗପ୍ରାପ୍ତିର ଆନନ୍ଦ ଅନୁଭବ ହେବ।

# ରେଡ଼କ୍ରସର ଜଣାଅଜଣା



ବାଦଲ ଭୂୟାଁ
୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼,
ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨

ଆପଣ ସମସ୍ତେ ସାରା ବିଶ୍ୱର ଡାକ୍ତରୀ ସେବା କ୍ଷେତ୍ରରେ ନାଲି ଛକିକୁ ଦେଖିଥିବେ। ଡାକ୍ତରଖାନା, କ୍ଲିନିକ, ଆମ୍ବୁଲାନ୍ସ ଆଦିରେ ଧଳାପୃଷ୍ଠଭୂମିରେ ଲାଲଛକି କିମ୍ବା ସବୁଜ ପୃଷ୍ଠଭୂମିରେ ଧଳାଛକି ବ୍ୟବହାର କରାଯାଏ। ଏହା ପ୍ରାଥମିକ ସେବା ବା ଫାଷ୍ଟଏଡ଼ର ପ୍ରତୀକ। ଏହି ପ୍ରତୀକର ସୃଷ୍ଟି ଇଟାଲୀ। ଏକତ୍ରୀକରଣ ଯୁଦ୍ଧ ସମୟରେ। ଏହି ଯୁଦ୍ଧରେ ଅସଂଖ୍ୟ ସୈନିକ ଓ ବେସାମରିକ ବ୍ୟକ୍ତି ପ୍ରାଣ ହରାଇଥିଲେ। ରେଡ଼କ୍ରସ ସାରା ବିଶ୍ୱରେ ଏପରିକି ଯୁଦ୍ଧ କ୍ଷେତ୍ରରେ ମାନବିକ ଓ ଡାକ୍ତରୀ ସହଯୋଗ ଦେଉଥିବା ସବୁ ଗୋଷ୍ଠୀ, ସବୁ ରେଡ଼କ୍ରସ ସଂଗଠନର ପ୍ରତୀକ। ସହଜରେ ଚିହ୍ନି ହେଉଥିବା ଏହି ପ୍ରତୀକ ଜଣାଇଦିଏ ଯେ ଏହା ପରିଧାନ କରିଥିବା ବ୍ୟକ୍ତି କୌଣସି ସେନାର ଲକ୍ଷ୍ୟ ନୁହେଁ।

ମେ ୮ ତାରିଖକୁ ବିଶ୍ୱ ରେଡ଼କ୍ରସ ଦିବସ ଭାବରେ ପାଳିତ ହୋଇଥାଏ। ୧୮୫୯ରେ ଯୁବ ସ୍ୱିସ୍ ବ୍ୟବସାୟୀ ହେନେରୀ ଡୁନାଣ୍ଟ ଇଟାଲୀର ସୋଲଫେରିନୋ ଠାରେ ଏକ ରକ୍ତାକ୍ତ ଯୁଦ୍ଧରେ ଅସହାୟ ମୃତାହତ ରକ୍ତାକ୍ତ ସୈନିକଙ୍କ ଅବସ୍ଥା ଦେଖି ଯୁଦ୍ଧାହତଙ୍କ ପାଇଁ ଏକ ନିରପେକ୍ଷ ସେବା ସଂସ୍ଥାନ ଗଢ଼ିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ୧୮୬୩ ମସିହାରେ ହେନେରୀ ଡୁନାଣ୍ଟଙ୍କ ତତ୍ତ୍ୱାବଧାନରେ ଅନ୍ୟ ଚାରିଜଣ ସହଯୋଗୀ ଯଥା ଗୁସ୍ତାଭ୍ ମୋୟନିର, ଲୁଇସ୍ ଆପିଆ, ଥିଓଡର ମୌନର ଓ ଗ୍ୟୁଲେମ୍ ହେନେରୀ ଡୁଫରଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଲା ଇଣ୍ଟର ନ୍ୟାସନାଲ କମିଟି ଫର ରିଲିଫ୍ ଟୁ ଦି ଉଣ୍ଡେଡ୍। ପରବର୍ତ୍ତୀ ସମୟରେ ଏହା ଇଣ୍ଟର ନ୍ୟାସନାଲ କମିଟି ଅଫ୍ ଦି ରେଡ଼କ୍ରସରେ ପରିଣତ ହେଲା। ପ୍ରଥମ ଯୁଦ୍ଧ ପରେ ପ୍ୟାରିସ୍ ଠାରେ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ରେଡ଼କ୍ରସ ଆଣ୍ଡ ରେଡ଼କ୍ରେସାଣ୍ଟ ସୋସାଇଟିଜ୍ ଗଠନ ହେଲା। ପ୍ରଥମ ବିଶ୍ୱଯୁଦ୍ଧ ଜଣାଇ ଦେଲା ରେଡ଼କ୍ରସ ସୋସାଇଟିଗୁଡ଼ିକ ମଧ୍ୟରେ ଗଭୀର ସହଯୋଗ ଆବଶ୍ୟକ।

ରେଡ଼କ୍ରସ ସଂଗଠନର ପ୍ରତୀକ ହେଲା ଧଳାପୃଷ୍ଠ ଭୂମିରେ ଲାଲ୍ ଛକି। ଏହା ସ୍ୱିଜରଲ୍ୟାଣ୍ଡ ପତାକାର ଠିକ୍ ବିପରୀତ। ଡୁନାଣ୍ଟ ନିଜ ମାତୃଭୂମିକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହା କରିଥିଲେ। ଇସ୍‌ଲାମୀୟ ଦେଶଗୁଡ଼ିକରେ ଲାଲ ଛକି ବା ରେଡ଼କ୍ରସକୁ ଖ୍ରୀଷ୍ଟଧର୍ମର ପ୍ରତୀକ ଭାବେ ଗ୍ରହଣ କରାଯିବାରୁ ଏସବୁ ଦେଶରେ ରେଡ଼କ୍ରସ ବଦଳରେ ରେଡକ୍ରେସାଣ୍ଟ ବା ଲାଲବକ୍ର ଚନ୍ଦ୍ରାଂଶ ବ୍ୟବହାର କରାଗଲା। ୨୦୦୭ରେ ରେଡ଼କ୍ରିଷ୍ଟାଲ ମଧ୍ୟ ସଂଗଠନର ଅନ୍ୟତମ ପ୍ରତୀକ ଭାବରେ ମାନ୍ୟତା ପାଇଲା। ଇସ୍ରାଏଲରେ ଉଭୟ ରେଡ଼କ୍ରସ ଓ ରେଡ଼କ୍ରେସାଣ୍ଟ ଧର୍ମୀୟ କାରଣରୁ ଗ୍ରହଣଯୋଗ୍ୟ ନହେବାରୁ ସଂଗଠନରେ ଇସ୍ରାଏଲର ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା। ସେହିପରି ତୁର୍କୀ, ପର୍ସିଆ ଓ ଇଜିପ୍ଟ ରେଡ଼ କ୍ରେସାଣ୍ଟ ସହ ରେଡ଼ ଲାୟନ୍‌କୁ ରେଡ଼କ୍ରସର ପ୍ରତୀକ ଭାବରେ ବ୍ୟବହାର କରନ୍ତି। ରେଡ଼ ଲାୟନ୍ ଉପରୋକ୍ତ ତିନିଦେଶ ମଧ୍ୟରେ ସୀମିତ। ବର୍ତ୍ତମାନ ୩୦ଟି ଇସଲାମିକ୍‌ଦେଶ ରେଡ଼କ୍ରେସାଣ୍ଟ ପ୍ରତୀକ ବ୍ୟବହାର କରୁଛନ୍ତି। ୧୮୬୪ ମସିହାରେ ରେଡ଼କ୍ରସର ପ୍ରଥମ ଅନ୍ତରାଷ୍ଟ୍ରୀୟ ସମ୍ମିଳନୀ ଜେନେଭା ଠାରେ ଅନୁଷ୍ଠିତ ହୋଇ ୧୦ଟି ଧାରା ସ୍ୱାକ୍ଷରିତ ହୋଇଥିଲା। ସେତେବେଳେ ସମୁଦାୟ ୧୪ଟି ଦେଶର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ।

ବର୍ତ୍ତମାନ ରେଡ଼କ୍ରସ ସୋସାଇଟିର ସଦସ୍ୟ ରାଷ୍ଟ୍ରଙ୍କ ସଂଖ୍ୟା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ। ସାରା ବିଶ୍ୱରେ ଏହି ସଂଗଠନର ୯୮.୭ ମିଲିୟନ କର୍ମଚାରୀ, ସଦସ୍ୟ ଓ ସ୍ୱେଚ୍ଛାସେବୀ ଅଛନ୍ତି। ଏହି ସଂଗଠନ ତିନିଥର ଯଥା ୧୯୧୭, ୧୯୪୪ ଓ ୧୯୬୩ରେ ନୋବେଲ ଶାନ୍ତି ପୁରସ୍କାର ସମ୍ମାନୀତ ହୋଇଥିଲେ। ରେଡ଼କ୍ରସର ପ୍ରତିଷ୍ଠାତା ହେନେରି ଡୁନାଣ୍ଟ ୧୯୦୧ ମସିହାରେ ପ୍ରଥମ ବ୍ୟକ୍ତି ଭାବରେ ନୋବେଲ ଶାନ୍ତି ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ଆଫଗାନିସ୍ଥାନ ଠାରୁ ଆରମ୍ଭ କରି ଜିମ୍ବାୱେ ପର୍ଯ୍ୟନ୍ତ ବିଶ୍ୱର ୧୮୯ଟି ଦେଶ ରେଡ଼କ୍ରସର ସଦସ୍ୟ। ରେଡ଼କ୍ରସ ବିଶ୍ୱର ସବୁଠାରୁ ପରିଚିତ ଓ ସହଜ ଆଦୃତ ଚିହ୍ନ। ରେଡ଼କ୍ରସର ଅର୍ଦ୍ଧାଧିକ ସ୍ୱେଚ୍ଛାସେବୀ ଯୁବପିଢ଼ୀ। ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମହିଳା। ଜାତୀୟ ରେଡ଼କ୍ରସ ସୋସାଇଟି ଗୁଡ଼ିକ ସ୍ୱଚ୍ଛ ଅବଧି ଓ ଦୀର୍ଘ ଅବଧି ସ୍ୱେଚ୍ଛାସେବୀଙ୍କ ଆବଶ୍ୟକତାକୁ ଦେଖି ତାଲିମ ପ୍ରଦାନ କରନ୍ତି। ରେଡ଼କ୍ରସର ସବୁଠାରୁ ଅଧିକ ସ୍ୱେଚ୍ଛାସେବୀ ଅଛନ୍ତି କାନାଡାରେ। ସେମାନଙ୍କ ସଂଖ୍ୟା ପ୍ରାୟ ୩୪ ହଜାର। ରେଡ଼କ୍ରସ ଓ ରେଡକ୍ରେସାଣ୍ଟ ଅଭିଯାନ ବିଶ୍ୱର ସର୍ବବୃହତ୍ ମାନବିକ କାର୍ଯ୍ୟଶୃଙ୍ଖଳା। ବିପର୍ଯ୍ୟୟ ପରିଚାଳନା ଓ ଉଦ୍ଧାର ରେଡ଼କ୍ରସ ଅଭିଯାନର ସବୁଠାରୁ ବଡ଼ ଅଂଶ। ୨୦୦୪ରୁ ୨୦୨୪ ମଧ୍ୟରେ ରେଡ଼କ୍ରସର କାମ କରିଥିବା ୫୧ ପ୍ରତିଶତ ବିପର୍ଯ୍ୟୟ ପାଣିପାଗ ଯୋଗୁଁ ଘଟିଛି। କେବଳ ୨୦୦୮ରେ ରେଡ଼କ୍ରସ ବିଶ୍ୱବ୍ୟାପୀ ୬୨୩ଟି ବିପର୍ଯ୍ୟୟରେ ଜନତାଙ୍କୁ ସହାୟକ ଦେଇଛି। ଭୟାବହ କରୋନା ସମୟରେ ମଧ୍ୟ ରେଡ଼କ୍ରସର ଉଲ୍ଲେଖନୀୟ ଆନ୍ତର୍ଜାତିକ ସହାୟତା ରହିଥିଲା। ଅନ୍ତରାଷ୍ଟ୍ରୀୟ ରେଡ଼କ୍ରସ ସୋସାଇଟିର ନିଜସ୍ୱ ପାଣ୍ଠି ଅଛି। ପ୍ରତିବର୍ଷ ଏହା ପ୍ରାୟ ୧୫ ମିଲିୟନ ଡଲାର ସଂଗ୍ରହ କରେ। ଏହା ବ୍ୟତୀତ କୌଣସି ଦୁର୍ଘଟଣା ସମୟରେ ମଧ୍ୟ ଏହା ଆବଶ୍ୟକୀୟ ପାଣ୍ଠି ସଂଗ୍ରହ କରେ। ରେଡ଼କ୍ରସର ଦୁଇଟି ସଂଗଠନ ଅଛି - ଇଣ୍ଟରନ୍ୟାସନାଲ କମିଟି ଅଫ୍ ଦି ରେଡ଼କ୍ରସ ଓ ଇଣ୍ଟରନ୍ୟାସନାଲ ଫେଡେରେସନ୍ ଅଫ୍ ରେଡ଼କ୍ରସ ଆଣ୍ଡ ରେଡକ୍ରେସାଣ୍ଟ ସୋସାଇଟିଜ ଆଇସିଆରସି କେବଳ ସଶସ୍ତ୍ର ଯୁଦ୍ଧରେ ପୀଡ଼ିତଙ୍କ ପାଇଁ କାର୍ଯ୍ୟ କରୁଥିବାବେଳେ ଆଇଏଫ୍‌ଆରସି ରେଡ଼କ୍ରସର ଅନ୍ୟ ସମସ୍ତ ଦାୟିତ୍ୱକୁ ଜାତୀୟ ରେଡ଼କ୍ରସ ସୋସାଇଟି ସହଯୋଗରେ ପୂରଣ କରିଥାଏ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲରେ ଜୁନିୟର ରେଡ଼କ୍ରସ ଓ କଲେଜମାନଙ୍କରେ ୟୁଥ୍ ରେଡ଼କ୍ରସ ସୋସାଇଟି ରହିଛି। ଏହାର ନୀତି ହେଉଛି ମାନବିକତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତସେବା, ଏକତା ଓ ସାର୍ବଜନୀନ ଭାବ। ପ୍ରମୁଖ ଲକ୍ଷ୍ୟ ରହିଛି ଶିକ୍ଷା ଓ ତାଲିମ ଦ୍ୱାରା ସୁସ୍ଥ ଜୀବନ, ସ୍ୱାସ୍ଥ୍ୟର ଯତ୍ନ ଓ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ ସୁନ୍ଦର ଜୀବନର ଅଧିକାରୀ କରାଇବା, ଶିକ୍ଷା ଓ ତାଲିମ ଦ୍ୱାରା ସମାଜସେବା ପାଇଁ ଉତ୍ସାହିତ କରିବା, ରେଡ଼କ୍ରସର ମୂଳନୀତି ସଂପର୍କରେ ସଚେତନ କରାଇବା, ମାନବିକତା ଭାବ ସୃଷ୍ଟି କରିବା, ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ମାନବସମ୍ବଳ ଉପରେ ଅଧ୍ୟୟନ କରିବା ଓ ଯୁବକଙ୍କ ମଧ୍ୟରେ ନେତୃତ୍ୱ ଭାବ ସୃଷ୍ଟି କରିବା।



ଭାପୁର(ଭାସ୍କର ନ୍ୟୁଜ): ଭାପୁର ବ୍ଲକର ବିଭିନ୍ନ ଗ୍ରାମରେ ଚାଲିଥିବା ୫୯ ଗୋଟି ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାବେଳେ ସୋମବାର ଦିନ ୧୩ ଗୋଟି ଏବଂ ପୂର୍ବରୁ ଚିଙ୍ଗୁଡ଼ିଗାଡିଆ ମୌଜା ରେ ଅବସ୍ଥିତ ସର୍ବେଶ୍ୱର ନୋଡାଲକୁ ମିଶେଇ ୧୪ଟି ବିଦ୍ୟାଳୟକୁ ଭାପୁର ତହସିଲ ପକ୍ଷରୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ଆଉ ବାକି ରହିଥିବା ୪୫ ଗୋଟି ବିଦ୍ୟାଳୟକୁ ପର୍ଯ୍ୟାୟକ୍ରମେ ପ୍ରଦାନ କରାଯିବ ବୋଲି ଭାପୁର ତହସିଲ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଉଲ୍ଲେଖଯୋଗ୍ୟ, ସେ ବିଦ୍ୟାଳୟଗୁଡ଼ିକ ବର୍ଷବର୍ଷ ଧରି ପତିତ ଜମି, ଜଙ୍ଗଲ ଜମି, ମୁଣ୍ଡିଆ ଜମି, ବେସରକାରୀ ଜମି କିସମରେ ରହିଆସିଥିଲା । ଫଳରେ ସେ ବିଦ୍ୟାଳୟ ଗୁଡ଼ିକ ସ୍ଥାୟୀପଟ୍ଟା ପାଇବାରୁ ବଞ୍ଚିତ ହୋଇ ବିଭିନ୍ନ ସରକାରୀ ସହାୟତା ପାଇବା ପାଇଁ ସମସ୍ୟା ପରିଲକ୍ଷିତ ହେଉଥିଲା । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ ମିଟୁଆଣି, ମହୁଲବେରେଣା, ବଳଦିଆନୂଆଗାଁ, ସୁଆମଢିପ, ବୋରଗାଁ, ଭଗବାନପୁର, ଲୁଣିଆଉଟି, ପାଥପୁର, ଧାନଚାଙ୍ଗଡ଼ା, ଫତେଗଡ, ଭାପୁର, ବାଦିଲୋ, ଛେଳିଆ ମୌଜାରେ ଅବସ୍ଥିତ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ତହସିଲ କାର୍ଯ୍ୟାଳୟ ପରିସରରେ ସ୍ଥାୟୀ ପଟ୍ଟା ପ୍ରଦାନ କରିଛନ୍ତି ।



ଜେଇ-ଠିକାଦାରଙ୍କ ମଧୁଚନ୍ଦ୍ରିକା

## ପଞ୍ଚାୟତ କାର୍ଯ୍ୟାଳୟରେ ନିମ୍ନମାନର କଲ୍ୟାଣ ମଣ୍ଡପ କାହାସ୍ୱାର୍ଥରେ ?





ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକରେ ଥିବା ଜେଇଙ୍କ ଦୁର୍ନୀତି ପିଛା ଛାଡୁନଥିବା ଅଭିଯୋଗରୁ ଜଣାପଡିଛି । ଜନସାଧାରଣଙ୍କ କଲ୍ୟାଣର ଉନ୍ନତି ନାଁରେ ମାଲେ ମାଲ ହୋଇଛନ୍ତି ଯନ୍ତ୍ରୀ, ବିଜେଡି ସରକାର ସମୟରେ ୫ଟି ଠାରୁ ସୁ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି କାର୍ଯ୍ୟରେ ତରାଧେ ରାଧେ ତୁମର ଅଧେକୁ ଆମର ଅଧେ ଏହି ଉକ୍ତିରେ ଯାହା ଗ୍ରାମାଞ୍ଚଳରେ କାର୍ଯ୍ୟ ହୋଇଛି ତାହା ଅଳ୍ପଦିନରେ ନଷ୍ଟ ହେଉଥିଲେ ମଧ୍ୟ ବିଜେଡି ନେତାଙ୍କ ବାହୁଛାୟାତଳେ ରହି ସରକାର ଥିବାରୁ ତିଷ୍ଟି ଯାଇଥିଲେ । ହେଲେ ଜେଇ ଓ କେତେକ ଠିକାଦାର ନିଜର ଆର୍ଥିକ ଫାଇଦା ଉଠାଇବା ପାଇଁ ଗୋଟି ଚାଳନା କରିବାରେ ପାରଙ୍ଗମ । ସ୍ୱେ ବିଜେପି ସରକାର ଆସିବା ପରେ ଏହି ବାବୁ ମାନେ ବିଜେପି ନେତାଙ୍କ ସହ ସଲାସୁତରା ହୋଇ ବିଜେଡି ହୁକୁମରେ ନଚାଲି ଜେଇ ଜଣକ ନିଜ ନାମରେ ବିଜେପି ନେତାଙ୍କ ଆଶ୍ୱାସନାରେ ଇଶ୍ୱରପୁରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୨୦୨୩-୨୦୨୪ ବର୍ଷର ଏକ ସୁବିଧା ଗୃହ ୧୦ଲକ୍ଷ ଟଙ୍କା ବିନିମୟରେ ରାଜନଗର ପଞ୍ଚାୟତ ସମିତି ପକ୍ଷରୁ ଏବେ ନିମ୍ନମାନର ନିର୍ମାଣ ହେଉଛି, ଯାହାର ସ୍ଥାୟିତ୍ୱ ଅଳ୍ପଦିନ ବୋଲି ଅଭିଯୋଗ ହେଉଛି । ଏଠାରେ ବିନା ଫଳକରେ କାର୍ଯ୍ୟ ହେଇଥିବାରୁ ରାଜନଗର ସଂସ୍କୃତ ମହାବିଦ୍ୟାଳୟ ଓ ଗ୍ରାମ ପଞ୍ଚାୟତ ପରିସରରେ ନିମ୍ନମାନର ବିଲ୍ଡିଂ କାର୍ଯ୍ୟ ହେଉଛି, ଯାହାକି କେଉଁ ଆଧାରରେ କାର୍ଯ୍ୟ ହ୍ୱୋକଥା ଜନସାଧାରଣଙ୍କ ଅବଗତି ନିମନ୍ତେ ତାର କିଛି ସୂଚନା ନାହିଁ । ଯନ୍ତ୍ରୀଙ୍କ ନିଜ ନାମରେ କାର୍ଯ୍ୟାଦେଶ ଥିବାରୁ ଲେବର ମାନଙ୍କ ମର୍ଜୀରେ କାମ ହେଉଥିଲେ ବି ଜେଇଙ୍କ ପାଦ ପଡୁନାହିଁ ବୋଲି ଅଭିଯୋଗ ହୋଇଆସୁଥିଲା । ସେହିପରି ଏଠାରେ ମଧ୍ୟ କମୁନିଟି ସେଣ୍ଟର ନିର୍ମାଣ ଚାଲୁଥିଲେ ମଧ୍ୟ ଜେଇଙ୍କ ପାଦ ପଡେ ନାହିଁ, ଏଥିରେ କେତେ ପରିମାଣର କଣକଣ ସାମଗ୍ରୀ ଲାଗୁଛି ତାକୁ ଦେଖିବାକୁ ଜେଇ ଯାଆନ୍ତି ନାହିଁ କି ସୂଚନା ଫଳକ ମଧ୍ୟ ନାହିଁ । ଲେବରଙ୍କ ଦ୍ୱାରା କାର୍ଯ୍ୟ ନିମ୍ନମାନର ହେଉଥିବାରୁ ସ୍ଥାନୀୟ ଲୋକମାନେ ବିରୋଧ କରିଥିଲେ ମଧ୍ୟ ଯେନେତେନେ ପ୍ରକାର ତରବରିଆ ଭାବେ କାର୍ଯ୍ୟ ଚାଲୁ ରହିଛି । ଏହି କାର୍ଯ୍ୟ ଜେଇଙ୍କ ନାମର ଥିବାରୁ କାର୍ଯ୍ୟର ମାନକୁ ଅନୁଧ୍ୟାନ ନ କରି କିଛି ବିଲ୍ ପ୍ରସ୍ତୁତି କରି ଅର୍ଥ ହାତେଇବାକୁ ଯୋଜନା ହୋଇଛି । କିନ୍ତୁ ବର୍ଷ ବର୍ଷ ଧରି କାର୍ଯ୍ୟ କରି ବିଲ୍ ପାଇନଥିବା ଲୋକମାନେ ଅଭାବର ସମ୍ମୁଖୀନ ହୋଇ ବ୍ଲକକୁ ଦୌଡୁଥିଲେ ମଧ୍ୟ ଇଶ୍ୱରପୁରୁ କମୁନିଟ ହଲ ବିଲ୍ ଏତେ ଶୀଘ୍ର ତରବରୀୟା ଭାବେ ହେବା ପଛରେ କି ରହସ୍ୟ ଜେଇଙ୍କ ରହିଛି ତାହା ଉଚ୍ଚସ୍ତରୀୟ ତଦନ୍ତ ହେଲେ ଅସଲ ଘଟଣା ଫର୍ଦ୍ଦାଫାସ ହୋଇ ପାରିବ । ଅପରପକ୍ଷରେ ବିଭିନ୍ନ ସ୍ଥାନୀୟ ଜନସାଧାରଣ ଓ ସାମାଜୀକ କର୍ମୀ କହିଛନ୍ତି, ବ୍ଲକରେ ସୂଚନା ଅଧିକାର ଆଇନରେ ସୂଚନା ମାଗିଲେ ଦେଉନାହାନ୍ତି । ଏବେ ଏହିସବୁ କାର୍ଯ୍ୟ ଉପରେ ଜିଲ୍ଲାପାଳ, ଭିଜିଲାନ୍ସ ଓ କ୍ୱାଲିଟି କଣ୍ଟ୍ରୋଲ ବିଭାଗରେ ଅଭିଯୋଗ କରି ତଦନ୍ତ କରାଯିବା ପାଇଁ ଦାବୀ କରିବେ ବୋଲି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ୱଚ୍ଛାସେବୀ ଓ ସମାଜସେବୀ ସୂଚନା ଦେଇଛନ୍ତି ।

ସୁଧୁରିବ ଜଳେଶ୍ୱରର ଚିକିତ୍ସା ବ୍ୟବସ୍ଥା

## ଜୁନ୍ ସୁଦ୍ଧା ସମସ୍ତ ପଦବୀ ପୂରଣ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ଲୋକ ସେବା ଭବନ ଭୁବନେଶ୍ୱରରେ ଓଡ଼ିଶାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗଙ୍କୁ ଗତକାଲି ସାକ୍ଷାତ କରି ଜଳେଶ୍ୱର ଅଞ୍ଚଳବାସୀଙ୍କ ଚିକିତ୍ସାରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇବା ସହିତ ଆଗାମୀ ଦିନରେ ଏହାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ଜଣାଇଥିଲେ । ଜଳେଶ୍ୱର ଅଞ୍ଚଳର ମୁଖ୍ୟ ଡାକ୍ତରଖାନା ଜି.କେ ଭଟ୍ଟର ହୋଇଥିଲେ ମଧ୍ୟ ଏଥିରେ ସବୁବେଳେ ଡ଼ାକ୍ତର ଅଭାବ ରୁହନ୍ତି । ଏହି ଡାକ୍ତରଖାନାରେ ଜଳେଶ୍ୱର ସମେତ ସୀମାନ୍ତ ପଶ୍ଚିମବଙ୍ଗ ଅଞ୍ଚଳର ରୋଗୀ ନିର୍ଭର କରିଥାନ୍ତି । ବିଭିନ୍ନ ବିଭାଗର ଡାକ୍ତର ନ ଥିବାରୁ ରୋଗୀ ସେବା ପାଇବାରୁ ବଞ୍ଚିତ ହେବା ସହିତ ବହୁ ଦୂର ଦୁରାନ୍ତକୁ ଯାଇ ନିଜର ଚିକିତ୍ସା କରାଇ ଥାନ୍ତି । ଜଳେଶ୍ୱରକୁ ପାଖକୁ ଲାଗି ପଶ୍ଚିମବଙ୍ଗ ରାଜ୍ୟ ଥିବାରୁ ଅନେକ ପଶ୍ଚିମବଙ୍ଗର ରୋଗୀ ଏହି ହସ୍ପିଟାଲ ଉପରେ ନିର୍ଭର କରନ୍ତି । ମାତ୍ର ବିଭିନ୍ନ ବିଭାଗର ବିଶେଷଜ୍ଞ ନ ଥିବାରୁ ଚିକିତ୍ସା ନ ପାଇ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଅନେକ ସମୟରେ ଚିକିତ୍ସାକୁ ନେଇ ହସ୍ପିଟାଲରେ ଉତ୍ତେଜନା ମଧ୍ୟ ଦେଖିବା ପାଇଁ ମିଳିଥାଏ, ଏହାର ସ୍ଥାୟୀ ସମାଧାନ ନିମନ୍ତେ ଜଳେଶ୍ୱରର ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ଓଡ଼ିଶା ଲୋକସେବା ଭବନରେ ରାଜ୍ୟର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହିତ ସାକ୍ଷାତ କରି ଜି.କେ ଭଟ୍ଟର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଆଇସିୟୁ, ବ୍ଲଡ୍ ବ୍ୟାଙ୍କ, ଅନ୍ୟାନ୍ୟ ପଦବୀ ପୂରଣ ଓ ଭିତ୍ତିଭୂମି ବିକାଶ ପାଇଁ ସବିଶେଷ ଆଲୋଚନା କରିଥିଲେ । ଜୁନ ମାସ ଶେଷ ସୁଦ୍ଧା ବିଶେଷଜ୍ଞ, ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପ୍ରତିଶୃତି ଦେଇଥିଲେ ।

## କରତକଳ ଉପରେ ଚଢ଼ାଉ, ମୂଲ୍ୟବାନ ଯନ୍ତ୍ରାଂଶ ଜବତ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ଥାନା ଅନ୍ତର୍ଗତ କେନ୍ଦ୍ରାପାଟି ଗ୍ରାମରେ ଥିବା ବହୁ ପୁରାତନ ବେଆଇନ୍ କରତକଳ ଉପରେ ବନ ଦୁର୍ନୀତି ନିବାରଣ ଅଧିକାରୀ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କାକଟପୁର ଥାନା ଏଏସଆଇ ପ୍ରଶାନ୍ତ କୁମାର ହାତୀ, ହୃଦାନନ୍ଦ ମିଶ୍ରଙ୍କ ମିଳିତ ଚଢଉ ହୋଇଥିଲା । ଏଥିରେ କରତ କଳରେ ବ୍ୟବହୃତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ ହୋଇଥିବା ସହିତ କିଛି କାଠଗଣ୍ଡି ମଧ୍ୟ ଜବତ ହୋଇଥିଲା । ଏହି ଜବତ ପ୍ରକ୍ରିୟାରେ ଦୁଇ ଜଣ କରତ କଳ କର୍ମଚାରୀ ଧରା ପଡ଼ିଥିବା ପରେ ସେମାନଙ୍କୁ ସର୍ତ୍ତମୂଳକ ଜାମିନ ଦିଆଯାଇଥିଲା ।

## ପାରାଦୀପରେ ଯୁଦ୍ଧ ଅପାତକାଳୀନ ସୁରକ୍ଷା ଅଭ୍ୟାସ କୌଶଳ



ପାରାଦୀପ(ଭାସ୍କର ନ୍ୟୁଜ): କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ଭାରତ ସରକାର ଆଜି ଦେଶବ୍ୟାପୀ ସୁରକ୍ଷା ମକ ଡ୍ରିଲବା ଅଭ୍ୟାସ କୌଶଳ ଆୟୋଜନ ହେଉଛି, ଯାହା ୧୯୭୧ ମସିହା ପରେ ପ୍ରଥମ । ଏହି ଅଭ୍ୟାସ ଦେଶର ୨୪୪ଟି ଜିଲାରେ ଅନୁଷ୍ଠିତ ହେଉଛି, ଯେଉଁଥିରେ ଏୟାର ରେଡ ସାଇରନ, ବ୍ଲାକଆଉଟ ସିମୁଲେସନ ଏବଂ ନାଗରିକମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ଏହି ଅଭ୍ୟାସରେ ସାଇରନ ପରୀକ୍ଷଣ, ବିଦ୍ୟୁତ ବନ୍ଦ ଅଭ୍ୟାସ ଇତ୍ୟାଦି ଅନ୍ତର୍ଭୁକ୍ତ । ଓଡ଼ିଶାରେ ଅନ୍ୟାନ୍ୟ ୧୨ଟି ସ୍ଥାନ ସମେତ ପାରାଦୀପର ଦୁଇଟି ସ୍ଥାନରେ ଏହି ଡ୍ରିଲ ଆୟୋଜିତ ହୋଇଛି । ପ୍ରଥମଟି ଷଣ୍ଢକୁଦ ବସ୍ତି ଅଞ୍ଚଳରେ ହୋଇଥିବା ବେଳେ ଦ୍ୱିତୀୟଟି ନେହେରୁ ବଙ୍ଗଳା ଅଞ୍ଚଳରେ ଥିବା ଓଡ଼ିଶାର ପ୍ରଥମ ୭ମହଲା ବିଶିଷ୍ଟ କୋଠାଘର ଅଞ୍ଚଳରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳ ଜେ ସୋନାଲ୍‌ଙ୍କ ନେତୃତ୍ୱରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ, ଏନଡିଆରଏଫ, ଓଡ୍ରାଫ୍, ଏନସିସି କ୍ୟାଡେଟ୍, ସ୍କାଉଟ୍ ଆଣ୍ଡ୍ ଗାଇଡ୍ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି । ତେବେ ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜରୁରୀ କାଳୀନ ପରିସ୍ଥିତିରେ ନାଗରିକ ଏବଂ ପ୍ରଶାସନର ପ୍ରସ୍ତୁତିକୁ ମଜବୁତ କରିବା ଏବଂ ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷିତ ରଖି ସମ୍ଭାବ୍ୟ ଯୁଦ୍ଧ ମୁକାବିଲା ବିପଦରୁ ନିଶ୍ଚିତ ଭାବରେ ରକ୍ଷା କରିବା । ତେବେ ଦୁଇଟି ସ୍ଥାନରେ ମକ୍‌ଡ୍ରିଲ୍ କରିବାର ଉଦ୍ଦେଶ୍ୟ ହେଉଛି ବସ୍ତି ବାସିନ୍ଦାଙ୍କ ଓ ସହରାଞ୍ଚଳ ବାସିନ୍ଦାଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା । ତେବେ ଏହି ଦୁଇଟି ମକ୍ ଡ୍ରିଲ୍ ଆଜି ସଫଳତାର ସହ ଶେଷ ହୋଇଛି ଏବଂ ଜିଲ୍ଲା ପ୍ରଶାସନ ସଦାସର୍ବଦା ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି ବୋଲି ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ୍ କହିଛନ୍ତି ।

## ପାଇପ୍‌ଲାଇନ୍ ଫାଟି ରାସ୍ତାରେ ଭାସୁଛି ପାଣି: ଜଳ କଷ୍ଟ ଅସମ୍ଭାଳ



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ କେଉଁଠି ପାଣି ମିଳୁନି ତ କେଉଁଠି ରାସ୍ତାରେ ପାଣି ଭାସି ନଷ୍ଟ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଜଳସ୍ତର କମିବାରେ ଲାଗିଲାଣି । କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସଦର ମହକୁମାକୁ ଲାଗି ରହିଥିବା ମେଣ୍ଟପୁର ପଞ୍ଚାୟତର ଏକ ନମ୍ବର ୱାର୍ଡ ରେ ବସୁଧା ଯୋଜନାରେ ଯାଇଥିବା ପାଣି ପାଇପ ଫାଟି ରାସ୍ତା ପାଣି ଭାସୁଛି । ଅନ୍ୟପକ୍ଷେ ସେହି ୱାର୍ଡର ୬ ପରିବାରର ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଲୋକ ପାଖରେ ପହଁଚି ପାରିନି ବସୁଧା ପାଇପ ପାଣି । ରାସ୍ତାର ଗୋଟେ ପାର୍ଶ୍ୱରେ ବସବାସ କରୁଥିବା ସମାନ ୱାର୍ଡର ଲୋକେ ପାଇପ ପାଣି ପାଉଥିବା ବେଳେ ଅନ୍ୟପାର୍ଶ୍ୱରେ ରହିଥିବାରୁ ୬ ପରିବାରକୁ ବସୁଧା ଜଳ ସଂଯୋଗ ହୋଇନପାରି ସେମାନେ ବସୁଧା ଯୋଜନାରୁ ବଞ୍ଚିତ ରହିଛନ୍ତି । ଏପଟେ କିନ୍ତୁ ବସୁଧା ପାଇପ ଲାଇନ ଫାଟି ରାସ୍ତାରେ ପାଣି ଭାସୁଥିବା ଦେଖିବାକୁ ମିଳିଛି । ଗାଁ ମଝିରେ ଦୀର୍ଘଦିନ ହେବ ଏକ ସ୍ଥାନରେ ବସୁଧା ପାନୀୟ ଜଳ ପାଇପ ଫାଟିଯିବା ଫଳରେ ରାସ୍ତା ରେ ପାଣି ଜମି ରହିବା ଯୋଗୁଁ ସେହି ରାସ୍ତା ଦେଇ ଯାତାୟାତ କରିବା ପାଇଁ ଗ୍ରାମବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଗ୍ରାମବାସୀ ବାରମ୍ବାର ସରପଞ୍ଚ ଙ୍କୁ ଅବଗତ କରାଇଥିଲେ ମଧ୍ୟ ସରପଞ୍ଚ ଏଥି ପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ ହୋଇଛି । ଜଳ ବିହୁନେ ସୃଷ୍ଟି ନାଶ ଜଳ ବହୁଳେ ସୃଷ୍ଟି ନାଶ । ଏହି ଉକ୍ତିର ଉଭୟ ପାର୍ଶ୍ୱ ମେଣ୍ଟପୁର ପଞ୍ଚାୟତର ୧ ନମ୍ବର ୱାର୍ଡରେ ଆବଶ୍ୟକ ଥିବା ବେଳେ ଯଦି ଏହାର ତୁରନ୍ତ ସମାଧାନ ନ କରାଯାଏ ତା ହେଲେ ଗ୍ରାମବାସୀ ପ୍ରଶାନ୍ତ ବେହେରା, ଅକ୍ଷୟ ବେହେରା, ପ୍ରଦୀପ ବେହେରା, ଚିତ୍ତରଞ୍ଜନ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଭୀମସେନ ବେହେରା, ପଦ୍ମଲୋଚନ ବେହେରା, ସନାତନ ବେହେରା, ଅନିଆ ବେହେରା ପ୍ରମୁଖ ମାନେ ଏକାଠି ହୋଇ ଜଳ ସମସ୍ୟା ଦୂରୀକରଣ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଆଳି ବିଡିଓଙ୍କୁ ଅବଗତ କରାଇ ରାଜରାସ୍ତା ଅବରୋଧ କରିବା ପାଇଁ ଚେତାବନୀ ଦେଇଛନ୍ତି । ଏନେଇ ଉକ୍ତ ପଞ୍ଚାୟତର ସରପଞ୍ଚ ମେମୁନା ଖାତୁନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତାଙ୍କ ପ୍ରତିକ୍ରିୟା କହିଛନ୍ତି ଏ ସମସ୍ୟା ବିଷୟରେ ମୁଁ ଅବଗତ ଅଛି ଦିନେ ଦୁଇଦିନ ଭିତରେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ।

## ନିମାପଡ଼ାରୁ ଛୁଟିଲା କେନ୍ଦ୍ର ସରକାରଙ୍କୁ ଶୁଭେଚ୍ଛାର ସୁଅ





ନିମାପଡ଼ା,(ଭାସ୍କର ନ୍ୟୁଜ): ନିମାପଡ଼ା ରାଜ୍ୟରେ ମକ୍ ଡ୍ରିଲ୍ ଆରମ୍ଭ ହୋଇଥିବା ବେଳେ ଜାମ୍ମୁ-କାଶ୍ମୀରର ପହଲଗାମ ଆକ୍ରମଣ ପରେ ପ୍ରତିଶୋଧ ମୂଳକ ଆକ୍ସନ୍ ସ୍ୱରୂପ ଭାରତ ନେଇଛି ପ୍ରତିଶୋଧ । ରାତାରାତି ପାକିସ୍ତାନ ଉପରେ କରିଛି ଏୟାର ଷ୍ଟ୍ରାଇକ୍ । ପାକିସ୍ତାନର ସବୁଠୁ ବଡ଼ ସହଯୋଗୀ ରାଷ୍ଟ୍ର ମଧ୍ୟ ଟେର ପାଇପାରି ନାହିଁ । ପାକିସ୍ତାନୀ ଆତଙ୍କ ଆଡ୍ଡା ଉପରେ ହାମ୍‌ଲା କରିଛି ଭାରତ । ଭାରତର ଆକ୍ରମଣକୁ ଦେଖି ଛାନିଆରେ ପେଣ୍ଟରେ ସି କରି ପକାଇଛି ପାକିସ୍ତାନ । କଡ଼ା ମୁକାବିଲା କରିବା ପାଇଁ ଭାରତୀୟ ଅର୍ଦ୍ଧ ସାମରୀକ ବାହିନୀର ମୁଖ୍ୟଙ୍କ ଛୁଟି ବାତିଲ ଘୋଷଣା କରିଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ । ଏହି ଘଟଣାକୁ ନିମାପଡ଼ା ଅଂଚଳର ବିଭିନ୍ନ ରାଜନୈତିକ ଦଳ ପ୍ରଶଂସା କରିଥିବା ବେଳେ ପାକିସ୍ତାନ ବିରୁଦ୍ଧରେ ଆହୁରି ଆକ୍ରମଣ ଆବଶ୍ୟକ ବୋଲି କହିଛନ୍ତି । ଆତଙ୍କବାଦୀମାନେ ନିରୀହ ଲୋକମାନଙ୍କୁ ଅଯଥାରେ ମାରୁଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ଏହାକୁ ନେଇ ମୋହନ ସରକାର ମଧ୍ୟ କଡ଼ା ପଦକ୍ଷେପ ଗ୍ରହଣ କରିବା ସହ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ନିମାପଡ଼ାରେ ଅନେକ ବସ୍ତି ଥିବା ବେଳେ ସେଠାରେ ବାଂଲାଦେଶୀମାନେ ଲୁଚି ରହିଛନ୍ତି । ସେମାନଙ୍କ ବିରୁଦ୍ଧରେ କଡ଼ା ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ଦାବୀ ହେଉଥିଲେ ମଧ୍ୟ ପ୍ରଶାସନର ବିଳମ୍ବତାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ରାଜ୍ୟ ସରକାର ଯୁଦ୍ଧ ସାଇରନ୍ ଓ ଯୁଦ୍ଧ ପାଇଁ ମକ୍ ଡ୍ରିଲ୍ ସାଇରନ୍‌ର ବ୍ୟବସ୍ଥା କରିଛନ୍ତି । ଆକ୍ରମଣ ସମୟରେ କିପରି ନିଜକୁ ସୁରକ୍ଷା ଦେଇ ପାରିବେ ସେ ସଂପର୍କରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଛି । ବିଭିନ୍ନ ଜିଲ୍ଲାରେ ଏହି ସାଇରନ୍ ବାଜିବା ଦ୍ୱାରା ଜନସାଧାରଣ ସଚେତନ ହୋଇଯାଇଛନ୍ତି ।

## ଧରଣୀଧର ନାୟକଙ୍କ ସ୍ମୃତି ସମାରୋହରେ ୨୦ ଗରିବଙ୍କୁ ୧ଲକ୍ଷ ସହାୟତା





ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମା ଦେବୀ ମଣ୍ଡପ ପ୍ରାଙ୍ଗଣରେ ସମାଜସେବୀ ତଥା ମଠ, ମନ୍ଦିର ନିର୍ମାତା ସ୍ୱର୍ଗତ ଧରଣୀଧର ନାୟକଙ୍କ ସ୍ମୃତି ପରିଷଦ ରାଜନଗର ପକ୍ଷରୁ ସ୍ୱର୍ଗତ ନାୟକଙ୍କର ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇ ଅଛି । ଏହି ପରିପ୍ରେକ୍ଷୀରେ ୨୦ଜଣ ଆର୍ଥୀକ ଅନଗ୍ରସର ବ୍ୟକ୍ତିଙ୍କୁ ଜଣକା ୫ହଜାର ଲେଖା ଆର୍ଥିକ ସହାୟତା ଦିଆଯିବା ସହ ପ୍ରତିଭାବାନ ବ୍ୟକ୍ତି ଓ ସାମ୍ବାଦିକଙ୍କୁ ଧରଣୀଧର ନାୟକ ସ୍ମୃତି ସମ୍ମାନ -୨୦୨୫ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆର୍ଯ୍ୟ ସମାଜର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ସୁବକ୍ତା ପଣ୍ଡିତ ହୃଷୀକେଶ ରଥ, ମୁଖ୍ୟବକ୍ତା ଆଧ୍ୟାତ୍ମିକ ପତ୍ରିକାର ସମ୍ପାଦକ ସନ୍ୟାସୀ ଜୀ, ସମ୍ମାନିତ ଅତିଥି ସାହିତ୍ୟିକ, କବି, ଲେଖକ ଓ ନିର୍ଦ୍ଦେଶକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଅତିଥି ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ, ଅବସର ପ୍ରାପ୍ତ ଶିକ୍ଷକ ତ୍ରିନାରାୟଣ ଲେଙ୍କ, ପଣ୍ଡିତ ଶଙ୍କର୍ଷଣ ମିଶ୍ର ପ୍ରମୁଖ ଯୋଗ ଦେଇ ସମ୍ମାନୀତ ଅତିଥିମାନେ ସ୍ୱର୍ଗତ ଧରଣୀଧର ନାୟକଙ୍କର ସ୍ମୃତି ଚାରଣ କରିଥିଲେ । କଥାକାର ପ୍ରଦୀପ ନାୟକ ଓ ଗୀତିକାର ସୁଶାନ୍ତ କୁମାର ପାଣି ସଭା ଉପସ୍ଥାପନ କରିଥିବା ବେଳେ ଦେବବ୍ରତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ନାୟକଙ୍କ ସୁପୁତ୍ର ଅଧ୍ୟାପକ ରତ୍ନାକର ନାୟକ ଓ ନାତି ପବିତ୍ର ବ୍ରହ୍ମପୁତ୍ର ନାୟକ ସମସ୍ତ ଆୟୋଜନ କରି ସଫଳତା ହାସଲ କରିଛନ୍ତି । ଲୋକମାନଙ୍କ ମନୋରଞ୍ଜନ ପାଇଁ ସୁଶାନ୍ତ ପାଣିଙ୍କ ନେତୃତ୍ୱରେ ଗୋପାଳ ଦାସ ସ୍ମାରକୀର ନୃତ୍ୟ ଶିଳ୍ପୀ ମାନଙ୍କ ଦ୍ୱାରା ଓଡିଶି ନୃତ୍ୟ ପରିବେଷଣ କରାଯାଇଥିଲା ।

ପାଣିକୋଇଲି ଜାତୀୟ ରାଜପଥରେ ବେଆଇନ ପାର୍କିଂ ନେଉଛି ଜୀବନ

## ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ଅମାନିଆଙ୍କ ବେପରୁଆ ଗାଡ଼ିଚାଳନା



କୋରେଇ(ଭାସ୍କର ନ୍ୟୁଜ): ସାରା ଓଡିଶାକୁ ଗମନା ଗମନ କ୍ଷେତ୍ରରେ ପାଣିକୋଇଲି ଓଡିଶାର ଏକ ପ୍ରମୁଖ ସ୍ଥଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ବଜାର ମଧ୍ୟ ଦେଇ ଦୁଇ ଦୁଇଟି ରାଜ ପଥ ଯାଇଥିବା ବେଳେ, ସେଥିପାଇଁ ପାଣିକୋଇଲି ଛକରୁ ପ୍ରାୟତଃ ପ୍ରତିଦିନ ସାରା ଓଡିଶା ଓ ଅନ୍ୟ ରାଜ୍ୟକୁ ଲୋକମାନେ ଯିବା ଆସିବା କରନ୍ତି । କିନ୍ତୁ ଦୁଃଖର ବିଷୟ ପଣିକୋଇଲି ଛକର ତ୍ରୁଟି ପୂର୍ଣ୍ଣ ଗୋଲେଇ ସମସ୍ୟା ଓ ଟ୍ରାଫିକ ଅବ୍ୟବସ୍ଥା ପାଇଁ ପ୍ରତିଦିନ ଦୁର୍ଘଟଣା ଘଟି ଅନେକ ଧନଜୀବନ କ୍ଷତି ହେଉଥିବା ଦେଖିବାକୁ ମିଳୁଛି । ସବୁ ସମୟରେ ରାସ୍ତାକଡ଼ରେ ବେଆଇନ ଗାଡ଼ି ପାର୍କିଂ କରି ଥିବାରୁ ବିପରୀତ ଦିଗରୁ ଆସୁଥିବା ଗାଡ଼ି ଗୁଡ଼ିକ ଅସୁବିଧାରେ ସମ୍ମୁଖୀନ ହେବା ସହିତ ଦୁଇ ଚକିଆ ଯାନ ଗୁଡ଼ିକ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ବିଶେଷ କରି ସଂନ୍ଧ୍ୟା ସମୟରେ ଟ୍ରାଫିକ ବ୍ୟବସ୍ଥା ପୁରା ଅସମ୍ଭାଳ ସ୍ଥିତିରେ ରହୁଛି । ଏପରିକି ୨୦ ନମ୍ବର ଜାତୀୟ ରାଜପଥରେ ଘଣ୍ଟା ଘଣ୍ଟା ଧରି ଗାଡ଼ି ଗୁଡ଼ିକ ଅଟକି ରହୁଥିବାରୁ ଜରୁରୀ କାଳୀନ ସେବା ବାଧାପ୍ରାପ୍ତ ହେଉଛି । ଫଳରେ ଅଞ୍ଚଳ ବାସୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଅନ୍ୟ ପକ୍ଷ୍ୟରେ ସଂନ୍ଧ୍ୟା ହୋଇଗଲା ପରେ ସଠିପୁର ଠାରୁ ସାହାପୁର, ପଣିକୋଇଲିଠାରୁ ଆଲିଆ ପର୍ଯ୍ୟନ୍ତ ରାସ୍ତା ଉଭୟ ପାର୍ଶ୍ୱ ରେ ଅସାମାଜିକ କାର୍ଯ୍ୟ କଳାପ ପାଇଁ ଝିଅ ମାନେ କିନ୍ନର ବେଶରେ ସଜେଇ ହୋଇ ଛିଡା ହେଉଛନ୍ତି, ଯାହାକି ସଂନ୍ଧ୍ୟା ସମୟରେ ଉଭୟ ରାସ୍ତାରେ ପରିବାର, ବିଶେଷ କରି ଛୋଟ ଛୋଟ ପିଲାଙ୍କୁ ନେଇ ଯିବା ବେଳେ ପିଲା ମାନଙ୍କର ପ୍ରଶ୍ନ ବାଣରେ ଲୋକମାନେ ନିଜକୁ ଅସହଜ ମଣୁଛନ୍ତି । ଅନ୍ୟ ପକ୍ଷ୍ୟରେ କିନ୍ନର ବେଶରେ କିଛି ଅସମାଜିକ ଲୋକ ଧଳା ଜହର କାରବାରରେ ଲିପ୍ତ ରହୁଥିବା ଅଭିଯୋଗ ବି ହେଉଛି । ଧଳା ଜହର ସେବନ ପାଇଁ ଯୁବପିଢ଼ି ମାନେ ଆକର୍ଷିତ ହୋଇ ପଇସା ପାଇଁ ଚୋରି ରାହାଜାନି ଭଳି ପନ୍ଥା ଆପଣାଉ ଥିବା ଦେଖିବାକୁ ମିଳୁଛି । ପାଣିକୋଇଲି ପୋଲିସ ଏହାକୁ କେମିତି ଦେଖି ପାରୁନାହିଁ ନା ଦେଖି ନଦେଖିଲା ପରି ରହୁଛି ତାହା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅନ୍ୟପଟେ ପରିବହନ ଅଧିକାରୀଙ୍କ ସ୍ଥାଣୁତା ଯୋଗୁ ବଡ଼ ବଡ଼ ଟ୍ରକଗୁଡ଼ିକ ସର୍ଭିସ ରୋଡ଼ରେ ବେଆଇନ ପାରିକିଙ୍ଗ କରୁଥିବାରୁ ଅନ୍ୟ ପଥଚାରୀମାନେ ନାହିଁନଥିବା ଅସୁବିଧା ଭୋଗିବା ସହିତ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି । ଲୋକଙ୍କ କହିବା କଥା ପାଣିକୋଇଲି ପୋଲିସ ଓ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କୁଆଡ଼େ ମାଣିଆ ନେଇ ସମାନଙ୍କୁ ଏପରି କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦେଉଛି । ସବୁଠାରୁ ଦୁଃଖର କଥା ଏଠାରେ ଜିଲ୍ଲା ପୋଲିସ ମୁଖ୍ୟାଳୟ ହୋଇଥିବା ବେଳେ ଖୋଦ ଯାଜପୁର ଆରକ୍ଷୀ ଅଧିକ୍ଷକ ଓ ପୋଲିସ ବଡ଼ ସାହେବ୍ ମାନେ ପ୍ରତିଦିନ ଯିବା ଆସିବା କରୁଛନ୍ତି, ସେମାନେ ଏହାକୁ ଦେଖି ଅଣଦେଖା କରିବା ଭଳି ମନେ ହେଉଛି । ମନାନିୟା ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷ୍ୟକ ଅଞ୍ଚଳର ଗୁରୁତ୍ୱକୁ ଉପଲବ୍ଧି କରି ଏସବୁ ଅସାମାଜିକ କାର୍ଯ୍ୟ କଳାପ ଉପରେ ରୋକ ଲଗାଇବାକୁ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ୪ଟା ବାଜିଲା, ସାଇରନ ଶୁଭିଲା: ଆତ୍ମରକ୍ଷା ପାଇଁ କୌଶଳ ପ୍ରଦର୍ଶନ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଜାମ୍ମୁ କାଶ୍ମୀର ପହଲଗାମରେ ଗତ ମାସ ୨୨ତାରିଖ ଦିନ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଉପୁଜିଛି । ଏହାରି ମଧ୍ୟରେ ଭାରତ ସରକାର ଦେଶର ଜନତାଙ୍କୁ ଜାଗ୍ରତ କରିବା ନେଇ ଯୁଦ୍ଧ ପ୍ରସ୍ତୁତି ପାଇଁ ମକଡ୍ରିଲ କରାଯାଇଛି । ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକସ୍ଥିତ କେଉଟଜଙ୍ଘା ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରଥମ ସାଇରନ ବାଜିବା ପରେ ମକଡ୍ରିଲ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଆଉ ଥରେ ସାଇରନ ବାଜିଲା ପରେ ଅଭିଯାନ ବନ୍ଦ କରାଯାଇଥିଲା । ଯୁଦ୍ଧ ସମୟରେ ଓ ବୋମା ବିସ୍ଫୋରଣ ହେବ କି ଅଗ୍ନିକାଣ୍ଡ ଘଟଣାର ପରବର୍ତ୍ତୀ ସମୟରେ କିଭଳି ମୁକାବିଲା କରାଯାଇ ପାରିବ ଅଭ୍ୟାସ କରାଯାଇଛି । ଏହି ଅଭ୍ୟାସ ଦ୍ୱାରା ଲୋକମାନେ ପରିସ୍ଥିତି କୁ ଭଲ ଭାବରେ ବୁଝିବେ । ଜରୁରୀ କାଳୀନ ସମୟରେ କିଭଳି ଆତ୍ମ ରକ୍ଷା କରିବେ ଶିକ୍ଷାଲାଭ କରିପାରିବେ, ସେହିପରି ଉଦ୍ଧାରକାରି ଟିମ୍ ଅସ୍ଥିଧାରେ ପଡ଼ିଥିବା ଲୋକଙ୍କୁ କିଭଳି ଉଦ୍ଧାର କରିବେ ତାହାର ଅଭ୍ୟାସ ହେଉଛି ମକଡ୍ରିଲ । ସାଧାରଣତଃ ଯୁଦ୍ଧ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଏହିଭଳି ସାଇରନ ବାଜିଥାଏ । ଯୁଦ୍ଧ ସମୟରେ ସାଇରନ ବାଜିବାର ଗୁରୁତ୍ୱ ରହିଛି, ଯେଉଁଥିରେ ଲୋକଙ୍କୁ ଆକାଶରୁ ଆକ୍ରମଣ ନେଇ ଚେତାବନୀ, ଏୟାର ଫୋର୍ସ ସହିତ ରେଡ଼ିଓ ସମ୍ପର୍କ ପରିଚାଳନା, ବ୍ଲାକ ଆଉଟ ଓ ନିୟନ୍ତ୍ରଣ କକ୍ଷର ପ୍ରସ୍ତୁତି ଯାଞ୍ଚ କରିବା ପାଇଁ ଅଭ୍ୟାସ କରାଯାଇଥାଏ । ଯୁଦ୍ଧର ସାଇରନ ୨ରୁ ୫କିମି ପର୍ଯ୍ୟନ୍ତ ଶୁଣାଯାଇଥାଏ । ଏହା ବିକଟାଳ ଶବ୍ଦ କରୁଥିବା ଚେତାବନୀ ସିଷ୍ଟମ, ଯାହାକି ୧୨୦ରୁ ୧୪୦ଡେସିବେଲ ପର୍ଯ୍ୟନ୍ତ ଶବ୍ଦ ଶୁଣାଯାଇଥାଏ । ଶବ୍ଦ ବାଜିଲେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ସଚେତନ ସହ ସ୍ଥାନୀୟ ଅଞ୍ଚଳବାସୀ ମକଡ୍ରିଲ ଭାଗ ନେଇ ବାତ୍ୟା ଆଶ୍ରୟସ୍ଥଳୀକୁ ସୁରକ୍ଷିତ ଭାବି ଦୌଡ଼ି ଆସିଥିଲେ । ମକଡ୍ରିଲ ସମୟରେ ଆଶା ନୋଡାଲ ଏନଜିଓ ଅନୁସୟା ପରିଡା, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ ଓ ନିକଟସ୍ଥ ବିଦ୍ୟାଳୟ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

୩ ପଞ୍ଚାୟତ ଉପ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି

## ୧୨ ୱାର୍ଡ ସଭ୍ୟ ପାଇଁ ପ୍ରକାଶ ପାଇନାହିଁ ବିଜ୍ଞପ୍ତି

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ୍‌ର ସର୍ଦ୍ଧାରବନ୍ଧ ପଞ୍ଚାୟତର ସରପଞ୍ଚ ଓ ବରଡିହା ଏବଂ କୋଟସାହି ପଞ୍ଚାୟତର ସମିତି ସଭ୍ୟ ପଦବି ଖାଲି ପଡ଼ି ଥିବାରୁ ଏ ସବୁ ପଦବି ପାଇଁ ନିର୍ବାଚନ ସକାଶେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହୋଇନଥିଲେ ମଧ୍ୟ ରାଜ୍ୟ ସରକାର ଉପରୋକ୍ତ ପଞ୍ଚାୟତ ଗୁଡ଼ିକରେ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରକାଶନ, ବୋଥ୍ କେନ୍ଦ୍ର ଚୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହି ଅନୁସାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତ ହୋଇଛି । ତାଲିକା ଅନୁସାରେ ସର୍ଦ୍ଧାରବନ୍ଧ ପଞ୍ଚାୟତରେ ମୋଟ ୧୩ଟି ୱାର୍ଡ ଅଧିନରେ ୩୪୪୦ ଜଣ ଭୋଟର, ବରଡ଼ିହା ପଞ୍ଚାୟତର ୨୦ ଟି ୱାର୍ଡ ଅଧିନରେ ୫୬୭୦ ଜଣ ଭୋଟର ଓ କୋଟସାହି ପଞ୍ଚାୟତର ୧୨ଟି ୱାର୍ଡ ଅଧିନରେ ୪୪୦୦ ଜଣ ଭୋଟର ରହିଛନ୍ତି ବୋଲି ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ସାଲିମା ରାଉତ ସୂଚନା ଦେଇଛନ୍ତି । ଭୋଟର ତାଲିକା କାମ ଶେଷ ହେବା ପରେ ବୋଥ୍ କେନ୍ଦ୍ର ଚିହ୍ନଟ ପାଇଁ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ପ୍ରକାଶଯୋଗ୍ୟ ଯେ ସର୍ଦ୍ଧାରବନ୍ଧ ପଞ୍ଚାୟତର ସରପଞ୍ଚ ସୁମିତ୍ରା ସିଂ ତାଙ୍କ ପଦବିରୁ ଇସ୍ତଫା ଦେବା ପରେ ଚଳିତ ୨୦୨୪ ମସିହା ମାର୍ଚ୍ଚ ମାସ ୧୭ ତାରିଖରୁ ସରପଞ୍ଚ ପଦ ଖାଲି ରହିଛି । ସେହିପରି ବରାଡିହା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଚାନ୍ଦରାୟ ଟୁଡୁଙ୍କ ଅକାଳ ବିୟୋଗ ୨୦୨୨ ମସିହା ନଭେମ୍ବର ୧୨ରୁ ସେହି ପଦ ଖାଲି ପଡ଼ିଛି । କୋଟସାହି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ପଦ ୨୦୨୨ ମସିହା ପଞ୍ଚାୟତ ନିର୍ବାଚନରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜ ମୋହନ ପ୍ରଧାନ ନଚ୍ଛିମପୁର ଓ କୋଟସାହି ଉଭୟ ଦୁଇଟି ଯାକ ଗ୍ରାମ ପଞ୍ଚାୟତରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ନାଚ୍ଛିମପୁର ଗ୍ରାମ ପଞ୍ଚାୟତ ର ସଦସ୍ୟ ପଦ ହାତରେ ରଖି କୋଟସାହି ସମିତି ସଭ୍ୟ ପଦକୁ ଛାଡ଼ି ଦେଇଥିଲେ । ସେହିଦିନଠାରୁ କୋଟସାହି ସମିତି ସଭ୍ୟ ପଦ ମଧ୍ୟ ଖାଲି ପଡ଼ିଛି । ସରକାର ଉପରୋକ୍ତ ୩ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପଦ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ବେଳ ବ୍ଲକ୍‌ରେ ଖାଲି ପଡ଼ିଥିବା ୧୨ରୁ ଉର୍ଦ୍ଧ୍ୱ ୱାର୍ଡ ସଭ୍ୟ ପଦ ସକାଶେ କୌଣସି ବିଜ୍ଞପ୍ତି ପ୍ରକାଶ କରି ନାହାନ୍ତି । ଫଳରେ ସମ୍ପୃକ୍ତ ୱାର୍ଡର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ବ୍ୟବସ୍ଥା ଯୋଗୁଁ ଦୀର୍ଘ ତିନି ବର୍ଷ ହେଲା ଏହି ୧୨ ଟି ୱାର୍ଡରେ ୱାର୍ଡ ସଭ୍ୟ ପଦ ଖାଲି ପଡ଼ିଛି । ୩ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପଦ ଖାଲି ପଡିଥିବା ୱାର୍ଡ ଗୁଡ଼ିକରେ ଏକା ସାଙ୍ଗରେ ନିର୍ବାଚନ କରିବାକୁ ସାଧାରଣରେ ଦାବି ହୋଇଛି ।

ଅର୍ଜୁନବିନ୍ଧା ଗାଁ ରାସ୍ତାରେ ଲହଡ଼ିଖେଳୁଛି ବର୍ଷା ପାଣି

## ଉଚ୍ଛେଦ ପାଇଁ ୨୮ଜଣଙ୍କୁ ନୋଟିସ୍ ଜାରି କଲେ ତହସିଲଦାର



ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ତିହିଡି ବ୍ଲକ ଅଧିନ ଅର୍ଜୁନବିନ୍ଧା-ମଧୁପୁର ରାସ୍ତାର ଅର୍ଜୁନବିନ୍ଧା ଗାଁ ରାସ୍ତାରେ ଗ୍ରୀଷ୍ମ ଋତୁରେ ବର୍ଷା ପାଣି ଲହଡି ଖେଳୁଛି । ଅର୍ଜୁନବିନ୍ଧା ଗାଁ ରାସ୍ତାକୁ କିଛି ଲୋକ ଜବରଦଖଲ କରିଥିବାରୁ ରାସ୍ତା ନିର୍ମାଣରେ ବ୍ୟାହତ ସୃଷ୍ଟି ହେଉଛି । ଗାଁ ରାସ୍ତାକୁ ଜବରଦଖଲ ମୁକ୍ତକରି ରାସ୍ତା ନିର୍ମାଣ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରାଯାଉଛି । ଗ୍ରାମ ବାସୀଙ୍କ ଦାବିଉପରେ ପ୍ରଶାସନ ଗୁରୁତ୍ୱଦେଇ ଗତ ୧୫ ଦିନ ତଳେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ତହସିଲଦାର ଜୟଦରଥ ଆଚାର୍ଯ୍ୟ,ବିଡ଼ିଓ ନିରଞ୍ଜନ ବାରିକ, ଜିଲ୍ଲା ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ କ୍ଷେତ୍ରିୟ ଅନୁଧ୍ୟାନ କରିଥିବା ବେଳେ ବ୍ଲକ କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ ଓ ସମ୍ବାଦିକ ଅକ୍ଷୟ ବଳ ଉପସ୍ଥିତ ଥିଲେ । ପରେ ରାସ୍ତାକୁ ଯେଉଁମାନେ ଜବରଦଖଲ କରିଛନ୍ତି ସେମାନଙ୍କୁ ଉଚ୍ଛେଦ କରିବାକୁ ବିଭାଗୀୟ ଯନ୍ତ୍ରୀ ଶ୍ରୀ ଘୋଷ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କୁ ଚିଠି ଲେଖିଥିଲେ । ତିହିଡି ତହସିଲଦାର ଜୟଦରଥ ଆଚାର୍ଯ୍ୟ ଉପଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀଙ୍କ ଉଚ୍ଛେଦ ନିର୍ଦ୍ଦେଶ ପାଇବାପରେ ଅର୍ଜୁନବିନ୍ଧା ଗ୍ରାମ ରାସ୍ତାର ୨୮ ଜଣ ଜବରଦଖଲକାରୀଙ୍କୁ ଜବରଦଖଲ ମୁକ୍ତକରିବାକୁ ନୋଟିସ କରିଛନ୍ତି । ଏହାପରେବି ଶାନ୍ତିପୂର୍ଣ୍ଣଭାବେ କିପରି ଜବରଦଖଲ ମୁକ୍ତହୋଇପାରିବ ସେନେଇ ପ୍ରଶାସନ ଉଦ୍ୟମ କରୁଛି । ଜବରଦଖଲକାରୀ ଓ ଗ୍ରାମବାସୀଙ୍କ ସହିତ ତହସିଲଦାର, ବିଡ଼ିଓ, ପୋଲିସ ଏକ ବୈଠକରେ ଆଲୋଚନାକରି ଜବରଦଖଲକାରୀ କିପରି ନିଜେ ନିଜେ ଜବରଦଖଲ ମୁକ୍ତକରି ରାସ୍ତାନିର୍ମାଣ କାର୍ଯ୍ୟରେ ସହଯୋଗ କରିବେ ସେଥିପାଇଁ ସେମାନଙ୍କୁ ବୁଝାସୁଝା କରାଯିବ ବୋଲି ତହସିଲଦାର ଶ୍ରୀ ଆଚାର୍ଯ୍ୟ ଚେଷ୍ଟା ଚଳାଇଛନ୍ତି । ଅର୍ଜୁନବିନ୍ଧା-ମଧୁପୁର ରାସ୍ତାଉପରେ ଡୌଲତପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ହଜାର ହାଜର ଲୋକ ନିର୍ଭର କରିଥାନ୍ତି । ଏହି ରାସ୍ତା ନିର୍ମାଣପାଇଁ ୯ କୋଟି ୯ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା । ଗତ ୨୦୨୩ ମସିହା ଫେବୃଆରୀ ୧୪ ତାରିଖରେ ଚାନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ ରାସ୍ତାର ଶିଳାନ୍ୟାସ କରିଥିଲେ । ଚୁକ୍ତି ଅନୁଯାୟୀ ରାସ୍ତା ନିର୍ମାଣକାର୍ଯ୍ୟ ୨୦୨୪ ଡିସେମ୍ବର ୩୦ ତାରିଖରେ ଶେଷ ହେବାକଥା । ମାତ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରି ନାହିଁ । ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକ ମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଏଥିସହ ଅର୍ଜୁନବିନ୍ଧା ଗାଁର ପ୍ରାୟ ୧କି .ମି ରାସ୍ତା ନିର୍ମାଣ ହୋଇ ପାରୁନାହିଁ । ଫଳରେ ଅର୍ଜୁନବିନ୍ଧା ଗ୍ରାମବାସୀଙ୍କ ସହିତ ପଥଚାରି ଅସୁବିଧାରେ ପଡୁଛନ୍ତି । ଯେଉଁଥି ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ଜବର ଦଖଲ ଉଚ୍ଛେଦ କରାଯାଇ ରାସ୍ତା ନିର୍ମାଣ କରାଯିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଗତ ୯ ମାସତଳେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ଅର୍ଜୁନବିନ୍ଧାରେ ପହଞ୍ଚି ଜବରଦଖଲ ମୁକ୍ତକରି ରାସ୍ତାନିର୍ମାଣ କାର୍ଯ୍ୟ ଶେଷକରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ରାସ୍ତାନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ଦିଗରେ ପଦକ୍ଷେପ ନେଇଥିବା ଜଣାଯାଇଛି ।



ବୌଦ୍ଧ, (ଭାସ୍କର ନ୍ୟୁଜ) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୌଦ୍ଧରେ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଟଙ୍କଧର ସାହୁ ଅଧକ୍ଷତା କରିଥିଲେ। ମଞ୍ଚରେ ପରିଚାଳନା କମିଟିର କୋଷାଧକ୍ଷ ଅଭିଷେକ ଅଗ୍ରୱାଲ, ସଦସ୍ୟା ପୁଷ୍ପାଞ୍ଜଳି ନାୟକ, ତୃପ୍ତିମୟୀ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଉପସ୍ଥିତ ଥିଲେ। ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଛାତ୍ର ଶାଶ୍ୱତ ଶେଖର ଶତପଥୀ ଓ ସ୍ୱୟଂ ସୁରିୟମ ଶାସିନି ଉଭୟ ସମାନ ୫୬୦ ( ୯୩.୩୩ % ) ମାର୍କ ପାଇ ଏ-ୱାନ ପ୍ରାପ୍ତ କରି ଜିଲ୍ଲାରେ ସର୍ବୋଚ୍ଚ ନମ୍ବରର ଅଧିକାରୀ ହୋଇଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟ ତରଫରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟ ଛାତ୍ର ନିଜର ସଫଳତା ପାଇଁ ଗୁରୁଜୀ ଗୁରୁମା, ପିତାମାତା ଓ ନିଜର ପରିଶ୍ରମକୁ ଶ୍ରେୟ ଦେଇଥିଲେ। ବିଦ୍ୟାଳୟର ଏହି ସଫଳତା ବିଦ୍ୟାର୍ଥୀଙ୍କ ପରିଶ୍ରମ, ବିଦ୍ୟାଳୟର ସେବାବ୍ରତୀଙ୍କ ମାର୍ଗଦର୍ଶନ, ପରିଚାଳନା ସମିତି କାର୍ଯ୍ୟକର୍ତ୍ତାର ଶୁଭେଚ୍ଛା ଓ ପିତାମାତାଙ୍କ ପୂର୍ଣ୍ଣ ସହଯୋଗ ଯୋଗୁଁ ସମ୍ଭବ ହୋଇଛି ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶେଷରେ ବରିଷ୍ଠା ଗୁରୁମା ସୁନୀତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ନିଶା ଇଞ୍ଜେକ୍ସନ କାରବାରରେ ୩ ଗିରଫ



କୋରାପୁଟ, (ଭାସ୍କର ନ୍ୟୁଜ) : ନିଶା ଇଞ୍ଜେକ୍ସନ କାରବାର କରୁଥିବା ଅଭିଯୋଗରେ ଜୟପୁର ଟାଉନ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ନାଗାର୍ଚି ସାହିର ମନୁ ପଣ୍ଡା (୨୭), ପୁରୁଣାଗଡ ଅଞ୍ଚଳର ସୁରୁଜ ଗୁପ୍ତା (୨୮) ଓ ଗୋପବନ୍ଧୁ ନଗରର କୃଷ୍ଣ ଟାକ୍ରୀ(୨୬) । ସୂଚନା ଅନୁଯାୟୀ, କିଛି ଦିନ ହେବ ଟାଉନ ପୋଲିସ ଓ ଏସଆଇ ରାଜେନ୍ଦ୍ର କୁମାର ପାଙ୍ଗି ନିଶା କାରବାର ହେଉଥିବା ନେଇ ଏକ ଗ୍ୟାଙ୍ଗ ଉପରେ ନଜର ରଖିଥିଲେ। ମଙ୍ଗଳବାର ସହରର ଢେପଗୁଡ଼ା ନିକଟରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ଠାରୁ କିଛି ଇଞ୍ଜେକ୍ସନ ଓ ଏକ ସ୍କୁଟି ଜବତ କରାଯାଇଛି। ଅଭିଯୁକ୍ତମାନେ ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କ ଠାରୁ ପେଣ୍ଟାପ୍ରାଜୋଲ ଇଞ୍ଜେକସନ ଏକ ଘରୋଇ ବସରେ ଆଣୁଥିଲେ । ବସ୍‌ରୁ ଓହ୍ଲାଇବା ପରେ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଥିଲା। ସହରରରେ ଥିବା ଔଷଧ ବିତରଣ କେନ୍ଦ୍ର ଗୁଡିକରୁ କିଣି ବ୍ୟବସାୟ କରୁଥିବା ଜଣାପଡିଛି। କମ୍ ଦାମରେ ଏହି ଇଞ୍ଜେକ୍ସନ ଗୁଡିକ କିଣି ଏହାକୁ ଚଢା ଦରରେ ଯୁବପୀଢିଙ୍କୁ ବିକ୍ରି କରାଯାଉଛି। ଯୁବତୀମାନେ ମଧ୍ୟ ଏହି ନିଶା ଇଞ୍ଜେକସନ ବ୍ୟବହାର କରୁଥିବା ସୂଚନା ରହିଛି । ଆଗାମୀ ଦିନରେ ଏହାର ମାଷ୍ଟର ମାଇଣ୍ଡକୁ ଧରିବେ ବୋଲି ଟାଉନଥାନା ଅଧିକାରୀ ଉଲ୍ଲାସ ବେହେରା କହିଛନ୍ତି । ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ଶିକ୍ଷା ବିଭାଗର ସମୀକ୍ଷା ବୈଠକ

ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ମୁଖ୍ୟ ଚିକିତ୍ସକ ଅଧିକାରୀ ଡାକ୍ତର ମଦନ ପ୍ରଧାନ, ହରଭଙ୍ଗା ବିଡିଓ ଶରତ କୁମାର ସେଠୀ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକରେ ପିଏମ୍ ଶ୍ରୀ, ସମଗ୍ର ଶିକ୍ଷା ଓ ହାଇସ୍କୁଲ ରୂପାନ୍ତରିକରଣ କାର୍ଯ୍ୟକ୍ରମର ସମୀକ୍ଷା ହୋଇଥିଲା । ଚଳିତ ମାଟ୍ରିକ୍ ଫଳାଫଳର ମଧ ସମୀକ୍ଷା କରା ଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ ସମୀକ୍ଷା ବୈଠକରେ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ସହାୟତା କରିଥିଲେ ।

# ରାଜ୍ୟସ୍ତରୀୟ ସାଂସ୍କୃତିକ ଉତ୍ସବ 'ଅନ୍ୱେଷଣ' ଆୟୋଜିତ




ଆସିକା, (ଭାସ୍କର ନ୍ୟୁଜ୍ ) : ଇନଷ୍ଟିଚ୍ୟୁଟ ଫର୍ ପଲିସି ରିସର୍ଚ୍ଚ ଇନ୍ ଇକୋନୋମିକସ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଡେଭଲପମେଣ୍ଟର ବାର୍ଷିକ ଉତ୍ସବ 'ଅନ୍ୱେଷଣ ୨୦୨୫' ତଥା ରାଜ୍ୟସ୍ତରୀୟ ସାଂସ୍କୃତିକ ଉତ୍ସବ ଗଞ୍ଜାମ କଳା ପରିଷଦ, ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ଗୌରୀ ଶଙ୍କରଲାଲ ଯୋଗ ଦେଇ ଥିବାବେଳେ ସମ୍ମାନନୀୟ ଅତିଥି ଭାବେ ପ୍ରେମ୍ ସିଂହ ବିଷ୍ଟ, ନୂଆ ଦିଲ୍ଲୀ, ବ୍ରହ୍ମପୁର ଉର୍ଜା ଏକାଡେମିର ନିର୍ଦ୍ଦେଶକ ଏନ୍ ସନ୍ତୋଷ କୁମାର ରେଡ୍ଡୀ, ବରିଷ୍ଠ ସାମ୍ବାଦିକ ସୁଦୀପ୍ ସାହୁ ଯୋଗ ଦେଇଥିଲେ। ଇନଷ୍ଟିଚ୍ୟୁଟ ଫର୍ ପଲିସି ରିସର୍ଚ୍ଚ ଇନ୍ ଇକୋନୋମିକସ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଡେଭଲପମେଣ୍ଟର ନିର୍ଦ୍ଦେଶକ ଡକ୍ଟର ପ୍ରବୀଣ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କେ ଶିବକୁମାର୍ ଅତିଥି ପରିଚୟ ପ୍ରଦାନ କରିଥିଲେ। କେ ଶିବକୁମାର ଓ ସ୍ୱସ୍ତିସୁନ୍ଦର୍ ମଞ୍ଚ ପରିଚାଳନରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ଉଦ୍ୟୋଗୀ ଅନୁଷ୍ଠାନ ରଶ୍ମି ଏଣ୍ଟପ୍ରାଇଜେଶ୍, ଭିଟମ୍, କୁନାଲ ବୁକ୍ସ୍, ଉର୍ଜା ଏକାଡେମୀ, ମା' ତାରାତାରିଣୀ ନର୍ସିଂ କଲେଜ, ପ୍ରାର୍ଯ୍ୟାନ୍ ଏକାଡେମୀ ଆଦି ଅନୁଷ୍ଠାନ ସହଯୋଗ କରିଥିଲେ ଓ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ଏଥିସହ ଦୁଇଟି ପୁସ୍ତକର ଉନ୍ମୋଚନ କରାଯାଇଥିଲା । ଏଥିରେ ପ୍ରସନ୍ନାକ୍ଷୀ, ନେକ୍ସଟ୍ ଲେଭେଲ ଡାନ୍ସ ଷ୍ଟୁଡିଓ ମିନି ମିରାକିଲ ଆଦି ପ୍ରମୁଖ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଉଦୀୟମାନ ତାରକା ସତ୍ୟ ସୁନ୍ଦର ଦାସ ଅତିଥି କଳାକାର ଭାବେ ଯୋଗ ଦେଇଥିଲେ। ଏବଂ ସମସ୍ତ ସହଯୋଗୀ ମାନଙ୍କୁ ସେମାନଙ୍କର ସମାଜପ୍ରତି ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡକ୍ଟର ମଧୁସ୍ମିତା ମିଶ୍ର, ଅନୁପ ପଣ୍ଡା, ପ୍ରଭୃତି ସଂଯୋଜନା କରିଥିବାବେଳେ ଆଶୁତୋଷ ପଣ୍ଡା, ରଶ୍ମି ରଞ୍ଜନ ମୁଦୁଲି, ସୁଶାନ୍ତ ଗୋଛାୟତ, ଜିତୁରାଜ୍ ବେହେରା, ଦ୍ୱିତି କୃଷ୍ଣ ଗୌଡ଼ ପ୍ରମୁଖ ଏହାକୁ ପରିଚାଳନା କରିବାରେ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ଅନୁପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପଡ଼ିଆରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ସଦରମହକୁମାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ସରକାରୀ ଗୋଷ୍ଠୀ ଚିକିତ୍ସାଳୟ ସମ୍ମୁଖରେ ନୂତନ ଭାବେ ନିର୍ମିତ ଷ୍ଟେଟ ବ୍ୟାଙ୍କ ଶାଖା ଗୃହକୁ ରଙ୍ଗାରଙ୍ଗ ଭାବେ ସଜେଇ ଉଦ୍‌ଘାଟନ କାର୍ଯ୍ୟକ୍ରମ କରାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଭାରତୀୟ ଟେଷ୍ଟ ବ୍ୟାଙ୍କର ମୁଖ୍ୟ ଜେନେରାଲ ମ୍ୟାନେଜର ଦିନେଶ ପୃଷ୍ଟି ଯୋଗ



ଦେଇଥିବା ବେଳେ ଡିଜିଏମ ଶମଦେନ ଦୋରଜୀ ଲାମା, ଡେପୁଟି ଜେନେରାଲ ମ୍ୟାନେଜର ସନ୍ଦୀପ କୁମାର ଚବେ, ରିଜିଓନାଲ ମ୍ୟାନେଜର ସୁବାଷଚନ୍ଦ୍ର ବେହେରା, ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ର, ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶେଷଦେବ ବେହେରା ଓ ପଡ଼ିଆ ଥାନାର ଉପନିରୀକ୍ଷକ ନିରୋଦ କୁମାର ବାଘ ପ୍ରମୁଖ ଉପସ୍ଥିତ ସ୍ଥିତ ଥିଲେ। ପଡ଼ିଆ ବ୍ଲକର ଆଠ ଗୋଟି ପଞ୍ଚାୟତରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଏହି ବ୍ୟାଙ୍କ ଜରିଆରେ ବିଭିନ୍ନ ସେବା ଓ ସୁଯୋଗ ପାଇବେ ବୋଲି କୁହାଯାଇଛି ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ମାନେ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଉପଲବ୍ଧ ସୁବିଧା ସୁଯୋଗ ବାବଦରେ ପଚାରି ବୁଝିବା ସହ ଆଗାମୀ ଦିନରେ ପଡିଆ ଭଳି ଆଦିବାସୀ ଅଧ୍ୟୁସିତ ଇଲାକାରେ ସ୍ୱାସ୍ଥ୍ୟ ସେବା ଉପକରଣ ଯୋଗାଇବା ଦିଗରେ ଅନୁବନ୍ଧିତ ହୋଇ ସହଯୋଗ କରିବା ନେଇ ଆଲୋଚନା କରିଥିଲେ।

# ଶୋଚନୀୟ ଅବସ୍ଥାରେ ରାଇଘର-ଛତିଶଗଡ଼ ରାସ୍ତା



ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ଠାରୁ ମାତ୍ର ୧୦୦ ମିଟର ଦୂରତାରେ ଅବସ୍ଥିତ ଷକ୍ସ ପେଟ୍ରୋଲ ପମ୍ପ ନିକଟରେ ଖାଲ ଢିପ ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି ରାଜ୍ୟ ରାଜପଥ ସୀମାନ୍ତ ହାଟ ଭରାଣ୍ଡି, କୁନ୍ଦେଇ ଦେଇ ଛତିଶଗଡ଼ର ରାୟପୁରକୁ ସଂଯୋଗ କରୁଛି। ଏହି ରାସ୍ତା ଉପରେ ପ୍ରତ୍ୟେକ ବର୍ଷ ଖାଲ ଢିପ ସହ ଗର୍ତ୍ତ ସୃଷ୍ଟି ହୋଇଥିବା ନଜର ରହିଛି। ତାପରେ ପରେ ବିଭାଗୀୟ ଅଧିକାରୀ ପିଚୁ ଢାଳି ଦେଇ ରାସ୍ତା ସମତୁଳ କରି ନୀରବ ରୁହନ୍ତି। ପୁଣି କିଛି ଦିନ ପରେ ରାସ୍ତା ଯେଉଁ ଅବସ୍ଥାକୁ ସେହି ଅବସ୍ଥାରେ ପରିଣତ ହୋଇଯାଉଛି। ଏଠାରେ ପ୍ରଶ୍ନ ଉଠେ ଯେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ରାସ୍ତା ଘାଟର ବିକାଶ ନିମନ୍ତେ କୋଟି କୋଟି ଟଙ୍କା ମଞ୍ଜୁର କରୁଥିବା ବେଳେ କାହିଁକି ତାହାର ସମାଧାନ ହୋଇପାରୁନାହିଁ। ତାସହ ଟେଣ୍ଡର କାମ ସରି ଥିଲେ ସୁଦ୍ଧା କାହିଁକି କାର୍ଯ୍ୟ ଆରମ୍ଭ ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଅସନ୍ତୋଷ ବୃଦ୍ଧି ପାଇଛି। ରାସ୍ତା ମଧରେ ଖାଲ ଢିପ ସହ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହେବା ଫଳରେ ଯାତାୟାତରେ ଅସୁବିଧା ଶହ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି ତେଣୁ ବିଭାଗୀୟ ଅଧିକାରୀ ଏହା ଉପରେ ନଜର ଦେଇ ଏହାର ସ୍ଥାୟୀ ସମାଧାନ ନିମନ୍ତେ ସାଧାରଣ ଦାବି ହେଉଛି।

## ହଷ୍ଟେଲରେ ଛାତ୍ରୀଙ୍କୁ ବଳାତ୍କାର ଘଟଣା

# ଅଭିଯୁକ୍ତ ଗିରଫ ନହେଲେ ଆନ୍ଦୋଳନ ଚେତାବନୀ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ଲମତାପୁଟ ବ୍ଲକ ସ୍ଥିତ ମଙ୍ଗଳ ବିଭାଗ ପରିଚାଳିତ ଛାତ୍ରୀ ନିବାସ ଅନ୍ତେବାସୀଙ୍କୁ ହଷ୍ଟେଲରେ ବଳାତ୍କାର ଘଟଣାକୁ ୭ଦିନ ବିତିଛି । ଏବେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କୁ ଠାବ କରିବାରେ ବିଫଳ ରହିଛି । ମଙ୍ଗଳବାର ରାଜ୍ୟ କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଦ୍ୱିତୀୟ ଥର ପାଇଁ ପିଡ଼ିତାଙ୍କ ଗାଁକୁ ତାଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି । ସ୍ଥାନିୟ ବୁଦ୍ଧିଜୀବୀ, ପିଡିତାଙ୍କ ପରିବା ଓ ଖବରଦାତାଙ୍କ ସମ୍ମୁଖରେ ପ୍ରତିକ୍ରିୟା ରଖି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନ କରିଛନ୍ତି। ବିଜେପି ସରକାର ସମୟରେ ରାଜ୍ୟରେ ମହିଳା, ନାବାଳିକା ଓ ଛାତ୍ରୀମାନେ ଅସୁରକ୍ଷିତ ଅଛନ୍ତି । ହଷ୍ଟେଲ ଭିତରେ ପଶି ଜଣେ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିଲେ ମଧ୍ୟ ଅଭିଯୁକ୍ତମାନେ ଧରା ନପଡିବା ପୋଲିସର ବିଫଳତାକୁ ପ୍ରମାଣ କରୁଛି ବୋଲି ସେ କହିଛନ୍ତି। ସେଠାରୁ ହଷ୍ଟେଲ ପରିଦର୍ଶନ କରି ମାଛକୁଣ୍ଡ ଥାନାକୁ ଯାଇ ପୋଲିସ ସହ ଘଟଣାର ତଦନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରାନଗଲେ ଆଗାମୀ ଦିନରେ ମହିଳା କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି । ଏହି ସମୟରେ ତାଙ୍କ ସହ ଲମତାପୁଟ ଜୋନ-୧ ଜିଲ୍ଲା ପରିଷଦ ସଦସ୍ୟା ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ଜୋନ-୨ ସଦସ୍ୟ ଗୀତାରାଣୀ ମାହାଲା, ବ୍ଲକ କଂଗ୍ରେସ ସଭାପତି ପୂର୍ବ ଖିଲଙ୍କ ସମେତ ମହିଳା କଂଗ୍ରେସର ଏକାଧିକ ସଦସ୍ୟ ଉପସ୍ଥିତ ଥିଲେ ।

# ଗ୍ରୀଷ୍ମ କାଳୀନ ହକି ଶିବିର ଉଦ୍‌ଘାଟିତ




ଉମରକୋଟ(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ତଥା ଓଡିଶା ନାଭାଲ୍ ଟାଟା ହକି ଦ୍ୱାରା ଗ୍ରୀଷ୍ମକାଳୀନ ହକି କ୍ୟାମ୍ପ୍ ସାରା ରାଜ୍ୟରେ ମେ ୫ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ କରାଯାଇଛି। ଏହି ପରିପେକ୍ଷୀରେ ନବରଙ୍ଗପୁର ଜିଲ୍ଲାର ଭାମିନି ଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଉକ୍ତ ଗ୍ରୀଷ୍ମକାଳୀନ ହକି କ୍ୟାମ୍ପ୍ ଉଦ୍ ?ଘାଟିତ ହୋଇଯାଇଅଛି। ଉଦ୍ ?ଘାଟନୀ ଉତ୍ସବରେ ଜିଲ୍ଲା କ୍ରୀଡା ସଂଘର ମହିଳା ସମ୍ପାଦିକା ତଥା ରାଜ୍ୟ ହକି ଆସୋସିଏସନ୍ ର ଆଜୀବନ ସଦସ୍ୟା ଇଂ.ଚନ୍ଦନା ମଲ୍ଲିକ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କ୍ରୀଡା ଶିକ୍ଷକ ଶ୍ରୀ କିଶୋର କୁମାର ସିଲ,ପ୍ରଧାନ ଶିକ୍ଷକ ଶ୍ରୀ ଭବାନୀ ପାତ୍ର, ଶ୍ରୀ ପ୍ରମୋଦ ସାହୁ, ଶ୍ରୀ ପ୍ରତାପ କୁମାର ନନ୍ଦ, ଶ୍ରୀ ପ୍ରଦୀପ ପାଣିଗ୍ରାହୀ, ଶ୍ରୀ ଦୁର୍ଯ୍ୟୋଧନ ନାୟକ, ଶ୍ରୀ ପ୍ରଦୀପ ବିଶ୍ୱାସ ପ୍ରମୁଖ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରେ ରହିଥିବା ହକି ପ୍ରତିଭା ମାନଙ୍କୁ ସୁଯୋଗ ଦେବା ନିମନ୍ତେ ତଥା ୧୬ ବର୍ଷ ବୟସ ବାଳକ ବାଳିକା କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିବା ଏହି ଗ୍ରୀଷ୍ମକାଳୀନ ହକି କ୍ୟାମ୍ପର ମୂଳ ଉଦ୍ଦେଶ୍ୟ ଅଟେ।

# କିଚେନ ଗାର୍ଡେନରେ ଅନୁଦାନ ବନ୍ଦ ବାଟ ହୁଡିଛି ଯୋଜନା

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ପ୍ରଧାନମନ୍ତ୍ରୀ ପୋଷଣ ଅନୁଦାନରେ ରାଜ୍ୟରେ ସ୍କୁଲ କିଚେନ ଗାର୍ଡେନ ଯୋଜନା ଆରମ୍ଭ ହୋଇଥିଲା। ଯେଉଁ ବିଦ୍ୟାଳୟ ପରିସରରେ ବଗିଚା ପାଇଁ ଜାଗା ରହିଛି ଏବଂ ଉକ୍ତ ବିଦ୍ୟାଳୟରର ପ୍ରଧାନ ଶିକ୍ଷକଙ୍କ ଆବେଦନ କ୍ରମେ ସେହି ବିଦ୍ୟାଳୟକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମାଧମରେ ପ୍ରତ୍ୟେକ ବର୍ଷ ୫୦୦୦ଟଙ୍କା ଅନୁଦାନ ପ୍ରଦାନ କରାଯାଇଥାଏ। ବିଶେଷ କରି ପାଚେରୀ,ଜଳସେଚନ ବ୍ୟବସ୍ଥା ଓ କିଚେନ ଗାର୍ଡେନ ପାଇଁ ଉପଯୁକ୍ତ ଭିତ୍ତିଭୂମି ଥିବା ସ୍କୁଲ ମାନଙ୍କୁ ଏଥିରେ ସାମିଲ କରାଯାଇଥିଲା। ଉକ୍ତ ଅର୍ଥରେ ପନପରିବା ଚାଷ ହେଉଥିଲା। ଏହାର ଏକମାତ୍ର ଲକ୍ଷ୍ୟ ଥିଲା ପିଲାଙ୍କୁ ପୃଷ୍ଟିକର ଖାଦ୍ୟ ପ୍ରଦାନ। ପନିପରିବା ଦର ବଢିଲେ ମଧ ସ୍କୁଲ କର୍ତ୍ତୃପକ୍ଷ ଆଉ ଭୟ ରହୁନଥିଲା। ଡାଲି,ତେଲ ଏବଂ ପରିବା ଦର ବଢିଲେ ମଧ ସ୍କୁଲ ପନିପରିବା ପକାଇ ସୁସ୍ୱାଦୁ ଖାଦ୍ୟ ଦିଆଯାଉଥିଲା। ଏହି କାର୍ଯ୍ୟକ୍ରମ ୨୦୨୧-୨୨ ମସିହାରେ ରାଜ୍ୟରେ ୪୩ ହଜାର ବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ଏଭଳି ଅଭିନବ କାର୍ଯ୍ୟକ୍ରମ ପାଇଁ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଥିଲା। ଗତ ୨ ବର୍ଷ ହେବ ଏଥିପାଇଁ ଅନୁଦାନ ବନ୍ଦ ହୋଇ ଯାଇଥିବାରୁ ଏହି ଯୋଜନା ଏକ ପ୍ରକାର ବନ୍ଦ ହୋଇଯାଇଛି। ଯେଉଁ କେତୋଟି ବିଦ୍ୟାଳୟରେ ଏହା ଚାଲିଛି ତାହା ନିଜ ଖର୍ଚ୍ଚରୁ ଚାଲିଛି। ସ୍କୁଲ ଛାତ୍ରଛାତ୍ରୀ ଏବଂ ହଷ୍ଟେଲ ଅନ୍ତେବାସୀଙ୍କୁ ଏହି ଯୋଜନା ବେଶ ସହାୟକ ହେଉଥିଲା। ଏହାଦ୍ୱାରା ମଧାହ୍ନ ଭୋଜନ ଏବଂ ଛାତ୍ରାବାସ ଅନ୍ତେବାସୀଙ୍କୁ ସ୍କୁଲ ବଗିଚାରୁ ଜୈବିକ ପଦ୍ଧତିରେ ଅମୃତଭଣ୍ଡା, ବାଇଗଣ, କଦଳୀ, ବିଲାତି, ବୋଇତାଳୁ, ଭେଣ୍ଡି, ମୂଳା, ଶାଗ ତଟକା ପନିପରିବା ପ୍ରସ୍ତୁତ ଖାଦ୍ୟ ଖାଉଥିଲେ। ସ୍କୁଲ କିଚେନ ଗାର୍ଡେନ କୁ ଛାତ୍ରଛାତ୍ରୀ ବୁଲି ଦେଖିବା ସହ ଏଥିରୁ ପିଲାମାନେ ପନିପରିବା ଆଦିର ନାମ ଓ ଚିହ୍ନିବା ଭଳି ଶିକ୍ଷା ପାଉଥିଲେ। ସ୍କୁଲ କର୍ମଚାରୀ ଏବଂ ପିଲାମାନେ ପ୍ରତିଦିନ ଗଛରେ ପାଣି ଦେବା ଠାରୁ ଆରମ୍ଭ କରି ଯତ୍ନ ନେଉଥିଲେ। କିଚେନ ଗାର୍ଡେନ ସ୍କୁଲ ପରିବେଶର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲା। ପିଲାମାନଙ୍କୁ ବଗିଚା ପ୍ରତି ଆଗ୍ରହ ବଢାଇବାକୁ ଗୋଟିଏ ଦିନ ବଗିଚା ପାଇଁ କିଛି ସମୟ ଦିଆଯାଉଥିଲା। ଏହି ଯୋଜନା ଗୋଟିଏ ବର୍ଷ ଭଲ ଭାବରେ ଚାଲିବା ପରେ ଗତ ୨ ବର୍ଷ ଠାରୁ ଅନୁଦାନ ହଠାତ୍ ବନ୍ଦ ହୋଇଯାଇଛି । କେନ୍ଦୁଝର ଜିଲ୍ଲାରେ ମୋଟ ୨୧୭୬ ଟି ବିଦ୍ୟାଳୟରେ ଏହି ସୁନ୍ଦର ଯୋଜନା ଚାଲିଥିଲା। ୨୦୨୨-୨୦୨୩ ଏବଂ ୨୦୨୩-୨୪ ମସିହାରେ ଏହି ଯୋଜନାରେ ଆର୍ଥିକ ଅନୁଦାନ ମିଳିନାହିଁ। ଆନନ୍ଦପୁର ବ୍ଲକର ୧୬୮, ବାଂଶପାଳ ବ୍ଲକର ୧୭୧,ଚମ୍ପୁଆ ବ୍ଲକର ୧୩୧,ଘସିପୁରା ବ୍ଲକର ୧୬୮, ଘଟଗାଁ ବ୍ଲକର ୧୫୫, ହରିଚନ୍ଦନପୁର ବ୍ଲକର ୧୯୮, ହାଟଡିହି ବ୍ଲକର ୨୫୬, ଝୁମ୍ପୁରା ବ୍ଲକର ୧୪୪, ଯୋଡା ବ୍ଲକର ୧୫୨, କେନ୍ଦୁଝର ସଦର ବ୍ଲକର ୧୯୮, ପାଟଣା ବ୍ଲକର ୧୪୭, ସାହାରପଡା ବ୍ଲକର ୧୨୫ ଏବଂ ତେଲକୋଇ ବ୍ଲକର ୧୬୩ ଟି ବିଦ୍ୟାଳୟରେ କିଚେନ ଗାର୍ଡେନ ଚାଲିଥିଲା। ଏହି ସ୍କୁଲ କିଚେନ ଗାର୍ଡେନ ଉତ୍ପନ୍ନ ହେଉଥିବା ପନିପରିବା ମଧାହ୍ନ ଭୋଜନରେ ପୃଷ୍ଟିକର ଖାଦ୍ୟ ଯୋଗାଇବାରେ ସାହାଯ୍ୟ କରୁଥିଲା। ତେଣୁ ଏହା ପୂର୍ବପରି ଚାଲୁ କରିବା ପାଇଁ ଦାବି ହୋଇଛି।

# ନୂତନ ବିଭାଗୀୟ ଅଧିକାରୀଙ୍କ ନିଯୁକ୍ତି



ଗୁଣପୁର, (ଭାସ୍କର ନ୍ୟୁଜ୍ ) : ଗୁଣପୁର ବ୍ଲକ ନୂତନ ବିଭାଗୀୟ ଅଧିକାରୀ ଭାବେ ରାମଚନ୍ଦ୍ର ଖୁଣ୍ଟିଆ କାର୍ଯରେ ଯୋଗ ଦେଇଛନ୍ତି। ସେ ଏଥିପୂର୍ବରୁ ରାୟଗଡା ଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ବିଭାଗୀୟ ଅଧିକାରୀ ଶ୍ରୀ ଖୁଣ୍ଟିଆ ଦାୟିତ୍ୱ ଗ୍ରହଣ ପରେ ବ୍ଲକର ସମସ୍ତ କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ ତାକୁ ସ୍ୱାଗତ ଜଣାଇଥିଲେ। ପୂର୍ବରୁ ବିଭାଗୀୟ ଅଧିକାରୀ ଶ୍ରୀ ଖୁଣ୍ଟିଆ ଗୁଣପୁର ବ୍ଲକରେ ବରିଷ୍ଠ ସହାୟକ ଭାବେ ନିଷ୍ଠାର ସହ କାର୍ଯ୍ୟ ତୁଲାଇବା ସହ ଗୁଣପୁର ତହସିଲ, ଗୁଣପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଓ ପଦୋନ୍ନତି ପାଇ ଗୁଣପୁର ଆଇଟିଡିଏ କାର୍ଯ୍ୟାଳୟରେ ନିଷ୍ଠାର ସହ କାର୍ଯ୍ୟକରିବା ସହ ଜଣେ ସରଳ ଓ ମିଷ୍ଟଭାଷି ଯୋଗୁଁ ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରଶଂସିତ ହୋଇପାରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ବେଳେ ଗୁଣପୁର ବ୍ଲକରେ ଶୃଙ୍ଖଳିତ ଓ ସୁଚାରୁ ରୂପେ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପ୍ରଶଂସିତ ହୋଇଥିଲେ। ତେବେ ସେ ଆଗାମୀ ଦିନରେ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ମଧରେ ସମନ୍ୱୟ ରକ୍ଷା କରି ସୁଚାରୁ ରୂପେ କାର୍ଯ୍ୟ ତୁଲାଇବା ସହ ସରକାରଙ୍କ ବିଭିନ୍ନ ଯୋଜନାର ସଠିକ ରୂପାୟନ ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ଯୁବକଙ୍କୁ ଏସିଡ୍ ମାଡ ଅଭିଯୋଗ

ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ଥାନା ସାମ୍ଭୋଚ ଗ୍ରାମରେ ଦୋକାନ ଆଗରେ ଶୋଇଥିବା ବେଳେ ଯୁବକଙ୍କୁ ଏସିଡ ମାଡ଼ ହୋଇଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଥାନା ସାମ୍ଭୋଚ ଗ୍ରାମର ସଞ୍ଜୟ ସ୍ୱାଇଁ ନିଜ ଦୋକାନ ଆଗରେ ଶୋଇଥିବା ବେଳେ ବିଳମ୍ବିତ ରାତି ୧୨.୧୫ ମିନିଟ ସମୟରେ କେହି ଦୁର୍ବୃତ୍ତ ଏସିଡ ମାଡ କରିଥିଲା। ଫଳରେ ସଞ୍ଜୟଙ୍କ ମୁହଁ, ପିଠି, କାନ୍ଧ ଓ ଛାତି ପୋଡ଼ି ଯାଇଥିଲା। ପରିବାର ଲୋକେ ଉଦ୍ଧାର କରି ସଞ୍ଜୟଙ୍କୁ ବୌଦ୍ଧ ଡାକ୍ତର ଖାନାକୁ ଆଣିଥିଲେ। ସଞ୍ଜୟ ଗୁରୁତର ଅବସ୍ଥାରେ ବୌଦ୍ଧ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ସକାଳେ ବୌଦ୍ଧ ଥାନାରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି।

# ମୁଖ୍ୟ ଶାସନ ସଚିବଙ୍କ କୋରାପୁଟ ଗସ୍ତ



କୋରାପୁଟ, (ଭାସ୍କର ନ୍ୟୁଜ୍ ) : ମୁଖ୍ୟ ଶାସନ ସଚିବ ମନୋଜ ଆହୁଜ କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜୟପୁର ବିମାନବନ୍ଦରରୁ ମୁଖ୍ୟ ଶାସନ ସଚିବ ଆହୁଜାଙ୍କୁ କୋରାପୁଟ ଜିଲ୍ଲାପାଳ ଭି କିର୍ତୀଭାସନ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀ ସ୍ୱାଗତ କରିଥିଲେ। ପରେ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ୬୫୦ ଶଯ୍ୟା ବିଶିଷ୍ଟ କୋଠା ବୁଲି ଦେଖିବା ସହ ମେଡିକାଲକୁ ଯାଇ ୱାର୍ଡରେ ଚିକିତ୍ସା ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ସଂକ୍ରାନ୍ତରେ ରୋଗୀ ଓ ସମ୍ପର୍କୀୟଙ୍କୁ ପଚାରି ବୁଝିଥିଲେ ଶ୍ରୀ ଆହୁଜା। କିଛି ଅଙ୍ଗନବାଡି କେନ୍ଦ୍ରକୁ ଯାଇ ଶିଶୁଙ୍କ ଓଜନ, ଚିକିତ୍ସା ବ୍ୟବସ୍ଥା ଓ ଆବଶ୍ୟକ ସୁବିଧା ସମ୍ପର୍କରେ ଅଭିଭାବକଙ୍କୁ ପଚାରି ବୁଝିଥିଲେ । ବାଉଁଶଗୁଡ଼ା କଫି ନର୍ସରୀରେ ମହିଳାମାନେ କରିଥିବା ୨ଲକ୍ଷ କଫି ଚାରାରୋପଣକୁ ବୁଲି ଦେଖିଥିଲେ। ଗାଁ ଲୋକ ଅଧିକ କଫି ଚାଷ କରି ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ଗାଁ ଲୋକଙ୍କ ସହ ଆଲୋଚନା କରିଥିଲେ। ସେମିଳିଗୁଡାର ଆରଆଇ ଓ ତହସିଲ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ପ୍ରମାଣପତ୍ର ପ୍ରଦାନରେ ବୈଷୟିକ ସୁବିଧା ବ୍ୟବହାର ହେଉଛି କି ନାହିଁ ତାହା ପଚାରି ବୁଝିଥିଲେ। ଥାନାକୁ ଯାଇ ନୂଆ ଅପରାଧିକ ଆଇନ ବ୍ୟବହାର, ବୈଷୟିକ ଜ୍ଞାନ କୌଶଳର ବ୍ୟବହାର, ଥାନାର ଗାଡି, ସାକ୍ଷ୍ୟଗ୍ରହଣ ପାଇଁ ଡିଜିଟାଲ ପ୍ରକ୍ରିୟା କିପରି ଚାଲିଛି, ଜିରୋ ଏଫଆଇଆର, ଥାନାର ଆବଶ୍ୟକତା ଏବଂ ବିଭିନ୍ନ ମାମଲାର ତଦନ୍ତ କିପରି ଚାଲିଛି ସେ ନେଇ ପଚାରି ବୁଝିଥିଲେ । ନୂଆ ସହରାଞ୍ଚଳ ଚିକିତ୍ସାଳୟରେ କିପରି ଭାବେ ଚିକିତ୍ସା ସହାୟତା ପ୍ରାଦନ କରାଯାଉଛି ତାହାର ଅନୁଧ୍ୟାନ କରିଥିଲେ । ସଂନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗକୁ ନେଇ ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ ଶେଷ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତି ବ୍ୟକ୍ତିଙ୍କ ପାଇଁ ସରକାରଙ୍କ ସୁବିଧା ରହିଛି, ଯୋଜନା ଗୁଡିକ ହିତାଧିକାରୀଙ୍କୁ ମିଳୁଛି କି ନାହିଁ ତାହାର ସମୀକ୍ଷା କରିଥିଲେ । ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥିତିକୁ ନେଇ ଶ୍ରୀ ଆହୁଜା କହିଛନ୍ତି, ଶୀତଳ ଭଣ୍ଡାର ନିର୍ମାଣ ଓ ବିଦ୍ୟୁତ ସଂଯୋଗ ପାଇଁ ସରକାର ରିହାତି ଦେଉଛନ୍ତି । ଏଥିପାଇଁ ଯୁବ ଉଦ୍ୟୋଗୀ ଆଗେଇ ଆସିବା ଦରକାର। ଆବେଦନ କଲେ ସରକାର ସହାୟତା ଯୋଗାଇ ଦେବା ପାଇଁ ପଦକ୍ଷେପ ନେବେ। ସମୀକ୍ଷା ବୈଠକ ଓ ଗସ୍ତ ସମୟରେ ଜିଲ୍ଲାପାଳ ଭି କୀର୍ତି ଭାସନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜୟପୁର ଉପଜିଲ୍ଲାପାଳ ଆକାଭରମ ସସ୍ୟା ରେଡ୍ଡୀ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲଲ ହିଆଲ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରାଣୀଗୋଡାରେ ମହାତ୍ମାଗାନ୍ଧୀଙ୍କ ୯୨ ତମ ଆଗମନ ଦିବସ ପାଳିତ




ଅନୁଗୋଳ, (ଭାସ୍କର ନ୍ୟୁଜ୍ ) : ୦୬ ତାରିଖ ମଙ୍ଗଳବାର ସହର ଉପକଣ୍ଠ ରାଣୀଗୋଡା ହନୁମାନ ଛକ ନିକଟସ୍ଥ ଗୋଷ୍ଠୀ କେନ୍ଦ୍ର ଠାରେ ମହାତ୍ମାଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ରାଣୀଗୋଡା ଆନୁକୂଲ୍ୟରେ ସକାଳ ୧୦ ଘଟିକା ସମୟରେ ମହାତ୍ମାଗାନ୍ଧୀଙ୍କ ଅନୁଗୋଳ ଆଗମନର ୯୨ ତମ ସ୍ମୃତି ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ମହାତ୍ମାଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ରାଣୀଗୋଡାର ସଭାପତି ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ମେଜର ଧନେଶ୍ୱର ଦାସ ମୁଖ୍ୟ ଅତିଥି, ଡକ୍ଟର ଅକ୍ଷୟ କୁମାର ପଣ୍ଡା ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉତ୍କଳ ସମ୍ମିଳନୀ ସଭାପତି ପ୍ରଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଅଧ୍ୟାପକ ରଞ୍ଜନ କୁମାର ସାହୁ, ବରିଷ୍ଠ ସଦସ୍ୟ ଦାମୋଦର ଦାସ, ନୀର ସାହୁ ସମେତ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ ଅତିଥି ମାନେ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ବିଗତ ତା ୦୬.୦୫.୧୯୩୪ ମସିହାରେ ମହାତ୍ମାଗାନ୍ଧୀଙ୍କ ଆଗମନ ଦିବସରେ ଘଟି ଯାଇଥିବା ଘଟଣାବଳୀ ଓ ଉପସ୍ଥିତ ଜନ ସାଧାରଣଙ୍କ ଭାବାବେଗ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ବିସ୍ତୃତ ଭାବରେ ଅବଗତ କରିଥିଲେ ଯାହା ସମଗ୍ର ବିଶ୍ୱକୁ ଉଦ୍‌ବୋଧ କରିବା ସଂଗେ ସଂଗେ ଗାନ୍ଧି ଜୟନ୍ତୀ ଦିବସକୁ ଅହିଂସା ଦିବସ ରୂପେ ଜାତିସଂଘ ମଧ୍ୟ ପାଳନ କରି ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ଆସୁଛି। ଏହି ଆଲୋଚନାରେ ନିମନ୍ତ୍ରିତ ଅତିଥି ତ୍ରେତାନନ୍ଦ ସାମନ୍ତ, ଗିରୀଶ ଚନ୍ଦ୍ର ବେହେରା, ପୁରୁଷୋତ୍ତମ ସିଂହ ସାମନ୍ତ, ଗାଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରୋଦ କୁମାର ସେନାପତି ଅଂଶ ଗ୍ରହଣ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ରମେଶ ଚନ୍ଦ୍ରସାହୁ ଗ୍ରାମବାସୀଙ୍କ ସମେତ ଯୁବବର୍ଗ ଗାନ୍ଧିଜୀଙ୍କ ଭାବ ଧାରାକୁ ଆନ୍ତରିକତାର ସହ ଅନୁସରଣ କରି ରାଣୀଗୋଡ଼ା ଗ୍ରାମକୁ ସର୍ବାଙ୍ଗ ସୁନ୍ଦର ଭାବରେ ଗଢିଲେ ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର ହେବ ବୋଲି ଅନୁରୋଧ କରିଥିଲେ। ଏହି ଅବସରରେ ଗତ ଦଶମ ବୋର୍ଡ ପରୀକ୍ଷାରେ ଗ୍ରାମ ପଞ୍ଚାୟତ ଇଲାକାର କୃତି ଛାତ୍ରୀ ଆଲିସା ସାହୁ ୫୪୫/୬୦୦, ୯୦ ପ୍ରତିଶତ ନମ୍ବର ହାସଲ କରି ପଞ୍ଚାୟତର ଟପର ହୋଇଥିବାରୁ ମେମୋରିଆଲ ଟ୍ରଷ୍ଟ ତରଫରୁ ଟ୍ରଫି, ମାନପତ୍ର, ଉପଢୌକନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂପାଦକ ପୂର୍ଣ୍ଣଚନ୍ଦ୍ର ସିଂହସାମନ୍ତ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଗବାନ ମହାପାତ୍ର, ଆଦିକନ୍ଦ ସିଂହ ସାମନ୍ତ, କିଶୋର ଚନ୍ଦ୍ର ଦେହୁରୀ, ତ୍ରିପୁର ବିଶ୍ୱାଳ, ଶ୍ରୀପତୀ ମହାପାତ୍ର, କୁମୁଦ ଦାସ, ଅର୍ଜୁନ ସାହୁ, ଅଶୋକ ସିଂହ, ଗୋକୁଳ ସାମନ୍ତ, ଦୁର୍ଯ୍ୟୋଧନ ବାରିକ, ସୁଗ୍ରୀବ ସାମନ୍ତ, ସାର୍ତ୍ତୁକ ଦେହୁରୀ, ସୁମନ୍ତ ସାହୁ, ହେମନ୍ତ ବିଶ୍ୱାଳ, ଅଜିତ ବିଶ୍ୱାଳ, ସ୍ୱପ୍ନେଶ୍ୱର ସାହୁ, ଯୋଗୀନାଥ ସାହୁ, ସେବତୀ ଦେହୁରୀ, ପ୍ରମିଳା ସାହୁ, ବବିତା ମହାଳିକ, ଗୀତାଞ୍ଜଳୀ ଜେନା, ସବିତା ସାମନ୍ତ, ସୁମିତା ସାହୁ, ସୁମିତ୍ରା ବେହେରା, ଅନିତା ସାହୁ, ଦୁହିତା ଶାସମଲ, ଲିଲି ସାହୁ, ଦମୟନ୍ତୀ ଶାସମଲ, ଶାନ୍ତିଲତା ବେହେରା, ରିନା ବିଶ୍ୱାଳ, ସବିତା ବେହେରା, ଲାବନ ଶାସମଲ, ପରେଶ ନାୟକ, ବିରେନ୍ଦ୍ର ସାହୁ, ନବ ବେହେରା ଓ ସର୍ବେଶ୍ୱର ବାରିକ ସମେତ ଉପସ୍ଥିତ ଥିଲେ । ଶେଷରେ ନୀର ସାହୁଙ୍କ ଧନ୍ୟବାଦ ଅର୍ପଣ ପରେ ସଭାପତି ସଭା ଭଙ୍ଗ କରିଥିଲେ ।



ପାରାଦୀପ(ଭାସ୍କର ନ୍ୟୁଜ୍): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମଏନଏସ) ଇଣ୍ଡିଆ କମ୍ପାନୀ ରେ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କିତ ଦାବୀ ନେଇ ଦୀର୍ଘ ଦିନ ଧରି ପୂର୍ବ ଉପକୂଳ ଶ୍ରମିକ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତୀକାତ୍ମକ ଆନ୍ଦୋଳନ ଜାରି ରହିଛି । ପୂର୍ବ ଉପକୂଳ ଶ୍ରମିକ ସଂଘ ସଭାପତି ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଗତ ୨୮ ତାରିଖ ଠାରୁ ଆନ୍ଦୋଳନ ନିରବଚ୍ଛିନ୍ନ ଭାବରେ ଆନ୍ଦୋଳନ ଜାରି ରହିଛି । ବୁଧବାର ଦିନ ସକାଳ ୭ ଟା ସମୟରୁ ୮ ଟା ପର୍ଯ୍ୟନ୍ତ ଏକ ଘଣ୍ଟା ଧରି ଡ୍ୟୁଟି ସମୟ ପୂର୍ବରୁ କମ୍ପାନୀ ମୁଖ୍ୟ ଫାଟକ ଆଗରେ ନାରାବାଜି କରିଥିଲେ । ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା ଶ୍ରମିକଙ୍କ ବିଭିନ୍ନ ଦାବି ସମ୍ପର୍କରେ ଅଭିଭାଷଣ ମାଧ୍ୟମରେ କହିଥିଲା ବେଳେ ସମ୍ପାଦକ ରତ୍ନାକର ଜେନା ଶ୍ରମିକ ମାନଙ୍କର ଅଭାବ ଅସୁବିଧା, ନ୍ୟାୟୋଚିତ ଦାବି ସମ୍ପର୍କରେ ବକ୍ତବ୍ୟ ରଖି କମ୍ପାନୀର ଶ୍ରମିକଙ୍କ ପ୍ରତି ଟାଳଟୁଳ ଓ ଶୋଷଣ ନୀତି ର ପ୍ରତିବାଦ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକଙ୍କର ସମସ୍ୟାକୁ ଦେଖି ନଦେଖିଲା ପରି ରହୁଥିବାରୁ ଆଜିଠାରୁ ଡ୍ୟୁଟି ସମୟରେ ଡ୍ୟୁଟି ଆଦେଶନାମା ପାଇବା ପରେ ଦୁଇ ଘଣ୍ଟା ଧରି ପ୍ରତ୍ୟେକ ସିଫ୍ଟ ରେ କାର୍ଯ୍ୟ ବନ୍ଦ କରିବାକୁ ସଂଘର ନେତାମାନେ ଘୋଷଣା କରିଥିଲେ। ତେବେ ଯେପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକ ଙ୍କ ସମସ୍ୟା ସମାଧାନ ଦିଗରେ ଯତ୍ନବାନ ନହୋଇଛନ୍ତି, ସେପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘସଭାପତି ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ସ୍ପଷ୍ଟ କରିଛନ୍ତି ।



## କେନ୍ଦ୍ରାପଡା ମହାବିଦ୍ୟାଳୟ ଜମିକୁ ଜବରଦଖଲ ଉଦ୍ୟମ ଅଭିଯୋଗ

# କଲେଜ ପକ୍ଷରୁ ଏତଲା ପରେ ଭିଜିଲାନ୍ସ ତଦନ୍ତ ଆରମ୍ଭ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ଦୁର୍ନୀତିରେ ଭିଜିଲାନ୍ସ ବିଭାଗ ପକ୍ଷରୁ ମଙ୍ଗଳବାର ତଦନ୍ତ ଆରମ୍ଭ ହୋଇଛି । ଏହି ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ପୁରାତନ ଛାତ୍ର ପ୍ରତାପ ମହାନ୍ତି ଓ ଅନ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ସେହି ଅଭିଯୋଗର ତଦନ୍ତ କରିବା ପାଇଁ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ସେ ସମ୍ପର୍କିତ ସମସ୍ତ କାଗଜପତ୍ର କଲେଜରୁ ଜବତ କରାଯିବା ପରେ ଏବେ ତଦନ୍ତ ଆରମ୍ଭ ହୋଇଛି। ପୂର୍ବରୁ ବେଆଇନ ଭାବେ ଜବରଦଖଲ କରିବା ଉଦ୍ୟମକୁ କଲେଜ ପକ୍ଷରୁ ବିରୋଧ କରାଯାଇଛି। ଏଭଳି କାର୍ଯ୍ୟକୁ ବିରୋଧକରି କଲେଜ ଅଧକ୍ଷ ପ୍ରଫେସର ଡ. ସଞ୍ଜିବ କୁମାର ମହାନ୍ତି କେନ୍ଦ୍ରାପଡା ଟାଉନ ଥାନାରେ ଏତଲା ଦେଇଥିଲେ। ଅଧକ୍ଷ ଟାଉନ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଥିଲେ ଯେ ସରୋଜ କୁମାର



ରାଉତ ନାମକ ଜନୈକ ବ୍ୟକ୍ତି ଗୁଆଲସିଂ ମୌଜାରେ ଥିବା କଲେଜର ଜମିକୁ ବେଆଇନ ଭାବେ ନିଜ ଦଖଲକୁ ନେବା ପାଇଁ ରବିବାର ରାତିରେ ବାଲି ପକାଇଛନ୍ତି। ଉକ୍ତ ବ୍ୟକ୍ତି ଜଣଙ୍କ କେତେକ ମିଥ୍ୟା କାଗଜାଦ ପ୍ରସ୍ତୁତ କରି କଲେଜର ସେହି ଜମିକୁ ହାତେଇ ନେବା ପାଇଁ କେନ୍ଦ୍ରାପଡା ସିଭିଲ ଜଜ୍‌ଙ୍କ ଅଦାଲତରେ ୧୭୮/୨୦୦୭ରେ ଏକ ମାମଲା ଦାୟର କରିଥିଲେ। କିନ୍ତୁ କଲେଜ ସେହି ମାମଲାରେ ଅଦାଲତରେ ନିଜର ପକ୍ଷ ରଖି ସମସ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପରେ ଅଦାଲତ ଉକ୍ତ ମାମଲାକୁ ଖାରଜ କରିଦେଇଥିଲେ। ଏବେ ସଂପୃକ୍ତ ବ୍ୟକ୍ତିଜଣଙ୍କ ଅଦାଲତରୁ ଅସଫଳ ହେବା ପରେ ରାତିଅଧିଆ କଲେଜ ଜମି ଉପରେ ବାଲି ପକାଇ ଜୋର ଜବରଦସ୍ତ ସେହି ଜମିକୁ ବେଆଇନ ଭାବେ ଦଖଲ କରିବାକୁ ଉଦ୍ୟମ କରିଛନ୍ତି। କଲେଜ ପକ୍ଷରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସଂପୃକ୍ତ ବ୍ୟକ୍ତିଙ୍କୁ ଏଭଳି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବାକୁ ଚେତାଇ ଦିଆଯାଇଥିଲା। ଏହାବ୍ୟତିତ କଲେଜ ପକ୍ଷରୁ ଉପଖଣ୍ଡ ମ୍ୟାଜିଷ୍ଟ୍ରେଟ ତଥା ଉପଜିଲ୍ଲାପାଳଙ୍କ କୋର୍ଟରେ ଭାରତୀୟ ନ୍ୟାୟ ସଂହିତାର ୧୬୩ଧାରାରେ (କେଶନମ୍ବର- ୧୪୮/୨୦୨୫ରେ) ଏକ ମିସକେଶ ଦାଖଲ କରିବା ପରେ ଉପଜିଲ୍ଲାପାଳ ତାହାର ଶୁଣାଣି କରି ଟାଉନଥାନାକୁ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବା ସହ ସଂପୃକ୍ତ ବ୍ୟକ୍ତି ଏହି ମାମଲାରେ ଉପଖଣ୍ଡ ମ୍ୟାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର ହେବା ପର୍ଯ୍ୟନ୍ତ ସେହି ଜମିର ସ୍ଥିତାବସ୍ଥା ବଜାୟ ରଖାଯିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ସେହି ରାସ୍ତା ନିର୍ମାଣରେ ପ୍ରାୟ ୧୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବିଲ କରି ଉଠାଇ ନିଆଯାଇଥିବା ପୁରାତନ ଛାତ୍ର ଶ୍ରୀ ମହାନ୍ତି ଅଭିଯୋଗ କରିଥିଲେ। କେନ୍ଦ୍ରାପଡ଼ା ଭିଜିଲାନ୍ସ ଡିଏସପି ଭାଗ୍ୟଲକ୍ଷ୍ମୀ ପୁହାଣଙ୍କ ନେତୃତ୍ୱରେ ଏକ ଟେକନିକାଲ ଟିମ ମଙ୍ଗଳବାର କଲେଜକୁ ଆସି ସେହି ରାସ୍ତାର ମାପଚୂପ କରିବା ସହ କେତେକ ତଥ୍ୟ ସଂଗ୍ରହକରି ଫେରିଯାଇଥିବା ସୂଚନା ମିଳିଛି। ସେହି ରାସ୍ତା ନିର୍ମାଣ କାର୍ଯ୍ୟରେ ସଂପୃକ୍ତ ଥିବା କର୍ମଚାରୀମାନଙ୍କୁ ନୋଟିସ ପଠାଯାଇଥିଲେ ମଧ୍ୟ ସେମାନେ ଦେହ ଅସୁସ୍ଥ ଥିବା ବାହାନାରେ ନୋଟିସ ଗ୍ରହଣ କରିନଥିବା ସୂଚନା ମିଳିଛି।

# ଆକ୍ସନ ମୁଡ୍‌ରେ ଭିଜିଲାନ୍ସ ବିଭାଗ

- ♦ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ
- ♦ ଭିତିରି ବୁଝାମଣା ଯୋଗୁଁ ବର୍ତ୍ତିଲେ କୁହୁଡି ଓ ବେଢାବନ୍ଧ କରତକଳ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାରେ ବେଆଇନ ଭାବେ କରତ କଳ ଚାଲୁଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଓ କଟକ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ପ୍ରତ୍ୟୁଷରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳ ଅଧିନ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ନିକଟରେ ଥିବା ବେଆଇନ କରତ କଳ ଚାଲୁଥିବା ସମୟରେ ଅତର୍କିତ ଚଢାଉ କରିଥିଲେ।ବୁଧବାର ସକାଳ ୬ ଘଟିକାରୁ ବେଆଇନ କରତ କଳ ଉପରେ ଚଢାଉ ହୋଇଥିବା ବେଳେ ସେଠାରୁ ମୂଲ୍ୟବାନ ଚାକୁଣ୍ଡା ଓ ଆକାଶିଆ କାଠ ଜବତ ହେବା ସହ ବିଭିନ୍ନ ଯନ୍ତ୍ରାଂଶକୁ ଗ୍ୟାସ କଟର ମାଧ୍ୟମ ରେ କଟାଯାଇଥିଲା। ପୋକଲୀନ ସାହାଯ୍ୟରେ ଏହି ମିଲର ମେସିନକୁ ଉଠାଇ ନିଆଯାଇଥିବା ବେଳେ ବହୁ ପରିମାଣର କାଠ ଗଣ୍ଡି ଗୁଡିକ ସିଜ ହୋଇଥିଲା। ଭିଜିଲାନ୍ସ ଟିମ୍ ଚଢ଼ାଉ କରିବାର କିଛି ଘଣ୍ଟା ପରେ ଅସ୍ତରଙ୍ଗ ବନବିଭାଗ ଟିମ୍,ପୋଲିସ ମିଳିତ ଭାବେ ବେଆଇନି କରତ କଳରେ ଚଢାଉ ସାମିଲ ହୋଇଥିଲେ। ସିଜ ହୋଇଥିବା ଯନ୍ତ୍ରାଂଶ ମଧ୍ୟରେ ପମ୍ପ, ମଟର, ଡାଇନାମା, କଟର, କରତ, ବହୁତ ସରଞ୍ଜାମ ରହିଛି। ସମସ୍ତ ଯନ୍ତ୍ରାଂଶ ଅସ୍ତରଙ୍ଗ ବନାଞ୍ଚଳ ଅଧିନ ପାଣିଛତ୍ର କାର୍ଯ୍ୟାଳୟ ରେ ରଖାଯିବ ବୋଲି ସୂଚନା ମିଳିଛି। ଅଚାନକ ବେଆଇନି କରତ କଳ ଅତର୍କିତ ଚଢାଉରେ ଭୁବନେଶ୍ୱର ଭିଜିଲାନ୍ସ ଏସିଏଫ ସାଧନା ସ୍ୱାଇଁ,କଟକ ଭିଜିଲାନ୍ସ ଏସିଏଫ ବବିତା ସୋରେନ,ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ କର୍ମଚାରୀଙ୍କ ସହ ୧୫ଜଣରୁ ଊର୍ଦ୍ଧ୍ୱ ଭିଜିଲାନ୍ସ ଫୋର୍ସ,ବନବିଭାଗ ସ୍କ୍ୱାଡ଼, ଅସ୍ତରଙ୍ଗ ପୋଲିସ, ବିଦ୍ୟୁତ ବିଭାଗ ସହ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ଗତ ନଭେମ୍ବର ୨୬ତାରିଖ ରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଓ ବନ ବିଭାଗ ତରଫରୁ ଅସ୍ତରଙ୍ଗ



କୁହୁଡି ଛକ ନିକଟରେ ଚଢ଼ାଉ ହୋଇଥିବା ବେଳେ ପୁନର୍ବାର କୁହୁଡି ଛକ ଉପରେ ତିନୋଟି ବେଆଇନ କରତକଳ ଖୁଲମଖୁଲ୍ଲା ଚାଲୁଛି। ତାହା ପୁଣି ବନ ବିଭାଗ ଜଣାତରେ। କିନ୍ତୁ ଚଢ଼ାଉ ୬ମାସ ମଧ୍ୟରେ କାଠ ମାଫିଆମାନେ ପୁନର୍ବାର ଅସ୍ତରଙ୍ଗ ନିକଟସ୍ଥ କୁହୁଡି ଛକରେ ତିନୋଟି କରତ କଳ ଓ କେନ୍ଦ୍ରାପଟି ପଂଚାୟତ ବେଢାବନ୍ଧ ରେ ଏକ ବେଆଇନ କରତ କଳ ଚାଲୁଥିବା ବେଳେ ବନ କର୍ମଚାରୀ ଓ ମାଫିଆ ଙ୍କ ଭିତିରି ବୁଝାମଣା ଚାଲୁଥିବାରୁ ବନ କର୍ମଚାରୀ ସଫେଇ ଦେଇ କହିଛନ୍ତି ଭିଜିଲାନ୍ସ ଚଢ଼ାଉ ଖବର ପାଇଁ ଅନ୍ୟ କରତ କଳ ଯନ୍ତ୍ରାଂଶ ଖୋଲି ଦେଇଛନ୍ତି। କାହିଁକି ସ୍ଥାନୀୟ ବନ ବିଭାଗ କରତ କଳ ବନ୍ଦ କରିବା ପରିବର୍ତ୍ତେ କଥା ରେ ସଫେଇ ଦେଉଛନ୍ତି। କାହିଁକି କୁହୁଡି ଓ ବେଢାବନ୍ଧରେ ଚାଲୁଥିବା କରତ କଳ ଚଢ଼ାଉ ପୁନର୍ବାର ହେଉନାହିଁ। ନାଁ କିଛି ଭିତିରି ବୁଝାମଣା ହେଉଛି ତାହା ପ୍ରଶ୍ନ ଉଙ୍କି ମାରୁଛି। ତେବେ ଆଗାମୀ ଦିନରେ ଭିଜିଲାନ୍ସ ଙ୍କ ତରଫରୁ ଏ ଦିଗରେ ତୀକ୍ଷ୍ଣ ନଜର ଦିଆଯିବ ବୋଲି ଚଢ଼ାଉ ରେ ସାମିଲ ଥିବା ଭିଜିଲାନ୍ସ ବିଭାଗ ଅଧିକାରିଣୀ କହିଛନ୍ତି।


# ସହିଦ କାଳିଆ ମହାନ୍ତ ଓ କଙ୍କା ମାଝୀଙ୍କ ସହିଦ ଦିବସ ପାଳିତ



ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ବ୍ଲକ ଅନ୍ତର୍ଗତ ରେଣୁଗାଁରେ ସହିଦ କାଳିଆ ମହାନ୍ତ ଯୁବକ ସଂଘ ତରଫରୁ ସହିଦ କାଳିଆ ମହାନ୍ତ ଓ ସହିଦ କଙ୍କା ମାଝୀଙ୍କ ୧୦୯ ତମ ବଳିଦାନ ଦିବସକୁ ସହିଦ ଦିବସ ଭାବରେ ପାଳନ କରାଯାଇଛି । ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସହିଦ ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ଭକ୍ତହରି ମୁର୍ମୁ , ମୁଖ୍ୟବକ୍ତା ଭାବରେ ସମାଜସେବୀ ଉମାକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବରେ ବାଳକୃଷ୍ଣ ଟୁଡୁ, କାଳିଆ ମହାନ୍ତଙ୍କ ଦାୟାଦ କୃପାସିନ୍ଧୁ ମହାନ୍ତ ପ୍ରମୁଖ ଯୋଗଦାନ କରି ସହିଦ କାଳିଆ ମହାନ୍ତ ଓ କଙ୍କା ମାଝୀଙ୍କର ସ୍ମୃତିଚାରଣ କରିଥିଲେ । ସଂଘର ସଭାପତି ଧର୍ମେନ୍ଦ୍ର ମହାନ୍ତ, ସମ୍ପାଦକ ତ୍ରିନାଥ ମହାନ୍ତ, କୋଷାଧ୍ୟକ୍ଷ ସଞ୍ଜିତ ମହାନ୍ତ, ସଦସ୍ୟ କିଶୋର ବିନ୍ଧାଣୀ, ଦାମୋଦର ମହାନ୍ତ ଓ ଜୟକୃଷ୍ଣ ମହାନ୍ତ ପ୍ରମୁଖ ସହିଦଙ୍କ ସ୍ମୃତିଚାରଣ କରିବା ସହିତ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।

# ‘ଏକ ଦେଶ ନିର୍ବାଚନ ଏକ ନିର୍ବାଚନ’ ନେଇ ବୁଦ୍ଧିଜୀବୀ ସମ୍ମିଳନୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ସ୍ଥିତ ରାଜେଶ୍ୱରୀ ପାଲେସ ଠାରେ ଏକ ଦେଶ ଏକ ନିର୍ବାଚନ ବିଷୟ ଉପରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଆବାହକ ଅଶୋକ କୁମାର ପରିଡା, ମୁଖ୍ୟବକ୍ତା ଭାବେ ବିଜେପି ରାଜ୍ୟ ପ୍ରବକ୍ତା ରାଜେଶ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ପ୍ରକାଶକ ସୌମେନ୍ଦ୍ର କୁମାର ଜେନା ମଞ୍ଚାସୀନ ଥିଲେ। ବର୍ତ୍ତମାନ ଭାରତ ବର୍ଷରେ ୪୭ଟି ରାଜନୈତିକ ଦଳ ରହିଥିବା ବେଳେ ଏକ ଦେଶ ଏକ ନିର୍ବାଚନ ପ୍ରସ୍ତାବକୁ ୩୨ଟି ରାଜନୈତିକ ଦଳ ସମର୍ଥନ କରିଛନ୍ତି। ଏହା ବ୍ୟତିତ ଜେପିସି ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରି ଲୋକ ସଭାକୁ ପଠାଇଛି। ସମ୍ବିଧାନରେ ଅନ୍ତର୍ଭୁକ୍ତ ଥିବା ଏକ ଦେଶ ଏକ ନିର୍ବାଚନ ପ୍ରକ୍ରିୟା ୧୯୫୨ ରୁ ୧୯୬୭ ପର୍ଯ୍ୟନ୍ତ ବଳବତ୍ତର ଥିଲା। ପରବର୍ତ୍ତୀ




ଅବସ୍ଥାରେ ରାଜନୈତିକ ଫାଇଦା ପାଇଁ ଅସମୟରେ ସରକାର ଭାଙ୍ଗି ବାରମ୍ବାର ନିର୍ବାଚନ କରେଇବା କାରଣରୁ ଦେଶର ଅର୍ଥନୈତିକ କ୍ଷତି ହୋଇଛି । ତତ୍‌ସହିତ ଦେଶର ବିକାଶ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହୋଇଛି। ଏଣୁ ସମଗ୍ର ଦେଶରେ ଏକ ସମୟରେ ବିଧାନସଭା ଓ ଲୋକସଭା ନିର୍ବାଚନ କରାଗଲେ ଅର୍ଥ ନୈତିକ ଓ ବିକାଶ କାର୍ଯ୍ୟରେ ବାଧାପ୍ରାପ୍ତ ହେବ ନାହିଁ ବୋଲି ଅତିଥି ମାନେ ମତ ପୋଷଣ କରିଥିଲେ। ଶେଷରେ ବକ୍ତା ବୁଦ୍ଧିଜୀବୀ ମାନଙ୍କୁ ଅନୁରୋଧ କରି କହିଥିଲେ ଯେ ଏହା ଏକ ଜନ ଜାଗରଣ ଯାତ୍ରା। ଯେହେତୁ ଜନତାଙ୍କ ଦ୍ୱାରା ସରକାର ଗଢାଯାଇଥାଏ। ତେଣୁ ଜନତାଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ଆବଶ୍ୟକ। ଏହି ସମ୍ମିଳନୀରେ ମାଲକାନଗିରି ଜିଲ୍ଲାର ପ୍ରତିଷ୍ଠିତ ବୁଦ୍ଧିଜୀବୀ, ବ୍ୟବସାୟୀ, ଆଇନଜୀବୀ, ସମାଜସେବୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ଶତାଧିକ ଶେଷରେ ଆବାହକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁରେଇଡିହିରେ ଝୁମର ଆଖଳା

ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଠାରେ ଆମ ଗାଁ ଆମ ସଂସ୍କୃତି ଗାଁ ଝୁମର ଆଖଳା ମୟୂରଭଞ୍ଜ ତରଫରୁ ଝୁମର ଆଖଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆୟୋଜକ ସୁକାନ୍ତ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗାଁ ଝୁମର ଆଖଳା ମୟୂରଭଞ୍ଜର ସଭାପତି ରଜନୀକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବରେ ସୁବାସଚନ୍ଦ୍ର ମହାନ୍ତ, ନରେନ୍ଦ୍ରନାଥ ମହାନ୍ତ ଓ ଶରତଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୁଡୁମୀ ମହାନ୍ତମାନଙ୍କର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଏହି ସଙ୍ଗଠନ କାର୍ଯ୍ୟ କରୁଛି ବୋଲି ପ୍ରକାଶ କରିଥିଲେ। ଏହାପରେ ଝୁମର ଆଖଳା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଉଭୟ ମହିଳା ଓ ପୁରୁଷ ଯୋଗଦାନ କରି ଝୁମର ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ପରିବେଷଣ କରିଥିଲେ। ଗାୟକ ପରେଶ ଚନ୍ଦ୍ର ମହାନ୍ତ, ଶରତଚନ୍ଦ୍ର ମହାନ୍ତ ଓ ଗାୟିକା ସୁଲୋଚନା ମହାନ୍ତ ଝୁମର ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟକାର ସୁକାନ୍ତ ମହାନ୍ତ, ବୈକୁଣ୍ଠ ମହାନ୍ତ, ସଦାନନ୍ଦ ମହାନ୍ତ, ନବକିଶୋର ମହାନ୍ତ ଓ ପଞ୍ଚାନନ ମହାନ୍ତ ପାରମ୍ପାରିକ ବାଦ୍ୟ ଯନ୍ତ୍ର ମାଦଳ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀ ମାଳତୀ ମହାନ୍ତ, ମନ୍ଦାକିନୀ ମହାନ୍ତ, ଜୟଶ୍ରୀ ମହାନ୍ତ, ରଶ୍ମି ମହାନ୍ତ, ଝୁନପୁକି ମହାନ୍ତ, ପୁଷ୍ପଲତା ମହାନ୍ତ, ଅନିତା ମହାନ୍ତ, ଶିବାନୀ ମହାନ୍ତ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ ।



## ୮କୋଟି ଟଙ୍କାର ଅନିୟମିତତା ଅଭିଯୋଗ

ଜଗତସିଂହପୁର (ଭାସ୍କରନ୍ୟୁଜ): ଜଗତସିଂହପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଆଠ କୋଟି ଟଙ୍କାର ଅନିୟମିତତା ଘଟଣାରେ ମୁଖ୍ୟନାୟକ କିଏ ବୋଲି ଆଲୋଚନା ଋଲିଥିବା ବେଳେ, ସଂପୃକ୍ତ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ବା ଅନୁଭାଗ ଅଧିକାରୀ ସ୍ୱତଃସ୍ଫୂର୍ତ୍ତ ଭାବେ ନିଜକୁ ନିର୍ମଳ ବୋଲି ସଫେଇ ଦେବାରେ ଲାଗିପଡ଼ିଛନ୍ତି; ଯଦିଓ ସଂପୃକ୍ତ ସମଗ୍ର ଶିକ୍ଷାର ଡାଟାଏଣ୍ଟ୍ରି ଅପରେଟରଙ୍କୁ ବିଲ୍ କାର୍ଯ୍ୟରୁ କାର୍ଯ୍ୟାଳୟ ବାଦ୍ ଦେଇଛନ୍ତି। କିନ୍ତୁ, ସଂପୃକ୍ତ ଅନୁଭାଗ ଅଧିକାରୀ ନିଜକୁ ଯେତେ ସଫେଇ ଦେଲେ ମଧ୍ୟ ବିବାଦ ତାଙ୍କ ପିଛା ଛାଡୁନି। ବ୍ଲକ ଶିକ୍ଷା କାର୍ଯ୍ୟାଳୟ, ତିର୍ତ୍ତୋଲ ବ୍ଲକର ଦାୟିତ୍ୱ ଥିବା ବେଳେ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ଆସିବା ପାଇଁ ଯେଉଁ ଋପ ଓ ଲବି କରି ଆସିଥିଲେ, ତାହାର କାରଣ କ’ଣ ଜାଣିବା ପାଇଁ ଅନେକ ଉତ୍ସୁକତା ପ୍ରକାଶ ପାଇଛି। ଜଣେ ଅଣଦକ୍ଷ ଅନୁଭାଗ ଅଧିକାରୀ ବରଂ ତିର୍ତ୍ତୋଲ ବ୍ଲକ ପାଇଁ ଚଳି ଯାଇପାରେ କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପାଇଁ ସଂପୂର୍ଣ୍ଣ ଅନୁପଯୁକ୍ତ ବୋଲି ଆଲୋଚନା ଋଲିଛି କାରଣ ବିଲ ଓ ବଜେଟ୍ ପାଇଁ କମ୍ପ୍ୟୁଟର ଆଇଡ଼ି ଓ ପାସୱାର୍ଡ଼ ତାଙ୍କ ନିକଟରୁ କିପରି ଡ଼ାଟାଏଣ୍ଟ୍ରି ଅପରେଟରଙ୍କ ପାଖକୁ ଗଲା ଏବଂ ତାଙ୍କ ନିକଟବର୍ତ୍ତୀ ସ୍ଥାନରେ ବସୁଥିବା ସମଗ୍ର ଶିକ୍ଷା କର୍ମଚାରୀ କିପରି ତାଙ୍କ ବିନା ତତ୍ତ୍ୱାବଧାନରେ ଏଭଳି ଆଠ କୋଟି ଟଙ୍କାର ଅନିୟମିତତା କରି ପାରିଲେ, ସେଥିପାଇଁ ଯେତେ ସଫେଇ ଦେଲେ ମଧ୍ୟ ସେ ଦୋଷମୁକ୍ତ ହୋଇ ପାରୁନାହାଁନ୍ତି। ଏଭଳି ଅଣଦକ୍ଷ କର୍ମଚାରୀଙ୍କୁ ତିର୍ତ୍ତୋଲ ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ କାହିଁକି ଏଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିଯୁକ୍ତି ଦିଆଗଲା; ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ୪.୫୩ ଲକ୍ଷ ଲୁଟ୍

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜଣେ ବ୍ୟକ୍ତିଙ୍କ ବାଇକ ଡିକିରୁ ୪ ଲକ୍ଷ ୫୩ ହଜାର ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଏକ ସିମେଣ୍ଟ ଗୋଦାମର ମ୍ୟାନେଜର ଭାବଗ୍ରାହୀ ସାହି। ଲୁଟ୍ ହେବା ପରେ ପୋଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଟାଉନ୍ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହାସହ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଓ ଟାଉନ୍ ଥାନା ଇନ୍ସପେକ୍ଟର ଦିଲ୍ଲୀପ ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଯୋଗାଣ ବିଭାଗର ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜରୁ ଜଣାପଡୁଛି ଯେ ଭାବଗ୍ରାହୀଙ୍କୁ ଅନୁସରଣ କରି ଏକ ବାଇକରେ ଦୁଇଜଣ ଲୁଟିଆ ଏକ ବାଇକରେ ଆସୁଛନ୍ତି। ଜଣେ ବାଇକ ଷ୍ଟାର୍ଟ କରି ରହୁଛନ୍ତି। ଅନ୍ୟ ଜଣେ ଲୁଟିଆ ଭାବଗ୍ରାହୀଙ୍କ ବାଇକ ନିକଟକୁ ଆସି ଡିକି ଭାଙ୍ଗି ଟଙ୍କା ଲୁଟି ନେଇ ବାଇକରେ ଫେରାର ହୋଇଯାଉଛି। ସିସିଟିଭି ଫୁଟେଜରୁ ଲୁଟିଆ ଦ୍ୱୟଙ୍କୁ ପୁଲିସ ଚିହ୍ନଟ କରିଛି। ହେଲେ ଲୁଟିଆଦ୍ୱୟଙ୍କୁ ଧରିବାରେ ପୁଲିସ ସକ୍ଷମ ହୋଇନାହିଁ। ଖବର ନେବାରୁ ଜଣାପଡିଛି ଭାବଗ୍ରାହୀ ଦୁହୁରିଆଠାରେ



ଥିବା ଏକ ସିମେଣ୍ଟ ଗୋଦାମରେ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ସେ ଆଇନ୍ ମହାବିଦ୍ୟାଳୟର ଛକ ଠାରେ ଥିବା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୪ ଲକ୍ଷ ୫୩ ହଜାର ୯୦୦ ଟଙ୍କା ଉଠାଇଥିଲେ। ଏହି ଟଙ୍କାକୁ ବାଇକରେ ରଖି ସେ କୌଣସି କାର୍ଯ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଯୋଗାଣ ବିଭାଗ କାର୍ଯ୍ୟାଳୟ ମଧ୍ୟକୁ ଯାଇଥିଲେ। ସେଠାରୁ କାମ ସାରି ଫେରିବା ବେଳକୁ ଦେଖନ୍ତି ତ ତାଙ୍କ ଡିକି ଭଙ୍ଗାଯାଇ ଟଙ୍କା ଲୁଟ୍ ହୋଇଛି। ଏହାପରେ ସେ ଟାଉନ୍ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଟାଉନ୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ କହିଛନ୍ତି ଲୁଟ୍ ସଂକ୍ରାନ୍ତରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି। ଆମେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛୁ। ତଦନ୍ତ କାଳରେ ସିସିଟିଭି ଫୁଟେଜ ଯାଞ୍ଚ ହୋଇଛି। ସିସିଟିଭିରୁ ସ୍ପଷ୍ଟ ଚିତ୍ର ମିଳିପାରୁନାହିଁ। ତେଣୁ ଅନ୍ୟ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିବୁ। ଲୁଟିଆଦ୍ୱୟଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ ହୋଇଛି। ଖୁବଶୀଘ୍ର ଲୁଟିଆ ଦ୍ୱୟ ଗିରଫ ହେବେ ବୋଲି ସେ କହିଛନ୍ତି। ଯେଉଁ ସ୍ଥାନରୁ ଲୁଟ୍ ହୋଇଛି ସେହି ସ୍ଥାନଟି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୧୦ ହାତ ଦୂର। ତେଣୁ ଲୁଟିଆମାନେ ଜିଲ୍ଲାପାଳ ଓ ଏସ୍‌ଡିପିଓଙ୍କୁ ଖୋଲା ଚାଲେଞ୍ଜ ଦେଇ ଏଭଳି ଲୁଟ୍ କରିଥିବା ଚର୍ଚ୍ଚା ହେଉଛି।

# କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ


ଅନୁଗୁଳ (ଭାସ୍କର ନ୍ୟୁଜ୍ ) : ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଭାରବର୍ଷର ସମ୍ବିଧାନ ବର୍ତ୍ତମାନ ବହୁ ଦୁର୍ଦ୍ଦିନ ଦେଇ ଗତି କରୁଛି, ଏବଂ ଏହାର ସୁରକ୍ଷାର ଅତି ଆବଶ୍ୟକ ହୋଇ ପଡିଛି। ଆଜି ଭାରତୀୟ ସମ୍ବିଧାନକୁ ବଞ୍ଚାଇବାକୁ ପ୍ରତ୍ୟେକ ଭାରତୀୟ ଆଗକୁ ଆସିବା ଉଚିତ। ବହୁ ଘାତ ପ୍ରତିଘାତ ଦେଇ ଭାରତବର୍ଷ ତାର ସ୍ୱାଧୀନତା ଲାଭ କରିଥିଲା ଓ ଡଃ ଆମ୍ବେଦକରଙ୍କ ଅକ୍ଳାନ୍ତ ପରିଶ୍ରମରେ ଯେଉଁ ବିଶ୍ୱ ବନ୍ଦିତ ଭାରତ ସମ୍ବିଧାନ ପ୍ରଣୟନ କରାଯାଇଛି ତାର ସୁରକ୍ଷାପାଇଁ ପ୍ରତ୍ୟେକ ଭାରତୀୟ ସଙ୍କଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଟ୍ଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବିଧାନ ବଞ୍ଚାଅ ସମାବେଶରେ ପ୍ରବଳ ରୌଦ୍ରତାପ ସତ୍ତ୍ୱେ ପ୍ରାୟ ୫ ହଜାର କଂଗ୍ରେସ କର୍ମୀ ସ୍ଥାନୀୟ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରାରେ ଅନୁଗୋଳ ମୁଖ୍ୟ ବଜାର




ଦେଇ ସଭାଘରଠାରେ ପହଞ୍ଚିଲା ପରେ ସମାବେଶ ଆରମ୍ଭ ହୋଇଥିଲା। ଶୋଭାଯାତ୍ରାରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ସାଂସଦ ନଗେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଅମରନାଥ ପ୍ରଧାନ ଓ ବହୁ କଂଗ୍ରେସ ନେତା ଓ କର୍ମୀ ବହୁ ଉତ୍ସାହର ସହ ଶୋଭାଯାତ୍ରାରେ ସମ୍ବିଧାନର ସୁରକ୍ଷାପାଇଁ ଓ ସାମ୍ପ୍ରତିକ ସରକାରଙ୍କ ଜନବୀରୋଧୀ କାର୍ଯ୍ୟ ଓ ବିଶେଷକରି ରାଜ୍ୟ ସରକାରଙ୍କ ନାରୀ ସୁରକ୍ଷାରେ ବିଫଳତାକୁ ନେଇ ବିଭିନ୍ନ ପ୍ରକାର ସ୍ଲୋଗାନ ମାନ ଦେଉଥିଲେ। ଜିଲ୍ଲା ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶକୁ ଉଦବୋଧନ ଦେଇ ପ୍ରଦେଶ କଂଗ୍ରେସ ସଭାପତି କେନ୍ଦ୍ର ସରକାରଙ୍କ ବିଫଳତାକୁ ଜଣାଇବାକୁ ଯାଇ ଆଜି ଦେଶ ଏକ ଯୁଦ୍ଧର ଆହ୍ୱାନକୁ ସାମ୍ନା କରିବାକୁ ଯାଉଛି। ଦେଶର ଭିତର ଓ ବାହାର ଆଜି ସୁରକ୍ଷିତ ନୁହେଁ। ଦେଶବାସୀ ଦରବୃଦ୍ଧି ଓ ସରକାରଙ୍କ ବିଭିନ୍ନ ଶୋଷଣର ଶିକାର ହୋଇଥିବା ପ୍ରକାଶ କରିଥିଲେ। ରାଜ୍ୟରେ ନାରୀମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ଭୁଶୁଡି ଯାଇଥିବାବେଳେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ସରକାର ଦଶମାସ ମଧ୍ୟରେ ଜନତାଙ୍କୁ ଦେଇଥିବା ପ୍ରତିଶୃତି ଆଜି ସମ୍ପୂର୍ଣ୍ଣ ରୂପେ ପ୍ରତାରଣାରେ ପରିଣତ ହୋଇଛି ବୋଲି କ୍ଷୋଭର ସହ ବର୍ଣ୍ଣନା କରିଥିଲେ। ରାଜ୍ୟ କଂଗ୍ରେସ ବର୍ତ୍ତମାନ ଏକ ମନ ଓ ଏକ ପ୍ରାଣରେ ଏକାଠି ହୋଇ ଐକ୍ୟବଦ୍ଧ ଭାବରେ କାର୍ଯ୍ୟ କରୁଛି। ରାଜ୍ୟବାସୀ ଡବଲ ଇଞ୍ଜିନ ସରକାରର କାର୍ଯ୍ୟକୁ ଜାଣି ସାରିଲେଣି। ଆଗାମୀ ଦିନରେ ତାର ଉଚିତ ଜବାବ ଦେବେ ବୋଲି କହିଥିଲେ। ଉକ୍ତ ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେଶରେ ପ୍ରଚଳିତ ହେଉଥିବା ଜେନେଟିକ ଔଷଧ ଠାରୁ ଆରମ୍ଭକରି କଟକ ସମ୍ବଲପୁର ରାଜରାସ୍ତା ପ୍ରଶସ୍ତୀକରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଉପା ସରକାର ହିଁ କରିଥିଲେ। ସାର କାରଖାନା ପୁନଃ ପ୍ରଚଳନ ହେଉ କିମ୍ବା ୧୦୮ ଆମ୍ବୁଲାନ୍ସ ମନମୋହନ ସରକାରଙ୍କ ପରିକଳ୍ପନା। ଆଜି ସେସବୁକୁ ନେଇ ନିଜ ଫଟୋ ମାରି ଖାଲି ପ୍ରଚାର ସିନା କରୁଛନ୍ତି କିନ୍ତୁ କାର୍ଯ୍ୟ ସମାପ୍ତ କରିପାରୁ ନାହାନ୍ତି। ଜାତିଭିତ୍ତିକ ଜନଗଣନା କଂଗ୍ରେସ ନେତା ରାହୁଳ ଗାନ୍ଧୀଙ୍କ ଚିନ୍ତାଧାରାକୁ କେନ୍ଦ୍ର ବିଳମ୍ବରେ ହେଲେ ମଧ୍ୟ ଗ୍ରହଣ କରିବାକୁ ବାଧ ହେଉଛନ୍ତି। ଜାତିଭିତ୍ତିକ ସଂରକ୍ଷଣ ଜନସଂଖ୍ୟା ଆଧାରରେ କରାଯିବା ଆବଶ୍ୟକ ଥିବାବେଳେ ତାକୁ କେନ୍ଦ୍ର ସରକାର ପ୍ରତ୍ୟାଖାନ କରି ଆସୁଥିଲେ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ନାରୀମାନେ ଅସୁରକ୍ଷିତ ଓ ବର୍ତ୍ତମାନର ସରକାର ସେମାନଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଅସମର୍ଥ ବୋଲି ପ୍ରକାଶ କରି ନାରୀମାନଙ୍କର ଏକତା ନିଶ୍ଚିତ ଆଗାମୀ ଦିନରେ ସରକାରଙ୍କ ମୁଣ୍ଡ ବ୍ୟଥାର କାରଣ ହେବ ବୋଲି ତାଙ୍କ ବକ୍ତବ୍ୟରେ ଚେତେଇ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଅମରନାଥ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ସଂଗ୍ରାମ ମିଶ୍ର, ସସ୍ମିତା ବେହେରା, ଲଲାଟେନ୍ଦୁ ଦାସ, ବିଜୟାନନ୍ଦ ଚାଉଳିଆ, ଅନିମା ମିଞ୍ଜି, ଦେବଗଡ ଜିଲ୍ଲା ସଭାପତି ସେମ ହେମ୍ବ୍ରମ, ପ୍ରମୁଖ ବହୁ ବକ୍ତା ଉକ୍ତ ସମାବେଶରେ ଉଦବୋଧନ ଦେଇଥିଲେ।

## ରାଶିଫଳ


ଗୁରୁବାର, ୦୮ ମଇ ୨୦୨୫



**ମେଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ। ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତୁ। ଧାର୍ମିକ ଯାତ୍ରା ଆୟୋଜିତ ହେବ।




**ବୃଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ମିଥୁନ:** ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ଆଜି ପ୍ରଣୟଙ୍କ ପାଇଁ ଏକ ଭଲ ଦିନ। ମିଠା ଖାଦ୍ୟ ମିଳିପାରିବ। ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।




**କର୍କଟ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।



**ତୁଳା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ।




**କନ୍ୟା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।



**ବିଛା:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।



**ସିଂହ:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ।




**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ। ଆଜି ଆପଣ କଠିନ ପରିଶ୍ରମ କରିବା ପରେ ହିଁ ସଫଳତା ପାଇବେ।



**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ): ମ୍ୟାଟ୍ରିକ ପରୀକ୍ଷା ୨୦୨୫ରେ ସଫଳତା ପାଇଥିବା ଶିଶୁଙ୍କୁ ଶୁଭ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି,ହରଭଙ୍ଗାର ସମ୍ମାନନୀୟା ଅଧକ୍ଷା ସ୍ନେହଲତା ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ରାଧେଶ୍ୟାମ ଅଗ୍ରୱାଲ, ପରିଚାଳନା ସମିତିର ଉପସଭାପତି ଶ୍ରୀଯୁକ୍ତ ସତ୍ୟାନନ୍ଦ ପୁରୋହିତ, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ସଦସ୍ୟା ଅଞ୍ଜନା କୁମାରୀ ସାହୁ, ସଦସ୍ୟା ମିନତୀ ବେହେରା ପ୍ରମୁଖ ଉପସ୍ଥିତ ରହି କୃତି ଛାତ୍ରୀ ଦ୍ୱୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହିତ ଭବିଷ୍ୟତ ଜୀବନକୁ ଆହୁରି ଉନ୍ନତ କରିବାକୁ ଉତ୍ସାହିତ କରିଥିଲେ। ଅଧକ୍ଷା ମହୋଦୟା କୃତି ଛାତ୍ରୀ ଦ୍ୱୟଙ୍କୁ ୫୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅନୁଷ୍ଠାନର ଛାତ୍ରୀ ସିଦ୍ଧି ପ୍ରିୟଦର୍ଶିନୀ ମହାରଣା ୫୬୦ ପ୍ରାପ୍ତାଙ୍କ ହାସଲ କରି ବୌଦ୍ଧ ଜିଲ୍ଲାର ଟପର ସ୍ଥାନ ଅର୍ଜନ ସହିତ ଅନ୍ୟ ଜଣେ ଛାତ୍ରୀ ସ୍ୱିପ୍ନା ଛାୟା ପ୍ରଧାନ ୫୫୬ ପ୍ରାପ୍ତାଙ୍କ ହାସଲ କରି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବିନା ସ୍ମାର୍ଟ କ୍ଲାସ ରୁମ , ବିନା ଅତ୍ୟାଧୁନିକ ବିଜ୍ଞାନ ପରୀକ୍ଷାଗାର, ବିନା ସ୍ମାର୍ଟ ବୋର୍ଡରେ ଅନୁଷ୍ଠାନର ଛାତ୍ରଛାତ୍ରୀ କଳାପଟା , ଚକ୍ ବ୍ୟବହାର କରି ଆମପାଇଁ ଆଶ୍ଚର୍ଯ୍ୟଜନକ ସଫଳତା ଆମ ଶିଶୁ ଆଣି ପାରିଛନ୍ତି । ଭିତ୍ତିଭୂମିର ବିକାଶ ଦୃଷ୍ଟିରୁ ସରକାର, ଶୁଭେଚ୍ଛୁ ଜନସାଧାରଣ ଓ ସମାଜସେବୀଙ୍କ ସହଯୋଗ କାମନା କରୁଛୁ। କୃତି ଛାତ୍ରୀମାନେ ଆଗାମୀ ମ୍ୟାଟ୍ରିକ ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ଥିବା ଶିଶୁଙ୍କୁ ପ୍ରେରଣା ଯୋଗାଇଥିଲେ। ସହ ପ୍ରଧାନଆଚାର୍ଯ୍ୟ ଶ୍ରୀ ସୁରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଗୁରୁମା ଶ୍ରୀମତୀ ମନୋରମା ପୁରୋହିତ ଶିଶୁଙ୍କୁ ପ୍ରଦାନ କରାଯାଇଥିବା ମାନପତ୍ରର ସାରାଂଶ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମକଦମ ମହାରଣାଙ୍କ ନେତୃତ୍ୱରେ ସମସ୍ତ ଗୁରୁଜୀ ଓ ଗୁରୁମା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ ।

# ମଣ୍ଡେଇ ଉତ୍ସବ ପାଳିତ



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ ଅନ୍ତର୍ଗତ ବେନରା ଗ୍ରାମ ପଞ୍ଚାୟତର ସିଲାଟି ଆଦିବାସୀ ଗ୍ରାମଠାରେ ମା' ଇଂଲାଜିନ୍ ମଣ୍ଡେଇ ମହାଆଡ଼ମ୍ବରରେ ପାଳିତ ହୋଇ ଯାଇଛି । ଏହି ଅବସରରେ ପୋଡ଼ାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ବେହେରା, ସଭାପତି ଉଦ୍ଧବ ଚରଣ ନାୟକ, ଚୌରିଆ ପୂଜାରୀ କୃଷ୍ଣ ପୁଜାରୀ ,ପୂର୍ଣ୍ଣ ପୂଜାରୀ ରଘୁ ଶିରା, ପଦମ ଶିରା ପ୍ରମୁଖ ଯୋଗ ଦେଇଥିଲେ । ସିଲାଟି ଗ୍ରାମର ମୁଖ୍ୟ ପୂଜାରୀ କଞ୍ଚା ପୂଜାରୀ ସମସ୍ତ ପୂଜା କାର୍ଯ୍ୟ ତୁଲାଇ ଥିଲେ। ବେନରା ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରୁ ଦେବାଦେବୀଙ୍କ ପ୍ରତୀକ ଲାଠି କୁର୍ଚି ଯୋଗ ଦେଇଥିଲେ। ଏହି ଅବସରରେ ବେନରା ଗ୍ରାମର ମା'ଙ୍କ ବିମାନ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶିତ କରିଥିଲେ । ଏହି ମଣ୍ଡେଇରେ ବହୁଳ ଭାବରେ ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀ ଧରି ଆସିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ ହୋଇଥିଲା। ଓଡ଼ିଶା ସମେତ ପଡୋଶୀ ଛତିଶଗଡ ରାଜ୍ୟରୁ ଶହ ଶହ ସଂଖ୍ୟାରେ ଭକ୍ତ ମାନଙ୍କ ସମାଗମ ହେଇଥିଲା।

# ୫ ଡକାୟତ ଗିରଫ



ଉମରକୋଟ, (ଭାସ୍କର ନ୍ୟୁଜ୍): ଡକାୟତି ଅଭିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ଉମରକୋଟ ପୌର ପରିଷଦର ଗୁଲି ପାଟଣା ସାହିରେ ନନ୍ଦ ରେଲି(୨୪),ଦଶରାପଦା ସାହିର ରଘୁ ହରିଜନ (୪୬), ଉଙ୍ଗରୀ ସାହିର ଗୁଡୁ ହରିଜନ (୨୧),ଶୁଭମ (୨୭) ଓ କୁସୁମ ଗୁଡାସାହିର ରାଜେଶ କୁମାର ମହାନ୍ତି (୨୭)। ପୋଲିସ ଏମାନଙ୍କୁ ଡକାୟତି ଅଭିଯୋଗ ରେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଘଟଣା ପ୍ରକାରେ ଉମରକୋଟ ବ୍ଲକ ବଡ ଭରଣ୍ଡି ପଞ୍ଚାୟତ ନାଙ୍ଗରା ଡଙ୍ଗରି ଗ୍ରାମର କର୍ଣ୍ଣ ବିଷୋଇ (୨୨) ଗତକାଲି ସକାଳ ୬ ଘଣ୍ଟା ସମୟରେ ଶୌଚ ହେବା ପାଇଁ ଘରୁ ବାହାରି ଗ୍ରାମ ନିକଟରେ ଥିବା ନବ ନିର୍ମିତ ଭାରତ ମାଳା ରାସ୍ତାରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ୨ ଟି ବାଇକ୍ ରେ ୫ ଜଣ ଯୁବକ ପାଖକୁ ଆସି ରାସ୍ତାଟି କେଉଁଆଡେ ଯାଉଛି ବୋଲି ପଚାରିଥିଲେ। ଏହା ପରେ ସେହି ୫ ଜଣ ଯୁବକ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଲାତ,ବିଧା, ଚାପୁଡ଼ା ମାରି ଥିଲେ। ଏପରିକି ଛୁରି ବାହାର କରି ମୁହଁ,ଗୋଡ ଓ ଛାତିରେ ଆକ୍ରମଣ କରିଥିଲେ। ମାରପିଟ୍ କରିବା ପରେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ।ଏହା ପରେ ୫ ଜଣ କର୍ଣ୍ଣର ବେକକୁ ଚିପି ଧରି ପ୍ୟାଣ୍ଟ ପକେଟ୍ ରେ ଥିବା ୧୦୦୦/ଟଙ୍କା ଓ ମୋବାଇଲକୁ ନେଇଯାଇଥିଲେ। ଏହାପରେ ଉକ୍ତ ଯୁବକମାନେ ଭାରତମାଳା ରାସ୍ତାର କାର୍ଯ୍ୟରେ ନିୟୋଜିତ ଥିବା ଏକ ଜେସିବି ନିକଟକୁ ଯାଇଥିଲେ। ଉକ୍ତ ଜେସିବିରେ ଢେଙ୍କାନାଳ ଜିଲ୍ଲା ପ୍ରଜଙ୍ଗ ଗ୍ରାମର ନିଳକଣ୍ଠ ସାହୁ (୨୦) ହେଲପର ଭାବେ କାର୍ଯ୍ୟ କରନ୍ତି। ନିଳକଣ୍ଠ କୁ ଉକ୍ତ ଯୁବକ ମାନେ ଛୁରୀ ଦେଖାଇ ଟଙ୍କା ମାଗିଥିଲେ। ନିଳକଣ୍ଠ ଟଙ୍କା ଦେବାକୁ ମନା କରିବାରୁ ରାଗରେ ପାଖରେ ପଡିଥିବା ପଥର ସାହାଯ୍ୟରେ ଜେସିବି ର ସମ୍ମୁଖ କାଚ ଟିକୁ ଭାଙ୍ଗି ଦେଇଥିଲେ। ଯୁବକମାନଙ୍କ ଏଭଳି କାର୍ଯ୍ୟକଳାପ ଦେଖି ନିକଟ କ୍ୟାମ୍ପ ରେ ଥିବା ଅନ୍ୟ ଲୋକମାନେ ପହଞ୍ଚି ଯୁବକ ମାନଙ୍କୁ କାବୁ କରି ଏକ ବୋଲେରୋ ଗାଡି ମଧ୍ୟରେ ବନ୍ଦ କରି ରଖିଥିଲେ। ଘଟଣାକୁ ନେଇ କର୍ଣ୍ଣ ଙ୍କ ଭାଇ ଖଗପତି ଉମରକୋଟ ପୋଲିସ କୁ ଖବର ଦେଇଥିଲେ। ଖବର ପାଇ ଥାନା ଏଏସଆଇ ଦିଲିପ ବାଗ, କନେଷ୍ଟବଲ ନରେନ୍ଦ୍ର ନାୟକ ଓ ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକ ମାନଙ୍କୁ ଗିରଫ କରିଥିଲେ। ଡ଼ାକ୍ତରୀ ମାଇନା ପରେ ଉକ୍ତ ଯୁବକ ମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## 'ୱାନ ନେସନ୍-ୱାନ୍ ଇଲେକ୍ସନ' ପ୍ରସ୍ତାବ ମଞ୍ଜୁରୀ ନେଇ ଆଲୋଚନାଚକ୍ର

ଉମରକୋଟ(ଭାସ୍କର ନ୍ୟୁଜ୍): ୱାନ ନେସନ-ୱାନ ଇଲେକ୍ସନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି ମୋଦୀ କ୍ୟାବିନେଟ ତେବେ ଜନତାଙ୍କ ମତ ସଂଗ୍ରହ ଓ ସଂଶୟ ଦୂର ତଥା ସଚେତନତା ସୃଷ୍ଟି କରିବାକୁ ନେଇ ଏକ ବୁଦ୍ଧିଜୀବୀ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ଅବସରରେ ଉମରକୋଟ ସ୍ଥିତ ହୋଟେଲ ଏସ୍ ଏସ୍ ଇଣ୍ଟରନ୍ୟାସନାଲ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁରେନ୍ଦ୍ର ନାଥ ଦାଶ, ବରିଷ୍ଠ ଶିକ୍ଷାବିତ୍ ଉମେଶଚନ୍ଦ୍ର ଭୁକ୍ତା, ରାଜ୍ୟ ପ୍ରଭାରୀ ରାଜେଶ ପଟନାୟକ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କ୍ଷେତ୍ରୀୟ ସଂଗଠକ ସମରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ୱାନ ନେସନ-ୱାନ ଇଲେକ୍ସନ ପ୍ରସ୍ତାବକୁ ସମର୍ଥନ କରିବା ସହିତ ଏହାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବିଲ ସପକ୍ଷରେ ଜନମତ ସୃଷ୍ଟି କରିବା ସହିତ ସର୍ବସାଧାରଣ ରେ ବ୍ୟାପକ ସଚେତନତା ପାଇଁ ଏହି ଭଳି କାର୍ଯ୍ୟକ୍ରମ ସାରା ଭାରତରେ ଆୟୋଜନ କରାଯାଉଛି । ଏଥିରେ ଉମରକୋଟ ଓ ରାଇଘର ବ୍ଲକର ସମସ୍ତ କ୍ଷେତ୍ରର ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷକ ଶିକ୍ଷୟିତ୍ରୀ, ବ୍ୟବସାୟୀ ଯୋଗ ଦେଇ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଥିଲେ।

# ଦୈନିକ ନିୟନ୍ତ୍ରିତ ବଜାର ଗୃହ ସାମ୍ନାରେ କୁଢ଼ କୁଢ଼ ଆବର୍ଜନା

## ■ ବିନା ସଫେଇରେ ଚାଲିଛି ବଜାର, ପ୍ରଶାସନ ନିରବଦ୍ରଷ୍ଟା



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): କୋଷାଗୁମୁଡ଼ାର ନୂତନ ଭାବେ ନିର୍ମାଣ ହୋଇଥିବା ଦୈନିକ ବଜାର ଷ୍ଟଲଗୁଡ଼ିକ ସାମ୍ନାରେ କୁଢ଼ କୁଢ଼ ଆବର୍ଜନା। ମୁଖ୍ୟ ରାଜ ରାସ୍ତାକଡରେ ଥିବା ଏହି ଆର ଏମ୍‌ସି ଷ୍ଟଲ ସାମ୍ନାରେ ଏବଂ ଭିତରେ ଦୈନିକ ବଜାରର ଆମିଷ ଷ୍ଟଲ ପାଖରେ କୁଢ଼ କୁଢ଼ ଭଙ୍ଗା କାଚ,ଜରି, ପଚାସଡ଼ା ଆବର୍ଜନା ପଡିରହିଛି । କାଳ ବୈଶାଖୀ ଝଡରେ ଆବର୍ଜନା ଧୂଳି ମୁଖ୍ୟରାସ୍ତା ଉପରେ ଯାଉଥିବା ଜନସାଧାରଣଙ୍କ ଉପରେ ଗାଡି ସାମ୍ନାରେ ଆସୁଥିବା ଯୋଗୁଁ ଅନେକଥର ଦୁର୍ଘଟଣା ଘଟିଥିବା ମଧ୍ୟ ସାମ୍ନାକୁ ଆସିଛି । ସାପ୍ତାହିକ ହାଟ ଦିନ କାଚ ବେପାରୀମାନେ ଚୁଡ଼ି ବେପାର ସାରି ମନଇଚ୍ଛା ଭଙ୍ଗା ଚୁଡ଼ି ଖଣ୍ଡଗୁଡିକୁ ଖୋଲା ଲୋକଙ୍କ ପାଦ ଚଲା ରାସ୍ତାରେ ଫିଙ୍ଗି ଦେଇ ଚାଲିଯାଉଥିବା ସ୍ଥାନୀୟ ପାଖରେ ଥିବା ଅନ୍ୟ ବ୍ୟବସାୟୀମାନେ କହିଛନ୍ତି । ତେବେ ସେହି ଭଙ୍ଗା କାଚ ଖଣ୍ଡ ଯିବା ଆସିବା ଗ୍ରାହକ ଓ ବ୍ୟବସାୟୀଙ୍କ ପାଦରେ ଅନେକଥର ପଶିଥିବା ମଧ୍ୟ ସାମ୍ନାକୁ ଆସିଛି। ସେଭଳି ଛତିଶଗଡ଼ ରାଜ୍ୟ ସୀମାନ୍ତ ଅଞ୍ଚଳର ବ୍ୟବସାୟୀ ନିଜ ନିଜର ଅଳିଆକୁ ଏପଟେ ସେପଟେ ହାଟ ସାରି ଫୋପାଡ଼ି ଚାଲିଯାଉଛନ୍ତି। ଏହି ବିଷୟରେ ସ୍ଥାନୀୟ ଆରଏମ୍ସି କର୍ମଚାରୀ ମାନେ ଧାନମଣ୍ଡି ଖୋଲିବା ବେଳେ ଓ ନୂତନ ଗୋଦାମ ଗୃହ ନିର୍ମାଣ କାମ କରୁଥିବା ସମୟରେ ଦେଖିକି ମଧ୍ୟ ସ୍ଥାଣୁ ପାଲଟିଯାଇଛନ୍ତି । ଯଦି ଏଭଳି ଦୈନିକ ବଜାରରେ ଖଣ୍ଡିଆ ଭଙ୍ଗା ଚୁଡ଼ି, ଦୁର୍ଗନ୍ଧ ଆବର୍ଜନା ଯୋଗୁ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଡାକେ ତେବେ ଏଥିପାଇଁ ଦାୟୀ ହେବ କିଏ ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି । ପ୍ରତ୍ୟେକ ଶୁକ୍ରବାର ଦିନ ସପ୍ତାହିକ ବଜାରରେ ଆରଏମ୍‌ସି( ଦୈନିକ ନିୟନ୍ତ୍ରିତ ବଜାର କମିଟି) ଦ୍ୱାରା ସମସ୍ତ ବେପାରୀଙ୍କ ଠାରୁ ଟିକସ ଆଦାୟ କରି ଥାଏ । ତେବେ ଏଭଳି କଣ ମାସ ମାସ ଧରି ଅଳିଆ ଆବର୍ଜନା ସହ ମିଶି ଭଙ୍ଗା ଚୁଡ଼ି କାଚ ପଡି ରହିବା ଉଚିତ କି ବୋଲି ସାଧାରଣରେ ସ୍ଥାନୀୟ ବଜାର ର ବେପାରୀ ମାନେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି । ତୁରନ୍ତ ଦୈନିକ ନିୟନ୍ତ୍ରିତ ବଜାରର ପରିସର କୁ ଆବର୍ଜନା ମୁକ୍ତ ଓ ଭଙ୍ଗା ଚୁଡ଼ି ର ଅବଶିଷ୍ଟାଂଶ କୁ ସଫା କରିବା ପାଇଁ ସାଧାରଣ ରେ ଦାବି ଜୋର୍ ଧରିଛି ।

## କାଳବୈଶାଖୀ କ୍ଷୟକ୍ଷତିର ଆକଳନ କଲେ ଆର୍‌ଏମସି ସମ୍ପାଦକ

ବୌଦ୍ଧ(ଭାସ୍କର ନ୍ୟୁଜ୍): ସୋମବାର ଦିନ ୧୨.୧୦ ମିନିଟ ସମୟରେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଓ ହରଭଙ୍ଗା ବ୍ଲକ ବିରନରସିଂହପୁର ମାର୍କେଟ ୟାର୍ଡ ପରିଦର୍ଶନ କରିଛନ୍ତି ବୌଦ୍ଧ



ଆରଏମସି ସମ୍ପାଦକ ତଥା ସମବାୟ ସମିତି ସମୁହର ଉପ ସହକାରୀ ନିବନ୍ଧକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ । ଶନିବାର ସନ୍ଧ୍ୟାରେ ହରଭଙ୍ଗା ଓ ବୌଦ୍ଧ ବ୍ଲକ ଅଞ୍ଚଳରେ ହୋଇଥିବା କାଳ ବୈଶାଖୀ ପବନରେ ଉଭୟ ମାର୍କେଟ ୟାର୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ପାଇ ଶ୍ରୀ ପାଣିଗ୍ରାହୀ ତଦନ୍ତ କରିଥିଲେ । ଚଳିତ ବର୍ଷ ଖୁଣ୍ଟବନ୍ଧ ଓ ବିରନରସିଂହପୁର ମାର୍କେଟ ୟାର୍ଡରେ ନୂତନ ଭାବରେ ଲଗା ଯାଇଥିବା ସୌର ଶକ୍ତି ପ୍ରକଳ୍ପର ପ୍ଲେଟ୍ ଗୁଡିକ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇ ଯାଇଥିବା ଦେଖିବାକୁ ମିଳିଛି । ଆଜି ସରଜମିନ୍ ତଦନ୍ତ କରି ଆରଏମସି ସମ୍ପାଦକ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି ।

# ପ୍ରଥମ ଜିଲ୍ଲାସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ବୈଠକ



ବୌଦ୍ଧ(ଭାସ୍କର ନ୍ୟୁଜ): ମଙ୍ଗଳବାର ଦିନ ୧ ଘଣ୍ଟା ସମୟରେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ପ୍ରଥମ ଜିଲ୍ଲା ସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀତା ବୈଠକ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ । ଉକ୍ତ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ପ୍ରାରମ୍ଭିକ ସୂଚନା ଦେବା ସହ ଉପସ୍ଥିତ ସମସ୍ତ ଜନ ପ୍ରତିନିଧି ଓ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ କ୍ଷ ବୈଠକରେ ଯୋଜନାର କାର୍ଯ୍ୟକାରୀତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବିଧାୟକଙ୍କ ପ୍ରତିନିଧି କୈଳାଶ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡା ମଣି ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ୩ ଯାତ୍ରୀ

ବୌଦ୍ଧ(ଭାସ୍କର ନ୍ୟୁଜ୍): ସୋମବାର ଦିନ ୪.୩୦ ମିନିଟ ସମୟରେ ଜାତୀୟ ରାଜପଥ ନଂ ୫୭ ର ବୌଦ୍ଧ ଥାନା ଗମ୍ଭାରୀ ପଦର ନିକଟରେ ଥିବା ନୁନିଜୋର ପୋଲର ପାରାପିଟକୁ ଏକ ଇନୋଭା କାର ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଦୁର୍ଘଟଣାରେ କାରରେ ଥିବା ୩ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ କାରଟି ବଲାଙ୍ଗୀରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପୋଲର ପାରାପିଟକୁ ଧକ୍କା ଦେଇଥିଲା । ଉକ୍ତ ଦୁର୍ଘଟଣାରେ ଗାଡିର ସୁରକ୍ଷା ବେଲୁନ ବାହାରି ପଡ଼ିବାରୁ ଯାତ୍ରୀମାନେ ସାମାନ୍ୟ ଆହତ ହୋଇ ସୁରକ୍ଷିତ ରହିଥିଲେ । ଖବର ପାଇ ବୌଦ୍ଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ସମ୍ମିଳନୀ କକ୍ଷ ରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଆୟୋଜନ କରଯାଇଅଛି। ଏଥିରେ ମୁଖ୍ୟଅତିଥିଭାବେ ପାରଳା ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ,ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲା ବନ ଅଧିକାରୀ, ପିଏ ଆଇଟିଡିଏ, ଯୋଗଦେଇଥିଲେ । ଏଥିରେ ବିଧାୟକ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ୧୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ ସହ ସମ୍ମାଦନା କରାଯାଇଥିଲା । ପରେ ସେହି ବିଦ୍ୟାଳୟର ଶିକ୍ଷକମାନଙ୍କୁ ମାନ ପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ଜିଲ୍ଲାପାଳ ଶ୍ରୀ ବିଜୟ କୁମାର ଦାସ, ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ମାୟାଧର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ।

# ବୈଶାଖ ମେଳା ଓ ହରିଶଙ୍କର ମହୋତ୍ସବର ଚୂଡାନ୍ତ ପ୍ରସ୍ତୁତି ବୁଲି ଦେଖିଲେ ଜିଲ୍ଲାପାଳ



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ର ପ୍ରମୁଖ ପୂଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ଠାରେ ଆଗାମୀ ୮ ତାରିଖ ରୁ ୧୨ ତାରିଖ ଯାଏଁ ହେବାକୁ ଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖମେଳା ତଥା ହରିଶଙ୍କର ମହୋତ୍ସବ ର ଚୁଡାନ୍ତ ପ୍ରସ୍ତୁତି ର ତଦାରଖ ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାଲ ହରିଶଙ୍କର ଗସ୍ତକରି ଦେଖିଥିଲେ। ଏହି ଅବସରରେ ପ୍ରଥମେ ପ୍ରଦର୍ଶନୀ ପଡ଼ିଆ, ମନ୍ଦିର ପରିସର, ଝରଣା କୂଳ, ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ଥିବା ମଞ୍ଚ, ମହାମହିମ ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ କମ୍ଭମପତିଙ୍କ ଗସ୍ତ ର ମଧ୍ୟ ତଦାରଖ ସହିତ ହେଲିପ୍ୟାଡ ପଡିଆ, ରହଣି ସ୍ଥଳ ବୁଲି ଦେଖିଥିଲେ। ଆଗାମୀ ମେଳା ସଫଳତା ପାଇଁ ସମସ୍ତେ ଉଦ୍ୟମ କରିବାକୁ କହିବା ସହିତ ପ୍ରଥମ ଥର ରାଜ୍ୟର ମହାମହିମ ରାଜ୍ୟପାଳ ମେଳାକୁ ଆସୁଥିବାରୁ ସୁବ୍ୟବସ୍ଥା ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ପାଟଣାଗଡ ଉପ ଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେର, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଆସିଷ୍ଟାଣ୍ଟ କଲେକ୍ଟର ପଦ୍ମନାଭ ମହାରଣା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର , ଲାଠୋର ଥାନା ଅଧିକାରୀ ରାକେଶ ବେହେରା , ପାଟଣାଗଡ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅରୁଣ କୁମାର ଟେଟେ, କନିଷ୍ଠ ଯନ୍ତ୍ରୀ ଅମିତ କୁମାର ସାମଲ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଦେବଦତ୍ତ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସମ୍ବିତ ପରିଡ଼ା, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ସୂର୍ଯ୍ୟଭାନୁ ମେହେର, ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର, କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନ,ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଦେବୋତ୍ତର କମିଟି ସଦସ୍ୟ ଶଶି ପୁଝାରୀ, ଅଭୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତଥିଲେ।

## ଜଗନ୍ନାଥ ସାରକା ବିଜେଡି ସାଧାରଣ ସମ୍ପାଦକ



ରାୟଗଡା(ଭାସ୍କର ନ୍ୟୁଜ୍): ବିଜେଡି ରାଜ୍ୟ ସାଙ୍ଗଠନିକ କମିଟି ଘୋଷଣା ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରାକା ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏହି ଖବର ଘୋଷଣା ହେବା ପରେ ନିଜ ନିର୍ବାଚନ ମଣ୍ଡଳୀ ଜିଲ୍ଲା ତଥା ରାଜ୍ୟ ର ନେତା କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଜଗନ୍ନାଥଙ୍କ ବ୍ୟତିତ ଜିଲ୍ଲାରୁ ଆଉ କାହାକୁ ରାଜ୍ୟ କମିଟି ରେ ସ୍ଥାନ ମିଳିନାହିଁ। ଏମିତି କି ଜିଲ୍ଲାର ବିଜେଡି ସାଂଗଠନିକ ଦୀର୍ଘ ୨୫ ବର୍ଷ ମଜବୁତ କରିବାର ସୂତ୍ରଧାର ଦୁଇ ବରିଷ୍ଠ ବିଜେଡି ନେତା ଏନ.ଭାସ୍କରରାଓ ଓ ସୁଧୀର ଦାସଙ୍କୁ ମଧ୍ୟ ରାଜ୍ୟ କମିଟିରେ ସ୍ଥାନ ଦିଆଯାଇ ନାହିଁ। ତେଣୁ ଏହାକୁ ନେଇ ବିଭିନ୍ନ ଚର୍ଚ୍ଚା ଜୋର ଧରିଛି

# ସହିଦ ସ୍ମୃତି ସ୍ତମ୍ଭ ଓ ପାର୍କର ଉନ୍ନତିକରଣ ନିମନ୍ତେ ବୈଠକ



ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଠାରେ ଦେଶ ପାଇଁ ସହିଦ ହୋଇଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହିଦ ସ୍ମୃତି ପାର୍କ ନିର୍ମାଣ ବାବଦକୁ ୬ କୋଟି ଟଙ୍କା ଅନୁମୋଦନ ହୋଇଯାଇଅଛି । ଏହି ସହିଦ ସ୍ମୃତି ପାର୍କର ନିର୍ମାଣ ଓ ଉନ୍ନତିକରଣ ନିମନ୍ତେ କିଭଳି ରୂପରେଖ ତିଆରି ହେବ ଏବଂ ଏ ସମ୍ବଧୀୟ ସର୍ବସମ୍ମତି କ୍ରମେ ପଦକ୍ଷେପ ପ୍ରସ୍ତାବ ଗ୍ରହଣ ପାଇଁ ଆଜି ପାପଡ଼ାହାଣ୍ଡି ପଂଚାୟତ ସମିତି ସମ୍ମିଳନୀ ଗୃହରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଡାବୁ ଗାଁ ମନୋହର ରାନ୍ଧାରୀ , ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ପୂର୍ବତନ ଲୋକସଭା ସଦସ୍ୟ ପର୍ଶୁରାମ ମାଝୀ, ପଂଚାୟତ ସମିତି ଅଧକ୍ଷା ହେମଲତା ମାଝୀ, ଆଦିବାସୀ ସହିଦ ସ୍ମୃତି କେନ୍ଦ୍ର ସଭାପତି ମୁନା ତ୍ରିପାଠୀ,ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବାସହ ସହିଦ ସ୍ମୃତି ପାର୍କ ନିର୍ମାଣ ରୂପରେଖରେ ସମସ୍ତଙ୍କ ମତାମତ ଲୋଡ଼ିବା ସହ ପି ପି ଟି ମାଧ୍ୟମରେ ସହିଦ ପାର୍କରେ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ରଖିବା ଉପରେ ବିଶେଷ ଧାରଣା ଦେଇଥିଲେ। ସର୍ବ ସମ୍ମତି କ୍ରମେ ସହିଦ ସ୍ମୃତି ପାର୍କ ପାଇଁ ନବରଙ୍ଗପୁର ଉମରକୋଟ ରାସ୍ତା ରେ ୫ ଏକର ଜାଗା ଚିହ୍ନଟ କରାଯିବ। ସହିଦ ସଂଗ୍ରାମୀଙ୍କ ନାମ ସ୍ମୃତି ସ୍ତମ୍ଭରେ ସ୍ଥାପନ କରାଯିବ। ଏକ କମିଟି ଗଠନ କରାଯାଇ ସେଥିରେ ସହିଦ ପରିବାରଙ୍କ ଦାୟଦ, ଜନ ପ୍ରତିନିଧି, ସହରର ବୁଦ୍ଧିଜୀବୀ ,ଏ ସମ୍ବନ୍ଧୀୟ ଗବେଷଣା ନିବନ୍ଧରେ ସଂପୃକ୍ତ ବ୍ୟକ୍ତିବିଶେଷ, ପ୍ରଶାସନିକ ଅଧିକାରୀଙ୍କୁ ସାମିଲ କରାଯିବ। ସହିଦ ସ୍ମୃତି ପାର୍କ ରେ ଏଣ୍ଟ୍ରାନ୍ସ ଗେଟ, ଷ୍ଟାଚ୍ୟୁ ଏରିଆ, ୱାଟର ଫାଉଣ୍ଟେନ୍ , ପାର୍କ, ଶିଶୁ ଉଦ୍ୟାନ,ପାଠାଗାର,ଶୌଚାଳୟ, ସିଟିଂ ଏରିଆ, ପାର୍ଥନା ସ୍ଥଳ,ସାଂସ୍କୃତିକ ଉତ୍ସବ ସ୍ଥଳ, ଭିଜୁଆଲ ଗ୍ୟାଲେରୀ ଓ ଅନ୍ୟାନ୍ୟ ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପ୍ରସ୍ତାବ ଗ୍ରହଣ କରାଗଲା। ଏହି ସଭାରେ ଉପଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ବି ଡି ଓ ମନୋଜ କୁମାର ପାଣିଗ୍ରାହୀ,ସହିଦ ସ୍ମୃତି କମିଟି ସଭ୍ୟ , ସ୍ୱାଧୀନତା ସଂଗ୍ରାମୀ ଦାୟଦ, ଉଦ୍ଧବ ପ୍ରଧାନୀ, ଟଙ୍କଧର ଗଉଡ, ସିରାଜୁଦ୍ଦିନ୍ ଅହମଦ,ବିଶେଷ ଗବେଷକ ଡ ବିଜୟ ମିଶ୍ର, ସ୍ୱାଧୀନ ପଟ୍ଟନାୟକ, ଏସଇଆର୍ଏଣ୍ଡବି କ୍ଷିରୋଧର କନ୍ଧପାଣ, ଡି ଆଇପିଆର୍ ଓ ମନୋଜ କୁମାର ବେହେରା, ଡି ସି ଓ ଘାଷିଆ ହରିଜନଙ୍କ ସମେତ ସହରର ବିଶିଷ୍ଟ ବ୍ୟକ୍ତି, ପଂଚାୟତ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମୁନା ତ୍ରିପାଠୀ ସମସ୍ତଙ୍କ ମିଳିତ ସହଯୋଗ କାମନା କରି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମ୍ୟାଟ୍ରିକ ଏ-୧ , ଏ ୨ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

ନୂଆପଡା(ଭାସ୍କର ନ୍ୟୁଜ୍): ଚଳିତବର୍ଷ ଜିଲ୍ଲାରେ ଏ ୧ ଗ୍ରେଡରେ ଦୁଇ ଜଣ ଛାତ୍ରୀ ଥିଲାବେଳେ ଏ ୨ ଗ୍ରେଡରେ ରେକର୍ଡ ସଂଖ୍ୟକ ୯୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ଏହି ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଏଥିପାଇଁ ଏକ ସମ୍ବର୍ଦ୍ଧନା ସଭା ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୂଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାର ସଦସ୍ୟ ଡଃ ଶିବ ପ୍ରସାଦ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ପ୍ରମୁଖ ଯୋଗ ଦେଇଥିଲେ। ଏବର୍ଷ ପଞ୍ଚାୟତ ହାଇସ୍କୁଲ୍ ମୁଣ୍ଡାପଡ଼ାର ଛାତ୍ରୀ ଶ୍ରେଷ୍ଠା ପଣ୍ଡା ୯୩.୧୭ ପ୍ରତିଶତ ମାର୍କ ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିନାପାଲିର ଛାତ୍ରୀ ଝରଣା ମେହେର ୯୧ ପ୍ରତିଶତ ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏମାନଙ୍କ ସହିତ ଏ ୨ ଗ୍ରେଡ ପାଇଥିବା ସମସ୍ତ ଛାତ୍ରଛାତ୍ରୀ ସେମାନଙ୍କ ଶିକ୍ଷକ ତଥା ଅଭିଭାବକ ମାନଙ୍କ ସହିତ ଏଇ ବର୍ଣ୍ଣାଢ଼୍ୟ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲାପାଳ ଏବଂ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମସ୍ତଙ୍କୁ ସମ୍ବୋଧିତ କରି ଜିଲ୍ଲାପାଳ କହିଲେଯେ ଏହା ସମସ୍ତଙ୍କ ପାଇଁ କେବଳ ଏକ ଖୁସି ର ମୁହୂର୍ତ୍ତ ନୁହେଁ, ବରଂ ଏକ ଆତ୍ମ ସମୀକ୍ଷା କରିବାର ବେଳ । ଜୀବନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ପ୍ରଚଣ୍ଡ ଆତ୍ମ ପ୍ରତ୍ୟୟ ଓ ଆତ୍ମ ବିଶ୍ୱାସ ସହିତ ସମସ୍ତଙ୍କୁ ଆଗେଇଯିବାକୁ ପଡିବ । ଆଜିର ଏଇ ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନେ ଅତ୍ୟନ୍ତ ଆନନ୍ଦ ଅନୁଭବ କରିଥିଲେ ।

# ଈଶାନେଶ୍ୱର ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ପୌରପରିଷଦ ଠାରେ ଥିବା ଡିଏନକେ ଠାରେ ଥିବା ଈଶାନେଶ୍ୱର ମନ୍ଦିର ର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ରେ ପୂଜକ ସତ୍ୟ ମିଶ୍ର , ପୂଜାକାର୍ଯ୍ୟ କରିଥିବା ବେଳେ କର୍ତ୍ତା ଭାବେ ଚନ୍ଦ୍ର ଶେଖର ସ୍ୱାଇଁ ଓ ଦେବେନ୍ଦ୍ର ପଣ୍ଡା ରହିଥିଲେ। ଏହି ଉପଲକ୍ଷେ ଆୟୋଜିତ ଯଜ୍ଞ ନିମନ୍ତେ ଶ୍ରଦ୍ଧାଳୁମାନେ ସମବେତ ହୋଇ ଭାସ୍କେଲ ନଦୀ ପଠା ନିକଟରୁ କଳସ ଶୋଭାଯାତ୍ରାରେ ଆଣିଥିଲେ ।ଗ୍ରାମର ମହିଳା, ଯୁବକ ଓ ବୁଦ୍ଧିଜୀବିମାନେ ସମବେତ ହୋଇ ଈଶାନେଶ୍ୱର ମନ୍ଦିରର ତୃତୀୟ ପ୍ରତିଷ୍ଠା ଉତ୍ସବକୁ ଭକ୍ତିପୂତ ସହକାରେ ସଂପାଦିତ କରୁଛନ୍ତି। ଶାସ୍ତ୍ରୀୟ ଯାଜ୍ଞିକ ବ୍ରାହ୍ମଣମାନଙ୍କ ଦ୍ୱାରା ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଈଶାନେଶ୍ୱର ମନ୍ଦିର କମିଟି ପକ୍ଷରୁ ସମସ୍ତ ଯଜ୍ଞକାର୍ଯ୍ୟ ପୂର୍ଣ୍ଣାହୁତି ସଂପନ୍ନ ହୋଇଯାଇଛି। ଭକ୍ତମାନଙ୍କ ହୁଳହୁଳି ଶଙ୍ଖ ଘଣ୍ଟର ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ଡିଏନକେ ଅଞ୍ଚଳ ଈଶାନେଶ୍ୱର ମନ୍ଦିର କମିଟି ପକ୍ଷରୁ ଅନ୍ନଭୋଗର ଆୟୋଜନ କରାଯାଇଥିଲା। ଏହି ଯଜ୍ଞରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଅନ୍ନଭୋଗ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ କମିଟି ସଭାପତି ଭରତ ଜେନା ଙ୍କ ସହ ନାରାୟଣ ସାହୁ, ଜଗବନ୍ଧୁ ସ୍ୱାଇଁ, ବିପିନ ମାଝୀ, ଦୁଖାଲୁ ଜାଲ, ପ୍ରଫୁଲ୍ଲ ପରିଡ଼ା, ପ୍ରଦୀପ ମୁରାରି, ଉପେନ୍ଦ୍ର ଖୁଣ୍ଟିଆ, ସତ୍ୟନାରାୟଣ ଦାସ, ଭୁପୋତି ଭୂଷଣ ପଟ୍ଟନାୟକ, ବିନୋଦ ବିହାରୀ ସାମଲ, ଜିତୁ ମିଶ୍ର, ସରୋଜ ପରିଡ଼ା, ପିତାମ୍ବର ଜେନା ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ପୁରୀ (ଭାସ୍କର ନ୍ୟୁଜ) : ମହାପ୍ରଭୁଙ୍କ ରଥଯାତ୍ରା ଏକ ସାମୁହିକ ଦାୟିତ୍ୱ।ଏହା ସମସ୍ତ ବିଭାଗ ମଧ୍ୟରେ ସୁସମନ୍ୱୟର ପ୍ରତୀକ ମଧ୍ୟ।ଏଥିରେ ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ପରିବହନ ବିଭାଗର ମଧ୍ୟ ଗୁରୁ ଦାୟିତ୍ୱ ରହିଛି ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ।ଚଳିତ ବର୍ଷ ଯାତ୍ରୀ ମାନଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଏକ ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଶ୍ରୀମତୀ ପାଢ଼ୀ ରଥଯାତ୍ରା କୁ ଆସୁଥିବା ପ୍ରତ୍ୟେକ ଯାତ୍ରୀ ଆମର ଅତିଥି।ସେମାନ ଙ୍କୁ ଏକ ସୁନ୍ଦର ଅନୁଭବ ଦେବା ଆମର କର୍ତ୍ତବ୍ୟ।ବିଶେଷ କରି ରାସ୍ତା ଘାଟ ମରାମତି, ପରିସ୍କାର ପରିଚ୍ଛନ୍ନ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ପାନୀୟ ଜଳର ବ୍ୟବସ୍ଥା, ପରିବହନ, ପାର୍କିଂ ସ୍ଥଳ ବ୍ୟବସ୍ଥା ଇତ୍ୟାଦି କୁ ରଥଯାତ୍ରା ପୂର୍ବରୁ ଅତି ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଶ୍ରୀମତୀ ପାଢ଼ୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଆମର ଭିତ୍ତିଭୂମି କୁ ସୁଦୃଢ଼ କରିବା।ଯାହାଫଳରେ କେବଳ ରଥଯାତ୍ରା ନୁହେଁ ସବୁ ସମୟରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନେ ସୁବିଧା ପାଇବେ।ଏଥିପାଇଁ ଅର୍ଥ ବାଧକ ନୁହେଁ।ତେଣୁ ସମସ୍ତ ବିଭାଗ ଉପଯୁକ୍ତ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା କୁ ସେ ପରାମର୍ଶ ଦେଇଥିଲେ।ସ୍ୱଚ୍ଛତା କୁ ଯେଉଁ ମାନେ ଉଲ୍ଲଘଂନ କରୁଛନ୍ତି, ରାସ୍ତା ଅବରୋଧ କରି ଗୃହ ନିର୍ମାଣ ସାମଗ୍ରୀ ରଖୁଛନ୍ତି, ବିଭିନ୍ନ ପ୍ରକାର ଯାନ ପରିବହନ ନିୟମ ଭାଙ୍ଗୁଛନ୍ତି, ପାର୍କିଂ ନ ହେବା ସ୍ଥାନରେ ପାର୍କିଂ କରୁଛନ୍ତି ସେମାନଙ୍କ ଉପରେ ଆଇନ ଅନୁଯାୟୀ ଆର୍ଥିକ କାର୍ଯ୍ୟାନୁଷାନ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

## ତିନିଘରିଆ ୱାର୍ଡରୁ ଡମ୍ପିୟାର୍ଡ ହଟାଇବାକୁ କଂଗ୍ରେସର ଦାବି

କଟକ,(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ ୫୧ ନଂ ୱାର୍ଡ ଅ'ର୍ଗତ ତିନିଘରିଆ ଗ୍ରାମର ମଧ୍ୟସ୍ଥଳରେ ୨୦୨୧ ମସିହାରେ ଏକ ଡମ୍ପିୟାର୍ଡ ସିଏମସି ପକ୍ଷରୁ ନିର୍ମାଣ କରାଯାଇଥିଲା । ଏହି ଡମ୍ପିୟାର୍ଡ ଏବଂ ମାଇକ୍ରୋ କମ୍ପୋଷ୍ଟ ପ୍ଲାଂଟ୍ କାର୍ଯ୍ୟକ୍ଷମ ହେବା ପରେ ଗ୍ରାମବାସୀମାନେ ଏହାର କୁପ୍ରଭାବକୁ ଅନୁଭବ କଲେ । ସିଏମସି ର ୫୧,୫୨, ଓ ୫୩ ନଂ ୱାର୍ଡ ରୁ ବାହାରୁଥିବା ଅଳିଆ ଆବର୍ଜନା ଓ ପଚାଷଢ଼ା ଜିନିଷକୁ ଏଠାରେ ଆଣି ଗଦା କରିବା ସହ ଏହାକୁ ପ୍ଲାଂଟ୍‌ରେ ସଢା ଯିବାର ପ୍ରକ୍ରିୟା କରିବା ଦ୍ୱାରା ସେଥିରୁ ଦୁର୍ଗନ୍ଧ ବାହାରି ଏଠାକାର ପରିବେଶକୁ ଦୟନୀୟ ସ୍ଥିତିରେ ପହଁଚାଇଛି । ନିର୍ଗତ ହେଉଥିବା ଦୁର୍ଗନ୍ଧ ଯୋଗୁଁ ଚତୁଃପାର୍ଶ୍ୱରେ ଥିବା ଗ୍ରାମର ଅଧିବାସୀ ମାନେ ଅତିଷ୍ଠ ହୋଇପଡ଼ିଲେଣି । ଫଳରେ ଲୋକେ ଦିନ ରାତି ଝରକା କବାଟ ବନ୍ଦ ରଖିବାକୁ ବାଧ ହେଉଛନ୍ତି । ଏଥିସହିତ ଶ୍ୱାସ ରୋଗୀ, ହୃଦ୍ ରୋଗୀ ଓ ଚର୍ମ ରୋଗରେ ଆକ୍ରାନ୍ତ ରୋଗୀମାନେ ଆତଙ୍କିତ ହେବା ସହ ସାଧାରଣ ଲୋକେ ମଧ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କାରେ ଭୟଭୀତ ଅବସ୍ଥାରେ ଅଛନ୍ତି । ଏ ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି । ଏଣୁ ସିଏମସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ସହ ଏହି ଓ ମାଇକ୍ରୋ କମ୍ପୋଷ୍ଟ ପ୍ଲାଂଟ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ୍ ନେତା ତଥା କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମ ଚନ୍ଦ୍ର ଗୋଚ୍ଛାୟତ, କଟକ ନଗର କଂଗ୍ରେସର ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ୱାର୍ଡ କଂଗ୍ରେସ ସଭାପତି ରଜନୀ ବସ୍ତିଆ, ଜିଲ୍ଲା କଂଗ୍ରେସ ଉପସଭାପତି ଶିଶିର ରଥ ଓ ମନୋଜ ବିଶ୍ୱାଳ, କଟକ ନଗର (ଜିଲ୍ଲା)କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ଜିଲ୍ଲା ସମ୍ପାଦକ ସଚ୍ଚିଦାନନ୍ଦ ରାଉତ୍ ପ୍ରମୁଖ ଦାବୀ କରିଛନ୍ତି । ନଚେତ୍ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଦୃଢ଼ ଚେତାବନୀ ଦିଆଯାଇଛି ।

## ସଦର ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

କଟକ,(ଭାସ୍କର ନ୍ୟୁଜ୍): ବୁଧବାର କଟକ ସଦର ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ୨ୟ ବୈଠକ କଟକ ସଦର ବିଧାୟକ ତଥା କଟକ ସଦର ନିର୍ବାଚମଣ୍ଡଳୀ ଉନ୍ନୟନ କମିଟି ଅଧ୍ୟକ୍ଷ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକର ସମସ୍ତ ପଞ୍ଚାୟତ ଏବଂ ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ପଞ୍ଚାୟତ ତଥା କଟକ ମହାନଗର ନିଗମ ଅଧିନସ୍ତ ସଦର ଅଞ୍ଚଳର ୬ଟି ୱାର୍ଡ ମାନଙ୍କରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିଭିନ୍ନ ବିଭାଗଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ପଦକ୍ଷେପ ଗ୍ରହଣ କରିଥିବା ସମ୍ପର୍କରେ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ରିପୋର୍ଟ ଆବଶ୍ୟକ କରିବାପରେ ଉପସ୍ଥିତଥିବା ସମ୍ପୃକ୍ତ ଅଧିକାରୀ ଓ ଯନ୍ତ୍ରୀ ମାନେ କଟକ ସଦର ନିର୍ବାଚନ ମଣ୍ଡଳୀ ରେ କାର୍ଯକାରୀ ହେଉଥିବା ଉନ୍ନୟନ କାର୍ଯ୍ୟର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ ବିଠକରେ ସଂଯୋଜନା କରି ପଂଚାୟତ ସ୍ତରରେ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟର ଅଗ୍ରଗତି ସହ ସମୟସୀମା ମଧ୍ୟରେ ଶେଷ ହେବା ନେଇ ସମ୍ପୂର୍ଣ୍ଣ ତଥ୍ୟ ବିଧାୟକ ପାଣ୍ଠି ଦ୍ୱାରା ଖର୍ଚ୍ଚ କରାଯାଉଥିବା କାର୍ଯ୍ୟ ଗୁଡ଼ିକର ତଥ୍ୟ ଆଦି ସଂମ୍ପର୍କରେ ସମୟ ସମୟରେ ରିପୋର୍ଟ ତିଆରି କରି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଧିକାରୀ ଓ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରନ ଦେଓ, ମୁଖ୍ୟ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା, ଯୋଜନା ଓ ସମନ୍ୱୟ ବିଭାଗ,କଟକ ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ,ସହ ନିର୍ଦ୍ଦେଶକ ରାମ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୮ ଏୟାରପୋର୍ଟ...

୧୬୦ଟି ବିମାନ ବାତିଲ ହୋଇଥିବାବେଳେ ଦିଲ୍ଲୀ ବିମାନବନ୍ଦରକୁ ୩୫ରୁ ଅଧିକ ବିମାନକୁ ବାତିଲ କରି ଦିଆଯାଇଛି। ବିମାନ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ବିମାନସବୁ ବାତିଲ ହୋଇଥିବାରୁ ଯାତ୍ରୀମାନଙ୍କୁ ଟଙ୍କା ପୂର୍ଣ୍ଣ ଫେରସ୍ତ କରାଯିବ କିମ୍ବା ବିକଳ୍ପ ଉଡାଣର ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ ଯେ ଭାରତୀୟ ସେନା ମାତ୍ର ୨୫ ମିନିଟରେ ୨୪ଟି କ୍ଷେପଣାସ୍ତ୍ର ବ୍ୟବହାର କରି ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲା। ଏହି ୯ଟି ମଧ୍ୟରୁ ୫ଟି ପିଓକେରେ ଥିବାବେଳେ ଅନ୍ୟ ୪ଟି ପାକିସ୍ତାନରେ ରହିଥିଲା। ଏହି ଆଡ୍ଡାଗୁଡ଼ିକରେ ଆତଙ୍କବାଦୀମାନଙ୍କୁ ରଖାଯାଇ ତାଲିମ ଦିଆଯାଉଥିଲା।

### ସୀମାନ୍ତ ରାଜ୍ୟ...

ସଫଳତା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଫଳରେ ସମସ୍ତେ ସତର୍କ ରହିବାକୁ ଶାହ ପରାମର୍ଶ ଦେଇଥିଲେ। ଏଥିପୂର୍ବରୁ ଜାମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ମଧ୍ୟ କଥା ହୋଇଥିଲେ। ଶ୍ରୀ ଶାହ ନିୟମିତ ଜାମ୍ମୁକାଶ୍ମୀର ଏଲଜି ମନୋଜ ସିହ୍ନା ଏବଂ ବିଏସ୍ଏଫର ମହାନିର୍ଦ୍ଦେଶକଙ୍କ ସହିତ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ଦୁର୍ଗମ ଅଞ୍ଚଳରୁ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରିବା ସହ ଅତ୍ୟାବଶ୍ୟକ ସେବା ଉପଲବ୍ଧ କରାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

### ହନୁମାନଙ୍କ ଆଦର୍ଶକୁ...

ଛାରଖାର ହୋଇଯାଇଛି। ୨୦୦୮ ମୁମ୍ବାଇ ଆତଙ୍କୀ ଆକ୍ରମଣର ତାଲିମ ସ୍ଥଳକୁ ମଧ୍ୟ ଧ୍ୱଂସ କରି ଦେଇଛୁ। ସେହିପରି ପାକିସ୍ତାନର ୬ କିଲୋମିଟର ଭିତରେ ଥିବା ସିଆଲକୋଟର ସର୍ଜଲ କ୍ୟାମ୍ପକୁ ଧ୍ୱଂସ କରାଯାଇଛି। ସେହିଭଳି ଏଲଓସିଠାରୁ ୨ କିମି ଦୂରରେ ଥିବା ୨ଟି କ୍ୟାମ୍ପକୁ ମଧ୍ୟ ନଷ୍ଟ କରାଯାଇଛି ବୋଲି ଶ୍ରୀ ସିଂ ସୂଚନା ଦେଇଥିଲେ।

### କୌଶଳ ଶିଖାଇଲେ...

ପ୍ରଥମେ ସାଇରନ ବାଜିଥିଲା ଓ ପରେ ସିଭିଲ ଡିଫେନ୍ସ କର୍ମୀମାନେ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ଦେଶର ୨୪୪ଟି ଜିଲ୍ଲାରେ ଏହି ମକଡ୍ରିଲ କରାଯାଇଥିବାବେଳେ ଓଡ଼ିଶାର ୧୨ଟି ସ୍ଥାନରେ ଏହା କରାଯାଇଛି। ପ୍ରଥମେ ସାଇରନ ବାଜିବା ପରେ ମକଡ୍ରିଲ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଆଉଥରେ ସାଇରନ ବାଜିବା ପରେ ଏହି ଅଭିଯାନକୁ ବନ୍ଦ କରାଯାଇଥିଲା। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ୧୨ଟି ସ୍ଥାନରେ ସାଇରନ ବାଜି ଉଠିଥିଲା। ଭୁବନେଶ୍ୱରର ବରମୁଣ୍ଡାରେ ଏହା ଆୟୋଜନ କରାଯାଇଥିବାବେଳେ ବାଲେଶ୍ୱର,କୋରାପୁଟ, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର,କେନ୍ଦ୍ରାପଡ଼ା ଓ ତାଳଚେରରେ ମଧ୍ୟ ଏହା ଅନୁଷ୍ଠିତ ହୋଇଥିଲା। ଯୁଦ୍ଧ ସମୟରେ କିଭଳି ମୁକାବିଲା କରାଯାଇପାରିବ ସେ ନେଇ ପୋଲିସ, ଅଗ୍ନିଶମବାହିନୀ ଓ ଏନସିସି ଟିମ୍ ଅଭ୍ୟାସ କରିଥିଲେ। ସେହିପରି ଉଦ୍ଧାରକାରୀ ଟିମ୍ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ କିଭଳି ଉଦ୍ଧାର କରିବେ ତା'ର ଅଭ୍ୟାସ ହେଉଛି ଏହି ମକ୍‌ଡ୍ରିଲ। ସାଧାରଣତଃ ଯୁଦ୍ଧ ଏବଂ ଜରୁରିକାଳୀନ ପରିସ୍ଥିତିରେ ଏଭଳି ସାଇରନ ବାଜିଥାଏ। ଯୁଦ୍ଧ ସମୟରେ ସାଇରନ ବାଜିବାର ଗୁରୁତ୍ୱ ମଧ୍ୟ ରହିଛି। ଯେଉଁଥିରେ ଲୋକଙ୍କୁ ଆକାଶରୁ ଆକ୍ରମଣ ନେଇ ଚେତାବନୀ, ଏୟାରଫୋର୍ସ ସହିତ ରେଡିଓ ସଂପର୍କ ପରିଚାଳନା, ବ୍ଲାକଆଉଟ୍ ଓ ନିୟନ୍ତ୍ରଣ କକ୍ଷର ପ୍ରସ୍ତୁତି ଯାଞ୍ଚ କରିବା ପାଇଁ ଏହି ଅଭ୍ୟାସ କରାଯାଇଥାଏ। ଯୁଦ୍ଧର ସାଇରନ ୨ରୁ ୫ କିଲୋମିଟର ଶୁଭାଯାଇଥାଏ। ମକଡ୍ରିଲ ନେଇ ଭୁବନେଶ୍ୱର ସମେତ ରାଜ୍ୟର ୧୨ଟି ସ୍ଥାନରେ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ସେମାନେ କଳାକୌଶଳ ଶିଖିବା ପାଇଁ ଭିଡ଼ ମଧ୍ୟ ଜମାଇଥିଲେ। ତେବେ ସଫଳତାର ସହ ଏହି ମକ୍‌ଡ୍ରିଲ ଶେଷ ହୋଇଥିଲା।

### ଭୟରେ ଥରୁଛି...

ଭିତରକୁ ପଶି ଯାଇଥିଲା। ଭାରତୀୟ ସେନା ଦେଖାଇଥିଲା ପ୍ରକୃତ ପ୍ରତିଶୋଧର ପରାକାଷ୍ଠା। ରାତି ତମାମ ସଂପୂର୍ଣ୍ଣ ଅପରେସନ ସିନ୍ଦୂରର ଅନୁଧ୍ୟାନ କରୁଥିଲେ ପ୍ରଧାନମନ୍ତ୍ରୀ। ରାତି ଅଧରେ ଭାରତ ଆରମ୍ଭ କରିଥିଲା ଅପରେସନ। ପାକିସ୍ତାନ ଏବଂ ପାକ୍ ଅଧିକୃତ ଜାମ୍ମୁ କାଶ୍ମୀରର ଆତଙ୍କବାଦୀ ଭିତ୍ତିଭୂମି ଉପରେ ପଡ଼ିଥିଲା ଭାରତର ପ୍ରତିଶୋଧର ପାହାର। ଇଏ ହେଉଛି ସେହି ସ୍ଥାନ, ଯେଉଁଠି ଭାରତ ବିରୁଦ୍ଧରେ ଆତଙ୍କୀ ଆକ୍ରମଣ ଯୋଜନା ସହ ନିର୍ଦ୍ଦେଶିତ ହେଉଥିଲା। ତେବେ ଭାରତର କାର୍ଯ୍ୟକ୍ରମ ନେଇ ପାକିସ୍ତାନ ପାଖରେ କୌଣସି ସୂଚନା ବି ନଥିଲା। ଏହି ଅପରେସନରେ ଭାରତ ବାହାବଲପୁରଠାରୁ ସିଆଲକୋଟ ପର୍ଯ୍ୟନ୍ତ ଧ୍ୱଂସଲୀଳା ରଖିଥିଲା। ଭାରତର କାର୍ଯ୍ୟାନୁଷ୍ଠାନରେ ଥରି ଉଠିଥିଲା ସାରା ପାକିସ୍ତାନ। ପାକ୍ ପ୍ରଧାନମନ୍ତ୍ରୀ ସେହୱାଜ ସରିଫ କହିଛନ୍ତି ଯେ ଭାରତର କାର୍ଯ୍ୟାନୁଷ୍ଠାନ ସଂପୂର୍ଣ୍ଣ ସଫଳ ହୋଇଛି। ଅପରେସନ ସିନ୍ଦୂରରେ ଭାରତ ପାକିସ୍ତାନର କୌଣସି ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିନଥିଲା। ଲକ୍ଷ୍ୟ ଚୟନ ଓ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ପଦ୍ଧତିରେ ଭାରତ ଯଥେଷ୍ଟ ସଂଯମତା ଦେଖାଇଥିଲା। ଏହାକରି ଭାରତ ପାକିସ୍ତାନକୁ ପୁଣିଥରେ ଚକମା ଦେଇଛି ବୋଲି କୁହାଯାଇପାରେ। ତେବେ ଭାରତର ମିସାଇଲକୁ ନଷ୍ଟ କରିବା ପାଇଁ ଚୀନ ପାକିସ୍ତାନକୁ ଯେଉଁ ଜେଏଫ-୧୭ ଭାରତର ମିସାଇଲ ମାଡ଼ରେ ନଷ୍ଟ ହୋଇଯାଇଥିଲା। ଅନ୍ୟପକ୍ଷରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଛି। ଅପରେସନ ସଫଳ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଅପରେସନ ସଂପର୍କରେ ଅବଗତ କରାଇଥିଲେ। ଏହି ଆକ୍ରମଣରେ ୩୦୦ରୁ ଉର୍ଦ୍ଧ୍ୱ ଆତଙ୍କୀଙ୍କ ମୃତ୍ୟୁ ହୋଇଥିବାବେଳେ ସେଥିମଧ୍ୟରେ ମାସୁଦ ଆଜାରର ସପରିବାର ନିପାତ ହୋଇଛନ୍ତି। ମାସୁଦ ପରିବାରର ୧୦ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ତା'ର ୪ ସହଯୋଗୀ ମୃତ୍ୟୁବରଣ କରିଛନ୍ତି।

ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଛାତ୍ର ସଂସଦର ବାର୍ଷିକ ଉତ୍ସବ

## ନୂତନ ଏମରଜେନ୍ସି ୟୁନିଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭୁବନେଶ୍ୱର ସ୍ଥିତ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସେଠାରେ ଏକ ନୂତନ ଏମରଜେନ୍ସି ୟୁନିଟର ଶିଳାନ୍ୟାସ କରିବା ସହିତ କଲେଜ୍‌ରେ ଏକ ହୋମିଓପାଥି ଗବେଷଣା ଓ ବିଶ୍ଳେଷଣ ବିଭାଗ ଖୋଲାଯିବ ବୋଲି ଘୋଷଣା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ରକ୍ତଦାନ ଶିବିରର ଉଦ୍‌ଘାଟନ ମଧ୍ୟ କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଓଡିଶାରେ ହୋମିଓପାଥିକ୍ ଶିକ୍ଷାର ପ୍ରସାର ଓ ହୋମିଓପାଥିକ୍ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ଦିଗରେ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅବଦାନ ଅତୁଳନୀୟ। ଏହି କଲେଜ୍ ରାଜ୍ୟର ଏକ ପ୍ରତିଷ୍ଠିତ କଲେଜ୍। ହୋମିଓପାଥିକ୍ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଏହା କେବଳ ରାଜ୍ୟ କାହିଁକି, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଦୀର୍ଘ ୫୬ ବର୍ଷ ଧରି ଏହା ଅବିରତ ଭାବେ ଶିକ୍ଷାର ପ୍ରସାର କରି ଚାଲିଛି ଏବଂ ଅନେକ ସୁନାମଧନ୍ୟ ଡାକ୍ତର ସୃଷ୍ଟି କରିଛି। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥିକ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ରଛାତ୍ରୀ ମାନେ ଏହି ପ୍ରାମାଣିକ ଚିକିତ୍ସା ପଦ୍ଧତିକୁ ଆହୁରି ଜନାଭିମୁଖୀ କରିଛନ୍ତି। ଓଡିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଡବଲ ଇଞ୍ଜିନ ସରକାର ଜୋରଦାର୍ ଉଦ୍ୟମ ଆରମ୍ଭ କରିଛନ୍ତି। ତେଣୁ, ଏ କ୍ଷେତ୍ରରେ ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରିବୁ ବୋଲି ମୋର ଦୃଢ ବିଶ୍ୱାସ। କାର୍ଯ୍ୟକ୍ରମରେ ବିଧାୟକ, ଏକାମ୍ର ଭୁବନେଶ୍ୱର ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ, ପଦ୍ମଶ୍ରୀ ଡକ୍ଟର ଅଶୋକ ମହାପାତ୍ର, ମୁଖ୍ୟବକ୍ତା, ଡକ୍ଟର ଏଲ୍. କେ. ନନ୍ଦ ମଞ୍ଚାସୀନ ଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ପୁଷ୍ପାଞ୍ଜଳି ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଶ୍ରୀ ଲିପକ ମହାପାତ୍ର ବିବରଣୀ ପାଠ କରିଥିଲେ ଏବଂ ଛାତ୍ର ସଂସଦର ସାଧାରଣ ସମ୍ପାଦକ ସୌମ୍ୟ ଦର୍ଶନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ୧୨ରେ ଶପଥ ନେବେ ଜଷ୍ଟିସ୍ ଡି.କେ.ଶ୍ରୀପଦ୍

କଟକ,(ଭାସ୍କର ନ୍ୟୁଜ୍): ଆସନ୍ତା ୧୨ ତାରିଖ ସୋମବାର ଦିନ ପୂର୍ବାହ୍ନ ୧୦ଟା ସମୟରେ ଓଡିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ୍ ଦୀକ୍ଷିତ୍ କ୍ରୀଷ୍ଣା ଶ୍ରୀପଦ୍ (ଡି.କେ.ଶ୍ରୀପଦ୍) ଶପଥ ଗ୍ରହଣ କରିବେ । ଓଡିଶା ହାଇକୋର୍ଟର ପୁରୁଣା କୋଠାର ନୂତନ କନ୍‌ଫରେନ୍‌ସ ହଲ୍‌ରେ ଆୟୋଜିତ ହେବ ଏହି ଶପଥ ଗ୍ରହଣ ଉତ୍ସବ । ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ୍‌ଙ୍କୁ ଶପଥ ପାଠ କରାଇବେ । ସୂଚନାଥାଉକି ଜଷ୍ଟିସ୍ ଡିକେ. ଶ୍ରୀପଦ୍ ୧୯୮୯ ମସିହାରେ ଓକିଲାତି ସେ ପେଶାରେ ନାମ ପିକରଣ କରିଥିଲେ । ବିଚାରପତି ପଦବୀ ଅଳଙ୍କୃତ କରିବା ପୂର୍ବରୁ ସେ କର୍ଣ୍ଣାଟକ ହାଇକୋର୍ଟରେ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତି ପାଇଥିଲେ । ସେହିପରି ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ପ୍ୟାନେଲ୍ ଲୟର୍ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ୨୦୧୮ ମସିହା ଫେବୃୟାରୀ ୧୪ ତାରିଖରେ ସେ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।


OFFICE OF THE ENGINEER IN CHIEF
PUBLIC WORKS DEPARTMENT, NAVA RAIPUR, ATAL NAGAR
(CENTRAL TENDER CELL) E-Procurement Tender Notice
Main Portal: https: // eproc.cgstate.gov.in

Tenders are invited for the Following works:-

| S. N0. | System Tender No. / Date | Name of Work | PAC Amount (Rupees in lacs) |
|---|---|---|---|
| 1 | 167681 First Call 28.04.2025 | Construction of College Building at Nagarda. i/c W.S.S.F. & Electrification Works. | 431.79 |
| 2 | 167558 Third Call 28.04.2025 | Construction of kalmi Naharpar to Belhadih via Chikhali, Chotekot, Badekot, Singhra Road Length 12.80 km. | 1188.93 |
| 3 | 167556 First Call 28.04.2025 | CONSTRUCTION OF GOVT. NAVIN COLLEGE, GOHRAPADAR(BLOCK-MANPUR) I/C. WATER SUPLY, SANITERY FITTINGS, & ELECTRIFICATION WORK AT DISTT. GARIYABAND.(DN. GARIYABAND) UNDER NABARD POSHIT YOJNA. | 463.39 |
| 4 | 167622 First Call 29.04.2025 | CONSTRUCTION OF GOVT. COLLEGE -PIRDA I/C. WATER SUPPLY,SANITERY FITTINGS, RAIN WATER HARWESTING & ELECTRIFICATION WORK AT DISTT. MAHASAMUND UNDER NABARD POSHIT YOJNA.(MAHASAMUND DN.). | 462.32 |
| 5 | 167557 Second Call 30.04.2025 | Construction of High Level Bridge & Approach Road across Arpa River on Shanichari - Chantidih Road. | 1110.56 |

Last Date of Tender Downloading S.N0. 02 date 13.05.2025, S.No. 05 date 19.05.2025. Other Tenders Date are Schedule as date 23.05.2025 For more details on the tender and bidding process please visit the above mentioned portal.

G-252600683/ 5

Chief Engineer
(Central Tender Cell)
Office Of Engineer In Chief
P.W.D. Nava Raipur Atal Nagar



GOVERNMENT OF ODISHA
DEPARTMENT OF WATER RESOURCES
A-130
OFFICE OF THE SUPERINTENDING ENGINEER,
MAYURBHANJ IRRIGATION DIVISION, BARIPADA
e-mail: exen.mid@gmail.com FAX/TEL: 06792-295472

"E" PROCUREMENT NOTICE NO. 02MBJ/2025-26.

| | |
|---|---|
| 1. Name of works | : Bank protection works, canal critical works and road works |
| 2. Total no. of works | : 16 (Sixteen) nos. of work. |
| 3. Estimated cost | : Varies from Rs. 11.59 lakhs to Rs. 49.44 lakhs |
| 4. Class of Contractor | : 'D' & 'C' and 'C' & 'B' and 'B' Class. |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : 08.05.2025 from 10.00 Hours to 22.05.2025 up to 17.00 Hours. |
| | |
| (iii) Date, time and place of opening of Bid. | : On 28.05.2025 at 11.00 Hours in the O/o the Superintending Engineer, Mayurbhanj Irrigation Division, Baripada. |
| (iv) Date, time and place of Transparent Lottery (If required) | : The Transparent Lottery will be held on dt. 10.06.2025 at 11.00 AM in the O/o the Undersigned. |
| 7. Further details can be seen from the 'e' Procurement Portal http://tendersorissa.gov.in | |

Sd/- Superintending Engineer,
Mayurbhanj Irrigation Division,
Baripada.

OIPR 32158/11/0028/2526


## ରାଜ୍ୟ କ୍ୟାବିନେଟ୍‌ରେ ୫ ବିଭାଗର ୮ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟ୍‌ରେ ବୁଧବାର ୫ଟି ବିଭାଗର ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି, ରାଜ୍ୟ ସରକାର ୫ ବିଭାଗର ୮ ପ୍ରସ୍ତାବକୁ କ୍ୟାବିନେଟରେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'କୁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏହା ଦ୍ୱାରା ୧୦୦୦ କୋଟି ବ୍ୟୟରେ ଆନୁମାନିକ ୫୦୦ କିମି ନୂତନ ରାସ୍ତା ନିର୍ମାଣ ହେବ। ନିର୍ବାଚନ ମଣ୍ଡଳୀରେ ଥିବା ସଡ଼କ ନିର୍ମାଣ ଓ ମରାମତି ପାଇଁ ନୂତନ ଯୋଜନାକୁ ମଞ୍ଜୁରୀ। ରାଜ୍ୟ ସରକାର 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'କୁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏହା ଦ୍ୱାରା ୧୦୦୦ କୋଟି ବ୍ୟୟରେ ଆନୁମାନିକ ୫୦୦ କିମି ନୂତନ ରାସ୍ତା ନିର୍ମାଣ ହେବ। ନିର୍ବାଚନ ମଣ୍ଡଳୀରେ ଥିବା ସଡ଼କ ନିର୍ମାଣ ଓ ମରାମତି ପାଇଁ ନୂତନ ଯୋଜନାକୁ ମଞ୍ଜୁରୀ। ରାଜ୍ୟ ସରକାର ନିର୍ବାଚନୀମଣ୍ଡଳୀ ଅର୍ଥ ବ୍ୟବସ୍ଥା' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ମିଳିଛି। ରାଜ୍ୟରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା। ବସ୍‌ରେ ସିସିଟିଭି, ଲାଇଭ ଭ୍ୟାନ ଟ୍ରାକିଂ, ପାନିକ୍ ବଟନ ରହିବ। ବସ୍‌ରେ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ରହିବ। ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା, ଦିବ୍ୟାଙ୍ଗ ଓ କିନ୍ନରମାନଙ୍କୁ ୫୦% ରିହାତି ମିଳିବ। ସେହିପରି ଛାତ୍ର, ବରିଷ୍ଠ ନାଗରିକମାନେ ମଧ୍ୟ ୫୦% ରିହାତିରେ ଯାତ୍ରା କରିପାରିବେ। ରାଜ୍ୟ ସରକାର ପ୍ରାଣୀ ଚିକିତ୍ସା ବୈଷୟିକ ସେବା ନିୟମକୁ ମଞ୍ଜୁରୀ ଦେଇଛନ୍ତି। ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡରେ ନୂତନ ୧୧୩ ପଦବୀ ସୃଷ୍ଟି ହେବ।


AFFIDAVIT

By virtue of an affidavit sworn before the Executive Magistrate, Kamakhyanagar on 25.01.2024, I Anupama Sahoo, W/o- Duryadhan Sahoo, resident of village- Ballabha, Post- Bainsia, Ps- Joranda, Dist- Dhenkanal, declares that my actual & correct name is Anupama Sahoo which is mentioned in Aadhar Card & Bank Pass Book. But in LIC Policy No.588747049 wrongly mentioned as Bismita Sahoo. Anupama Sahoo & Bismita Sahoo is same and one person myself. This affidavit is to be produced before concerned authority of LIC for necessary action.

Sd/- Anupama Sahoo

AFFIDAVIT

By virtue of an affidavit sworn before the Executive Magistrate, Rasulpur, dated: 23.04.2025, I Rashmita Das, Address: village- Singhapur, Po- Singhapur, Ps- Kuakhia, Dist- Jajpur, Odisha, PIN- 755008, declare that I have changed my name from Pranati Das to Rashmita Das. Henceforth, I shall be known as Rashmita Das for all purposes.

Sd/- Rashmita Das

AFFIDAVIT

କାର୍ଯ୍ୟନିର୍ବାହୀ ମ୍ୟାଜିଷ୍ଟ୍ରେଟ୍/ନୋଟାରୀ ପବ୍ଲିକ୍, ଟିଟିଲାଗଡ଼ ସମ୍ମୁଖରେ, ମୁଁ ଦେବାଶିଷ ସାମଲ, ସ୍/ଙ୍କ ଶଂକରଶନ ସାମଲ ଓ ସଲିଳା ପରିଡ଼ାଙ୍କ ସ୍ୱାମୀ, ଗ୍ରାମ – ହାଇସ୍କୁଲ ପଡ଼ା, ପୋଷ୍ଟ – ଟିଟିଲାଗଡ଼, ଜିଲ୍ଲା – ବଲାଙ୍ଗୀର (ଓଡ଼ିଶା) ର ବାସିନ୍ଦା, ଏହି ମାଧ୍ୟମରେ ଘୋଷଣା କରୁଛି ଯେ ମୁଁ ମୋ ପୁଅର ନାମ ଦୈପାୟନ ସାମଲ କୁ ପରିବର୍ତ୍ତନ କରି ଧ୍ୟାନ ସାମଲ କରିଛି। ଏହିପରେ, ସେ ଧ୍ୟାନ ସାମଲ ନାମରେ ସମସ୍ତ ଆଗାମୀ କାର୍ଯ୍ୟ ପାଇଁ ଚିହ୍ନିତ ହେବେ।

AFFIDAVIT

କାର୍ଯ୍ୟନିର୍ବାହୀ ମ୍ୟାଜିଷ୍ଟ୍ରେଟ୍/ ନୋଟାରୀ ପବ୍ଲିକ୍, ଟିଟିଲାଗଡ଼ ସମ୍ମୁଖରେ, ମୁଁ ଦେବାଶିଷ ସାମଲ, ସ୍/ଙ୍କ ଶଂକରଶନ ସାମଲ ଓ ସଲିଳା ପରିଡ଼ାଙ୍କ ସ୍ୱାମୀ, ଗ୍ରାମ – ହାଇସ୍କୁଲ ପଡ଼ା, ପୋଷ୍ଟ – ଟିଟିଲାଗଡ଼, ଜିଲ୍ଲା – ବଲାଙ୍ଗୀର (ଓଡ଼ିଶା) ର ବାସିନ୍ଦା, ଏହି ମାଧ୍ୟମରେ ଘୋଷଣା କରୁଛି ଯେ ମୁଁ ମୋ ଝିଅର ନାମ ସୁବ୍ରତା ସାମଲ କୁ ପରିବର୍ତ୍ତନ କରି ଧାନି ସାମଲ କରିଛି। ଏହିପରେ, ସେ ଧାନି ସାମଲ ନାମରେ ସମସ୍ତ ଆଗାମୀ କାର୍ଯ୍ୟ ପାଇଁ ଚିହ୍ନିତ ହେବେ।

AFFIDAVIT

By virtue of an affidavit sworn before the Executive Magistrate, Darpan, Dhanmandal, dated: 02.05.2025, I Dhirendra Kumar Das, Address: village- Panasudha, Po- Panasudha, Ps- Balichandrapur, Dist- Jajpur, Odisha, PIN-754250, declare that I have changed my dauthter's name from Kumari Sonali Das to Sonali Das. Henceforth, she shall be known as Sonali Das for all purposes.

Sd/- Dhirendra Kumar Das

AFFIDAVIT

By virtue of an affidavit sworn before the Executive Magistrate, Jatni on dt 02-05-2025 vide Serial no. 12. That I am Sanjaya Denga, S/o- Bauribandhu Denga, village - Barapada, Po- Godiputamatiapada, P.S- Delang, Dist- Puri, Pin- 752050. Declare that my actual name is "Sanjaya Denga'. S/o- Bauribandhu Denga and my Date of Birth is 18-11-1976 in my school record but wrongly in my Adhar Card my, name is recorded as "Sanjaya Kumar Denga". S/o-Bauribandhu Denga. "Sanjaya Denga" and Sanjaya Kumar Denga" both are same person. This affidavit is to be produced before concerned authority fore corcrrection of Adhar card.

Sd- Sanjaya Denga.

AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 21.04.2025, I SANKARI HARIJAN , S/o- LUTHAR HARIJAN Vill- Dharanabeda Po-- Mantriguda P/s -Papdahandi ,Dist-Nabarangpur, Odisha, declare that. I have changed my minor doughter's name from NAYANA HARIJAN to NAYAMI HARIJAN. Henceforth she shall be known as NAYAMI HARIJAN for all purposes.

Sd/- SANKARI HARIJAN

AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 30.04.2025, I CHIKUN BHATRA,S/O-BHAGABAN BHATRA Vill- Maidaguda Po- - Bhatigaon, P/s- Kodinga, Dist- Nabarangpur, Odisha, declare that. I have changed my name from JHUNU BHATRA to CHIKUN BHATRA. Henceforth I shall be known as CHIKUN BHATRA for all purposes.

Sd/- CHIKUN BHATRA



CUTTACK MUNICIPAL CORPORATION
C-258
"e" PROCUREMENT NOTICE
Tender Call Notice No. 5759 (PW) Date.05.05.2025

Tender ID : 2025_ORULB_112218
Civil work-22 No
Bid Value : Rs.3.08 Lakhs to Rs.35.84 Lakhs
&
Tender ID : 2025_ORULB_113115 (Two Bid)
Civil work-2 No.
Bid Value : Rs.52.71 Lakhs to Rs.84.03 Lakhs

Date and Time schedule :

| Start | End | Opening |
|---|---|---|
| 11.00 AM on dt. 08.05.2025 | 5.00 PM on dt.20.05.2025 | 11:00 A.M. on dt.23.05.2025 |

Tender Details : can be seen from the procurement portal : www.tendersorissa.gov.in

OIPR 13031/11/0176/2526

Sd/- Executive Engineer
City Division-III,CMC



ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELETRIC PROJECT
AT/PO BARINIPUT, DIST. KORAPUT – 764006, ODISHA
CAD-339
PHONE: - (06854)242001, FAX: - (06854)242093, e-mail: sgmel.ukhep@gmail.com
CIN: U40101OR1995SGC003963

TENDER CALL NOTICE NO UKHEP- 06 /2025-26, DATED. 30/04/2025

Sealed tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers/Authorized dealers for "Design, Manufacturing, Supply including Supervision of Installation, Testing & Commission of one no. of new 4 MVA, 33/11 KV Power Transformer for UKHEP, Bariniput".

| Sl No | Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Design, Manufacturing, Supply including Supervision of Installation, Testing & Commission of one no. of new 4 MVA, 33/11 KV Power Transformer for UKHEP, Bariniput". | 11,800/- (Rs.10,000/-+18% GST) | Rs 73,000/- |

The sale of Tender Paper will be from : 10:00Hr of Dt.09/05/25 to 11:00 Hrs of Dt. 26/05/2025
The last date & time of receipt of Tender: Up to 12:00 Hrs of Dt.26.05.2025
The date and time of opening of Tender : At 12:30 Hrs ofDt.26.05.2025
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

Sd/-C&P Head,
Upper Kolab H.E.Project
Bariniput

OIPR 04002/11/0080/2526



ମୁଥୁଟ ମାଇକ୍ରୋଫିନ ଲିମିଟେଡ୍ | ସୁନା ନିଲାମ ବିଜ୍ଞପ୍ତି

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ: ୧୩ତମ ମଞ୍ଚ, ପ୍ୟାରିନି କ୍ରେସେଣ୍ଡୋ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ, ମହାରାଷ୍ଟ୍ର-୪୦୦୦୫୧
ପ୍ରଶାସନିକ କାର୍ଯ୍ୟାଳୟ: ୫ତମ ମଞ୍ଚ, ମୁଥୁଟ୍ ଟାୱର୍, ଏମ୍.ଜି. ରୋଡ୍, କୋଚି, କେରଳ-୬୮୨୦୩୫
ଦୂରଭାଷ: +୯୧-୪୮୪-୪୨୭୭୫୦୦, ଫ୍ୟାକ୍ସ: +୯୧-୪୮୪-୨୩୫୧୪୯୪. CIN: L65190MH1992PLC066228

ସମ୍ବନ୍ଧିତ ସମସ୍ତଙ୍କ ଜ୍ଞାନାର୍ଥ ଏହି ସୂଚନା ଦିଆଯାଉଛି ଯେ MSGB ଏବଂ MMGL ଋଣଗୁଡ଼ିକ ନିମ୍ନଲିଖିତ ଶାଖାଗୁଡ଼ିକରେ ଜମା ରହିଥିବା ସୁରକ୍ଷା ଆଭୂଷଣଗୁଡ଼ିକ ନିମ୍ନଲିଖିତ ଅବଧି ପାଇଁ... 29-11-2023, 18-12-2023, 19-12-2023, 21-12-2023, 26-12-2023, 29-12-2023, 30-12-2023, 03-01-2024, 04-01-2024, 19-02-2024, 02-03-2024, 04-03-2024, 12-03-2024, 04-05-2024, 09-05-2024, 14-05-2024, 15-05-2024, 18-05-2024, 10-06-2024, 19-06-2024, 29-06-2024, 01-07-2024, 20-07-2024, 30-07-2024, ପ୍ରତ୍ୟେକ ଶାଖାରେ ଯାହାର ସମୟ ସୀମା ପରାଯାଇଛି ଏବଂ ଯାହା ସୂଚନା ପ୍ରଦାନ କରାଯିବା ସତ୍ତ୍ୱେ ଏପର୍ଯ୍ୟନ୍ତ ପୁନଃ ପ୍ରାପ୍ତ କରାଯାଇନି, ସେଗୁଡ଼ିକୁ 10.00 ଆମ୍ ପାରମ୍ଭରେ ନିମ୍ନଲିଖିତ ମୁଥୁଟ୍ ଫିନକର୍ପ ଲିମିଟେଡ୍ ଶାଖାଗୁଡ଼ିକରେ ନିଲାମ କରାଯିବ।

ବଲାଙ୍ଗିର ଜିଲ୍ଲା:- ନିଲାମ କେନ୍ଦ୍ର: ବଲାଙ୍ଗିର - ପ୍ରଥମ ତଳ, ପ୍ଲଟ୍ ନଂ ୨୪୪, ରମାଇ ଟକିଜ୍ ଚକ, ପୁରୁଣା ରାଜବାଟୀ ରୋଡ୍, ବଲାଙ୍ଗିର, ଜିଲ୍ଲା - ବଲାଙ୍ଗିର, ଓଡିଶା – ୭୬୭୦୦୧ ନିଲାମ ତାରିଖ: ୨୦-୦୫-୨୦୨୫ ବଲାଙ୍ଗିର ଏମ୍ଏମ୍ଏଲ୍ - 1104060105146118, 1104060105146391, 1104060105146448. ବାଲେଶ୍ୱର ଜିଲ୍ଲା:- ନୀଲାମ କେନ୍ଦ୍ର: ସୋରୋ - ପ୍ରଥମ ତଳ, ଖାଟିଆନ୍ ନଂ-324/226, ପ୍ଲଟ୍ ନଂ-73, ପ୍ରଥମ ତଳ, ପୁରୁଣା ସେଣ୍ଟ୍ରାଲ୍ ବ୍ୟାଙ୍କ ଭବନ, ଉତରେଶ୍ୱର, ସୋରୋ, ବାଲେଶ୍ୱର, ଓଡ଼ିଶା - 756045। ନୀଲାମ ତାରିଖ: 23-05-2025 ସୋରୋ ଏମ୍ଏମ୍ଏଲ୍: 1106610105147713, 1106610105147726, 1106610105147871. ବରଗଡ଼ ଜିଲ୍ଲା:- ନିଲାମ କେନ୍ଦ୍ର: ବରଗଡ଼ - ପ୍ରଥମ ତଳ, ସାଇ ଭଗବତୀ କମ୍ପ୍ଲେକ୍ସ, ଭାଟଲି ଚକ୍ ରୋଡ୍, କିଶୋରୀ ନର୍ସିଂ ହୋମ ନିକଟରେ, ବରଗଡ଼, ବରଗଡ଼। ପିନ୍: ୭୬୮୦୨୮। ନିଲାମ ତାରିଖ: ୨୦-୦୫-୨୦୨୫ ବରଗଡ଼ ଏମ୍ଏମ୍ଏଲ୍-1103810105151252. ଭଦ୍ରକ ଜିଲ୍ଲା:- ନିଲାମ କେନ୍ଦ୍ର: ଭଦ୍ରକ – ପ୍ରଥମ ତଳ, ଆର.ସି. ବେହେରା ମ୍ୟାନସନ୍, ଖାତା ସଂଖ୍ୟା-୭୨୩/୧୦୩୭, ପ୍ଲଟ୍ ସଂଖ୍ୟା-୩୭୩/୩୧୬୪, ସାଲନ୍ଦୀ ବାଇପାସ୍, ଏକ୍ସିସ୍ ବ୍ୟାଙ୍କ ଉପରେ, ଭଦ୍ରକ, ଓଡ଼ିଶା, ୭୫୬୧୦୦ ନିଲାମ ତାରିଖ: ୨୩-୦୫-୨୦୨୫ ଭଦ୍ରକ ଏମ୍ଏମ୍ଏଲ୍ -1103550105151215. କଟକ ଜିଲ୍ଲା:- ନିଲାମ କେନ୍ଦ୍ର: ଲିଙ୍କ ରୋଡ୍, କଟକ – ପ୍ରଥମ ତଳ, ସିଧୁ ରାଉତ ବିଲ୍ଡିଂ, ପ୍ଲଟ୍ ନମ୍ବର-୮୭୯, ଗଣେଶ ବଜାର, ଏ.ଡି. ମାର୍କେଟ୍, ଲିଙ୍କ ରୋଡ୍, କଟକ, ଶୀତଳ ହୋଟେଲ୍ ପାଖରେ, କଟକ, ଓଡ଼ିଶା, ୭୫୩୦୧୨ | ନିଲାମ ତାରିଖ: ୨୪-୦୫-୨୦୨୫ କଟକ ଏମ୍ଏମ୍ଏଲ୍- 1102870105163041, 1102870105163058. ଗଞ୍ଜାମ ଜିଲ୍ଲା:- ନିଲାମ କେନ୍ଦ୍ର: ଅସ୍କା - କଳିଙ୍ଗା ମୁଖ୍ୟ ସଡ଼କ - ଗ୍ରାଉଣ୍ଡ ଫ୍ଲୋର, ମୌଜା ଖମ୍ବେଶ୍ୱରୀ ପଟଣା, 46/311, କଳିଙ୍ଗା ସଡ଼କ, ପୋଷ୍ଟ ଅଫିସ୍ ପାଖରେ, ଅସ୍କା, ଓଡ଼ିଶା, ପିନ – 761110 ନିଲାମ ତାରିଖ: 21-05-2025 ଅସ୍କା ଏମ୍ଏମ୍ଏଲ: 1102850105156688, 1102850105156879 ନିଲାମ କେନ୍ଦ୍ର: ବ୍ରହ୍ମପୁର - ଇଞ୍ଜିନିୟରିଂ ସ୍କୁଲ୍ ରୋଡ୍ - ଗ୍ରାଉଣ୍ଡ ଫ୍ଲୋର, ଏଲାସ୍କାଟି ପ୍ଲାଜା, 30/25/25, ଇଞ୍ଜିନିୟରିଂ ସ୍କୁଲ୍ ରୋଡ୍, ବିଦ୍ୟୁତପୁରୀ କଲୋନୀ ସାମ୍ନାରେ, ବ୍ରହ୍ମପୁର, ଓଡ଼ିଶା, ପିନ – 760010 ନିଲାମ ତାରିଖ: 22-05-2025 ବ୍ରହ୍ମପୁର ଏମ୍ଏମ୍ଏଲ୍: 1102860105159716, 1102860105160319, 1102860105160928 ନିଲାମ କେନ୍ଦ୍ର: ଭଞ୍ଜନଗର - ପ୍ରଥମ ତଳ, ସାଇ ଗଣେଶ ହୋଟେଲ୍, 21292454, ମୁଖ୍ୟ ସଡ଼କ, ହୋଟେଲ୍ ସାଇ ଗଣେଶ ତଳେ, ଭଞ୍ଜନଗର, ଓଡ଼ିଶା, ପିନ – 761126 ନିଲାମ ତାରିଖ: 22-05-2025 ଭଞ୍ଜନଗର ଏମ୍ଏମ୍ଏଲ୍: 1104790105147439, 1104790105148820. ଖୋର୍ଦ୍ଧା ଜିଲ୍ଲା ନିଲାମ କେନ୍ଦ୍ର: ବାଲୁଗାଁ – ପ୍ରଥମ ତଳ ପ୍ଲଟ୍ ସଂଖ୍ୟା – 802/1830, 162/1829 ବାଲୁଗାଁ ମୁଖ୍ୟ ସଡ଼କ, HP ପେଟ୍ରୋଲ ପମ୍ପ ସମ୍ମୁଖରେ ଅଞ୍ଚଳ – ବାଲୁଗାଁ, ଓଡ଼ିଶା – 752030 ନିଲାମ ତାରିଖ: 27-05-2025 ବାଲୁଗାଁ MML: 1103650105151079, 1103650105151190, 1103650105151616 ନିଲାମ କେନ୍ଦ୍ର: ଜୟଦେବ ବିହାର – ଓଡ଼ିଶା – ଗ୍ରାଉଣ୍ଡ ଫ୍ଲୋର ମୁଥୁଟ୍ ଫିନକର୍ପ, N/6-325, ବିଜୁପଟ୍ଟନାୟକ କଲେଜ୍ ରୋଡ଼ SBI ବ୍ୟାଙ୍କ ସମ୍ମୁଖରେ, ଅଞ୍ଚଳ – ଜୟଦେବ ବିହାର, ଭୁବନେଶ୍ୱର, ଓଡ଼ିଶା – 751015 ନିଲାମ ତାରିଖ: 27-05-2025 ଭୁବନେଶ୍ୱର MML: 1102360105164456, 1102360105164563, 1102360105164663, 1102360105165267 ନିଲାମ କେନ୍ଦ୍ର: ସୈଲାଶ୍ରୀ ବିହାର – ଭୁବନେଶ୍ୱର – ପ୍ରଥମ ତଳ ବଳରାମ ଅନନ୍ତ କମ୍ପ୍ଲେକ୍ସ, ପ୍ଲଟ୍ ସଂଖ୍ୟା – 254(P) ସୈଲାଶ୍ରୀ ବିହାର ରୋଡ଼, ଆମ୍ରାମ ରେଷ୍ଟୁରାଣ୍ଟ ନିକଟରେ ଅଞ୍ଚଳ – ଭୁବନେଶ୍ୱର, ଓଡ଼ିଶା – 751021 ନିଲାମ ତାରିଖ: 27-05-2025 ଭୁବନେଶ୍ୱର 2 MML: 1102840105160118.

ଦୟାକରି ଧ୍ୟାନ ଦିଅ, ଯଦି କୌଣସି କାରଣରୁ ଉପରୋକ୍ତ ତାରିଖରେ ନିଲାମ ଅନୁଷ୍ଠିତ ନହେବା ସେମାନେ 10.00 ଆ.ମି. ରେ ନିଲାମ ଅନୁଷ୍ଠିତ କରାଯିବ। ମୁଥୁଟ୍ ଫିନକୋର୍ପ ଲିମିଟେଡ୍ ଶାଖାଗୁଡ଼ିକରେ 30-05-2025 ତାରିଖରେ ଆହ୍ୱାନ୍ ସେଣ୍ଟର: ବଲାଙ୍ଗିର & ବରଗଡ଼, 31-05-2025 ତାରିଖରେ ଆହ୍ୱାନ୍ ସେଣ୍ଟର: ଅସ୍କା ରୋଡ୍-ବେରହମ୍ପୁର-ଗ୍ରାଉଣ୍ଡ ଫ୍ଲୋର, ରାଜା ପ୍ଲାଜା, ଅସ୍କା ରୋଡ୍, ବେସୋଇଡସ୍ ଅସ୍କା ରୋଡ୍ ଶାଖା, ବେରହମ୍ପୁର, ଓଡ଼ିଶା, 760002, 02-06-2025 ତାରିଖରେ ଆହ୍ୱାନ୍ ସେଣ୍ଟର: ଅସ୍କା ରୋଡ୍-ବେରହମ୍ପୁର, 03-06-2025 ତାରିଖରେ ଆହ୍ୱାନ୍ ସେଣ୍ଟର: ବଲାସୋରେ-ପ୍ରଥମ ତଳ, ଜସୋରିଆ ଟ୍ରେଡର୍ସ, -, କଚେରୀ ରୋଡ୍, ନିକଟରେ ରାଜ୍ୟ ବ୍ୟାଙ୍କ ମୁଖ୍ୟ ଶାଖା, ବଲାସୋର, ଓଡ଼ିଶା, 756001 & ଭଦ୍ରକ, 04-06-2025 ତାରିଖରେ ଆହ୍ୱାନ୍ ସେଣ୍ଟର: କଟକ-ନୟାସଡ଼କ-ପ୍ରଥମ ତଳ, ଦଡରାମ ଜଗନ୍ନାଥ ବିଲ୍ଡିଂ, ନୟାସଡ଼କ, ନିକଟରେ ଉଚ୍ଚ ନ୍ୟାୟାଳୟ, କଟକ, ଓଡ଼ିଶା, 753002, 06-06-2025 ତାରିଖରେ ଆହ୍ୱାନ୍ ସେଣ୍ଟର: କଟକ ରୋଡ୍ ଭୁବନେଶ୍ୱର-ପ୍ରଥମ ତଳ, ଡିଏମ୍ ପ୍ୟାଲେସ୍, ପ୍ଲଟ୍ ନ. 15/5168, ମାଉଡ଼ା ଲକ୍ଷ୍ମୀସାଗର, ନିକଟରେ ସିଣ୍ଡିକେଟ୍ ବ୍ୟାଙ୍କ, କଟକ ରୋଡ୍, ଓଡ଼ିଶା, 751006। ଏହି ସୂଚନା ସେହି ସମ୍ବନ୍ଧିତ ଋଣ ଖାତାଗୁଡିକର ପାଇଁ ପ୍ରଯୋଗ ହେବ ନାହିଁ ଯେଉଁଠାରେ ସୁନା ଗହନାର ମୁକ୍ତି ପ୍ରକ୍ରିୟା ପୂର୍ବରୁ କରାଯାଇଛି।

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍
ଦ୍ୱାରା ଅଧିକୃତ ନିଲାମକାରୀଙ୍କ ପାଇଁ

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତୀୟ ସେନା ମଙ୍ଗଳବାର ରାତିରେ ଅପରେସନ ସିନ୍ଦୂର ଅଭିଯାନ କରିଥିଲା। ଏହି କାରଣରୁ, କେନ୍ଦ୍ର ସରକାର କିଛି ଅଞ୍ଚଳରେ ଆକାଶପଥ ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଲଗାଇଛନ୍ତି। ଏହି କାରଣରୁ, ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ (୧୦ ମଇ, ୨୦୨୫) ସକାଳ ୫:୩୦ ପର୍ଯ୍ୟନ୍ତ ଅନେକ ବିମାନ ଉଡ଼ାଣ ବାତିଲ କରିଛନ୍ତି। ଏହି ନିଷେଧର ପ୍ରଭାବ ବିଶେଷକରି ଉତ୍ତର ଭାରତର ଅନେକ ବିମାନବନ୍ଦରରେ ଦେଖିବାକୁ ମିଳୁଛି। ଦେଶର ୧୮ଟି ବିମାନବନ୍ଦରକୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି। ଏଥିମଧ୍ୟରେ ଜାମ୍ମୁ, ଶ୍ରୀନଗର, ଲେହ, ଯୋଧପୁର, ଅମୃତସର, ଭୁଜ, ଚଣ୍ଡିଗଡ଼, ପଠାନକୋଟ, ଯୋଧପୁର, ଜୈସଲମେର, ଶିମଲା, ଧର୍ମଶାଳା, ଜାମନଗର, ନାନ୍ଦେଡ, କିଶାନଗଡ, ଆଦମପୁର, ହିଣ୍ଡନ ଏବଂ ରାଜକୋଟ ବିମାନବନ୍ଦର ରହିଛି। ଇଣ୍ଡିଗୋ ଏୟାରଲାଇନ୍ସ ଯାତ୍ରୀମାନଙ୍କୁ ସୂଚନା ଦେଇଛି ଯେ ଅମୃତସର, ବିକାନେର, ଚଣ୍ଡିଗଡ଼, ଧର୍ମଶାଳା, ଗ୍ୱାଲିୟର, ଜମ୍ମୁ, ଯୋଧପୁର, କିଶନଗଡ଼, ଲେହ, ରାଜକୋଟ ଏବଂ ଶ୍ରୀନଗର ଭଳି ସହରରୁ ଉଡ଼ାଣ ପ୍ରଭାବିତ ହୋଇଛି।

## ଅପରେସନ ସିନ୍ଦୂର'କୁ ନେଇ ଭାରତକୁ ସମର୍ଥନ କଲା ବ୍ରିଟେନ

ନୂଆଦିଲ୍ଲୀ : ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ ବୁଧବାର ଅପରେସନ ସିନ୍ଦୂରକୁ ନେଇ ଭାରତକୁ ସମର୍ଥନ କରିଛନ୍ତି। କହିଛନ୍ତି ଭାରତ ପକ୍ଷରୁ ଆତଙ୍କ ଭିତ୍ତିଭୂମି ଉପରେ ଆକ୍ରମଣ 'ଯଥାର୍ଥ'। ଏ ନେଇ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଏକ୍ସ ରେ ଏକ ପୋଷ୍ଟ ମଧ୍ୟ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି 'କୌଣସି ଦେଶକୁ ଅନ୍ୟ ଦେଶ ଦ୍ୱାରା ନିୟନ୍ତ୍ରିତ ଭୂମିରୁ ନିଜ ବିରୋଧରେ ହେଉଥିବା ଆତଙ୍କବାଦୀ ଆକ୍ରମଣକୁ ସ୍ୱୀକାର କରିବା କଥା ନୁହେଁ'। ଏହା ପୂର୍ବରୁ ସୁନକ ଜମ୍ମୁ-କାଶ୍ମୀର ପହଲଗାମରେ ହୋଇଥିବା 'ବର୍ବର' ଆକ୍ରମଣକୁ ନିନ୍ଦା କରିଥିଲେ। ଏହି ଆକ୍ରମଣରେ ୨୬ ଜଣ ନିରିହ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ସେ ଏହା ମଧ୍ୟ କହିଥିଲେ ଯେ ପ୍ରସଙ୍ଗରେ ଭାରତ ସହ ବ୍ରିଟେନ ଏକଜୁଟ ଭାବେ ଛିଡା ହୋଇଛି। ସେ କହିଥିଲେ ଯେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଗୁଳିକାଣ୍ଡ ନବବିବାହିତ, ପିଲା ଓ ଖୁସି ହେଉଥିବା ପରିବାରଙ୍କ ଜୀବନ ନେଇଛି। ସେମାନଙ୍କ ଲାଗି ଆମ ହୃଦୟ ବିଦୀର୍ଣ୍ଣ। ଶୋକ ପାଳନ କରୁଥିବା ଲୋକେ ଜାଣନ୍ତି ବ୍ରିଟେନ ଆପଣଙ୍କ ଦୁଃଖରେ ଆପଣଙ୍କ ସହିତ ଛିଡା ହୋଇଛି। ଆତଙ୍କ କେବେ ହେଲେ ଜିତିବ ନାହିଁ, ଆମେ ଭାରତ ସହିତ ଏକଜୁଟ ଭାବେ ଛିଡା ହୋଇଛୁ। ବ୍ରିଟେନ ବାଣିଜ୍ୟ ସଚିବ ଜୋନାଥନ ରୋନାଲଡସ୍ କହିଛନ୍ତି ଯେ ତାଙ୍କ ଦେଶ ଉତ୍ତେଜନା ହ୍ରାସ ପାଇଁ ଭାରତ ଓ ପାକିସ୍ତାନ ଉଭୟଙ୍କୁ ସମର୍ଥନ କରିବାକୁ ପ୍ରସ୍ତୁତ। ସେ ବିବିସି ରେଡିଓକୁ କହିଛନ୍ତି ଯେ 'ଆମର ବାର୍ତ୍ତା ଏହା ଯେ ଆମେ ଉଭୟ ଦେଶଙ୍କ ମିତ୍ର ଓ ପାର୍ଟନର। ଆମେ ଉଭୟ ଦେଶଙ୍କୁ ସମର୍ଥନ କରିବାକୁ ପ୍ରସ୍ତୁତ। ଆମେ ଦୁଇ ଦେଶଙ୍କ ଆଞ୍ଚଳିକ ସ୍ଥିରତା, ବାର୍ତ୍ତା, ଉତ୍ତେଜନା ହ୍ରାସ ପାଇଁ ଯାହା କିଛି ବି କରିବା ଦରକାର କରିବାକୁ ପ୍ରସ୍ତୁତ। ଏଥିରେ ଆମର ବହୁତ ରୁଚି ରହିଛି'।

## ଅର୍ଦ୍ଧ ସାମରିକ ବାହିନୀ ଯବାନଙ୍କ ଛୁଟି ବାତିଲ କଲେ ଗୃହମନ୍ତ୍ରୀ



ନୂଆଦିଲ୍ଲୀ : ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃଡ ମନ୍ତ୍ରୀ ଅମିତ ଶାହା ଅର୍ଦ୍ଧ ସାମରିକ ବାହିନୀ ଯବାନଙ୍କ ଛୁଟି ବାତିଲ କରିଦେଇଛନ୍ତି। ସିନ୍ଦୂର ଅପରେସନ୍ ଅନ୍ତର୍ଗତ ଭାରତର ରାତିସାରା ସୀମାପାର ଆକ୍ରମଣ ପରେ ଗୃହମନ୍ତ୍ରୀ ଅମିତ ଶାହ ସମସ୍ତ ଅର୍ଦ୍ଧସାମରିକ ବାହିନୀ ମୁଖ୍ୟଙ୍କୁ ବର୍ତ୍ତମାନ ଛୁଟିରେ ଥିବା ଯବାନମାନଙ୍କୁ ଫେରାଇ ଆଣିବା ସହ ସେମାନେ ତୁରନ୍ତ କାର୍ଯ୍ୟରେ ଯୋଗ ଦିଅନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ପାକିସ୍ତାନ ସୀମାରେ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ ଏହି ପଦକ୍ଷେପ ପ୍ରସ୍ତୁତିର ଏକ ଉଚ୍ଚତର ସ୍ଥିତିକୁ ସୂଚିତ କରୁଛି। ବୁଧବାର ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ରେ ନଅଟି ଆତଙ୍କବାଦୀ ଶିବିର ଉପରେ ଭାରତର ଟାର୍ଗେଟେଡ୍ ମିସାଇଲ୍ ଆକ୍ରମଣ ପରେ ଏହି ନିର୍ଦ୍ଦେଶ ଦିଆଯାଇଛି। ସେନା, ବାୟୁସେନା ଏବଂ ନୌସେନା ଦ୍ୱାରା ମିଳିତ ଭାବରେ କାର୍ଯ୍ୟକାରୀ ହୋଇଥିବା ଏହି ସଠିକ୍ ଅଭିଯାନରେ ଜୈଶ-ଏ-ମହମ୍ମଦ (ଜେଇଏମ୍), ଲସ୍କର-ଏ-ତୈବା (ଏଲ୍‌ଇଟି) ଏବଂ ହିଜବୁଲ ମୁଜାହିଦ୍ଦିନର ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଇଥିଲା – ଯେଉଁଥିରେ ବାହାବଲପୁରରେ ଜେଇଏମ୍‌ର ଘାଟି ଏବଂ ମୁରିଦକେରେ ଏଲ୍‌ଇଟିର ମୁଖ୍ୟାଳୟ ଅନ୍ତର୍ଭୁକ୍ତ। ସମନ୍ୱିତ ଆକ୍ରମଣରେ ୮୦ ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଥିଲେ, ଯାହାକୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସବୁଠାରୁ ବ୍ୟାପକ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଭାବରେ ଦେଖାଯାଉଛି। ପାକିସ୍ତାନ ସରକାର ଏହି ଆକ୍ରମଣକୁ 'ଯୁଦ୍ଧ କାର୍ଯ୍ୟ' ବୋଲି କହି ପ୍ରତିଶୋଧ ନେବାର ଚେତାବନୀ ଦେଇଛନ୍ତି। ଏହି ସମୟରେ, ଭାରତ ଏହାର ସେନାକୁ ଉଚ୍ଚ ସତର୍କତାରେ ରଖିଛି। ସୀମାବର୍ତ୍ତୀ ରାଜ୍ୟଗୁଡ଼ିକରେ ବିମାନବନ୍ଦରଗୁଡ଼ିକ ନଜରରେ ରହିଛି, ସାମରିକ ପ୍ରସ୍ତୁତି ବୃଦ୍ଧି ପାଇଛି।

## ସିବିଆଇ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବୃଦ୍ଧି



ନୂଆଦିଲ୍ଲୀ: ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ମନୋନୟନ କମିଟିର ସୁପାରିଶ ଆଧାରରେ କ୍ୟାବିନେଟର ନିଯୁକ୍ତି କମିଟି ଶ୍ରୀ ସୁଦଙ୍କ କାର୍ଯ୍ୟକାଳ ୨୪ ମଇ ପରେ ଆଉ ଗୋଟିଏ ବର୍ଷ ପାଇଁ ବୃଦ୍ଧିକୁ ଅନୁମୋଦନ କରିଛି। ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ବୃଦ୍ଧି କରାଯାଇଛି। ଶ୍ରୀ ସୁଦ ୨୫ ମଇ, ୨୦୨୩ରେ ଦୁଇ ବର୍ଷ ପାଇଁ ସିବିଆଇ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

## ୨୬ ମାଓବାଦୀ ନିହତ, ୨୦୦ରୁ ଅଧିକ ଆଇଡି ବୋମା ଜବତ

### ତଲାସି ଅଭିଯାନ ଜାରି

ରାୟପୁର: (ଭାସ୍କର ନ୍ୟୁଜ୍): ମାଲକାନଗିରି ସୀମାନ୍ତ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲା ଏବଂ ତେଲେଙ୍ଗାନା ସୀମାବର୍ତ୍ତି କରେଗୁଟ୍ଟାରେ ଗତ ୧୬ଦିନ ଧରି ଯବାନଙ୍କ ପକ୍ଷରୁ ମାଓ ଦମନ ଅପରେସନ ଜାରି ରହିଛି। ମାଓବାଦୀଙ୍କ ଆଡାସ୍ଥଳ ପାହାଡ଼ରେ ବୃହତ୍ତର ମାଓ ଅପରେସନ କରଗୁଟା ଚାଲିଛି। ଆଜି ଅପରେସନର ୧୬ତମ ଦିନରେ ସୁରକ୍ଷା ବାହିନୀ ସବୁଠାରୁ ବଡ଼ ସଫଳତା ହାସଲ କରିଛି। ଗୁଳିବିନିମୟ ରେ ୨୬ ମାଓବାଦୀ ନିହତ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମୋଟ ୧୮ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗତ ୨୨ ଏପ୍ରିଲରେ ଆରମ୍ଭ ହୋଇଥିବା ଏହି ଅପରେସନରେ ଏପର୍ଯ୍ୟନ୍ତ ମାଓ ସଂଗଠନ ବିରୁଦ୍ଧରେ ଅନେକ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପୂର୍ବରୁ ମଧ୍ୟ ଏହି ଅଭିଯାନ ସଂଘରେ ଚାରି ଜଣ ମାଓବାଦୀ ନିହତ ହୋଇଥିଲେ। ଏହାପରେ ଆଜି ସକାଳେ ହୋଇଥିବା ଏନକାଉଣ୍ଟରରେ ଯବାନମାନେ ପ୍ରାୟ ୨୬ ରୁ ଅଧିକ ମାଓବାଦୀଙ୍କୁ ନିପାତ କରିଛନ୍ତି। ମାଓବାଦୀଙ୍କ ଗଡ଼ କୁହାଯାଉଥିବା କରେଗୁଟ୍ଟା ପାହାଡ଼ରେ ଶହ ଶହ ମାଓବାଦୀଙ୍କ ଉପସ୍ଥିତି ଏବଂ ବଡ଼ କ୍ୟାଡର ମାଓବାଦୀ ଲୁଚି ରହିଥିବା ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇବା ପରେ ସୁରକ୍ଷା ବାହିନୀ ଏହି ମାଓ ବିରୋଧୀ ଅପରେସନ୍ ଆରମ୍ଭ କରିଥିଲେ। ଏହି ଅପରେସନରେ ସିଆରପିଏଫ, ଡିଆରଜି, ଏସଟିଏଫ ଯବାନ ଏବଂ ସ୍ୱତନ୍ତ୍ର ପୋଲିସ ଦଳ ସମେତ ୧୦୦୦୦ରୁ ଅଧିକ ସୈନିକଙ୍କୁ ନିୟୋଜିତ କରାଯାଇଛି। ଯବାନମାନେ ପାହାଡ଼କୁ ଚାରି ଦିଗରୁ ଘେରି କୁଶଳ ରଣନୀତି ସହିତ ଚାପ ପ୍ରୟୋଗ କରିଥିବା ବେଳେ ପ୍ରାୟ ୨୦୦ରୁ ଅଧିକ ବୋମା ମଧ୍ୟ ଜବତ କରାଯାଇଛି। ମାଓବାଦୀ ମାନେ ଏହି କରେଗୁଟା ପାହାଡ଼ ଅଞ୍ଚଳକୁ ନିଜର ନିରାପଦ ଆଶ୍ରୟସ୍ଥଳୀ କରିଥିଲେ ଏବଂ ପାହାଡ଼ ତଳେ ଶହ ଶହ ଆଇଇଡି ବିଛାଇ ରଖିଥିଲେ। ଏହି ଲ୍ୟାଣ୍ଡମାଇନ ଭଳି ମାରାତ୍ମକ ବିସ୍ଫୋରକ ଗୁଡ଼ିକୁ ନିଷ୍କ୍ରିୟ କରିବା ବେଳେ ପୂର୍ବରୁ ଏପର୍ଯ୍ୟନ୍ତ ୫ ରୁ ୬ ଜଣ ଯବାନ ଆହତ ହୋଇଥିବା ଜଣା ପଡିଛି। କିନ୍ତୁ ସୁରକ୍ଷା ବାହିନୀର ପୂର୍ଣ୍ଣ ସତର୍କତା ପାଇଁ ତଲାସୀ ଅଭିଯାନ ଜାରୀ ରଖିଛି। ତେବେ ଏହି ଏନକାଉଣ୍ଟର ସମ୍ପର୍କରେ ଏପର୍ଯ୍ୟନ୍ତ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳି ପାରିନାହିଁ।

## 'ଅପରେସନ ସିନ୍ଦୂର'ର ପ୍ରଭାବ: ସୀମାବର୍ତ୍ତୀ ଜିଲ୍ଲାର ସ୍କୁଲ ବନ୍ଦ



ନୂଆଦିଲ୍ଲୀ : ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ। ୬ ଓ ୭ ଏପ୍ରିଲ ବିଳମ୍ବିତ ରାତ୍ରିରେ 'ଅପରେସନ ସିନ୍ଦୂର' ଚଳାଯାଇ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଠିକଣା ଧ୍ୱଂସ କରିଦିଆଯାଇଛି। ତେବେ ପହଲଗାମ ଆକ୍ରମଣକୁ ନେଇ ଭାରତ ଓ ପାକ୍ ମଧ୍ୟରେ ଉପୁଜିଥିବା ଉତ୍ତେଜନା ଏବେ ଉଗ୍ର ରୂପ ଧାରଣ କରିଛି। ଏଣୁ ଭାରତରେ କେତେକ ରାଜ୍ୟର ଅଧିକାରୀ ଅପରେସନ ସିନ୍ଦୂର ପରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୀମାବର୍ତ୍ତି ଜିଲ୍ଲାଙ୍କ ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ପଞ୍ଜାବର ଫିରୋଜପୁର, ପଠାନକୋଟ, ଫାଜିଲକା, ଅମୃତସର ଓ ଗୁରୁଦାସରୁର ସମେତ ୫ ସୀମାବର୍ତ୍ତୀ ଜିଲ୍ଲାରେ ବୁଧବାର ସ୍କୁଲ ବନ୍ଦ କରିଦିଆଯାଇଛି। ଫିରୋଜପୁର ଡେପୁଟି କମିଶନର ଜିଲ୍ଲାର ସବୁ ସ୍କୁଲକୁ ଦିନକ ଲାଗି ବନ୍ଦ ରଖିବାକୁ ଆଦେଶ ଜାରି କରିଥିଲେ। ସେହିପରି ପଠାନକୋଟରେ ଆଗାମୀ ୭୨ ଘଣ୍ଟା ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବ। ଅମୃସର, ଗୁରଦାସପୁର, ଫାଜିଲକା ଆଦି ଜିଲ୍ଲାରେ ସମସ୍ତ ଶୈକ୍ଷଣିକ ସଂସ୍ଥାକୁ ବନ୍ଦ କରିଦିଆଯାଇଛି। ଏହା ଛଡା ଅମୃତସରର ଶ୍ରୀ ଗୁରୁଦାସଜୀ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ପୂର୍ବାହ୍ନ ୧୦ ପର୍ଯ୍ୟନ୍ତ ନିଲମ୍ବିତ କରାଯାଇଥିଲା। ସେପଟେ ଉତ୍ତରପ୍ରଦେଶରେ ଅଧିକାରୀମାନେ ଅପରେସନ ସିନ୍ଦୂର ପରେ ରେଡ ଆଲର୍ଟ ଜାରି କରିଛନ୍ତି। ସେହିପରି ସୁରକ୍ଷା ଉପାୟରେ ସୀମାବର୍ତ୍ତି ଜିଲ୍ଲା ଗଙ୍ଗାନଗର, ବିକାନେର, ଜୈସାଲ୍ମେର ଓ ବାଡମେରର ସବୁ ସରକାରୀ ଓ ଘରୋଇ ବିଦ୍ୟାଳୟ ବନ୍ଦ ଘୋଷଣା କରାଯାଇଛି। ସତର୍କତା ସ୍ୱରୂପ ବୁଧବାର ଜମ୍ମୁ-କାଶ୍ମୀରର ବିଭିନ୍ନ ଅଞ୍ଚଳରେ ଥିବା ସ୍କୁଲ ବନ୍ଦ କରିଦିଆଯାଇଛି। ବର୍ତ୍ତମାନର ପରିସ୍ଥିତିକୁ ଦେଖି ଜମ୍ମୁ, ସାମ୍ବା, କଠୁଆ, ରାଜୌରୀ ଓ ପୁଞ୍ଛରେ ସବୁ ସ୍କୁଲ, କଲେଜ ଓ ଶୈକ୍ଷଣିକ ସଂସ୍ଥା ବନ୍ଦ ରହିବେ। ସେହିପରି ବାରାମୂଲା, କୁପୱାଡା ଓ ଗୁରେଜରେ ବୁଧବାର ଦିନକ ପାଇଁ ସ୍କୁଲ, କଲେଜ ଓ ଶୈକ୍ଷଣିକ ସଂସ୍ଥା ବନ୍ଦ ରଖାଯାଇଥିଲା। ଏହା ଛଡା କାଶ୍ମୀର ବିଶ୍ୱବିଦ୍ୟାଳୟ ମଧ୍ୟ ଉପୁଜିଥିବା ପରିସ୍ଥିତିରେ ପରୀକ୍ଷା ରଦ୍ଦ ଘୋଷଣା କରିଛି। ବୁଧବାର ଭାରତୀୟ ପ୍ରତିରକ୍ଷା ମନ୍ତ୍ରାଳୟ ଏହି ଆକ୍ରମଣ ଘଟଣା ପୁଷ୍ଟି କରି ଜମ୍ମୁ-କାଶ୍ମୀର ଓ ପହଲଗାମରେ ହୋଇଥିବା ଆକ୍ରମଣର କେନ୍ଦ୍ରିତ, ମାପଚୁପରେ ଦିଆଯାଇଥିବା ଜବାବ ବୋଲି କହିଛି।

## ଜନତାଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ସୁଶାସନ ତିହାର ଆରମ୍ଭ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ନେତୃତ୍ୱରେ ଛତିଶଗଡରେ ଜନତାଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ସୁଶାସନ ତିହାର ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲୋକଙ୍କ ଆବଦେନଗୁଡିକର ତ୍ୱରିତ ବିଚାର କରାଯାଇ ନ୍ୟାୟ ପ୍ରଦାନ କରାଯାଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସୂଚନା ଦେଇଛନ୍ତି। ସେ କହିଛନ୍ତି ଏହି କାର୍ଯ୍ୟକ୍ରମ ସାରା ରାଜ୍ୟ ବେଶ ଉତ୍ସାହର ସହ ଚାଲୁ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଶାସନ କିପରି ଗାଁ ଗହଳିରେ ପହଞ୍ଚିପାରିବ ସେ ନେଇ ପଦକ୍ଷେପ ନିଆଯାଉଛି। ଆବଶ୍ୟକ ପଡିଲେ ହେଲିକପ୍ଟର ଯୋଗେ ସରକାରୀ ଅଧିକାରୀମାନେ ବିଭିନ୍ନ ଗାଁକୁ ଯାଇ ଏହି ସମସ୍ୟାଗୁଡିକର ସମାଧାନ କରିବେ। ଲୋକମାନେ ସମାଧାନ ଶିବିରରେ ପହଞ୍ଚି ସେମାନଙ୍କ ସମସ୍ୟା ଜଣାଇବା ପରେ ସେଗୁଡିକର କିପରି ସମାଧାନ କରାଯିବ ସେ ନେଇ ସରକାର ପଦକ୍ଷେପ ନେବେ ବୋଲି ଶ୍ରୀ ସାଏ କହିଥିଲେ। ସୁଶାସନ ତିହାର ଅଧିନରେ ବର୍ତ୍ତମାନ ସୁଦ୍ଧା ୪୦ଲକ୍ଷ ୯୫ ହଜାରରୁ ଅଧିକ ଆବେଦନ ପତ୍ର ମିଳିସାରିଛି। ଏଥିମଧ୍ୟରୁ ଅଧିକାଂଶ ଆବେଦନର ସମାଧାନ ହୋଇଯାଇଛି। ଧମତରୀ ଜିଲ୍ଲାରେ ୨ଲକ୍ଷ ୨୮ଜହାର ଆବେଦନପତ୍ର ମିଳିଥିବା ବେଳେ ସେଥିମଧ୍ୟରୁ ୯୯.୩୮% ଆବେଦନପତ୍ରର ସମାଧାନ କରାଯାଇ ଏହାକୁ ପ୍ରଥମ ମାନ୍ୟତା ଦିଆଯାଇଛି। ରାଜ୍ୟର ୧୪ଜିଲ୍ଲା ଧମତରୀ ମହାସୁମଦ, ଶକ୍ତି, ବାଲୋଦ, ରାୟଗଡ, ସାରଙ୍ଗଗଡ, ଭିଲାଇଗଡ, ମୁଙ୍ଗେଲି, ରାୟପୁର, ସରଗୁଜା, ଦକ୍ଷିଣବସ୍ତର ଦାନ୍ତେୱାଡା, ଦୁର୍ଗ, ଯାଜଙ୍ଗୀର ଚମ୍ପା, ନାରାୟଣପୁର ଓ ବିର୍ଜାପୁରରେ ମଧ୍ୟ ୯୦%ରୁ ଅଧିକ ସମାଧାନ ହୋଇଯାଇଛି ବୋଲି ଶ୍ରୀ ସାଏ କହିଥିଲେ। ତେବେ ସର୍ବାଧିକ ଆବେଦନପତ୍ର ରାୟପୁର ଜିଲ୍ଲାରୁ ମିଳିଛି। ଏହି ଜିଲ୍ଲାରୁ ୩ଲକ୍ଷ ୭୬୪ଟି ଆବେଦନପତ୍ର ମିଳିପାରିଛି ବୋଲି ଶ୍ରୀ ସାଏ ସୂଚନା ଦେଇଛନ୍ତି।

# ବାଣିଜ୍ୟ

PhonePe

ନୂଆଦିଲ୍ଲୀ: ଫୋନପେ ତା'ର ନେକ୍ସଟ-ଜେନ ସ୍ମାର୍ଟସ୍ପିକରର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି ଯାହା ମର୍ଚାଂଟମାନଙ୍କର କ୍ରମବର୍ଦ୍ଧଶୀଳ ବ୍ୟବସାୟିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ଅପଗ୍ରେଡ ଭର୍ସନ ଅଟେ। ଅରିଜିନାଲ ସ୍ମାର୍ଟସ୍ପିକରର ମୂଳଦୁଆ ଉପରେ ଆଧାରିତ ନେକ୍ସଟ-ଜେନ ଭର୍ସନଟି ଭାରତରେ ନିର୍ମିତ ହୋଇଛି। ଏହାର ଶୁଭାରମ୍ଭ ଅବସରରେ ଫୋନପେ ମର୍ଚାଂଟ ବିଜନେସର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଯୁବରାଜ ସିଂହ ଶେଖାୱତ କହିଛନ୍ତି, 'ଭାରତରେ ନିର୍ମିତ ଆମର ନେକ୍ସଟ-ଜେନ ସ୍ମାର୍ଟସ୍ପିକରଗୁଡ଼ିକର ବଜାର ପ୍ରବେଶ କରି ଆମେ ଅତ୍ୟନ୍ତ ଆନନ୍ଦିତ। ଏହି ଡିଭାଇସଗୁଡ଼ିକୁ ସ୍ଥାନୀୟ ଭାବରେ ଉତ୍ପାଦନ କରିବା ଦ୍ୱାରା ଆମ ମର୍ଚାଂଟମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ପସନ୍ଦ ଅନୁଯାୟୀ ପ୍ରଡକ୍ଟଗୁଡ଼ିକୁ ଗ୍ରହଣୀୟ କରାଇବାରେ ଅଧିକ ସୁବିଧା ମିଳିଥାଏ। ଏହି ସ୍ମାର୍ଟସ୍ପିକରଗୁଡ଼ିକ ମାଧ୍ୟମରେ ଆମେ କେବଳ ଦେଶବ୍ୟାପୀ ମର୍ଚାଂଟମାନଙ୍କ ପାଇଁ ବିଶେଷକରି ଅନୁନ୍ନତ ଅଂଚଳରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରୁନାହୁଁ, ବରଂ ସ୍ୱଦେଶୀ ଉଦ୍ଭାବନକୁ ମଧ୍ୟ ପ୍ରୋତ୍ସାହିତ କରୁଛୁ ଏବଂ ଭାରତୀୟ ନିର୍ମାତାମାନଙ୍କୁ ଦେଶର ଡିଜିଟାଲ ରୂପାନ୍ତରିକରଣରେ ଅବିଚ୍ଛେଦ୍ୟ ଅଂଶଗ୍ରହଣକାରୀ ହେବା ବିଷୟକୁ ସୁନିଶ୍ଚିତ କରୁଛୁ।'

## ଫ୍ଲେକ୍ସି ଗୃହ ବୀମାର ଶୁଭାରମ୍ଭ

SBI general INSURANCE
SURAKSHA AUR BHAROSA DONO

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ସାଧାରଣ ବୀମା କମ୍ପାନି ଏସବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏସ୍‌ବିଆଇ ଜେନେରାଲ୍ ଫ୍ଲେକ୍ସି ଗୃହ ବୀମାର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ବ୍ୟାପକ ଓ ବିକଳ୍ପ ଯୁକ୍ତ ବୀମା ପଲିସି ଯାହାକୁ ମାଲିକାନାରେ ଥିବା ଗୃହ, ଭଡ଼ା ସଂପତି ଓ ହାଉସିଂ ସୋସାଇଟି ଭଳି ବିବିଧ ଆବାସିକ ଆବଶ୍ୟକତା ପୂରଣ କରିବା ଲାଗି ଆର୍ଥିକ ସ୍ୱାଧୀନତା ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ଏସବିଆଇ ଜେନେରାଲ୍ ଫ୍ଲେକ୍ସି ଗୃହ ବୀମା ବ୍ୟାପକ ନମନୀୟତା ପ୍ରଦାନ କରୁଛି ଓ ଏହା ଗ୍ରାହକମାନଙ୍କୁ ନିଜ ଆବଶ୍ୟକତା ଅନୁସାରେ ସୁହାଇବା ଭଳି ଗୃହ ବୀମା ପ୍ରସ୍ତୁତ କରିବାର ଅନୁମତି ଦେଉଛି। ଏହି ଉତ୍ପାଦର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଏହା ଗ୍ରାହକମାନଙ୍କୁ ବାଧ୍ୟତାମୂଳକ ଭାବେ 'ଫାୟାର ଓନ୍‌ଲି' ବୀମା ସୁବିଧା ପ୍ରଦାନ କରାଯାଉଛି ଏବଂ ଏହା ସହିତ ଅନେକ ପ୍ରକାର ସୁବିଧାସୁଯୋଗ ଓ ଆଡ୍-ଅନ୍ ରହିଛି ଯାହା ପ୍ରତିଟି ଘର ମାଲିକଙ୍କ ବ୍ୟକ୍ତିଗତ ସୁରକ୍ଷା ସୁନିଶ୍ଚିତ କରୁଛି। ଏହି ଉତ୍ପାଦ ଗୃହ ଢାଂଚା, ବିଷୟ ଓ ଅତିରିକ୍ତ ରିକ୍ସ ପାଇଁ ବ୍ୟାପକ ସୁରକ୍ଷା ପ୍ରଦାନ କରୁଛି। ସଂପତି ଭଙ୍ଗାରୁଜା, ପ୍ରାକୃତିକ ବିପର୍ଯ୍ୟୟ, ଅଗ୍ନିକାଣ୍ଡ ଓ ଚୋରି ଡକାୟତି ବିରୋଧରେ ସୁରକ୍ଷା ପ୍ରଦାନ କରାଯିବ। ଅନ୍ୟାନ୍ୟ ଯେକୌଣସି ଅଭାବନୀୟ ସ୍ଥିତିରେ ଏହା ସୁରକ୍ଷା ପ୍ରଦାନ କରୁଛି ଯାହା ଘର ମାଲିକ ଓ ଭଡ଼ାରେ ରହୁଥିବା ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବ। ଦୀର୍ଘକାଳୀନ ସୁରକ୍ଷା ପାଇଁଏଥିରେ ଏକକାଳୀନ ୨୦ ବର୍ଷ ପର୍ଯ୍ୟନ୍ତର ପେମେଂଟ୍ ସୁବିଧା ରହିଛି। ଏ ସମ୍ପର୍କରେ ଏସବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ଚିଫ୍ ପ୍ରଡକ୍ଟ ଆଣ୍ଡ୍ ମାର୍କେଟିଂ ଅଫିସର ସୁବ୍ରମଣ୍ୟମ ବ୍ରହ୍ମଯୋଗୟୁଲା କହିଛନ୍ତି ଯେ, 'ଏସବିଆଇ ଲାଇଫରେ ଆମେ ବୁଝିଛୁ ଯେ ପ୍ରତିଟି ଘର ସ୍ୱତନ୍ତ୍ର ଏବଂ ତାହାର ସୁରକ୍ଷା ଆବଶ୍ୟକତା ମଧ୍ୟ ସ୍ୱତନ୍ତ୍ର। ଜଣେ ଘର ମାଲିକ ନିଜ ଦୀର୍ଘକାଳୀନ ନିବେଶର ସୁରକ୍ଷା କରିବା ହେଉ କିମ୍ବା ଜଣେ ଭଡ଼ାଟିଆ ନିଜ ମୂଲ୍ୟବାନ ଜିନିଷର ସୁରକ୍ଷା କରନ୍ତୁ, ପ୍ରତିଟି ଲୋକଙ୍କ ବୀମା ଆବଶ୍ୟକତା ହେଉଛି ସ୍ୱତନ୍ତ୍ର। ଏସବିଆଇ ଜେନେରାଲ୍ ଫ୍ଲେକ୍ସି ଗୃହ ବୀମା ସହିତ ଆମେ ସୁହାଇବା ଭଳି ସମାଧାନ ପ୍ରଦାନ କରୁଛୁ ଯାହା ବିକଳ୍ପ ଯୁକ୍ତ ଓ ବ୍ୟାପକ ସୁରକ୍ଷା ଜରିଆରେ ମାନସିକ ଶାନ୍ତି ପ୍ରଦାନ କରିବ।

## ଟାଟା ଗ୍ଲୁକୋ+ ଜେଲି ପକ୍ଷରୁ ଡିଜ୍‌ନିର ମାର୍ଭେଲ୍ ଆଭେର୍ସ ସହିତ ସହଯୋଗିତା

ନୂଆଦିଲ୍ଲୀ: ଖାଦ୍ୟ ଓ ପାନୀୟ ଶିଳ୍ପରଅଗ୍ରଣୀ ସଂସ୍ଥା ଟାଟା କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଟିସିପିଏଲ୍) ପକ୍ଷରୁ ଏହାର ସବୁଠୁ ଅଧିକ ପସନ୍ଦ କରାଯାଉଥିବା ବ୍ରାଣ୍ଡ ଟାଟା ଗ୍ଲୁକୋ+ ଜେଲି ପକ୍ଷରୁ ଡିଜ୍‌ନିର ମାର୍ଭେଲ୍ ଆଭେର୍ସ ସହିତ ସହଯୋଗିତା ପ୍ରଦାନ କରାଯାଇଛି। ଏହି ସ୍ୱତନ୍ତ୍ର ଏଡିସନ୍ ପ୍ୟାକ୍‌ରେ ରହିଛି ପ୍ରଶଂସକଙ୍କ ପସନ୍ଦର ମାର୍ଭେଲ ଚରିତ୍ର ଯାହା ଶ୍ରେଷ୍ଠ ସ୍ୱାଦ ସହିତ ପସନ୍ଦର ସୁପର ହିରୋଙ୍କ ରୋମାଂଚ ଓ ଉତ୍ସାହକୁ ଯୋଡ଼ିଛି। ଏହି ସହଯୋଗିତା ପ୍ରତି ପ୍ୟାକ୍‌ରେ ଆକର୍ଷଣୀୟ ମାର୍ଭେଲ୍ ଟ୍ୱିଷ୍ଟ ଆଣିଛି ଯେଉଁଥିରେ ସ୍ପାଇଡର ମ୍ୟାନ, ଆଇରନ ମ୍ୟାନ, କ୍ୟାପଟେନ ଆମେରିକା, ଥର ଓ କ୍ୟାପଟେନ ମାର୍ଭେଲ ଭଳି ପ୍ରଶଂସକଙ୍କ ପସନ୍ଦର ଚରିତ୍ରର ପ୍ରିମିୟମ ସୁପର ହିରୋ ଖେଳନା ରହିଛି। ଟାଟା ଗ୍ଲୁକୋ+ ଜେଲି ସହିତ ମ୍ୟାଗ୍ନେଟିକ କିଚେନ୍ ଓ ବ୍ୟାଗ୍ ଟ୍ୟାଗ୍ ରହିଛି ଯାହାକୁ ସଂଗ୍ରହ କରିବା ସହିତ ଗର୍ବର ସହ ପ୍ରଦର୍ଶନ କରାଯାଇପାରିବ। ରୋମାଂଚକୁ ବଢ଼ାଇଛି ସ୍ପାଇଡର ମ୍ୟାନ, ଆଇରନ ମ୍ୟାନ୍, କ୍ୟାପଟେନ୍ ଆମେରିକା ଭଳି ସୁପର ହିରୋ ଥିମ୍‌ର କପ୍। ଟାଟା କଂଜ୍ୟୁମର ପ୍ରଡକ୍ଟସର ସଭାପତି ଓ ଆରଟିଡି ବ୍ୟବସାୟ ମୁଖ୍ୟ ପାର୍ଥ ବିଶ୍ୱାସ କହିଛନ୍ତି ଯେ, 'ଡିଜ୍‌ନିର ମାର୍ଭେଲ୍ ଆଭେର ସହଯୋଗରେ ଶୁଭାରମ୍ଭ କରାଯାଇଥିବା ଆମର ନୂଆ ଜେଲି ଉତ୍ପାଦକୁ ନେଇ ଆମେ ରୋମାଂଚିତ। ଏହି ପ୍ଲାଟଫର୍ମ ଆମକୁ ମାର୍ଭେଲ ସୁପର ହିରୋମାନଙ୍କ ଚମତ୍କାର ଦୁନିଆ ସହିତ ଆମ ସ୍ୱତନ୍ତ୍ର ଜେଲି ପାନୀୟ ଫର୍ମାଟକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି ଯାହା ସ୍ୱାଦ ଓ କୌତୁକର ଅଦମ୍ୟ ମିଶ୍ରଣ ପ୍ରଦାନ କରିଛି।'

## ଉପଭୋକ୍ତାଙ୍କୁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ନୋଟିସ୍



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଦକ୍ଷିଣ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଓଭରହେଡ ବିଜୁଳି ତାର ନିକଟରେ ଅନଧିକୃତ ନିର୍ମାଣ କରିଥିବା ୧୨୨୯ ଜଣ ଉପଭୋକ୍ତା ଏବଂ ପ୍ରତିଷ୍ଠାନକୁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ନୋଟିସ ଜାରି କରାଯାଇଛି। ବିଦ୍ୟୁତ ଭିତ୍ତିଭୂମି ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଟିପିଏସ୍‌ଓଡିଏଲର ସୁରକ୍ଷା ଓ ଅନୁପାଳନ ଅଭିଯାନ ଅନୁଯାୟୀ ସମଗ୍ର ୮ ଟି ଜିଲ୍ଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗାମ ଜିଲ୍ଲାରେ ସର୍ବାଧିକ ୬୫୫ଟି ନୋଟିସ ଜାରି ହୋଇଥିବା ବେଳେ କୋରାପୁଟରେ ୧୬୦, ମାଲକାନଗିରିରେ ୧୩୧, ଗଜପତିରେ ୧୦୪, ନବରଙ୍ଗପୁରରେ ୮୩, ରାୟଗଡାରେ ୫୫ ଏବଂ ବୌଦ୍ଧ ଜିଲ୍ଲାରେ ୩୮ ଜଣଙ୍କୁ ନୋଟିସ ଦିଆଯାଇଛି। ବିଦ୍ୟୁତ ତାର ନିକଟରେ ଅନଧିକୃତ ନିର୍ମାଣ କାର୍ଯ୍ୟ ଯୋଗୁଁ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବା ସହ ମରାମତି ଓ ରକ୍ଷଣାବେକ୍ଷଣ ତଥା ଜରୁରୀକାଳୀନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ବିଦ୍ୟୁତ ଅଧିନିୟମ ୨୦୦୩ ଏବଂ ସିଇଏ ସୁରକ୍ଷା ନିୟମ ୨୦୨୩ ଅନୁଯାୟୀ ଟିପିଏସ୍‌ଓଡିଏଲ୍ ଏହି ପଦକ୍ଷେପ ଗ୍ରହଣ କରିଛି। ଉପରୋକ୍ତ ଅଧିନିୟମ ଅନୁସାରେ ବିନା ଅନୁମତିରେ ଓଭରହେଡ ବିଜୁଳି ତାର ନିକଟରେ କୌଣସି ବିଲ୍ଡିଂ କିମ୍ବା ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ, ଏଥିରେ ଖିଲାପ କଲେ ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ ହୋଇପାରେ କିମ୍ବା ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଜନସାଧାରଣ ଏବଂ ଆମ କର୍ମଚାରୀଙ୍କ ସୁରକ୍ଷା ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା। ବିଦ୍ୟୁତ ତାର ନିକଟରେ ବେଆଇନ ନିର୍ମାଣ ବିପଦଜନକ ଏବଂ ଆଇନର ଅବମାନନା ଅଟେ। ଲୋକଙ୍କୁ ସଚେତନ କରିବା ସହ ଆଇନର ଅନୁପାଳନ କରିବା ଦିଗରେ ଆମେ ପ୍ରତିବଦ୍ଧ। ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟିପିଏସ୍‌ଓଡିଏଲ୍ ସୂଚନା ଦେଇଛି।

## ୪୮ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବାକୁ ପୁନଃସ୍ଥାପିତ କଲା ଟିପିଡବ୍ଲ୍ୟୁଓଡିଏଲ୍

ବୁର୍ଲା/ବରଗଡ଼ (ଭାସ୍କର ନ୍ୟୁଜ୍): ଗତ ଶନିବାର ସନ୍ଧ୍ୟା ସମୟରେ ବରଗଡ଼ ଜିଲ୍ଲାରେ କାଳବୈଶାଖୀ ଝଡ଼ ତାଣ୍ଡବ ରଚିଥିଲା। ଯାହା ଫଳରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମିରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ସୂଚନାଯୋଗ୍ୟ ଯେ, ଦ୍ରୁତଗତିରେ ପବନ ପ୍ରବାହ ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୨୦୦ ରୁ ଅଧିକ ବଡ଼ ବଡ଼ ଗଛ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡ଼ିଥିଲା। ଯାହା ଫଳରେ ୬୭ଟି ବିଦ୍ୟୁତ୍ ଖୁଣ୍ଟ, ୫୦ଟି କଣ୍ଡକ୍ଟର କ୍ଷତିଗ୍ରସ୍ତ ହୋଇଥିଲା । ସେହିପରି ପ୍ରାୟ ୨୫ ସର୍କିଟ୍ କିଲୋମିଟର ପର୍ଯ୍ୟନ୍ତ ୧୧ କେ.ଭି. ଫିଡର ଲାଇନ ଏବଂ ଏକ ୧୦୦ କେ.ଭି.ଏ. ବିଦ୍ୟୁତ୍ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିଲା। ଯାହା ଫଳରେ ବରଗଡ଼ ସଦର ବ୍ଲକର ଲାଉନସରା; ବରପାଲି ବ୍ଲକ ଅନ୍ତର୍ଗତ ପିପିଲିପାଲି, ପାଟକୁଲୁଣ୍ଡା, ବୁରୋମୁଣ୍ଡା ଓ କାଇଁସିର; ଏବଂ ଭେଡେନ୍ ବ୍ଲକ ଅନ୍ତର୍ଗତ ପ୍ରଧାନପାଲି, ସାଲେପାଲି, ଆରେଗୁଡି ଏବଂ ଅନିଲାପାଲି ଅଞ୍ଚଳର ପ୍ରାୟ ୫,୦୦୦ ବିଦ୍ୟୁତ୍ ଗ୍ରାହକ ପ୍ରଭାବିତ ହୋଇଥିଲେ। ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ତୁରନ୍ତ ଜରୁରୀକାଳୀନ ରକ୍ଷଣାବେକ୍ଷଣ ଦଳକୁ ପୁନଃରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ପାଖାପାଖି ୬୦ ଜଣ କ୍ଷେତ୍ର ରକ୍ଷଣାବେକ୍ଷଣ କର୍ମଚାରୀମାନେ ବିଭିନ୍ନ ପ୍ରକାର ପ୍ରତିକୂଳ ପରିସ୍ଥିତି ତଥା ଅପହଞ୍ଚ ଅଞ୍ଚଳରେ ରାତିଦିନ ଅକ୍ଲାନ୍ତ ପରିଶ୍ରମ କରି ବିଦ୍ୟୁତ୍ ସେବା ପୁନଃରୁଦ୍ଧାର କରିପାରିବାରେ ସକ୍ଷମ ହୋଇଥିଲେ । ସେମାନଙ୍କର ତୁରନ୍ତ ଏବଂ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ପ୍ରାୟ ୯୦ ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଥିଲା। ଉଲ୍ଲେଖଥାଉ କି, ଏହି କାଳବୈଶାଖୀ ଝଡ଼ ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବରପାଲି ସେକ୍ସନ-୨ ଅନ୍ତର୍ଗତ ସାଲେପାଲି ଏବଂ ପ୍ରଧାନପାଲି ଗ୍ରାମରେ ଏହି ପୁନରୁଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଛି।

## ଏଚ୍‌ଡିଏଫସି ଫ୍ଲେକ୍ସି କ୍ୟାପ୍ ଫଣ୍ଡ୍‌ର ଅତୁଳନୀୟ ପ୍ରଦର୍ଶନ

HDFC MUTUAL FUND
BHAROSA APNO KA

ନୂଆଦିଲ୍ଲୀ: ଓପନ୍ ଏଣ୍ଡେଡ୍ ଇକ୍ୱିଟି ଫଣ୍ଡ୍ ଏଚ୍ଡିଏଫ୍ସି ଫ୍ଲେକ୍ସି କ୍ୟାପ୍ ଫଣ୍ଡ୍ ନିବେଶକମାନଙ୍କୁ ଦୀର୍ଘକାଳୀନ ସଂପତି ସୃଷ୍ଟିରେ ସହାୟକ ହେବା ପାଇଁ ଲାର୍ଜ କ୍ୟାପ, ମିଡ କ୍ୟାପ ଓ ସ୍ମଲ କ୍ୟାପ ଷ୍ଟକରେ ନିବେଶ କରୁଛି। ୧୯୯୧ ଜାନୁଆରି ୧ରେ ଏହାର ଶୁଭାରମ୍ଭ ହୋଇଥିଲା। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଏହା ଚକ୍ରବୃଦ୍ଧି ହାରରେ ବାର୍ଷିକ ୧୮.୮୨ ପ୍ରତିଶତ ଅଭିବୃଦ୍ଧି ପ୍ରଦାନ କରିଛି। ଶୁଭାରମ୍ଭରେ ନିବେଶ ହୋଇଥିବା ୧ ଲକ୍ଷ ଟଙ୍କା ଏବେ ୧.୮୪ କୋଟି ଟଙ୍କାରେ ପରିଣତ ହୋଇଛି ଯାହା ନିଫ୍ଟି ୫୦୦ ଟିଆରଆଇ ସମାନ ନିବେଶ ଉପରେ ପ୍ରଦାନ କରିଥିବା ୧.୫୧ କୋଟି ଟଙ୍କାର ରିଟର୍ଣ୍ଣ ତୁଳନାରେ ଅଧିକ। ସେହିପରି, ପାଣ୍ଠିର ଶୁଭାରମ୍ଭ ପରଠାରୁ ପ୍ରତି ମାସର ପ୍ରଥମ ବ୍ୟବସାୟ ଦିନରେ ସିଷ୍ଟମେଟିକ୍ ଇନଭେଷ୍ଟମେଂଟ୍ ପ୍ଲାନ (ଏସଆଇପି) ଜରିଆରେ ନିବେଶ କରାଯାଇଥିବା ୧୦ ହଜାର ଟଙ୍କା (ଯାହା ମୋଟ ୩୬.୨୦ ଲକ୍ଷ ଟଙ୍କା), ତାହା ୨୦୨୫ ମାର୍ଚ୍ଚ ୩୧ସୁଦ୍ଧା ୨୦.୨୪ କୋଟି ଟଙ୍କାରେ ପରିଣତ ହୋଇଛି। ଏହି ପାଣ୍ଠିର ନିବେଶ ରଣନୀତି ଯେଉଁଥିରେ ସୁଲଭ ମୂଲ୍ୟରେ ଉପଲବ୍ଧ ଗୁଣାତ୍ମକ କମ୍ପାନିର ଷ୍ଟକ୍ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ପଛର ଚିଂାଧାରା ହେଉଛି ମଧ୍ୟମ ଓ ଦୀର୍ଘକାଳୀନ ଭିତିରେ ଅଭିବୃଦ୍ଧି ସମ୍ଭାବନା ଥିବା ଦୃଢ଼ କମ୍ପାନିଗୁଡ଼ିକୁ ଚୟନ କରିବା। ଶିଳ୍ପ ଓ ବ୍ୟବସାୟ ଚକ୍ରକୁ ଅନୁଶୀଳନ କରିବା ପରେ ତାହାକୁ ପୋର୍ଟଫୋଲିଓରେ ସାମିଲ କରାଯାଉଛି। ଏଚଡିଏଫସି ଫ୍ଲେକ୍ସି କ୍ୟାପ ଫଣ୍ଡ ଚାରିଟି ପ୍ରମୁଖ ସ୍ତମ୍ଭ ଅନୁସାରେ ରିସ୍କ ପରିଚାଳନା କରୁଛି। ଗବେଷଣା ପରିଚାଳିତ ନିବେଶ ପ୍ରକ୍ରିୟା ସହିତ କମ୍ପାନିର ଏକ ଟିମ ଉଭୟ ଗୁଣାତ୍ମକ ଓ ପରିମାଣ ଭିତିକ ବିଷୟ ଉପରେ ଧ୍ୟାନ ଦେଉଛନ୍ତି। ପୋର୍ଟଫୋଲିଓ ଗଠନ ବେଳେ ଆକାର, ଶିଳ୍ପର ଚକ୍ର ଏବଂ କମ୍ପାନିର ସ୍ଥିତି ବିଚାରକୁ ନିଆଯାଉଛି। ବିଭିନ୍ନ କ୍ଷେତ୍ର ଓ ବିଷୟରେ ବିବିଧକରଣ ସହିତ ବଜାର ସ୍ଥିରେ ନମନୀୟତା ଏକ ଉତମ ପରିଚାଳନା ନିବେଶ ପାଇଁ ପାଣ୍ଠିର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏଚଡିଏଫସି ଏଏମସିର ଏମଡି ଓ ସିଇଓ ନବନୀତ ମୁନୋଟ କହିଛନ୍ତି ଯେ, 'ଗତ ତିନି ଦଶନ୍ଧି ମଧ୍ୟରେ ଏଚଡିଏଫସି ଫ୍ଲେକ୍ସି କ୍ୟାପର ଯାତ୍ରା ଶୃଙ୍ଖଳିତ ନିବେଶ ଦର୍ଶନ ଏବଂ ନିବେଶକ ସଂପତି ସୃଷ୍ଟି କରିବା ପ୍ରତି ଅତୁଟ ପ୍ରତିବଦ୍ଧତାର ପ୍ରମାଣ। ଏହି ଫଣ୍ଡ ବଜାରର ବିଭିନ୍ନ ଚକ୍ରକୁ ଅତିକ୍ରମ କରି ପ୍ରତି ଥର ଦୃଢ଼ ପ୍ରତ୍ୟାବର୍ତନ କରିଛି ଯାହା ଆମ ନିବେଶ ପ୍ରକ୍ରିୟାର ଦୃଢ଼ତାକୁ ଦର୍ଶାଉଛି। ପାଣ୍ଠିର ପ୍ରଦର୍ଶନ ଆମ ନିବେଶକଙ୍କୁ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରିବା ଉପରେ ଆମ ଗୁରୁତ୍ୱକୁ ଦୋହରାଉଛି। ଏଚଡିଏଫସି ଏଏମସିର ବରିଷ୍ଠ ଫଣ୍ଡ ମ୍ୟାନେଜର ରୋଶି ଜୈନ କହିଛିଁ ଯେ, 'ଏହି ପାଣ୍ଠି ଜରିଆରେ ସମ୍ପତି ଗଠନରେ ନିବେଶକଙ୍କୁ ସାହାଯ୍ୟ କରିଥିବାରୁ ଆମେ ଗର୍ବିତ ମନେ କରୁଛୁ। ନିରନ୍ତର ଅଭିବୃଦ୍ଧି ବାହକ ସହିତ ଉଚ୍ଚ ଗୁଣାତ୍ମକ ବ୍ୟବସାୟକୁ ଚିହ୍ନଟ କରିବା ଉପରେ ଆମର ଗୁରୁତ୍ୱ ଆମକୁ ନିବେଶକଙ୍କ ପାଇଁ ସମ୍ପତି ସୃଷ୍ଟି କରିବାରେ ସକ୍ଷମ କରିଛି।

## ଦଶ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କଲା ଡିଏସ୍ ଗ୍ରୁପ

ନୂଆଦିଲ୍ଲୀ: ଏକ ଅଗ୍ରଣୀ ଏଫଏମସିଜି କମ୍ପାନୀ ଓ ମଲ୍ଟି-ବିଜ୍‌ନେସ୍ କର୍ପୋରେଶନ ଧର୍ମପାଲ ସତ୍ୟପାଲ ଗ୍ରୁପ (ଡିଏସ୍ ଗ୍ରୁପ) ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୦,୦୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହାସଲ କରି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ଏବଂ ଭାରତର ୧୫ଟି ଶୀର୍ଷ ଏଫଏମସିଜି କମ୍ପାନୀ ତାଲିକାରେ ପ୍ରବେଶ କରିଛି। ଏହି ସଫଳତା ପ୍ରାଥମିକ ଭାବେ ଏଫଆଣ୍ଡବି ସେଗମେଂଟ ମୋଟ ରାଜସ୍ୱରେ ୪୨%ର ଯୋଗଦାନ ଦେଇଛି, ଏହାପରେ ଫ୍ରେଶନର ସେଗମେଂଟର ୩୮%, ହସ୍ପିଟାଲିଟିର ୩% ଯୋଗଦାନ ରହିଛି ଏବଂ ଅବଶିଷ୍ଟ ରାଜସ୍ୱରେ ଅନ୍ୟାନ୍ୟ ବ୍ୟବସାୟଗୁଡ଼ିକର ମିଳିତ ଯୋଗଦାନ ରହିଥିବା ବେଳେ ତମାଖୁର ୧୦%ରୁ କମ୍ ଯୋଗଦାନ ରହିଛି। ମିଳିତ ଭାବେ ସମସ୍ତ ବ୍ୟବସାୟଗୁଡ଼ିକ ୧୫୦ରୁ ଅଧିକ ଷ୍ଟକିଷ୍ଟ, ୫୦୦୦ରୁ ଅଧିକ ଡିଷ୍ଟ୍ରିବ୍ୟୁଟର ରହିଛନ୍ତି ଯିଏ ଭାରତବ୍ୟାପୀ ପ୍ରତ୍ୟକ୍ଷ ରୂପେ ୧୫ ଲକ୍ଷରୁ ଅଧିକ ରିଟେଲ ସପ ଓ ପରୋକ୍ଷ ଭାବେ ୩୫ ଲକ୍ଷ ରିଟେଲ ସପ ନିକଟରେ ପହଂଚୁଛି। ପରିବର୍ତ୍ତିତ ଉପଭୋକ୍ତା କ୍ରୟ ଆଚରଣ ସହିତ ଡିଏସ ଗ୍ରୁପ ଆଧୁନିକ ବ୍ୟବସାୟ, କ୍ୱିକ-କମର୍ସ ସମେତ ଇକମର୍ସ କ୍ଷେତ୍ରରେ ବଦଳୁଥିବା ଟ୍ରେଣ୍ଡଗୁଡ଼ିକୁ ଭଲ ଭାବରେ ଅଧ୍ୟୟନ କରିଛି ଓ ନିଜର ଲାଭ ପାଇଁ ଏହା ଉପରେ ପୁି ହାସଲ କରିଛି। ଆର୍ଟିଫିସିଆଲ ଇଂଟେଲିଜେନ୍ସ, ଅଟୋମେଶନ ଓ ଅନ୍ୟାନ୍ୟ ଭବିଷ୍ୟତ-କେନ୍ଦ୍ରିତ ଟେକ୍ନୋଲୋଜିଗୁଡିକ ଉପରେ ଗୁରୁତ୍ୱ ବଜାୟ ରଖିଛି। ଏହି ଅବସରରେ ଡିଏସ ଗ୍ରୁପର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ୧୦,୦୦୦ କୋଟି ଟଙ୍କା ରାଜସ୍ୱ ଅତିକ୍ରମ କରିବା ଭାରତର ବିକଶିତ ଅଭିବୃଦ୍ଧି କାହାଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ଭାବେ ଆମର ପ୍ରମୁଖ ଭୂମିକାକୁ ସୂଚିତ କରୁଛି। ଡିଏସ ଗ୍ରୁପ ଏଫଏମସିଜି କ୍ଷେତ୍ରର ବିସ୍ତାରରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ ରହିଆସିଛି, ଯାହା ଆମର ବିବିଧ ପୋର୍ଟଫୋଲିଓ, ଗୁଣବତା ଓ ଉଦ୍ଭାବନ ଉପରେ ଉତ୍ସର୍ଗୀକୃତ ଧ୍ୟାନ ଏବଂ ଦେଶରେ ଏଫଏମସିଜି କ୍ଷେତ୍ରରେ ଅନ୍ୟତମ ସର୍ବବୃହତ ବିତରଣ ନେଟୱର୍କ ଦ୍ୱାରା ପରିଚାଳିତ ଅଟେ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଭାରତ ମଇ ୭ ତାରିଖ ମଧ୍ୟ ରାତ୍ରିରେ ପାକିସ୍ତାନ ଓ ପାକ ଅଧିକୃତ କାଶ୍ମ ଓ କଶ୍ମୀରରେ ଏୟାର ଷ୍ଟ୍ରାଇକ କରିଥିଲା। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିଶୋଧ ନେବାକୁ ଯାଇ ଭାରତ ୯୦ଜଣ ଆତଙ୍କବାଦୀଙ୍କୁ ନିହତ କରିଥିବା ଅନୁମାନ କରାଯାଉଛି । ଏହି ପ୍ରତିଶୋଧ ପରେ ବିଭିନ୍ନ ମହଲରେ ଭାରତୀୟ ସେନାକୁ ଭୁରିଭୁରି ପ୍ରଶଂସା କରାଯାଉଛି। ରାଜନେତା, କଳାକାର, ସାଧାରଣଜନତାଙ୍କ ଠାରୁ ଆରମ୍ଭ କରି ଭାରତୀୟ କ୍ରିକେଟରମାନେ ବି ବିଭିନ୍ନ ପ୍ରକାର ପ୍ରତିକ୍ରିୟା ଦେଉଛନ୍ତି। ସିନ୍ଦୂର ଆକ୍ରମଣ ପରେ ସଚିନ ତେନ୍ଦୁଲକର ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, 'ଆମେ ସମସ୍ତେ ଏକଜୁଟ ଅଛୁ। ଆଉ ଆମ ଶକ୍ତି ବି ସେହି ଏକତା ମଧ୍ୟରେ ରହିଛି। ଭାରତର ବାସ୍ତବ ଶକ୍ତି ହେଉଛି ତାର ନିଜ ଲୋକ। ଦୁନିଆରେ ଆତଙ୍କବାଦୀଙ୍କ ପାଇଁ କୌଣସି ପ୍ରକାର ସ୍ଥାନ ନାହିଁ।' ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହବାଜ ସରିଫ କହିଛନ୍ତି, ଭାରତ ପକ୍ଷରୁ ମିଲିଟାରୀ ଆଟାକ କରାଯାଇଛି । ପାକିସ୍ତାନ ଏହାର କଡ଼ା ଜବାବ ଦେବ । ଗତ ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କୀ ହମଲାରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା । ଏହାର ପ୍ରାୟ ୨ ସପ୍ତାହ ପରେ ଅପେରସନ ସିନ୍ଦୂରରେ ଭାରତର ହମଲାର ପ୍ରତିଶୋଧ ନେଇଛି ।

## ଷ୍ଟାଡିୟମ ଉଡାଇଦେବାକୁ ପାକିସ୍ତାନର ଧମକ

ନୂଆଦିଲ୍ଲୀ: ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ କଡା ଜବାବ ଦେଇଛି। ଏହି ଆକ୍ରମଣରେ ଆତଙ୍କବାଦୀଙ୍କୁ ସଫା କରି ଭାରତ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି। ଏହି ଆକ୍ରମଣ ପରେ, ଭାରତର ସବୁଠି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରି ଦିଆଯାଇଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ଉତ୍ତେଜନା ମଧ୍ୟରେ, ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ବୋମା ମାଡ଼ କରିବାର ଧମକ ମଧ୍ୟ ଆସିଛି । ବିଶେଷ କରି ଏବେ ଆଇପିଏଲ ୨୦୨୫, ବର୍ତ୍ତମାନ ଚାଲିଛି। ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନେକ ଆଇପିଏଲ ମ୍ୟାଚ୍ ଖେଳାଯାଉଛି। ଏହି ମ୍ୟାଚ୍ ମଧ୍ୟରେ, ଗୁଜରାଟ କ୍ରିକେଟ୍ ଆସୋସିଏସନ୍‌କୁ ଏକ ଧମକପୂର୍ଣ୍ଣ ମେଲ୍ ମିଳିଛି। ଏହି ମେଲରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି। ଏହି ଇମେଲରେ ଲେଖାଯାଇଛି, 'ଆମେ ତୁମର ଷ୍ଟାଡିୟମକୁ ଉଡ଼ାଇ ଦେବୁ'। ଏହି ଇମେଲ୍ ପାକିସ୍ତାନ ନାମରେ ଜିସିଏ ପାଖକୁ ଆସିଛି। ଏହି ମେଲ୍ ପାଇବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଛନ୍ତି ଏବଂ ଏହି ମାମଲାରେ ତଦନ୍ତ ମଧ୍ୟ ଆରମ୍ଭ ହୋଇଯାଇଛି। ଭାରତୀୟ ସେନା ଦ୍ୱାରା ପାକିସ୍ତାନ ଉପରେ ଆକ୍ରମଣ ଅପରେସନ ସିନ୍ଦୂର ପରେ ଏହି ଧମକ ଆସିଛି।

## ୫୭ତମ ମ୍ୟାଚ୍ | କୋଲକାତା ନାଇଟ ରାଇଡର୍ସ ବନାମ ଚେନ୍ନାଇ ସୁପର କିଙ୍ଗସ

# ଚେନ୍ନାଇ ସୁପର କିଙ୍ଗସ ଦୁଇ ୱିକେଟ୍‌ରେ ବିଜୟୀ




କୋଲକାତା : କୋଲକାତାର ଇଡେନ ଗାର୍ଡେନ୍ସଠାରେ ଚାଲିଥିବା ଆଇପିଏଲ ୨୦୨୫ର ୫୭ତମ ମ୍ୟାଚ ଚେନ୍ନାଇ ସୁପରକିଙ୍ଗସ୍ ଓ କୋଲକାତା ନାଇଟରାଇଡର୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଚେନ୍ନାଇ ସୁପରକିଙ୍ଗସ ୨ୱିକେଟରେ ଜିତି ନେଇଛି। କୋଲକାତା ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ସୁନୀଲ ନାରାୟଣ ଓ ରେହମାନୁଲ୍ଲା ଗୁରବାଜ୍ ବ୍ୟାଟିଂ ଆରମ୍ଭ କରିଥିଲେ । ତେବେ ଗୁରବାଜ ମାତ୍ର ୧୧ ରନ କରି ଆଉଟ ହୋଇଯାଇଥିଲେ । ସୁନୀଲ ନାରାୟଣ ଓ ଅଜିଙ୍କ୍ୟ ରାହାଣେଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା। ନାରାୟଣ ୨୬ ରନ କରିଥିବାବେଳେ ଅଜିଙ୍କ୍ୟ ରାହାଣେ ୪୮ ରନ କରିଥିଲେ। ସେହିପରି ମଧ୍ୟକ୍ରମରେ ମନିଷ ପାଣ୍ଡେ ୩୬ ରନ କରିଥିବାବେଳେ ଆନ୍ଦ୍ରେ ରସେଲ ୩୮ ରନ କରିଥିଲେ । ମାତ୍ର ରିଙ୍କୁ ସିଂ ପୁଣି ବିଫଳ ହୋଇଥିଲେ । ସେ ମାତ୍ର ୯ ରନ କରି ଆଉଟ ହୋଇଥିଲେ। ଯାହାଫଳରେ ଦଳ ୧୭୯ରନ୍ କରିବାକୁ ସକ୍ଷମ ହୋଇଥିଲା। ଚେନ୍ନାଇ ପକ୍ଷରୁ ନୁର ଅହମ୍ମଦ ୪ଟି ୱିକେଟ ନେଇଥିବାବେଳେ ରବୀନ୍ଦ୍ର ଜାଡେଜା ଓ ଅନସୁଲ କମ୍ବୋଜ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୧୮୦ରନ୍ ଟାର୍ଗେଟ ନେଇ ଚେନ୍ନାଇ ମୈଦାନକୁ ଓହ୍ଲାଇଥିଲା। ପାଳି ସମ୍ଭାଳିଥିଲେ ଆୟୁଷ ମାଥେ ଓ ଡିଭନ କନ୍‌ୱେ। ଦୁହେଁ ଶୂନରେ ଆଉଟ ହେବା ଫଳରେ ଚେନ୍ନାଇକୁ ବଡ ଝଟ୍‌କା ଲାଗିଥିଲା। ପରେ ଉରଭିଲ ପଟେଲ ଓ ରବିଚନ୍ଦ୍ରନ ଅଶ୍ୱିନୀ ପାଳି ସମ୍ଭାଳିଥିଲେ। ଉଭିଲ ପଟେଲ ଧୂଆଁଧାର ବ୍ୟାଟିଂ କରି ୪ଛକା ଓ ଗୋଟିଏ ଚୌକା ସହାୟତାରେ ୧୧ବଲରୁ ୩୧ରନ୍ କରିଥିବା ବେଳେ ଅଶ୍ୱିନୀ ମାତ୍ର ୮ରନ୍ କରି ଆଉଟ ହୋଇଯାଇଥିଲେ। ସେହିପରି ରବିନ୍ଦ୍ର ଜାଡେଜା ୧୯ରନ୍ କରି ଆଉଟ ହୋଇଥିଲେ। ଡିୱାଲ୍ଡ ବ୍ରେଭିସ୍ ୪ଛକା, ୪ଚୌକା ସହାୟତାରେ ୨୫ବଲ୍‌ରୁ ୫୨ରନ୍ କରିଥିବା ବେଳେ ଶିବମ୍ ଦୁବେ ୪୫, ଅଧିନାୟକ ଏମ୍‌ଏସ୍ ଧୋନୀ ୧୭ ଓ ନୁର ଅହମ୍ମଦ ୨, ଅନୁସଲ କାବୋଜ ୪ ରନ୍ କରି ମ୍ୟାଚ୍ ଜିତାଇଥିଲେ। କୋଲକାତା ପକ୍ଷରୁ ବୈଭବ ଆରୋରା ସର୍ବାଧିକ ୩ୱିକେଟ ଅକ୍ତିଆର କରିଥିବା ବେଳେ ମୋଇନି ଅଲ୍ଲି ୧, ହରଷିତ ରାନା ଓ ବରୁଣ ଚକ୍ରବର୍ତ୍ତୀ ଉଭୟ ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

# ଟେଷ୍ଟ କ୍ରିକେଟ୍‌କୁ ରୋହିତଙ୍କ ଅଲ୍‌ବିଦା



ମୁମ୍ବାଇ: ଟେଷ୍ଟ କ୍ରିକେଟରୁ ଅବସର ନେଲେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ତଥା ହିଟମ୍ୟାନ ରୋହିତ ଶର୍ମା। ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି, ଯେଉଁଠାରେ ତାଙ୍କର ପ୍ରଦର୍ଶନ ନିରାଶାଜନକ ଥିଲା। ତିନୋଟି ଟେଷ୍ଟରେ ମାତ୍ର ୩୧ ରନ୍ ସଂଗ୍ରହ କରିଥିବା ରୋହିତଙ୍କ ଫର୍ମ ଏବଂ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠିଥିଲା। ରୋହିତ ସିଡନୀରେ ଚଳିତ ବର୍ଷର ପଞ୍ଚମ ଟେଷ୍ଟରେ ଖେଳି ନଥିଲେ, ଯେଉଁ ନିଷ୍ପତ୍ତି ସେ ଫର୍ମରେ ନ ଥିବା କାରଣରୁ ନେଇଥିଲେ। ସେ ଷ୍ଟାର ସ୍ପୋର୍ଟସକୁ ଦେଇଥିବା ଏକ ସାକ୍ଷାତକାରରେ ସ୍ପଷ୍ଟ କରିଥିଲେ ଯେ ଏହା ଅବସର ନୁହେଁ, ବରଂ ଦଳର ଆବଶ୍ୟକତା ଅନୁଯାୟୀ ଏକ ମ୍ୟାଚ ପାଇଁ ଏହି ନିଷ୍ପତ୍ତି। ସେ କହିଥିଲେ, ମୁଁ ଅବସର ନେଇ ନାହିଁ। ମୁଁ ଏହି ମ୍ୟାଚରୁ ବାହାରେ ଅଛି କାରଣ ମୋ ବ୍ୟାଟ୍ ଚାଲୁ ନାହିଁ। ଦଳକୁ ଫର୍ମରେ ଥିବା ଖେଳାଳି ଦରକାର। ମେଲବର୍ନ ଟେଷ୍ଟରେ ଭାରତର ୧୮୪ ରନରେ ପରାଜୟ ପରେ ରୋହିତ ଅବସର ନେବାକୁ ମନସ୍ଥ କରିଥିଲେ। କିନ୍ତୁ ତାଙ୍କର ଘନିଷ୍ଠ ବ୍ୟକ୍ତିମାନଙ୍କ ପରାମର୍ଶରେ ସେ ଏହି ନିଷ୍ପତ୍ତି ସ୍ଥଗିତ ରଖିଥିଲେ। ଏହି ପରିବର୍ତ୍ତନ ଭାରତୀୟ କୋଚ ଗୌତମ ଗମ୍ଭୀରଙ୍କୁ ସନ୍ତୁଷ୍ଟ କରି ନଥିଲା ବୋଲି ରିପୋର୍ଟରେ ଦାବି କରାଯାଇଛି। ୩୭ ବର୍ଷୀୟ ରୋହିତ ୨୦୧୩ରେ ଟେଷ୍ଟ କ୍ରିକେଟରେ ପଦାର୍ପଣ କରିଥିଲେ। ସେ ୫୯ ଟେଷ୍ଟରେ ୪,୧୩୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୧୨ଟି ଶତକ ଓ ୧୭ଟି ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବୋତ୍ତମ ସ୍କୋର ୨୧୨। ଅଧିନାୟକ ଭାବେ ସେ ଭାରତକୁ ୨୦୨୪ ଟି-୨୦ ବିଶ୍ୱକପ ଓ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ବିଜୟୀ କରାଇଛନ୍ତି। ତେବେ, ୨୦୨୪ରେ ତାଙ୍କର ଟେଷ୍ଟ ପ୍ରଦର୍ଶନ ମାତ୍ର ୨୪.୭୬ ହାରାହାରିରେ ୬୧୯ ରନ୍ ଥିଲା। ରୋହିତ ପୂର୍ବରୁ ୨୦୨୪ ଟି-୨୦ ବିଶ୍ୱକପ ପରେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ସେ ଏବେ ଦିନିକିଆ ଫର୍ମାଟରେ ଖେଳିବା ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। ୨୦୨୫ ଚାମ୍ପିୟନ୍ସ ଟ୍ରଫି ବିଜୟ ପରେ ସେ କହିଥିଲେ, "ମୁଁ ଏହି ଫର୍ମାଟରୁ ଅବସର ନେଉ ନାହିଁ।" ତାଙ୍କର ଫୋକସ ଏବେ ଆଗାମୀ ଦିନିକିଆ ବିଶ୍ୱକପ ୨୦୨୭ ଉପରେ ରହିପାରେ। ସେ ଏହି ନିଷ୍ପତ୍ତି ଏପରି ଏକ ସମୟରେ ନେଇଛନ୍ତି ଯେତେବେଳେ ଭାରତୀୟ ଦଳ ଜୁନ୍ ମାସରେ ଆଇପିଏଲ ୨୦୨୫ ପରେ ଏକ ଟେଷ୍ଟ ସିରିଜ୍ ଖେଳିବା ପାଇଁ ଇଂଲଣ୍ଡ ଗସ୍ତ କରିବ।

# ଅପରେସନ 'ସିନ୍ଦୁର'କୁ ନେଇ ଆଇପିଏଲ ମ୍ୟାଚ୍ ସ୍ଥାନାନ୍ତରିତ



ମୁମ୍ବାଇ: ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ର ପଞ୍ଜାବ କିଙ୍ଗସ (ପିବିକେଏସ) ବନାମ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ମ୍ୟାଚ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମ, ଧର୍ମଶାଳାରୁ ସ୍ଥାନାନ୍ତର ହେବାର ସମ୍ଭାବନା ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଧର୍ମଶାଳା ବିମାନବନ୍ଦର ବନ୍ଦ ହେବା ଯୋଗୁଁ ଉଭୟ ଦଳର ଯାତ୍ରା ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିବ। ଭାରତର 'ଅପରେସନ ସିନ୍ଦୁର' ସାମରିକ ଅଭିଯାନ, ଯାହା ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା, ପରେ ଉତ୍ତର-ପଶ୍ଚିମ ଭାରତର ଅନେକ ବିମାନବନ୍ଦରରେ ଉଡ଼ାଣ କାର୍ଯ୍ୟକ୍ଷମତା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରହିଛି। ତେଣୁ, ମେ ୧୧, ରବିବାର ଖେଳାଯିବାକୁ ଥିବା ଆଇପିଏଲ ୨୦୨୫ର ୬୧ ନମ୍ବର ମ୍ୟାଚ ପାଇଁ ଏମଆଇ ଏବଂ ପିବିକେଏସର ଯାତ୍ରା ବ୍ୟବସ୍ଥା ଉପରେ ବ୍ୟାପକ ପ୍ରଭାବ ପଡ଼ିଛି। ରିପୋର୍ଟ ଅନୁଯାୟୀ ଏହି ମ୍ୟାଚର ସ୍ଥାନ ଧର୍ମଶାଳାରୁ ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମକୁ ସ୍ଥାନାନ୍ତର କରିବା ନେଇ ଆଲୋଚନା ଚାଲିଛି। ଏହା ପୂର୍ବରୁ ରିପୋର୍ଟ ଆସିଥିଲ ଯେ ମୁମ୍ବାଇ ଇଣ୍ଡିଆନ୍ସ, ମେ ୮ ସୁଦ୍ଧା ଧର୍ମଶାଳାରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା, ସେମାନେ ବିକଳ୍ପ ଯାତ୍ରା ବ୍ୟବସ୍ଥା ଖୋଜୁଛନ୍ତି। ଧର୍ମଶାଳା ଏବଂ ଚଣ୍ଡିଗଡ଼ ବିମାନବନ୍ଦର ବନ୍ଦ ଥିବାରୁ, ଦଳଟି ଦିଲ୍ଲୀକୁ ଉଡ଼ାଣ କରି ରାସ୍ତା ମାର୍ଗରେ ଯାତ୍ରା ସମ୍ପୂର୍ଣ୍ଣ କରିପାରେ, ଯଦିଓ ଏକ ଆଧିକାରିକ ଅପଡେଟର ଅପେକ୍ଷା ରହିଛି। ତେବେ ଅପରେସନ ସିନ୍ଦୁର ପରେ ଆଞ୍ଚଳିକ ଯାତାୟାତ ବାଧା ସତ୍ତ୍ୱେ, ମେ ୮ ତାରିଖରେ ନିର୍ଦ୍ଧାରିତ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗସ ମ୍ୟାଚ ଯୋଜନା ଅନୁସାରେ ଆଗେଇ ଚାଲିବ। କାରଣ ଦିଲ୍ଲୀ ସ୍ଥାନୀୟ ବିମାନବନ୍ଦର ବନ୍ଦ ହେବା ପୂର୍ବରୁ ଧର୍ମଶାଳାରେ ପହଞ୍ଚି ସାରିଥିଲା। ତଥାପି, ଉତ୍ତର-ପଶ୍ଚିମ ଭାରତର ବିମାନବନ୍ଦରଗୁଡ଼ିକ ବନ୍ଦ ରହିଥିବାରୁ, ଦିଲ୍ଲୀ କ୍ୟାପିଟାଲ୍ସ ମେ ୧୧ ତାରିଖରେ ଗୁଜରାଟ ଟାଇଟାନ୍ସ ବିରୁଦ୍ଧରେ ଖେଳିବା ପାଇଁ ଧର୍ମଶାଳାରୁ ନୂଆ ଦିଲ୍ଲୀକୁ ରାସ୍ତା ମାର୍ଗରେ ଯାତ୍ରା କରିବାକୁ ଆଶା କରାଯାଉଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବ୍ୟାପକ ଉତ୍ତେଜନା ସତ୍ତ୍ୱେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ଜଣେ ଶୀର୍ଷ ସୂତ୍ର ଇଣ୍ଡିଆ ଟୁଡେକୁ ନିଶ୍ଚିତ କରିଛି ଯେ ଆଇପିଏଲ ୨୦୨୫ ନିର୍ଦ୍ଧାରିତ ସୂଚୀ ଅନୁସାରେ ଚାଲିବ।


Government of Jharkhand
**Department of Information Technology and e-Governance**
3rd Floor, Jharkhand Mantralaya, Dhurwa, Ranchi-834004

Bids are invited from CERT-IN empaneled auditor for audit of ASA & AUA/KUA (DoIT & e-Gov., Govt. of Jharkhand) for year 2024-25. The bid document can be downloaded from Govt. of Jharkhand's e-procurement website- "**www.jharkhandtenders.gov.in**". The bidder may submit their proposals latest by **14.05.2025 at 03:00 PM** though the online e-tendering portal.

For further queries please contact on Email – uidcellpmu-doit@jharkhandmail.gov.in

The details of the tender are as follows:

**Important Information**

| Sl. No. | Description | Detailed Information |
|---|---|---|
| 1 | Name of project | RFP for Audit of ASA, AUA/KUA & Other Departments |
| 2 | Tender Reference Number | ASA_AUA/KUAAudit-06/2024-25 |
| 3 | Date of release of bidding document on Jharkhand e-Tender Portal | 08.05.2025 at 10:00 AM onwards |
| 4 | Bid submission start date | 08.05.2025 at 04:00 PM onwards |
| 5 | Last date and time for bid document can be download from Jharkhand e-Tender portal | 14.05.2025 at 12:00 PM |
| 6 | Last date and time for bid submission on e-Tender portal | 14.05.2025 at 03:00 PM |
| 7 | Date and time for opening of Technical Bid | 15.05.2025 at 04:30 PM |
| 8 | Date and time for opening of Financial Bid | To be informed later |
| 9 | Address of Opening of Technical Bid | Chamber of Joint Secretary, 3rd Floor, Project Bhawan, Ranchi, Jharkhand. |
| 10 | Bid related queries | Phone No.: +91-651-2970091 Email Id: uidcellpmu-doit@jharkhandmail.gov.in |
| 11 | EMD | Rs. 20,000/- (Rs. Twenty Thousand Only) (EMD is waived off for Government entities, Autonomous bodies, PSUs and MSME registered in Jharkhand) |

Note: -
1.Bids should be submitted online through Govt. of Jharkhand's e-procurement website
2.Bids will be opened online; Bidders may view the details through their terminal.

PR 351876 Information Technology (25-26)D

Sd/-
Joint Secretary DoIT & e-Gov



Government of Jharkhand
**Urban Development And Housing Department**
**Dhanbad Municipal Corporation, Dhanbad**


**Short e-Procurement Tender Notice No. DMC/08/2025-26**
**Reference No. : DMC/08/2025-26 Date : 07.05.2025**

| क्रम सं0 | Group No. | वार्ड सं0 | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|---|
| 1 | DMC/08/2025-26/01 | 1 | Construction of Drain in badhai kulhi from pankaj singh house to outlet, in lala tola shiv mandir to gandhi harijan school, in teacher colony kailash vishwakarma to chandrashekhar thakur and kailash vishwakrma to kalali fatak and in bauri tola hari mandir to railway line and in shakhatand from uraon house to outlet via transformer in ward 1 under DMC Dhanbad | 8139900.00 | 2 % of BOQ | 10000.00 | 180 Days |
| 2 | DMC/08/2025-26/02 | 2 | Construction Of Drain In Chhatabad 5 No. Anil Das To Vijay Das Via Shankar Das House, Pani Tanki To Hanif House Mainroad Via Sugrim Chouhan, Rajesh Pasi To Pahari, Jitendra Kumar To Banti Chouhan, Seshnath Upadhyay To Roshan Chouhan,Bhagirath Hari To Main Road In Ward 2 under DMC Dhanbad. | 4942000.00 | 2 % of BOQ | 10000.00 | 120 Days |
| 3 | DMC/08/2025-26/03 | 3 | Contruction Of RCC Drain In Katras Bazar Tapan Roy House To Baljit Singh House, Katras Bazar Kapda Patti And Its Connecting Gali and different location in Ward No.03 under DMC Dhanbad. | 4940500.00 | 2 % of BOQ | 10000.00 | 120 Days |
| 4 | DMC/08/2025-26/04 | 3 | Construction of RCC Drain in Katras Than More to Durga Mandir Main Drain in ward no. 3 under DMC, Dhanbad | 7818400.00 | 2 % of BOQ | 10000.00 | 120 Days |
| 5 | DMC/08/2025-26/05 | 4 | Contruction Of RCC Drain In National Angar Pathra Satendra Singh House To Main Nala And Back Side Of Cisf Camp Jageswar House To Narayan Chouwhan House Janki Yadav To Main Nala and sethji shop to Govind house and different location in Ward No.04/05 Under DMC Dhanbad. | 5446200.00 | 2 % of BOQ | 10000.00 | 180 Days |
| 6 | DMC/08/2025-26/06 | 5 | Construction of RCC Drain from Chatabad 5 no. Bishun Dayal Gupta to Ranbir Kumhar, Binod House to Jan Vitran Pranali, Anil Rajak house to Guddu Bhuiya house, Sunil Handi House to Pawan Kumar house, VT Sector Lakrka 6 no. Kailash Mahato house, Sabita Mehata house, Guddu House to Main Nala and Khatal Dhowra Basti and different location in Ward no. 5 under DMC, Dhanbad | 4842600.00 | 2 % of BOQ | 10000.00 | 120 Days |
| 7 | DMC/08/2025-26/07 | 6 | Construction Of RCC Drain and Road In Badrichak Main Road Near Imambara To Main Nala, New Shayam Bazar Pappu To Main Nala, Azij Khan House To Main Nala And Connecting Gali and Other Side in Ward No.06 under DMC Dhanbad. | 7894700.00 | 2 % of BOQ | 10000.00 | 180 Days |
| 8 | DMC/08/2025-26/08 | 7 | Construction of drain at 1. Kankani Hanuman Bazar in Ashok Keshri House to Manoj vaid House, Rakesh Chouhan house to Abdul Kadir House, Lakhbinder Kaur House to Sonu Rajbhar House to Exit Drain and 2. Kankani 12 No. Mukherjee Late Shibu Hadi House, Sanjay Bhuiya House to Manoj Bhuiya house via Sahjad House and Ajay Singh House to Dara Singh House 3. Kankani & No. Harijan Colony Daniya Bhuiya house to Manoj Bhuiya house, Guleshwar house to Rajendra House in ward no. 07 under DMC Dhanbad. | 5151300.00 | 2 % of BOQ | 10000.00 | 150 Days |
| 9 | DMC/08/2025-26/09 | 8 | Construction Of Drain From Kamal Kumar House To Chankya, Ashok Singh House To Sahil House In Garediya Qtr & Vijay Mahato House To Krishna Nishad House In Garediya Basti ,Loyabad Ward No-08 under DMC Dhanbad. | 3686400.00 | 2 % of BOQ | 10000.00 | 120 Days |
| 10 | DMC/08/2025-26/10 | 10 | Construction of Drain in devmuni chowk to nirmal mahto house,in kasiatand ramdev mahto to main drain via ganesh bhuyan, gopal gope to outlet via bhagirath gope,santosh bauri to I G Public school via mahesh pandey and in bhagabandh harendra yadav to main drain in ward 10 under DMC Dhanbad | 4570200.00 | 2 % of BOQ | 10000.00 | 120 Days |
| 11 | DMC/08/2025-26/11 | 11 | Construction of RCC Drain and Road in Ghansadih Kumhar Patti Rajesh House to Ram Rekha house, Anil house to Pankaj house and Anganbadi to main Drain and its connecting gali, Ghansadih main road to Durga Mandir, Pani Tanki Santosh Singh House to Prkash Mahato and 4 no. Basti and main Road to Colliery and different location in ward no. 11 under DMC, Dhanbad | 8832200.00 | 2 % of BOQ | 10000.00 | 180 Days |
| 12 | DMC/08/2025-26/12 | 12 | Construction of Drain in Chhatatand Road NH 18 to Hatia, 1. Ganju Prasad Gupta Shop to Suraj verma House, 2. BCCL Quator to ext. drain, Kendua Bazar Jaiswal Patti, Nikhil Chourasia House to Ext. drain, Shiv Mandir Area, Talab to Ext. drain way to mines, Munna Devi House via Vijay verma house to Ext. drain and Different Locations of Macchli Patti in ward no. 12 under DMC Dhanbad. | 9327400.00 | 2 % of BOQ | 10000.00 | 180 Days |
| 13 | DMC/08/2025-26/13 | 13 | Construction of RCC drain in Godhar Durga Mandir Nagina Chouhan House to Main drain Hemlal House to Main drain, Das Tola Bhiku Das house to Main Drain via Sukhdev Das house, Godhar Basti Near Mada office Bijay Noniya House to Kartik Chouhan House and Godhar Water Board to Main Drain in ward no. 13 under DMC Dhanbad. | 6029600.00 | 2 % of BOQ | 10000.00 | 150 Days |
| 14 | DMC/08/2025-26/14 | 14 | Construction of drain in Karimganj sohail house to adun house to jahangir house to pappu freeze house to mustafa tailor house to rinku house to Imtiyaz auto house to rinku house to alam quraishi to salamat sb noori road house bunty khan house to perwez ayubi house in ward 14 under DMC Dhanbad | 4852200.00 | 2 % of BOQ | 10000.00 | 120 Days |
| 15 | DMC/08/2025-26/15 | 15 | Construction of drain in Bhuli, sector-6, from shri Bhagwan Mishra house to CISF camp main drain,Rustam ansari house to suraj thakur house,Raushan singh house to prince gupta house, Bambam singh house to Rakesh singh house, Shakti singh house to vivek singh house, Bapida house to Nandu paswan house, Chandan kumar house to Banwan colony,Vikash singh house to dilip viswakarma house and aashram to Anand modi house to main drain shivpuri in ward 15 under DMC, Dhanbad | 6662900.00 | 2 % of BOQ | 10000.00 | 150 Days |
| 16 | DMC/08/2025-26/16 | 16 | Construction of drain in bhuli A block balmiki nagar fromakhilesh balmiki house to mantu balikimi house moti balmiki house to prahlad das, mishra ji house ganga house to shivkumar nishad house and banti balmiki house pappu lala house satesh mani house,umesh lala house, dharmendra singh to bikash paniwala house and amit paswan house,dinesh keshari house to amarjeet house, and bhatta pandey house, tenny mandol chandu gas,shankar goswami house and bhuli basti bhola pandit house, dharmendra viswakarma house to binod verma house in ward no.16 under DMC, Dhanbad | 9724400.00 | 2 % of BOQ | 10000.00 | 180 Days |
| 17 | DMC/08/2025-26/17 | 17 | Construction of drain in aman society gate no.1 near bhola market from aftab house to ekbaal house to dr.khurshid house and near bhola market sonu house to sahnawaj marriage hall, gulam house, dolly house to bijay mistry house and from aksa masjid parvej house to pakija to ahmad tikdaar house rafasat house to dr.abid house and behind mama cement shop to ali bhai house zakir cement shopsagir bccl to firoj hussain house and azad nagar pinku store to ezhaar alam house armann house and bypass road fakhra hussain colony ezazul haque house to mahtab khan house tabrej house dilshad house to kasim tv house in ward no.17 under DMC, Dhanbad | 9938100.00 | 2 % of BOQ | 10000.00 | 180 Days |
| 18 | DMC/08/2025-26/18 | 18 | Construction Of Drain In Panderpalla (1)Munesh Kr House To Jhagru Ram House, Baleswar Mahto House To Jitan Saw House To Jairam Mahto House (2) In Millatganj Shamshad House To Main Drain Via Halim House (3) Panderpalla From Patel Chowk To Rajendra Mahto House Via Samudayik Bhawan (4) Near Kali Mandir Adil Rai House To Bhuttu Talab Via Nagina Sharma House In Ward No.18 under DMC,Dhanbad | 4984500.00 | 2 % of BOQ | 10000.00 | 120 Days |
| 19 | DMC/08/2025-26/19 | 19 | Construction of Drain in Naya Bazar Bhatta Mohalla from Gaffar Machliwalla House (Pappu) to Culvert, Nasir Qurashi House in ward no. 19 Under DMC, Dhanbad | 3850900.00 | 2 % of BOQ | 10000.00 | 120 Days |
| 20 | DMC/08/2025-26/20 | 20 | Construction of Drain (1) Jay praksh nagar gali no.10 Sitaram singh to A.k. jha, Arvind Kr Singh house to Pramod Kr singh house via Ram babu singh house (2) Sonu house to R.M Pvt i.t.i (3) In vivekanand colony main drain to rajan house via rai ji (4) Babudih vivah bhawan jagnarayan singh to sashi pandey via birendar kumar (5) main road to sanjay singh house (6) Dipansu swati store to gopal bhagat, via tarkeshwar prasad, vaishnavi paswan, rajeet yadav, ravindra tiwari, laxman yadav new bishapur (7) Mantu da house to main drain Gali no. 8, Gali no. 2 & Gali no. 6 in ward no. 20 under DMC Dhanbad | 12000100.00 | 2 % of BOQ | 10000.00 | 210Days |
| 21 | DMC/08/2025-26/21 | 20 | Construction of RCC Drain in Aashiyana Appartment to Sudarsan Singh House, Virendra House to D.N. Pathak House Near Baramuri Khatal in ward no. 20, Under DMC Dhanbad | 7642500.00 | 2 % of BOQ | 10000.00 | 180 Days |
| 22 | DMC/08/2025-26/22 | 21 | Construction of Drain (1) Dhaiya Behind Lalita Marraige Hall to Santosh singh house via R.n singh (2) Thakurkulhi Jhanda Chok to Kamla Maidam hosue (3) Baramuri Near Kali mandir Jaydev Market to Randher Singh house (4) Dhaiya Patliputra sheel Appartment to Main Road Chanchani colony More (5) Dr.P. B. lal house to Dhaiya Middle School (6) Baramuri, Siddharth iti to main drain, Siddharth boy hostel to main drain, Budha mandir to 8 lane main road in ward no. 21 under DMC Dhanbad. | 12590100.00 | 2 % of BOQ | 10000.00 | 210 Days |
| 23 | DMC/08/2025-26/23 | 22 | Construction of RCC Drain in (a) Susanilewa Hadi Basti from Raghu saw house to main drain via new DC office boundary (b) susanilewa Gali no 1,2,3,& gali no.4 (c) new karmik nagar pull & Sonu Gupta gali bhelatand Sunil singh house to Rajiv Sinha house in ward no.22 under DMC Dhanbad. | 9874400.00 | 2 % of BOQ | 10000.00 | 180 Days |
| 24 | DMC/08/2025-26/24 | 23 | Construction Of RCC Drain In Chankya Nagar Colony,Sabalpur Brindavan, Krishna Nagar Colony, Kunj Vihar Colony and Kolakusma VIP Colony in Ward No.23 under DMC Dhanbad | 10197200.00 | 2 % of BOQ | 10000.00 | 210 Days |
| 25 | DMC/08/2025-26/25 | 23 | Construction of RCC Drain in (a) kolakusma Hanuman Nagar main road towards Ambika Appartment,kodadih Kali mandir to main drain via bharti bhawan, Debu mandal & yadav jee House ,in Lipidih basti and( b) in Vip colony gali no.5 and Rajani nagar towards bibhuti jee house in Ward no 23 under DMC Dhanbad. | 9915700.00 | 2 % of BOQ | 10000.00 | 180 Days |
| 26 | DMC/08/2025-26/26 | 24 | Construction of Drain in a) Ram nagar colony from Amarnath kr.house to Mira niketan and Burnwal house to main drain.b) new colony Dev ganga appartment to main drain c) vikash nagar near hanuman mandir Munna urao house to Gupta Jee house and link gali road kochha kulhi and nutandih Rai tola in ward no 24 under DMC Dhanbad | 4186100.00 | 2 % of BOQ | 10000.00 | 120 Days |
| 27 | DMC/08/2025-26/27 | 25 | Construction of Drain (1) Indra Nagar madan tiwari to sudarsan prasad, suman singh to sanjeet ram house (2) gwala khatal preet vihar sandeep kumar house to girdhari ji jamin (3) Rajak basti bccl main drain via diwakar das house to amresh house, mohit kumar house to kalo saw house (4)Adarsh nagar nanhe singh house to sito yadav house, Dr priyadarshi gupta house (5) Bauri pada, police line mahesh das house, pancham sharma house via kanchan bauri house to randhwa bauri house (6) Devi pada, ajay sinha house, shiv shakti kirana store (7) BJP office opposite side jc mallick road hirapur ajay sahay hose, (8) Kailash nagar, law collage more in ward no. 25 under DMC Dhanbad. | 12864500.00 | 2 % of BOQ | 10000.00 | 210 Days |
| 28 | DMC/08/2025-26/28 | 26 | Construction of Drain (1) Law collage gate to new main drain (2) Trimurti mandir to bada nala in ward no. 26 under DMC Dhanbad. | 5939000.00 | 2 % of BOQ | 10000.00 | 150 Days |
| 29 | DMC/08/2025-26/29 | 28 | Construction of RCC drain in Housing Colony from ISM boundary wall to Assian Jalan hospital via Sanjay Gupta, Arun Singh & Dr. Nityanad House in ward no.28 under DMC Dhanbad. | 22507800.00 | 2 % of BOQ | 10000.00 | 210 Days |
| 30 | DMC/08/2025-26/30 | 28 | Construction of RCC Drain in (a) Ram nagar Colony, zila parishad colony, officer's colony and kasturba Nagar near RK choudhary house (b) Repairing of drain and slab near Rajendra sarovar main road in ward no 28 under DMC Dhanbad. | 3143900.00 | 2 % of BOQ | 10000.00 | 120 Days |
| 31 | DMC/08/2025-26/31 | 29 | Construction of RCC drain near barmasiya talab from sudhir kr.house to main drain via talab & shiv mandir in ward no.29 under DMC Dhanbad | 14852800.00 | 2 % of BOQ | 10000.00 | 210 Days |

Date of Publication of Tender on website :- **13.05.2025 At 03.00 PM**
Online Last Date / Time for receiving of bids :- **27.05.2025 (Online) till 03:00 PM**
Date of Bid Opening :- From **28.05.2025 at 03:00 PM** (Online)
**NOTE:-** (i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

**S/d-**
**Executive Engineer,**
**Dhanbad Municipal Corporation, Dhanbad**

PR 351909 (Urban Development and Housing)25-26*D



ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଗୋଲାପ ଜଳ ଏକ ଉପଯୋଗୀ ଜିନିଷ। ବଜାରରେ ମଧ ଏହା ସହଜରେ ଉପଲବ୍ଧ ହୋଇଥାଏ। ଗୋଲାପ ପାଖୁଡ଼ାରୁ ପ୍ରସ୍ତୁତ ଏହି ପାଣି ଶରୀର ପାଇଁ ଉପକାରୀ। ଘର ଅଗଣାରେ ହେଉ ଅବା ଫୁଲଦାନିରେ ଶୋଭା ପାଉଥିବା ଗୋଲାପ ଘରର ସୌନ୍ଦର୍ଯ୍ୟକୁ ଯେପରି ବୃଦ୍ଧି କରାଏ ଗୋଲାପ ଜଳ ସେହିପରି ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ। ଏପରିକି ଏହି ଗୋଲାପ ଫୁଲରୁ ରୋଜ ଅଏଲ୍ ପ୍ରସ୍ତୁତ କରାଯାଇ ପରଫ୍ୟୁମ୍‌ରେ ବ୍ୟବହାର କରାଯାଏ। ଗୋଲାପ ଫୁଲରୁ ମଧ ଖାଦ୍ୟ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀ ରୂପେ ବ୍ୟବହାର କରାଯାଏ। ଗୋଲାପ ଜଳ ମୁହଁ, କେଶ ଓ ଶରୀର ପାଇଁ ଏକ ବରଦାନ ସଦୃଶ। ଏହି ଗୋଲାପ ଜଳକୁ ବ୍ୟବହାର କରି ଆପଣ ନିଜର ଆଖି, କେଶ ଓ ଚର୍ମର ଯତ୍ନ ନେଇପାରିବେ। ସତେଜତା ଅନୁଭବ କରିବା ପାଇଁ ଏବଂ ଏକ ସୁନ୍ଦର ସୁଗନ୍ଧ ପାଇବା ପାଇଁ ଗାଧୋଇବା ପାଣିରେ ୫-୬ ବୁନ୍ଦା ଗୋଲାପ ଜଳ ମିଶାନ୍ତୁ। ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ ତ୍ୱଚାରେ ମଧ ଚମକ ଆସିବ। ତ୍ୱଚା କୁଣ୍ଡାଇ ହେଉଥିଲେ ବା ଲାଲ୍ ଲାଲ୍ ଫଳି ଯାଉଥିଲେ ଗୋଲାପ ଜଳ ଲଗାଇଲେ କିଛି ସମୟ ପାଇଁ ଉପଶମ ମିଳିଥାଏ। ମୁହଁରେ ବ୍ରଣ ହେଉଥିଲେ ଗୋଲାପ ଜଳରେ ମୁହଁ ପୋଛନ୍ତୁ। କେବଳ ଚର୍ମ ପାଇଁ ନୁହେଁ କେଶରେ ମଧ ଗୋଲାପ ଜଳ ବ୍ୟବହାର କରିପାରିବେ। ମୁଣ୍ଡରେ ରୁପି ହେଉଥିଲେ ଗୋଲାପ ଜଳରେ ଗ୍ଲିସେରିନ୍ ବା ମୁଲତାନି ମାଟି ମିଶାଇ ମୁଣ୍ଡରେ ଲଗାନ୍ତୁ ଉପଶମ ମିଳିବ।



ମୋହିନୀ ଏକାଦଶୀରେ କରନ୍ତୁ ଏହି କାମ

## ସନ୍ତୁଷ୍ଟ ହେବେ ଶ୍ରୀହରି

ବୈଶାଖ ମାସ ଶୁକ୍ଳ ପକ୍ଷ ଏକାଦଶୀକୁ ମୋହିନୀ ଏକାଦଶୀ କୁହାଯାଏ। ଏହିଦିନ ବ୍ରତ ଧାରଣ କଲେ ଏକ ହଜାର ଗୋଦାନର ପୁଣ୍ୟ ପ୍ରାପ୍ତି ହୋଇଥାଏ। ମନୁଷ୍ୟର ସମସ୍ତ ପାପ ଦୂର ହୋଇଥାଏ। ବ୍ରତ ପ୍ରଭାବରୁ ମନୁଷ୍ୟକୁ ମୋହ ଜାଲରୁ ମୁକ୍ତି ମିଳିଥାଏ। ମୋହିନୀ ଏକାଦଶୀ ତିଥିରେ ପ୍ରତ୍ୟୁଷରୁ ସ୍ନାନ କରି ଭଗବାନ ବିଷ୍ଣୁ ଏବଂ ଶ୍ରୀରାମଙ୍କ ପୂଜା କରିବା ସହ ବ୍ରତ ଧାରଣ କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ। ସମୁଦ୍ର ମନ୍ଥନରୁ ବାହାରିଥିବା ଅମୃତକୁ ବାଣ୍ଟିବା ପାଇଁ ଭଗବାନ ବିଷ୍ଣୁ ମୋହିନୀ ଅବତାର ନେଇଥିଲେ। ଦେବତା ଓ ରାକ୍ଷସଙ୍କ ମଧ୍ୟରେ ଅମୃତ ବିତରଣ ହେବାର ଥାଏ। ମାତ୍ର ମୋହିନୀ ଅବତାରରେ ଶ୍ରୀହରି ଛଳରେ ଦେବତାଙ୍କୁ ଅମୃତ ଓ ରାକ୍ଷସମାନଙ୍କୁ ଅନ୍ୟ ଦ୍ରବ୍ୟ ପିଇବାକୁ ଦେଇଥିଲେ। ଶ୍ରୀହରି ମୋହିନୀ ରୂପରେ ଖୁବ୍ ଆକର୍ଷଣ ଥିଲେ। ସେ ଏହି ରୂପ ଲୋକକଲ୍ୟାଣ ପାଇଁ ନେଇଥିଲେ। ଏଥିରେ ସେ ଜଣେ ସୁନ୍ଦର ଯୁବା ସ୍ତ୍ରୀ ରୂପରେ ଉଭା ହୋଇଥିଲେ। ଅଗ୍ନି ପୁରାଣର ୩.୧୨ରେ ବର୍ଣ୍ଣିତ ଅଛି ଯେ, ଅମୃତ ବିତରଣ ପାଇଁ ଶ୍ରୀହରି ମୋହିନୀରୂପ ଧାରଣ କରିଥିଲେ। ଏହି ସମୟରେ ଭଗବାନ ଶିବ ମୋହିନୀ ରୂପ ଦେଖି ଆକର୍ଷିତ ହୋଇଉଠିଥିଲେ। ସେହି ସ୍ଥାନ ଗଙ୍ଗୋତ୍ରି ଅଟେ। ସେଠାରେ ତାଙ୍କ ବୀଜ ପତନ ଘଟିଥିଲା। ଏହା ଅମୂଲ୍ୟ ପାରଦ ଅଟେ। ଗଙ୍ଗା ଜଳର ପ୍ରତି ବିନ୍ଦୁରେ ଏହା ରହିଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ଏହି ପାରଦ ସମ୍ପୂର୍ଣ୍ଣ ଜଗତର ଆଧାର ଅଟେ। କାରଣ ଏହି ସଂସାରର ଆଦି ଶକ୍ତି ରଜ ଅର୍ଥାତ୍ ଗନ୍ଧକ ଅଟେ ଓ ଶିବଙ୍କ ବୀଜ ଅର୍ଥାତ ପାରଦରେ ଏହା ପ୍ରସ୍ତୁତ। ଏହି ଦିନ ସତ୍‌କର୍ମ ଏବଂ ଦାନଧର୍ମ ଆଦି ପୁଣ୍ୟ କାର୍ଯ୍ୟ କରିବା ଉଚିତ୍।

## ୧୭ ପରେ ଏକାଠି ନଜର ଆସିବେ ଅକ୍ଷୟ-ସୈଫ୍





ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଏକାଠି ନଜର ଆସିବେ ବଲିଉଡର ଦୁଇ ଲୋକପ୍ରିୟ ଅଭିନେତା। ଦୁହିଁଙ୍କୁ ଦେଖିବାକୁ ନେଇ ମଧ ଫ୍ୟାନ୍ସ ଉତ୍ସାହିତ। ବଲିଉଡ୍‌ର ଦୁଇ ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ୧୭ ବର୍ଷର ପରେ ପୁଣି ଥରେ ବଡ଼ ପରଦାରେ ଦେଖିବାକୁ ମିଳିବେ। ପ୍ରସିଦ୍ଧ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମର ସୁଟିଂ ଆସନ୍ତା ଅଗଷ୍ଟରୁ ଆରମ୍ଭ ହେବ। ୨୦୨୬ରେ ଏହି ଫିଲ୍ମକୁ ରିଲିଜ୍ କରାଯିବା ନେଇ ସୂଚନା ରହିଛି। ରିପୋର୍ଟ ଅନୁଯାୟୀ ୨୦୦୮ରେ ରିଲିଜ୍ ହୋଇଥିବା 'ଟଶନ' ଫିଲ୍ମରେ ଶେଷଥର ପାଇଁ ଉଭୟ ଅକ୍ଷୟ ଏବଂ ସୈଫ୍ ଏକାଠି ନଜରକୁ ଆସିଥିଲେ। ୨୦୧୬ରେ ରିଲିଜ୍? ହୋଇଥିବା ଅଭିନେତା ମୋହନଲାଲଙ୍କ ସୁପରହିଟ ମାଲୟାଲମ ଫିଲ୍ମ 'ଓପ୍ପମ'ର ହିନ୍ଦୀ ରିମେକ୍‌ରେ ଉଭୟ ଅକ୍ଷୟ ଏବଂ ସୈଫ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ। ଏହି ଫିଲ୍ମରେ ଅକ୍ଷୟ ଖଳନାୟକ ଭୂମିକାରେ ଏବଂ ସୈଫ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏହା ସସ୍‌ପେନ୍ସ ଥ୍ରୀଲର ଫିଲ୍ମ ହୋଇଥିବା ବେଳେ ଏଥିରେ ସୈଫ୍ ଏବଂ ଅକ୍ଷୟଙ୍କ ମଧ୍ୟରେ ଜବରଦସ୍ତ କେମେଷ୍ଟ୍ରି ଦେଖିବାକୁ ମିଳିବ ବୋଲି କୁହାଯାଇଛି। ଏହି ଫିଲ୍ମକୁ ନେଇ ଫ୍ୟାନ୍ସ ବି ଉତ୍ସାହିତ ଅଛନ୍ତି। ତେବେ ଆଶା କରାଯାଉଛି କି ଫିଲ୍ମଟି ଆସନ୍ତାବର୍ଷ ପରଦାକୁ ଆସିପାରେ।

## ସୁଗାରକୁ କଣ୍ଟ୍ରୋଲ୍‌ରେ ରଖିଥାଏ ମେଥିଦାନା



ମେଥି ଦାନାରେ ଫାଇବର ଏବଂ ଅନ୍ୟାନ୍ୟ ରସାୟନ ରହିଥାଏ। ଯାହା ଶରୀରରକୁ ଅନେକ ପ୍ରକାର ଫାଇଦା ଦେଇଥାଏ। ଏହା ସୁଗାରକୁ କଣ୍ଟ୍ରୋଲରେ ରଖିଥାଏ। ଏହା ବ୍ୟତୀତ ମେଥି ଇନସୁଲିନର ପରିମାଣ ମଧ ବଢାଇବାରେ ସାହାଯ୍ୟ କରିଥାଏ। ଯଦି ଆପଣ ବ୍ଲଡ୍ ସୁଗାର କଣ୍ଟ୍ରୋଲ୍ କରିବାକୁ ଚାହାଁନ୍ତି, ତେବେ ଆପଣ ଡାଏଟ୍‌ରେ ମେଥିଦାନା ଅନ୍ତର୍ଭୁକ୍ତ କରନ୍ତୁ। ମେଥି ଦାନା ଇନସୁଲିନର ପରିମାଣ ବଢାଇବାରେ ସାହାଯ୍ୟ କରେ। ମେଥିକୁ ରୋଷେଇରେ ପ୍ରାୟତଃ ବ୍ୟବହୃତ ହୁଏ। ଔଷଧୀୟ ଗୁଣରେ ଭରପୂର ଏହି ମସଲା ଔଷଧରେ ମଧ ବ୍ୟବହୃତ ହୁଏ। ଆଜିର ଯୁଗରେ ଖରାପ ଖାଦ୍ୟ ଏବଂ ଜୀବନଶୈଳୀ ହେତୁ ଲୋକମାନେ ଅନେକ ରୋଗରେ ଆକ୍ରାନ୍ତ ହୁଅନ୍ତି । ତେଣୁ ମଧୁମେହ ରୋଗୀଙ୍କ ପାଇଁ ମେଥି ଅତ୍ୟନ୍ତ ପ୍ରଭାବଶାଳୀ। ଏଥିରେ ଥିବା ପୋଷକ ତତ୍ତ୍ୱ ମଧୁମେହକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

## 'ଅପରେସନ ସିନ୍ଦୁର'କୁ ବଲିଉଡ୍‌ର ସମର୍ଥନ





"ମିଳିଲା ନ୍ୟାୟ, ସମସ୍ତଙ୍କ ମୁହଁରେ ଜୟ ହିନ୍ଦ୍"। ପହଲଗାମ୍ ଆକତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଲା ଭାରତ। ଭାରତୀୟ ସେନା ପକ୍ଷରୁ ଆରମ୍ଭ ହେଲା 'ଅପରେସନ ସିନ୍ଦୁର'। ମଧ୍ୟରାତ୍ରୀରେ ବଡ଼ଧରଣର ଏୟାର ଷ୍ଟ୍ରାଇକ୍ କରିଛି ଭାରତ। ପାକିସ୍ତାନରେ ୪ ଓ ପିଓକେରେ ୫ଟି ଆତଙ୍କବାଦୀ ଶିବିର ଉପରେ ଏୟାର ଷ୍ଟ୍ରାଇକ। ବହାବାଲପୁର, କୋଟଲି, ମୁରିଦକେ ଓ ମୁଜାଫରାବାଦର ୯ ଟି ଆତଙ୍କବାଦୀ ଆଡ୍ଡା ଉପରେ ଭାରତର ବଡ଼ ଧରଣର ଏୟାର ଷ୍ଟ୍ରାଇକ କରାଯାଇଛି। ମିସାଇଲ ମାଡ଼ରେ ଧ୍ୱଂସ ହୋଇଛି ଟେରର କ୍ୟାମ୍ପ। ଦେଶବାସୀ 'ଅପରେସନ ସିନ୍ଦୁର'କୁ ସମର୍ଥନ କରିଛନ୍ତି। ଭାରତୀୟ ସେନାର ସାହସିକତାକୁ ସଲାମ କରିଛନ୍ତି। ସେନା ଦ୍ୱାରା କରାଯାଇଥିବା ଏୟାରଷ୍ଟ୍ରାଇକ୍‌ର ସଫଳତାରେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପର ତାରକାମାନେ ମଧ ଖୁସି ପ୍ରକାଶ କରିଛନ୍ତି। ସମସ୍ତେ ଜୟ ହିନ୍ଦ ସ୍ଲୋଗାନ ଦେଇ ଭାରତୀୟ ସେନାକୁ ସଲାମ କରିଥିଲେ। ଆସନ୍ତୁ ଜାଣିବା ସେଲିବ୍ରିଟିମାନେ କ'ଣ କହିଛନ୍ତି...

ବଲିଉଡ ଅଭିନେତା ରିତେଶ ଦେଶମୁଖ 'ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି- ଜୟ ହିନ୍ଦ କି ସେନା... ଭାରତ ମାତା କି ଜୟ। ସେହିପରି ଚଳଚ୍ଚିତ୍ର ନିର୍ମାତା ମଧୁର ଭଣ୍ଡାରକରଙ୍କ ପ୍ରତିକ୍ରିୟା ମଧ ସାମ୍ନାକୁ ଆସିଛି। ସେ ଲେଖିଛନ୍ତି- ଆମର ପ୍ରାର୍ଥନା ସେନା ସହିତ ଅଛି। ଗୋଟିଏ ରାଷ୍ଟ୍ର, ଆମେ ଏକାଠି ଛିଡ଼ା ହୋଇଛୁ। ଜୟ ହିନ୍ଦ୍ ବନ୍ଦେ ମାତରମ୍। ଅଭିନେତ୍ରୀ ନିମରତ କୌର ଇନଷ୍ଟାରେ ଅପରେସନ ସିନ୍ଦୁର ଉପରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି- ଆମେ ଆମ ସେନା ସହିତ ଅଛୁ। ଆମ ଦେଶ, ଗୋଟିଏ ମିଶନ, ଜୟ ହିନ୍ଦ। ପରେଶ ରାୱଲ, ଅନୁପମ ଖେର, ବିନୀତ କୁମାର ସିଂହ ଏବଂ ରାହୁଲ ବୈଦ୍ୟଙ୍କ ପ୍ରତିକ୍ରିୟା ମଧ ସାମ୍ନାକୁ ଆସିଛି। ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ। ସୂଚନାଯୋଗ୍ୟ ୨୨ ଏପ୍ରିଲରେ ଜମ୍ମୁ-କାଶ୍ମୀରର ପହଲଗାମ୍‌ରେ ଏକ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ପ୍ରାୟ ୨୬ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଆତଙ୍କବାଦୀମାନେ ବୈସାରଣ ଘାଟିକୁ ଟାର୍ଗେଟ କରିଥିଲେ। ଏହି ଆକ୍ରମଣ ଯୋଗୁଁ ସାରା ଦେଶରେ କ୍ରୋଧ ପ୍ରକାଶ ପାଇଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ୧୫ ଦିନ ପରେ, ଭାରତ ଅପରେସନ ସିନ୍ଦୁର ଆରମ୍ଭ କରି ପାକିସ୍ତାନକୁ ଉଚିତ ଜବାବ ଦେଇଛି।

## ବାଦାମ ତେଲର ଉପକାରିତା





ଆପଣ ଜାଣନ୍ତି କି ବାଦାମ ତେଲ କେବଳ କେଶ ପାଇଁ ନୁହେଁ ବରଂ ଆପଣଙ୍କ ଚେହେରା ପାଇଁ ମଧ ବହୁତ ଲାଭଦାୟକ। ଆପଣ ନିଜ ସ୍କିନ୍ କେୟାରରେ ବାଦାମ ତେଲ ସାମିଲ କରି ଚମକଦାର ଏବଂ ହେଲ୍‌ଦି ତ୍ୱଚା ପାଇପାରିବେ। ମୁହଁରୁ ଦାଗ ଦୂର କରିବା ପାଇଁ ନିୟମିତ ବାଦାମ ତେଲ ଲଗାନ୍ତୁ। ଏହାକୁ କିଛିଦିନ ବ୍ୟବହାର କଲେ ପୁରୁଣାରୁ ଅତି ପୁରୁଣା ଦାଗ ବି ଲିଭିଯିବ। ବାଦାମ ତେଲ ବ୍ୟବହାର ଦ୍ୱାରା ତ୍ୱଚାର ଅନେକ ସମସ୍ୟାକୁ ଦୂର କରାଯାଇ ପାରିବ। କାରଣ, ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ଭିଟାମିନ୍ ଇ ଭରି ରହିଛି, ଯାହାକି କେବଳ ତ୍ୱଚାରେ ଗ୍ଲୋ ଆଣି ନଥାଏ ବରଂ ରୁକ୍ଷ ତ୍ୱଚା, ଆଲର୍ଜି ଓ ରାସେଜ୍ ଭଳି ସମସ୍ୟାକୁ ଦୂର କରିବାରେ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ବାଦାମ ତେଲ ଆପଣଙ୍କ ଚେହେରାକୁ ଦାଗ ଏବଂ ବ୍ରଣ ମୁକ୍ତ କରିଥାଏ ଏବଂ ଆପଣଙ୍କ ଚେହେରାକୁ ପ୍ରାକୃତିକ ଭାବରେ ସୁନ୍ଦର ଏବଂ ଚମକଦାର ରଖିବାରେ ସାହାଯ୍ୟ କରିଥାଏ । ବାଦାମ ତେଲ ଆପଣଙ୍କ ଆଖି ତଳେ ଥିବା ଡ଼ାର୍କ ସର୍କଲ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ତ୍ୱଚାକୁ ସତେଜ ରଖିଥାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ନବରଙ୍ଗପୁର(ଭାସ୍କର ନ୍ୟୁଜ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନାଲସା ଟୋଲ ଫ୍ରୀ ହେଲ୍ପଲାଇନ ନଂ-୧୫୧୦୦ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଇଥିବା ଅନ୍ୟାନ୍ୟ ସାହାଯ୍ୟ ଓ ନାଲସା ୱେବ ପୋର୍ଟାଲରେ ଅନଲାଇନରେ ଆଇନଗତ ସାହାଯ୍ୟ ପାଇବା ପାଇଁ ଆବେଦନ ଓ ଅନ୍ଧ ବିଶ୍ୱାସ ଯଥା ଗୁଣୀ ଗାରେଡି, ଛୋଟ ପିଲାମାନଙ୍କୁ ଦିଆଯାଉଥିବା ଚେଙ୍କ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧି କରଣର, ସଚିବ ସାଇ ଅଭୀପ୍ସା ଗୋଛାୟତ, ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଠାରେ ଅନ୍ୟାନ୍ୟ ଅତିଥି ଭାବେ ଜିତେନ୍ଦ୍ର କୁମାର ସାମଲ ଉପଗୋଷ୍ଠି ଉନୟନ ଅଧିକାରୀ, ଉମରକୋଟ ଡଃ ଆୟୁସୀ ମଣ୍ଡଳ ରିପ୍ରେଜେନଟ୍ରିଭ ଓଫ ସିଡ଼ିଏମଓ, ନବରଙ୍ଗପୁର, ସୁରେଶ କୁମାର ପଟ୍ଟନାୟକ, ଡ଼ିସପିଓ, ନବରଙ୍ଗପୁର, ମନୋରମା ମାଝି, ଶୋସିଆଲ ଆକ୍ଟିଭିଷ୍ଟ, ନବରଙ୍ଗପୁର, ଶୁଭେନ୍ଦୁ କୁମାର ଶବର ଉପ ଭାରପ୍ରାପ୍ତ ଅଧିକ୍ଷକ, ଉମରକୋଟ ପ୍ରମୁଖ ଯୋଗ ଦେଇ ଲୋକଙ୍କ ପାଇଁ ଥିବା ବିଭିନ୍ନ ଆଇନ ବିଷୟରେ ସଚେତନ କରାଇଥିଲେ । ଏହି ସଚେତନତା ଶିବିରରେ ଭାବେ ଜିତେନ୍ଦ୍ର କୁମାର ସାମଲ ଉପ ଗୋଷ୍ଠି ଉନୟନ ଅଧିକାରୀ, ଉମରକୋଟ, ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପରିଚାଳନା କରାଯାଇଥିଲା ।



**୨ ଲାଇସେନ୍ସପ୍ରାପ୍ତ ମଦ ଭାଟିରେ ଭଙ୍ଗାରୁଜା ପରେ ଧମକଚମକ**

# ଅତିରିକ୍ତ ଏସ୍‌ପିଙ୍କୁ ଭେଟି ନ୍ୟାୟ ପ୍ରଦାନ ଦାବି

ଛତ୍ରପୁର,(ଭାସ୍କର ନ୍ୟୁଜ): ଗଂଜାମ ଜିଲାର ୨ଟି ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟିରେ ପଶି ଭଙ୍ଗାରୁଜା ହୋଇଥିଲା । ତେବେ ଏନେଇ ଥାନାରେ ଏତଲା ହେବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏବେ ଉକ୍ତ କେରାଣ୍ଡିତୋଳା ଓ ରଘୁନାଥପୁର ଏବଂ କରପଡା ୨ ଭାଟିରେ କିଛି ଅସାମାଜିକ ବ୍ୟକ୍ତି ପଶି ଲାଇସେନ୍ସଧାରୀ ଓ ଅନ୍ୟ ଷ୍ଟାଫଙ୍କୁ ମାରିବା ପାଇଁ ଧମକ ଚମକ ଦେବା ଘଟଣା ପଦାକୁ ଆସିଛି । ଥାନାରୁ କୌଣସି ନ୍ୟାୟ ନମିଳିବା ଏବଂ ମଦଭାଟି ଓ ନିଜେ ଅସୁରକ୍ଷିତ ମନେକରି ଉକ୍ତ ୨ ଲାଇସେନ୍ସପ୍ରାପ୍ତ ଦେଶୀଭାଟି ମାଲିକ ତଥା ଲାଇସେନ୍ସଧାରୀ ଚେନ୍ନୋୟା ରେଡ୍ଡୀ ବୁଧବାର ତାଙ୍କ ଓକିଲ ଦୀପକ ପଟ୍ଟନାୟକ ସହ ଛତ୍ରପୁର ଆସି ଗଂଜାମ ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗଂଜାମ ଏସପି ଆରକେ ପୃଷ୍ଟିଙ୍କୁ ଭେଟିଛନ୍ତି ।



ତାଙ୍କୁ ଏସମ୍ପର୍କରେ ଲିଖିତ ଅଭିଯୋଗ କରିବା ସହ ନ୍ୟାୟ ଦେବା ସହ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ଗତ ୨୦ ତାରିଖରେ ରଘୁନାଥପୁର ସ୍ଥିତ ଲାଇସେନ୍ସଧାରୀ ଜି, ସାବିତ୍ରୀ ରେଡିଙ୍କ ୨ ଦେଶୀ ମଦଭାଟିରେ ପଶି କେତେକ ଅସାମାଜିକ ବ୍ୟକ୍ତି ଭଙ୍ଗାରୁଜା କରିବା ସହ ଏଗୁଡିକୁ ଆମ୍ଭକୁ ଚଳାଇବାକୁ ଦିଅ ବୋଲି ଧମକ ଦେଇଥିଲେ । ଏନେଇ ଲାଇସେନ୍ସଧାରୀ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ । ଏହି ଘଟାଣକୁ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି । ଏହାପରେ ଗତକାଲି କେରାଣ୍ଡିତୋଳାରେ ଥିବା ଦେଶୀଭାଟିର ଲାଇସେନ୍ସଧାରୀ ଚେନ୍ନାୟା ରେଡିଙ୍କ ଘର ପାଖକୁ ଯାଇ ତାଙ୍କୁ ମଧ ଗାଳିଗୁଲଜ କରିବା ସହ ମାରିଦେବାକୁ ଉକ୍ତ ଅସାମାଜିକ ବ୍ୟକ୍ତିମାନେ ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି । ଏହା ପରେ ଚେନ୍ନେୟକ୍ଷ ଛତ୍ରପୁର ଆସି ଏସ୍ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପିଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ଶୁଣିବା ପରେ ଅବକାରୀ ବିଭାଗର ଅଧିକାରୀ ଓ ଚମାଖଣ୍ଡି ଥାନା ପୋଲିକୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଫୋନ୍ ଯୋଗେ ଅତିରିକ୍ତ ଏସପି ନିର୍ଦ୍ଦେଶ ଦେଇଛନ୍ତି । ଭାଟି ଓ ନିଜର ସୁରକ୍ଷା ପାଇଁ ନିବେଦନ କରିଥିବା ଚେନ୍ନୋୟା କହିଛନ୍ତି କ୍ଷ ଗତ ୨୦୦୬ ମଦ ମୃତ୍ୟୁ ମାମଲାରେ ସମ୍ପୃକ୍ତି ଥିବା ବ୍ୟକ୍ତିଙ୍କ ମଧ୍ୟରୁ କିଛି ଏଥିରେ ଲିପ୍ତ ଥିବା ଏବଂ ସେମାନେ ଶାସକ ଦଳର ବୋଲି କହୁଥିବା ନେଇ ଗଣମାଧ୍ୟମକୁ ଜିଲା କଂଗ୍ରେସ ସଭାପତି ତଥା ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି ।

# ଡଃ ନିରୋଜ କୁମାର ପୋଥାଳଙ୍କୁ ଅନ୍ତରାଷ୍ଟ୍ରୀୟ ରକ୍ତକ୍ରାନ୍ତିବୀର ସମ୍ମାନ



ବାରିପଦା(ଭାସ୍କର ନ୍ୟୁଜ): ଉତ୍ତରପ୍ରଦେଶର ସନଭଦ୍ର ଜିଲ୍ଲାର ଦୁଦ୍ଧିଠାରେ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ସହିତ ଅନ୍ତର୍ରାଷ୍ଟ୍ରୀୟ ରକ୍ତକ୍ରାନ୍ତିବୀର ସମ୍ମାନ ସମାରୋହ -୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମାନ ସମାରୋହରେ ଭାରତ ତଥା ଭାରତ ବାହାରୁ ଅନ୍ୟ ଦେଶରୁ ନିୟମିତ ରକ୍ତଦାତାଙ୍କୁ ଚୟନ କରାଯାଇ ଏହି ସମ୍ମାନ ସମାରୋହରେ ଟ୍ରଫି, ମେଡାଲ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ସମ୍ମାନ ସମାରୋହ ରେ ଓଡ଼ିଶା ର ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳଙ୍କୁ ଚୟନ ପୂର୍ବକ ନିମନ୍ତ୍ରଣ କରି ରକ୍ତକ୍ରାନ୍ତିବୀର ସମ୍ମାନ -୨୦୨୫ ରେ ସମ୍ମାନିତ କରାଯାଇଅଛି । ପ୍ରକାଶଥାଉ କି ଡଃ ନିରୋଜ ଆଜିକୁ ୧୭ଥର କ୍ୟାନସର ରୋଗୀଙ୍କ ପାଇଁ ପ୍ଲେଟଲେଟ ପ୍ରଦାନ ସହିତ ସମୁଦାୟ ୧୨୫ଥର ରକ୍ତଦାନ କରି ଥିବାରୁ ତାଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଥିଲା । ଏହି ସମ୍ମାନ ସମାରୋହରେ ଅତିଥି ଭାବରେ ଭୂପେଶ ଚୌବେ, ଶ୍ରବଣ ସିଂହ ଗୋଡ, ରବୀନ୍ଦ୍ର ଜୟସ୍ୱାଲ, ଦୀପକ ସାହୁ, କମଲେଶ ମୋହନ, ବିକାଶ ଆହାରୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଡଃ ନିରୋଜ କୁମାର ପୋଥାଳଙ୍କୁ ଉତ୍କୃଷ୍ଟ ସେବା କାର୍ଯ୍ୟ ଓ ନିୟମିତ ରକ୍ତଦାନ ପାଇଁ ସମ୍ମାନ ପ୍ରଦାନ କରିଥିଲେ । ଡଃ ନିରୋଜ କୁମାର ପୋଥାଳ ଏହି ଆନ୍ତର୍ଜାତିକ ରକ୍ତକ୍ରାନ୍ତିବୀର ସମ୍ମାନ ୨୦୨୫ ପାଇବା ପରେ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି ।

## ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ମା'ଙ୍କ ଏତଲା

ଛତ୍ରପୁର(ଭାସ୍କର ନ୍ୟୁଜ): ଗଂଜାମ ଜିଲା ଚମାଖଣ୍ଡି ଥାନା ଅଧିନ ଆଇଆରଇଏଲ ଛକ ନିକଟ ସେଂଚୁରିଆନ୍ ୟୁନିଭରସିଟି ୟୁନିଭରସିଟିର ଜଣେ ହଷ୍ଟେଲ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ମୃତ ଛାତ୍ରଜଣଙ୍କ ହେଲେ ଛତ୍ରପୁର ବ୍ଲକ ଲକ୍ଷ୍ମୀପୁର ଗାଁର ଡି.ପୁରୁଷୋତ୍ତମ ରେଡ୍ଡୀ । ସେ ଉକ୍ତ ୟୁନିଭର୍ସିଟି ହଷ୍ଟେଲରେ ରହି ଓଡିଶା ସ୍କିଲ ଡେଭଲପମେଂଟର ଟ୍ରେନିଂ ନେଉଥିଲେ । ଏନେଇ ମୋ ପୁଅ ପୁରୁଷୋତମ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ଏବଂ ଏହାର ସମ୍ପୂର୍ଣ୍ଣ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନ ଓ ପୋଲିସ ନିକଟରେ ତାଙ୍କ ମାଆ ଡି.ତାରିଣାମ୍ମା ରେଡ୍ଡି ଦାବି କରଛନ୍ତି । ଏନେଇ ସେ ଚମାଖଣ୍ଡି ଥାନାରେ ଲିଖିତ ଏତଲା ଦେଇଛନ୍ତି । ଏନେଇ ଚମାଖଣ୍ଡି ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି । ବୁଧବାର ମୃତ ଛାତ୍ରଙ୍କ ଶବ ବ୍ୟବଚ୍ଛେଦ ହୋଇଥିଲା । ତାଙ୍କର କହିବାନୁଯାୟୀ ରାତି ରେ ୟୁନିଭରସିଟିରୁ ଏକ ଫୋନ ଆସିଥିଲା ଏବଂ ପୁଅ ପୁରୁଷୋତମ ଅସୁସ୍ଥ ଅଛନ୍ତି ଏବଂ ତାଙ୍କର ଛାତିରେ ଯନ୍ତ୍ରଣା ହେଉଥିବା କହିଥିଲେ । ପରେ ତାଙ୍କୁ ଚିକିତ୍ସା ଲାଗି ଅଟୋ ଯୋଗେ ନେଇ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା ହୋଇଥିଲା । ହସ୍ପିଟାଲକୁ ଆସିବା ପୂର୍ବରୁ ପୁରୁଷୋତ୍ତମଙ୍କ ମୃତ୍ୟୁ ହୋଇସାରିଥିଲା ବୋଲି ଡାକ୍ତର କହିଥିଲେ । ତେବେ ୟୁନିଭରସିଟି କର୍ତ୍ତୁପକ୍ଷଙ୍କ ଏସମ୍ପର୍କରେ କୌଣସି ପ୍ରତିକ୍ରିୟା ମିଳିପାରିନି । କର୍ତ୍ତୁପକ୍ଷ ହସ୍ପିଟାଲରେ ପୁରୁଷୋତ୍ତମଙ୍କ ମୃତଦେହ ଛାଡି ଚାଲିଯାଇଥିଲେ ବୋଲି ତାଙ୍କ ପରିବାରବର୍ଗ କହିଛନ୍ତି ।

## ଗୋପାଳପୁର ପୋର୍ଟ ଓ ଆଇଆରଇଏଲ୍ ନିକଟରେ ଯୁଦ୍ଧ ପାଇଁ ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ

ଛତ୍ରପୁର(ଭାସ୍କର ନ୍ୟୁଜ): ଗୃହ ବିଭାଗର ନିର୍ଦ୍ଦେଶକ୍ରମେ ଆଜି ସାରା ରାଜ୍ୟରେ ଯୁଦ୍ଧକୁ ନେଇ ମକଡ୍ରିଲ ଆୟୋଜିତ ହୋଇଛି । ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ଗୋପାଳପୁରର ବକ୍ସିପଲ୍ଲୀ, ଗୋପାଳପୁର ପୋର୍ଟ ଓ ଆଇଆରଇଏଲ ନିକଟରେ ମଧ ଯୁଦ୍ଧ ପାଇଁ ମକଡ୍ରିଲ ଆୟୋଜିତ ହୋଇଥିଲା । ଗୋପାଳପୁର ପୋର୍ଟ ନିକଟରେ ଆୟୋଜିତ ଯୁଦ୍ଧ ପାଇଁ ମକଡ୍ରିଲରେ ଛତ୍ରପୁର ବିଧାକ କୃଷ୍ଣ ଚନ୍ଦ୍ର ନାୟକ, ଏସଡିପିଓ ଚନ୍ଦନ ଘଡ଼େଇ, ସୁନାପୁର ମେରାଇନ ଥାନା ପୋଲିସ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ, ଛତ୍ରପୁର ବିଡ଼ିଓ ସମ୍ପିତ ସଂଗ୍ରାମଜିତ ସାହୁ, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନଙ୍କ ସହ ଛତ୍ରପୁର ସରସ୍ୱତୀ ବିଦ୍ୟାମନ୍ଦିରର ସ୍କାଉଟ ଓ ଏନସିସି ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଗୋପାଳପୁର ପୋର୍ଟର ଗେଟ ସମ୍ମୁଖରେ ସମସ୍ତେ ଏକତ୍ରିତ ହୋଇଥିଲେ । ଠିକ୍ ଅପରାହ୍ନ ୪ଟାରେ ସାଇରନ ବାଜିବା ପରେ ସମସ୍ତ ଅଧିକାରୀ ଗୋପାଳପୁର ପୋର୍ଟ ନିକଟରେ ଥିବା ଆର୍ଯ୍ୟପଲ୍ଲୀ ଗାଁର ସାହିକୁ ସାହି ବୁଲି ବୁଲି ସ୍ଥାନୀୟ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଯଦି ଯେକୌଣସି ସମୟରେ ଯୁଦ୍ଧ ହୁଏ ତେବେ ଘର ବାହାରେ ଥିଲେ ଘରକୁ ଚାଲିଯିବା ସହ ଘରର ଲାଇଟ ସବୁ ବନ୍ଦ କରିଦେବେ । ଯଦି ଘରକୁ ଯାଇ ପାରୁନାହାଁନ୍ତି ତେବେ ଠିଆ ହୋଇଥିବା ସ୍ଥାନରେ କାନକୁ ଜାବୁଡ଼ି ଧରି ବସିଯିବେ । ଏହାସହ ବୃଦ୍ଧବୃଦ୍ଧା, ରୋଗୀ, ଗର୍ଭବତୀ, ଶିଶୁଙ୍କୁ କିଭଳି ଯୁଦ୍ଧ ସମୟରେ ସୁରକ୍ଷିତ ସ୍ଥାନକୁ ନେବେ ସେ ନେଇ ମଧ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା ।



## ବିଳମ୍ବିତ ରାତ୍ରରେ ଘରେ କଳା କନା ବୁଲାଇଲେ ଚୋର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଳମ୍ବିତ ରାତ୍ରରେ ଚୋରମାନେ ଘରେ ପଶି ବୁଲାଇଲେ କଳା କନା । ଗୃହକର୍ତ୍ତା ଥାନାରେ କରିଛନ୍ତି ଅଭିଯୋଗ । ଅଭିଯୋଗ ଆଧାରରେ ପୋଲିସ ଜାରି ରଖିଛି ତଦନ୍ତ । ମାତ୍ର ଚୋରର କୌଣସି ସନ୍ଧାନ ମିଳି ନଥିବା ବେଳେ ସାହି ବାସିନ୍ଦା ଆତଙ୍କିତ ହୋଇପଡ଼ିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ବାଘସାହି କଲୋନୀରେ ଗତ ମଙ୍ଗଳବାର ବିଳମ୍ବିତ ରାତ୍ରରେ କୌଣସି ଚୋର ପ୍ରସନ୍ନ କୁମାର ରଥଙ୍କ ଘରର ପଛପଟ ଝରକା କବାଟ ତାଡ଼ି ଘର ଭିତରେ ପଶି ଘର ଭିତରେ ଥିବା ଗଡ୍ରେଜ୍ ଲକର ଭାଙ୍ଗି ୪ଟା ସୁନାମୁଦି, ଗୋଟିଏ ସୁନାଚେନ୍, ଦୁଇହଳ ସୁନା ଚୁଡ଼ି, ଗୋଟିଏ ହାତ ଘଂଟା, ୪୦ ହଜାର ଟଙ୍କା ଲୁଟି ନେଇଥିବା ବୁଧବାର ସକାଳୁ ପ୍ରସନ୍ନ ରଥ ଜାଣିପାରି ଏ ସଂପର୍କରେ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଚୋରଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ । କେତେକ ଠାଉଆ ଚୋର ଓ ବାଂଲାଦେଶୀ ରାଜମିସ୍ତ୍ରୀ କାମ କରିବା ବାହାନା କରି ଘର ଠାବ କରି ଏପରି ଚୋରି କରୁଥିବା ସନ୍ଦେହ କରାଯାଉଛି । ଜଗନ୍ନାଥ ବିହାର କଲୋନୀରୁ ମଧ କିଛିଦିନ ତଳେ ଚୋରୀ ହୋଇଥିଲା । ଆଜିପର୍ଯ୍ୟନ୍ତ ଚୋରର କୌଣସି ସନ୍ଧାନ ମିଳିପାରି ନାହିଁ । ଚୋରଙ୍କ ଆତଙ୍କରେ କଲୋନୀବାସୀ ଆତଙ୍କିତ ହୋଇପଡ଼ିଥିବା ଜଣାପଡ଼ିଛି ।

**ମାଲକାନଗିରି ଜିଲ୍ଲା ତତ୍କାଳୀନ ଜିଲ୍ଲାପାଳଙ୍କ ପିଏ ମୃତ୍ୟୁ ଘଟଣା**

## ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କଲେ ପୂର୍ବତନ ପିଏ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କ ପିଏ ଦେବ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣା ବର୍ତ୍ତମାନ ନୂଆ ମୋଡ ନେବାରେ ଲାଗିଛି। ଘଟଣାକୁ ଇତି ମଧ୍ୟରେ ପ୍ରାୟ ୫ ବର୍ଷ ସମୟ ହୋଇଯାଇଥିବା ବେଳେ ମୃତ ଦେବ ନାରାୟଣଙ୍କ ପରିବାର ଲୋକ ତାଙ୍କୁ ହତ୍ୟା କରାଯାଇଥିବା ନେଇ ବର୍ତ୍ତମାନ ମଧ ଅଭିଯୋଗ କରି ଆସୁଛନ୍ତି। ତେବେ ଏହି ଘଟଣାରେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ଓ ଅନ୍ୟ ତିନିଜଣଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ ମାଲକାନଗିରି ଏସଡିଜେଏମ କୋର୍ଟ। ବାରମ୍ବାର ସମନ ପରେବି କୋର୍ଟରେ ହାଜର ନ ହୋଇ ସମୟ ପରେ ସମୟ ଗଡାଉ ଥିଲେ ମନୀଷ ଅଗ୍ରୱାଲ ଓ ତାଙ୍କ ସହଯୋଗୀ । ତେବେ ପ୍ରଥମେ ଉଚ୍ଚ ନ୍ୟାୟାଳୟ ଓ ପରେ ସର୍ବୋଚ୍ଚ ନ୍ୟାୟାଳୟରେ ଅନ୍ତରୀଣ ସୁରକ୍ଷା ଓ ରିଭ୍ୟୁ ପିଟିସନ ଖାରଜ ହେବା ପରେ ଆଜି ମନିଷ ଅଗ୍ରୱାଲଙ୍କ ତିନି ସହଯୋଗୀଙ୍କ ମଧ୍ୟରୁ ଜଣେ ଅର୍ଥାତ ଅବସରପ୍ରାପ୍ତ ଓଆରଏସ ଅଧିକାରୀ ଭଗବାନ ପାଣିଗ୍ରାହୀ ମାଲକାନଗିରି ଏସଡିଜେଏମଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ଜାମିନରେ ଯାଇଥିବା ସୂଚନା ମିଳିଛି।

# ଚାନ୍ଦବାଲିରେ ଶେଷ ହେଲା ମକ୍ ଡ୍ରିଲ୍

ଚାନ୍ଦବାଲି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲାରେ ସରିଲା ମକଡ୍ରିଲ । ଚାନ୍ଦବାଲି ବ୍ଲକ ଅଧିନ ଧାମରା ନିକଟ ଦୋସିଙ୍ଗା ପଞ୍ଚାୟତ ଅଧୀନ ଦୁଇଟି ଆଶ୍ରୟ ସ୍ଥଳୀରେ ମକଡ୍ରିଲ ହୋଇଛି । ଦୋସିଙ୍ଗା ଓ ଚନ୍ଦିନୀପାଳ ଠାରେ ମକଡ୍ରିଲ ହୋଇଚି । ଏହି ଦୁଇଟି ସ୍ଥାନ ଭୌଗଳିକ, ସୁରକ୍ଷା ଓ ଅର୍ଥନୈତିକ ସୃଷ୍ଟିରୁ ବେଶ୍ ସମ୍ବେଦନଶୀଳ । କାରଣ ବଙ୍ଗପୋସାଗରକୁ ଲାଗି ରହିଛି ଏହି ଦୁଇ ଅଞ୍ଚଳ ଓ ପ୍ରତ୍ୟେକ ଦିନ ମାଛ ମାରିବା ପାଇଁ ବହୁସଂଖ୍ୟକ ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ଯାଇଥାନ୍ତି । ସମାନ ଭାବେ ନିକଟ ରେ ଏସିଆ ମହାଦେଶର ସର୍ବବୃହତ୍ ବନ୍ଦର ଆଦାନୀ ପୋର୍ଟ ବା ଧାମରା ବନ୍ଦର ଥିବାବେଳେ ଅନ୍ୟପାର୍ଶ୍ୱରେ ପ୍ରତିରକ୍ଷା ବିଭାଗର ଏକ ରିସର୍ଚ୍ଚ ସେଣ୍ଟର୍ ଓ ଏକ ଦ୍ୱୀପ ମଧ ରହିଛି ଯାହାର ନାମ ସୁରକ୍ଷା ଦୃଷ୍ଟିକୋଣରୁ ପ୍ରକାଶିତ କରାଯାଉନାହିଁ । ତେଣୁ ଏହି ଅଞ୍ଚଳରେ ମକଡ୍ରିଲ ହୋଇଚି । ଜିଲ୍ଲାପାଳ, ଏସପିଙ୍କ ସହ ବହୁସଂଖ୍ୟକ ଅଧିକାରୀ, ଅଗ୍ନିଶମବାହିନୀ, ପୋଲିସ, ରେଡକ୍ରସ ସଦସ୍ୟ, ଆପଦା ମିତ୍ର, ସମୁଦ୍ର ସାଥୀ, ସିଭିଲ ଡିଫେନସ ଭଳି ବହୁ ଅନୁଷ୍ଠାନ ସାମିଲ ହୋଇଛନ୍ତି । ଯଦି ଏହି ଅଞ୍ଚଳରେ କୌଣସି ବିପତ୍ତି ବା ଅପାତକାଳିନ ସ୍ଥିତି ଉପୁଜେ ତେବେ କେମିତି ନିଜେ ସୁରକ୍ଷିତ ରହିବା ସହ ଅନ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କରିବେ ସେହି ବିଷୟରେ ମକଡ୍ରିଲ ବେଳେ ସଚେତନ କରାଯାଇଛି । ସାଇରନ୍ ବାଜିବା ମାତ୍ରକେ ଲୋକେ କେମିତି ସୁରକ୍ଷିତ ସ୍ଥାନକୁ ଯିବେ ଓ ନିଜ ଧନଜୀବନ ସୁରକ୍ଷା ସହ ଅନ୍ୟମାନଙ୍କୁ କେମିତି ସୁରକ୍ଷିତ କରିବେ ତାହା ଶିଖାଇଛନ୍ତି ।



## ଚାକିରିରୁ ବହିଷ୍କାର ନେଇ ଅଭିଯୋଗ କଲେ କର୍ମକର୍ତ୍ତା

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଟାଟା ଷ୍ଟିଲ ଦ୍ୱାରା ପରିଚାଳିତ ଆସ୍ୱାୟାର ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ କିଛି କର୍ମକର୍ତ୍ତାଙ୍କୁ ଚାକିରୀରୁ ନିଲମ୍ବିତ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଛନ୍ତି । ଚାକିରୀରୁ ନିଲମ୍ବିତ ହୋଇଥିବା ୯ ଜଣ ହେଲେ ରାଜଶ୍ରୀ ସାହୁ,ଉମାରାଣୀ ମହାନ୍ତ, ସୁଜାତା କାର୍ଜି, ଲଳିତା ମହାନ୍ତ, ଉଷାରାଣୀ ନାୟକ, ବିଷ୍ଣୁପ୍ରିୟା ବାରିକ, ମହେଶ୍ୱର ମୁଣ୍ଡା, କାଦମ୍ବିନୀ ମହାନ୍ତ, ଦେବଦ୍ୟୁତି ସାହୁ । ଆସ୍ୱାୟାର ସଂସ୍ଥାର ପାଟଣା ବ୍ଲକ ସଂଯୋଜକ ଶିଶିର କୁମାର ଦାସ ବ୍ୟକ୍ତିଗତ କାରଣ ପାଇଁ ସେମାନଙ୍କ କାର୍ଯ୍ୟକୁ ଅଣଦେଖା କରି ଗାଳିଗୁଲଜ କରନ୍ତି ଓ ମାନସିକ ଚାପ ଦେଇଥାନ୍ତି ବୋଲି ଅଭିଯୋଗ କରିଛନ୍ତି । ଏପରିକି ସେମାନଙ୍କର ମତାମତକୁ ହେୟ ଜ୍ଞାନ କରିବା ସହ ମିଥ୍ୟା ଆରୋପ କରନ୍ତି । ସେମାନଙ୍କୁ ଅନ୍ୟ କର୍ମକର୍ତ୍ତାଙ୍କ ସମ୍ମୁଖରେ ଅପମାନିତ କରନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଗତ କିଛି ମାସର ସେମାନଙ୍କ କାମ କାର୍ଯ୍ୟର ଫଟୋକୁ ଉପରସ୍ଥ ଅଧିକାରୀଙ୍କୁ ପଠାନ୍ତି ନାହିଁ ଏବଂ ସେମାନେ ଠିକ୍ ଭାବରେ କାମ କରୁନଥିବା ଦର୍ଶାଇ ଉପରସ୍ଥ ଅଧିକାରୀଙ୍କୁ ଭୁଲ ସୂଚନା ଦେଇ ଚାକିରୀରୁ ବହିଷ୍କାର କରିବା ପାଇଁ ସୁପାରିଶ କରିଥିବା କହିଛନ୍ତି । ଏପ୍ରିଲ ୨୦୨୫ ଠାରୁ ଆସ୍ୱାୟାର ସହିତ ସେମାନଙ୍କର ଚୁକ୍ତିପତ୍ର ନବୀକରଣ ହେବ ନାହିଁ ବ୍ଲକ ସଂଯୋଜକ ଶିଶିର କୁମାର ଦାସ ସେମାନଙ୍କୁ ସୂଚନା ଦେଇଥିବା କହିଛନ୍ତି । ଏ ନେଇ କାରଣ ପଚାରିବାରୁ ବ୍ୟସ୍ତତା ଥିବା ଦର୍ଶାଇ ଫୋନ କାଟି ଦେଉଥିବାରୁ ସେମାନେ ମାନସିକ ଚାପରେ ରହୁଥିବା କହିଛନ୍ତି । ଏ ନେଇ ଅପ୍ରିଲ ୧ ତାରିଖରେ କିଛି କମ୍ୟୁନିଟି ସଦସ୍ୟଙ୍କ ଉପସ୍ଥିତିରେ ଆସ୍ୱାୟାର ସଂସ୍ଥାର ପାଟଣାସ୍ଥିତ ବ୍ଲକ ଅଫିସ ସେମାନେ ଯାଇ ବ୍ଲକ ସଂଯୋଜକ ଶିଶିର କୁମାର ଦାସ,ବ୍ଲକ ଲିଡିଂ ଶିକ୍ଷା ସଂଯୋଜକ କବିନ୍ଦ୍ର ଦେହୁରୀ, ଆଇସିଡିଏସ୍ କୋର୍ଡିନେଟର ରାଜକୁମାର ପଲେଇ ଏବଂ ଏମ୍ଆଇଏସ୍ କୋର୍ଡିନେଟର ମମତା ଦେହୁରୀଙ୍କୁ ଘଟଣା ସମ୍ପର୍କରେ ଜଣାଇ ଆଲୋଚନା କରି କାରଣ ପଚାରିଥିଲେ । ତେବେ ସେମାନଙ୍କଠାରୁ କୌଣସି ଉତ୍ତର ନ ମିଳିବାରୁ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଛନ୍ତି ।

## ସପ୍ତଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ସାନପଦର ଗ୍ରାମର ଗଉଡ଼ିସାହିର ମା' ଦୁର୍ଗା ଦେବୀଙ୍କ ପବିତ୍ର ପୀଠରେ ଚଳିତ ମାସ ୨ତାରିଖରୁ ଆରମ୍ଭ ହୋଇ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ସଙ୍କୀର୍ତ୍ତନ ଓ ଡ୍ରାମା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ସଂମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ପ୍ରକାଶ ରଣବିଜୁଳି ଯୋଗଦେଇ ପୂର୍ଣ୍ଣ ଆହୁତି ପ୍ରଦାନ କରିଛନ୍ତି। ଗଉଡ଼ିସାହିର କମିଟିର ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ହୋଇଛି । ଏହି ପୂର୍ଣ୍ଣାହୁତି କାର୍ଯ୍ୟରେ ସାନପଦର ଗ୍ରାମବାସୀ ଓ ଆଖପାଖ ଅଞ୍ଚଳରୁ ଜନ ସମାଗମ ହୋଇଥିଲା । ସମସ୍ତ ଭକ୍ତମାନେ ପ୍ରସାଦ ସେବନ କରି ଯାତ୍ରାକୁ ଉପଭୋଗ କରିଥିଲେ । ଏହି ସମସ୍ତ କାର୍ଯ୍ୟକୁ ସଞ୍ଜୟ କୁମାର ସାହୁ, ଭାଗବତ ବେହେରା, ଦେବୀ ପ୍ରସାଦ ସିଂହ, ଗୌତମବୁଧ ମହାପାତ୍ର, ବିଜନ, ଟିଟୁ, ଚିତ୍ତରଞ୍ଜନ ସାହୁ, ଲିଟୁ, ଲକ୍ଷ୍ମୀଧରଙ୍କ ସମେତ ସମସ୍ତ ଗ୍ରାମବାସୀ ଓ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## କୁକୁର କାମୁଡାରେ ହରିଣ ମୃତ



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ବନବିଭାଗ ଅଧିନରେ ଥିବା ଧଳତଙ୍ଗଗଡ ଜଙ୍ଗଲରେ ହରିଣମାନଙ୍କ ସୁରକ୍ଷା ତଥା ଫସଲ ନଷ୍ଟକୁ ଆଖିଆଗରେ ରଖି ସରକାରଙ୍କ ବନବିଭାଗ ପକ୍ଷରୁପ୍ରାୟ ୧୯କୋଟିରୁ ଉର୍ଦ୍ଧଟଙ୍କା ବ୍ୟୟ କରାଯାଇ ପାଚେରୀ ନିର୍ମାଣ କରାଯାଇଛି। ମାତ୍ର ଏହିକାର୍ଯ୍ୟର ସଠିକ ତଦାରଖ ନହେବାରୁ ଠିକାଦାରଙ୍କ ମର୍ଜିରେ କାର୍ଯ୍ୟ ହୋଇଥିବାରୁ ଏହାଅତି ନିମ୍ନମାନର ହେବା ସହିତ ଅନେକ ଯାଗାରେ ପାଚେରୀ ହୋଇପାରିନାହିଁ। ଯାହାକୁ ନେଇ ଫସଲହାନି ଓ ହରିଣମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ବନ ବିଭାଗର ଖାମଖିଆଲି ମନଭାବ ଯୋଗୁ ଅନେକ ହରିଣ ମୃତ୍ୟୁ ମୁଖରେ ପଡୁଥିବାର ବହୁ ନଜିର ରହିଛି। ସୁରକ୍ଷା ଢିଲା ଯୋଗୁ ବୁଧବାର ବିରାଟକାୟ ହରିଣ ସ୍ଥାନୀୟ ଗୋପାଳପୁର କାକୁଡିଆ ଗ୍ରାମର ଏକ ପୋଖରିକୁ ପାଣି ପିଇବା ପାଇଁ ଆସିଥିବା ସମୟରେ ବୁଲାକୁକୁର କାମୁଡାରେ ଛଟପଟ ହେଉଥିବା ସମୟରେ ଗ୍ରାମବାସୀ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ। ଘଟଣା ଘଟିବା ସ୍ଥାନଠାରୁ ବନବିଭାଗ ବିଟହାଉସ ପ୍ରାୟ ୧୦୦ମିଟର ଦୂରତାରେ ଥିଲେ ମଧ ସକାଳ ୮ଟାରେ ବନବିଭାଗ ଖବରପାଇ କର୍ମଚାରୀ ମାନେ ବିଳମ୍ବରେ ଆସିବାରୁ ହରିଣଟିର ମୃତ୍ୟୁ ଘଟିଥିଲା। କର୍ମଚାରୀ ମାନେ ଜଙ୍ଗଲ ମଧ୍ୟରେ ଥିବା ବିଟହାଉସକୁ ମୃତ ହରିଣକୁ ନେଥିଲେ। ସେଠାରେ ରଘୁନାଥପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡାକ୍ତର ଲକ୍ଷ୍ମୀପ୍ରିୟା ପାଣିଗ୍ରହୀ ପହଞ୍ଚି ମୃତ ହରିଣକୁ ବ୍ୟବଚ୍ଛେଦ କରିଥିବା ଜଣାଯାଇଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଜଳେଶ୍ୱର(ଭାସ୍କର ନ୍ୟୁଜ): ବୁଧବାର ସଂଧ୍ୟାରେ ଓଡି୦୧ଏପି୧୭୨୭ ଡମ୍ପର ଚନ୍ଦନେଶ୍ୱରରୁ ଜଳେଶ୍ୱର ଆଡକୁ ଆସୁଥିବା ବେଳେ ବିପରିତ ଦିଗରୁ ଓଡି୦୧ଏଆର୍ ୪୮୨୦ କାର୍ ଗଲାବେଳେ ଡେମୁରିଆଠାରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ କାରଟି ଚୁରମାର ହୋଇଯାଇଥିବା ବେଳେ କାର୍ ମଧ୍ୟରେ ଥିବା ୨ଜଣ ଆରୋହୀ ଆହତ ହୋଇଛନ୍ତି। ସେହିପରି ଡେମୁରିଆରୁ ମାତ୍ର ୫୦୦ ମିଟର ଦୂର ନହରାରେ ଆଜି ସକାଳେ ଏକ ସ୍କର୍ପିଓ ସହିତ ବାଇକର ମୁହାଁମୁହିଁ ଧକ୍କା ହୋବ ଫଳରେ ବାଇକ୍ ଆରୋହୀ ସରକାଡିଆ ଗାଁର ପ୍ରମୋଦ ପ୍ରଧାନ (୨୦) ଗୁରୁତର ହୋଇ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ସ୍କର୍ପିଓଟି ନୟନଯୋଡିକୁ ଖସିଯାଇଥିବା ବେଳେ ନାମ୍ପୋ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାଯାଇଛି । ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସଚେତନତା ସୃଷ୍ଟି ସହ ପୁଲିସ୍ ଚେକିଂ କରିବାକୁ ଦାବି ହେଉଛି ।

## ମାନଗୋବିନ୍ଦ ମହାପୁରୁଷଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ବାଲିଆ ପଂଚାୟତ ଅନ୍ତର୍ଗତ ମାଣିଖଣ୍ଡି ସ୍ଥିତ ଶ୍ରୀ ଶ୍ରୀ ମାନଗୋବିନ୍ଦ ମହାପୁରୁଷଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବାଲିଆ, ଲକ୍ଷ୍ମୀନାରାୟଣପୁର ଓ ଗୋଲରାହାଟ ପଂଚାୟତର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଏହି ମାଣିଖଣ୍ଡି ପୀଠରେ ବହୁ ପୁରାକାଳରୁ ଅନୁଷ୍ଠିତ ହୋଇ ଆସୁଥିବା ଏହି ଯଜ୍ଞ ଚଳିତ ବର୍ଷ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିଲା । ଏହି ଯଜ୍ଞରେ କର୍ତ୍ତା ଓ କର୍ତ୍ତୀ ଭାବେ ବିରେନ୍ଦ୍ର ମହାନ୍ତି ଓ ନଳିନୀ ମହାନ୍ତି କାର୍ଯ୍ୟ ନିର୍ବାହ କରିଥିବା ବେଳେ ଯଜ୍ଞ କାର୍ଯ୍ୟକୁ ବନମାଳୀ ଦୁବେ, ଅନିରୁଦ୍ଧ ବେହେରା, ସୁରେନ୍ଦ୍ର ମହାନ୍ତି, ରାମଚନ୍ଦ୍ର ରାଉତ, ନୀଳମଣି ବେହେରା, ଅକ୍ଷୟ ମହାନ୍ତି, ଭବାନୀଶଙ୍କର ସାହ, ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ



ଭାପୁର(ଭାସ୍କର ନ୍ୟୁଜ): ଭାପୁର ପ୍ରାଥମିକ ଶିକ୍ଷକ ସଂଘର ବରିଷ୍ଠ ଶିକ୍ଷକ ନେତା ନିରଞ୍ଜନ ଦଳବେହେରାଙ୍କ ସଭାପତିତ୍ୱ ରେ ମାଆ ଝାଡେଶ୍ୱରିଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୦୦ରୁ ଉର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗଦାନ କରି ସୈକ୍ଷିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ମୁଖ୍ୟତଃ, ଏଲିମେଣ୍ଟାରି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଫୁଲ୍ଲ କୁମାର ନନ୍ଦ ଏବଂ ସମ୍ପାଦକ ସୁରେଶ କୁମାର ମହାରଣା ସଙ୍ଘୀୟ ବାର୍ତ୍ତା ଉପସ୍ଥାପନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପଞ୍ଚାନନ ମହାପାତ୍ର ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ନିଜର ବକ୍ତବ୍ୟ ରଖିଥିଲେ ଏବଂ ସର୍ବସମ୍ମତି ତାହା ଗୃହୀତ ହୋଇଥିଲା । ନୂତନ ଭାବରେ ସଭାପତି ପ୍ରସନ୍ନ କୁମାର ଲେଙ୍କା, ଉପସଭାପତି ବନ୍ଦନା ସାସମଲ, ଦେବେନ୍ଦ୍ର ଆଚାର୍ଯ୍ୟ, ସହଦେବ ପଲେଇ, କାର୍ଯ୍ୟକାରୀ ସଭାପତି କେଳୁଚରଣ ସ୍ୱାଇଁ, ଭ୍ରମରବର ଦାସ, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ଖୁଣ୍ଟିଆ, ସହ ସମ୍ପାଦକ ବିଜୟ ଲକ୍ଷ୍ମୀ ପରିଡ଼ା, ମଥୁରା ନନ୍ଦ ବେହେରା, ଯୁଗ୍ମ ସମ୍ପାଦକ ଅରୁଣ ଦାସ, ସରୋଜିନୀ ପଣ୍ଡା, ଅର୍ତ୍ତବନ୍ଧୁ ଷଡ଼ଙ୍ଗୀ, ନବଘନ ବିଶ୍ୱାଳ, ସଂଗଠନ ସମ୍ପାଦକ ତ୍ରିଲୋଚନ ସାହୁ, ସଂଯୁକ୍ତା ସାହୁ, ଜିଲ୍ଲା ନେତୃତ୍ୱ ପଞ୍ଚାନନ ମହାପାତ୍ର, ଅମିୟ ଜେନା, କୋଷାଧକ୍ଷ ଭଗବାନ ଶୁକ୍ଲା, ଅଡିଟର ଶିଶିର ସାହୁ, ଫକିର ବେହେରା, ମିଡିଆ ସଂଯୋଜକ କାହ୍ନୁଚରଣ ବେହେରା, କ୍ଲଷ୍ଟର ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ୯ ଜଣ ଏବଂ ଉପଦେଷ୍ଟା ମଣ୍ଡଳୀରେ ନିରଞ୍ଜନ ଦଳବେହେରାଙ୍କ ନେତୃତ୍ୱରେ ୬ ଜଣ ନିଯୁକ୍ତ ହୋଇଛନ୍ତି ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡେଇ ସ୍ଥିତ ମା କନ୍ତେଇ ଠାକୁରାଣୀଙ୍କ ବିଜେ ସ୍ଥଳୀରେ ୮୧ ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତୀ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆୟୋଜିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ ଗତମାସ ୨୯ ତାରିଖରେ ଅନୁଷଠିତ ହୋଇଥିଲା । ପବିତ୍ର ଅକ୍ଷୟ ତୃତୀୟା ଦିବସରେ କଳସଯାତ୍ରା ପରେ ଯଜ୍ଞରେ ଅଗ୍ନିସ୍ଥାପନ କରାଯାଇଥିଲା । ପ୍ରତ୍ୟେହ ୭ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଯଜ୍ଞର ଆଜି ସନ୍ଧ୍ୟାରେ ପୂର୍ଣ୍ଣାହୁତୀ ପରେ ଚରୁଅନ୍ନ ବଂଟନ କରାଯାଇଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଏହି ଯଜ୍ଞରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଧର୍ମୀୟ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ । ଅଂଚଳର ବହୁ ପ୍ରାଚୀନ ଏହି ଯଜ୍ଞର ବିଭିନ୍ନ ଦିବସରେ ସ୍ଥାନୀୟ ଅଂଚଳର ରାଜନେତା, ସମାଜସେବୀ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ମା କନ୍ତେଇ ଠାକୁରାଣୀଙ୍କ କୃପାଲାଭ କରିଥିଲେ ।

**ଦୁଷ୍କର୍ମ ପରେ ହତ୍ୟା ଘଟଣା**

# ନ୍ୟାୟ ଦାବିରେ ଗାଁରେ ପହଞ୍ଚିଲା ବିଜେଡ଼ିର ୫ ଜଣିଆ ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

କଣିହାଁ(ଭାସ୍କର ନ୍ୟୁଜ): ତାଳଚେର ରେଲୱେ ଷ୍ଟେସନ ନିକଟରେ ଦୁଷ୍କର୍ମ ପରେ ହତ୍ୟା ଘଟଣା ତଦନ୍ତ ଏବଂ ସୁଭଦ୍ରାଙ୍କୁ ନ୍ୟାୟ ଦାବିରେ କଣିହାଁ ବ୍ଲକ ଲୋଧାଝରି ଗାଁରେ ପହଞ୍ଚିଲା ବିଜେଡ଼ିର ୫ ଜଣିଆ ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ରାଜ୍ୟ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଟିମରେ ରହିଥିଲେ ସ୍ନେହାଗିନି ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସିପାତ୍ର ଏବଂ ଲେଖାଶ୍ରି ସାମନ୍ତସିଂହାରଙ୍କ ସହ ବିଜେଡି ଅନୁଗୁଳ ଜିଲ୍ଲା ସଭାପତି ତଥା ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଅନୁଗୁଳ ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ, ପାଲଲହଡା ପୂର୍ବତନ ବିଧାୟକ ମୁକେଶ କୁମାର ପାଳ, ଛେଣ୍ଡିପଦା ପୂର୍ବତନ ବିଧାୟକ ସୁଶାନ୍ତ ବେହେରା, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ପ୍ରମୁଖ ପହଞ୍ଚି ପରିବାର ଲୋକଙ୍କ ସହ କଲେ ଆଲୋଚନା । କିଭଳି ନିକଟସ୍ଥ ତାଳେଚେର ପୋଲିସ ଥାନା ଅଧିକାରୀମାନେ ପରିବାର ଲୋକଙ୍କୁ ଏ ଥାନାରୁ ସେ ଥାନାକୁ ନ୍ୟାୟ ଦେବା ପରିବର୍ତ୍ତେ ହଇରାଣ କରିଥିଲା । ସେ ସମ୍ପର୍କରେ ବିସ୍ତୃତ ଭାବେ ଦୁଃଖରେ ବିଜେଡିର ୫ ଜଣିଆ ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମଙ୍କ ସହିତ ମୃର୍ତ୍ୟୁ ସୁଭଦ୍ରାର ପରିବାର କଲେ ଆଲୋଚନା । ପୀଡିତାଙ୍କ ବାପା ଓ ଭାଇ କହିବା କଥା ହେଲା ରେଲୱେ ଥାନା ଅଧିକାରିଣୀ ଯେଉଁ ଟ୍ରେନ୍ରୁ ଗାଡିରେ ଝିଅ ଷ୍ଟେସନ ପର୍ଯ୍ୟନ୍ତ ଯାଇଥିଲା । ମାମଲା ରୁଜୁ ଥାନା ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ଥିବାରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ ମହିଳା ଟିମ । ରାଜ୍ୟ ସରକାର ରାଜ୍ୟରେ ନାରୀକୁ ସସକ୍ତ କରିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଏବଂ ନାରୀମାନଙ୍କ ପାଇଁ ସୁଭଦ୍ରା ଯୋଜନା କରିଥିବା କହୁଥିବା ବେଳେ ମଙ୍ଗଳା ବାର ଲୋଧାଝରି ଗାଁର ସୁଭଦ୍ରା ଦୁଷ୍କର୍ମ ଏବଂ ବିଭସ୍ତ ହତ୍ୟାର ଶିକାର ହେଲା । ଏ ନେଇ ଶୀଘ୍ର ଆଦିବାସୀ ଦଳିତ ରୋଜଗାରକ୍ଷମ ଝିଅ ସୁଭଦ୍ରା କୁ ନ୍ୟାୟ ନ ମିଳିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି । ବିଜେଡ଼ିର ୫ ଜଣିଆ ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସହ ବିଧାୟକ ତାଳଚେର ଓ ପୂର୍ବତନ ସାଂସଦ ଏବଂ ବିଧାୟକମାନେ ମୃତ୍ୟୁ ସୁଭଦ୍ରାର ପରିବାରଙ୍କୁ ସମବେଦନା ଜଣାଇଥିଲେ । ମୃତ୍ୟୁ ସୁଭଦ୍ରାର ଆତ୍ମ ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାଥନା କରିଥିଲେ । ଗଣଦୁଷ୍କର୍ମ ଓ ବିଭତ୍ସ ହତ୍ୟା ଘଟଣା ସହ ଅପରାଧୀ ଙ୍କୁ କୋଠାର ଦଣ୍ଡବିଧାନ ପାଇବ ନେଇ ସେ ବିଷୟରେ ବିରୋଧୀ ନେତା ନବୀନ ପଟ୍ଟନାୟକଙ୍କୁ ଜଣାଇବୁ । ଏହା ପରେ ଅନୁଗୋଳ ଜିଲ୍ଲା ଅରୀକ୍ଷ ଅଧକ୍ଷ ଓ ଡିଜିକୁ ଦାବିପତ୍ର ଦେବା ନେଇ ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ । ମୃତ ସୁଭଦ୍ରାଙ୍କୁ ନେଇ ରାଜ୍ୟ ସରକାର ଭାଜପା ଉପରେ ବିଜେଡି ଦଳ ତରଫରୁ ଚାପ ପକାଇ ଦୋଷୀକୁ କୋଠାର ଦଣ୍ଡ ପାଇବା ଦାବୀ କରାଯିବ । ତୁରନ୍ତ ପଦକ୍ଷେପ ନେଇ ନ୍ୟାୟ ପ୍ରଦାନ ନ କଲେ ବିଜେଡି ରାଜରାସ୍ତା ରେ ଜୋରଯାର ପ୍ରତିବାଦ କରିବାକୁ ଚେତାବନୀ ଦେଇଛି ।





ବୌଦ୍ଧ (ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସଦଭାବନା ସଭାଗୃହ ଠାରେ ବୌଦ୍ଧ ଜିଲ୍ଲା ରାଜସ୍ୱ ସମ୍ପର୍କୀତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପ -ଜିଲ୍ଲାପାଳ ପ୍ରବୀଣ କୁମାର ବାଣ୍ଡ଼ା, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର (ରାଜସ୍ୱ) ଶୁଭେନ୍ଦୁ କୁମାର ଜେନା, ସହକାରୀ ଜିଲ୍ଲାପାଳ (ରାଜସ୍ୱ) ସୁଦାମ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ତୃପ୍ତିମୟୀ ଜେନା, ଜିଲ୍ଲାର ସମସ୍ତ ରାଜସ୍ୱ ସୁପରଭାଇଜର, ସମସ୍ତ ରାଜସ୍ୱ ନିରୀକ୍ଷକ ଓ ଅବକାରୀ ବିଭାଗର ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ବୈଠକରେ ରାଜସ୍ୱ ଆଦାୟ, ଲଘୁ ଖଣିଜ ସମ୍ପଦ ଚୋରା ରୋକିବା, ସରକାରୀ ଜମିରେ ହୋଇଥିବା ବେଆଇନ ଜବର ଦଖଲ ଉଚ୍ଛେଦ, ଆଦି ରାଜସ୍ୱ ବିଭାଗର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଯେଉଁ ମାନେ ନୂଆ ଘର କରିବେ, ରାଜସ୍ୱ ନିରୀକ୍ଷକ ମାନେ ସେମାନଙ୍କୁ ବର୍ଷା ଜଳ ସଂରକ୍ଷଣ କରିବା ପ୍ରତି ଦୃଷ୍ଟି ଦେବା ପାଇଁ ଉପଦେଶ ଦେବେ। ଲୋକଙ୍କ ପାଖରେ ପହଂଚି ତାଙ୍କର ମୌଳିକ ସମସ୍ୟା ର ସମାଧାନ ଅଗ୍ରାଧିକାର ଭିତ୍ତିରେ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ କହିଥିଲେ ଜନସାଧାରଣ ହେଉଛନ୍ତି ରାଜା, ପ୍ରଶାସନ ହେଉଛନ୍ତି ସେମାନଙ୍କ ସେବକ। ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକଙ୍କ କାର୍ଯ୍ୟ ଶେଷ ହେବା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ

ଆସିକା (ଭାସ୍କର ନ୍ୟୁଜ): ବେଆଇନ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣର ଖବର ସଂଗ୍ରହ କରିବାକୁ ଯାଇ ମାଫିଆ ଙ୍କ ଆକ୍ରୋଶ ର ଶିକାର ହୋଇଛନ୍ତି ଗଣମାଧ୍ୟମ ପ୍ରତିନିଧି । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଥାନାରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ପ୍ରକାଶ ଥାଉକି ଧରାକୋଟ ଥାନା ଅଞ୍ଚଳରେ ବେଆଇନ ଓ ବେଧଡ଼କ ଭାବେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ନେଇ ଗତ କିଛି ଦିନ ଧରି ଲଗାତାର ଅଭିଯୋଗ ହେବା ପରେ ଖବର ସଂଗ୍ରହ ନିମନ୍ତେ ଗ୍ରାଉଣ୍ଡ ଜିରୋ ରେ ପହଞ୍ଚିଥିଲେ ଜୈନିକ ଗଣମାଧ୍ୟମ ପ୍ରତିନିଧି ଙ୍କଙ୍କ ସେଠେଇ ସେଠାରେ ଉପସ୍ଥିତ ଚୋରାଚାଲାଣ କାରି ମାଫିଆ କବିରାଜ ସାହୁ ତାଙ୍କ ପୁଅ ରଜନୀକାନ୍ତ ସାହୁ ହଠାତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରକୁ ଆକ୍ରମଣ କରି ତାଙ୍କୁ ଗଳା ଧକ୍କା ମାରି ଥିଲେ ଯାହାଦ୍ୱାରା ତାଙ୍କ ପାଟିରୁ ରକ୍ତ ବାହାରି ଥିଲା ଓ ପରେ ଉକ୍ତ ଚୋରା ମୋରମ ପରୁଥିବା ଜାଗା ମାଲିକ ସଞ୍ଜୟ ପଣ୍ଡା ନିଜ ନିକଟରେ ଥିବା ଏକ ବନ୍ଧୁକରେ ଗଣମାଧ୍ୟମ ପ୍ରତିନିଧିଙ୍କ ଛାତିକୁ ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନ ରେ ମାରିଦେବାକୁ ଧମକ ଦେଇଥିବା ନେଇ ଜୈନିକ ଗଣମାଧ୍ୟମ ପ୍ରତିନିଧି ଙ୍କଙ୍କ ଧରାକୋଟ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଘଟଣାରେ ଖୋଦ ଜିଲ୍ଲା ଏସ୍ ପି ହସ୍ତକ୍ଷେପ କରିବା ସହ ଦିନ ଦ୍ୱିପ୍ରହର ରେ ସରକାରଙ୍କ ରାଜସ୍ୱ କୁ ହଡପ କରି ଗଣମାଧ୍ୟମର କଣ୍ଠ ରୋଧ କରିବା କୁ ଉଦ୍ୟମ କରୁଥିବା ମାଫିଆଙ୍କ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି ହୋଇଛି । ପ୍ରକାଶ ଥାଉକି ଏହି ଚୋରା ଚାଲାଣ ସମ୍ପର୍କରେ ତହସିଲଦାର ଙ୍କୁ ଅବଗତ କରାଯାଇଥିଲା । ତହସିଲଦାର ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ଉକ୍ତ ଚୋରା ଚାଲାଣ କାରୀଙ୍କ ସମ୍ପର୍କରେ ଅବଗତ କରାଇବା ସହିତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ପ୍ରକାଶ ଥାଉକି ଗତ ସାଧାରଣ ନିର୍ବାଚନ ପରଠାରୁ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ସମଗ୍ର ଗଞ୍ଜାମ ଜିଲ୍ଲାରେ ବଢ଼ି ବାକୁ ଲାଗିଛି। ଗତ କିଛି ତଳେ ଜିଲ୍ଲାରୁ ୧୭ଟି ମଉଜର ସହ ୧୮ଜଣ ଙ୍କୁ ପୋଲିସ ଗିରଫ କରିଥିବାର ନଜିର ରହିଛି। ହେଲେ ଜୈନିକ ସାମ୍ବାଦିକ ଙ୍କ ଏତଲା ପ୍ରକାରେ କଣ ଜିଲ୍ଲାରେ ଆହୁରି ମଉଜର ଗଚ୍ଛିତ ନେଇ ସନ୍ଦେହ ବଢିବାକୁ ଲାଗିଲାଣି

# ଜମି ବାଡ଼ି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ: ଜଣେ ଗୁରୁତର ଦୁଇ ଆହତ



ନିଆଳି (ଭାସ୍କର ନ୍ୟୁଜ) : ନିଆଳି ଥାନା ଅଧିନସ୍ଥ ଅଁଳ ପଞ୍ଚାୟତ ମହଂ ଗ୍ରାମରେ ଜମି ବାଡ଼ି ବିବାଦ କୁ ନେଇ ଦୀର୍ଘଦିନ ନେଇ ଲାଗିଥିଲା କଳହ ବୁଧବାର ଅପରାହ୍ନରେ ସୃଷ୍ଟି ହୋଇଥିଲା ଗୋଷ୍ଠୀ ସଂଘର୍ଷ ଏହି ଗୋଷ୍ଠୀ ସଂଘର୍ଷ ରେ ମହେଶ୍ୱର ଖଟୁଆ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତର ଖାନାରେ ଚିକିତ୍ସା ହେଉଛନ୍ତି।ଏ ନେଇ ମହେଶ୍ୱର ଖଟୁଆ ଙ୍କ ଝିଅ ମନ୍ଦାକିନୀ ଖଟୁଆ ନିଆଳି ଥାନାରେ କଳେଶ୍ୱର ଖଟୁଆ, ଝରି ଖଟୁଆ, ବିଜୁଳି ଖଟୁଆ, ସୁନିଲ ଖଟୁଆ, ସୁଶିଲ ଖଟୁଆ, ଅନିଲ ଖଟୁଆ,ମାଇକିନା ଖଟୁଆ ଙ୍କ ନାମରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ୧୯୮/୨୫ ରେ ମାମଲା ରୁଜୁ କରି ୪ ଜଣ କୁ ଅଟକ ରଖିଛି।ଅପର ପକ୍ଷ ରେ କଳେଶ୍ୱର ଖଟୁଆ ନିଆଳି ଥାନାରେ ତାଙ୍କୁ ସଂଘ ବଦ୍ଧ ଆକ୍ରମଣ କରିଥିବା ନେଇ ଆକ୍ରମଣ କରିଛନ୍ତି ।ଏହି ଅଭିଯୋଗରେ, ମହେଶ୍ୱର ଖଟୁଆ ,ମନ୍ଦାକିନୀ ଖଟୁଆ,କମଳାକାନ୍ତ ଖଟୁଆ ଓ ମନ୍ଦାକିନୀ ଖଟୁଆ ଙ୍କ ନାମରେ ଅଭିଯୋଗ କରିଛନ୍ତି। ଏ ନେଇ ନିଆଳି ଥାନା ପୋଲିସ ୧୯୯/୨୦୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।ଆସନ୍ତା କାଲି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ନିଆଳି ଥାନା ଅତିରିକ୍ତ ଥାନା ଅଧିକାରୀଣି ସଂଯୁକ୍ତା ଖିଲାର ସୂଚନା ଦେଇଛନ୍ତି।

# ବିଜେପି ପକ୍ଷରୁ ମିଶ୍ରଣ ପର୍ବ



ବୋଲଗଡ଼ (ଭାସ୍କର ନ୍ୟୁଜ) : ବେଗୁନିଆ ବ୍ଲକ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ବିଜେପି ଦଳ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଏଥିରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଅଧ୍ୟକ୍ଷତାରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭ୍ୟ ଅନାଦି ସାହୁ,ବେଗୁନିଆ ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି ଓ ଜିଲ୍ଲା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା ପ୍ରମୁଖ ଉପସ୍ଥିତ ରହି ମିଶ୍ରଣ ପର୍ବରେ ସାମିଲ ହୋଇଥିବା ଜନ ସାଧାରଣ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତେବେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଭାଷଣ ଦେବା ଆରମ୍ଭ ପୂର୍ବରୁ ଚେୟାର ଗୁଡ଼ିକ ଖାଲି ହୋଇ ଥିବାର ଦେଖିବାକୁ ମିଳିଥିଲା ।

# ଅବୈଜ୍ଞାନିକ ଓ ବ୍ୟବସାୟୀକ ଶିକ୍ଷାର ପ୍ରସାରଣ ଜାତୀୟ ଶିକ୍ଷାନୀତି ମୌଳିକ ଲକ୍ଷ୍ୟ : ଏସ୍‌ଟିଏଫ୍‌ଆଇ




ପୁରୀ (ଭାସ୍କର ନ୍ୟୁଜ) : ଜାତୀୟ ଶିକ୍ଷାନୀତି - ୨୦୨୦ ଭାରତୀୟ ସମ୍ବିଧାନ ଲକ୍ଷ୍ୟ ଓ ଆଦର୍ଶର ବିରୋଧୀ ଏବଂ ଏହା ମୂଳତଃ ଅବୈଜ୍ଞାନିକ ଓ ବ୍ୟବସାୟୀକ ଶିକ୍ଷାର ପ୍ରସାରଣ କରିବ ବୋଲି ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରଫେସର ବିଜୟ ବହିଦାର ମତବ୍ୟକ୍ତ କରିଛନ୍ତି । ଅଖିଳ ଭାରତ ବିଦ୍ୟାଳୟ ଶିକ୍ଷକ ମହାସଂଘ ପକ୍ଷରୁ ପୂର୍ବାଞ୍ଚଳ ରାଜ୍ୟ ମାନଙ୍କ ପ୍ରତିନିଧି ମାନଙ୍କୁ ନେଇ ପୁରୀ ଯୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ' ଜାତୀୟ ଶିକ୍ଷାନୀତି - ୨୦୨୦ ' ଉପରେ ଆୟୋଜିତ କର୍ମଶାଳା ଓ ଆଲୋଚନାଚକ୍ରକୁ ଉଦଘାଟନ କରି ପ୍ରଫେସର ବିଜୟ ବହିଦାର କହିଲେ ଯେ ଶିକ୍ଷାର ମୌଳିକ ନିର୍ଯ୍ୟାସ ହେଉଛି ବୈଜ୍ଞାନିକ ଚେତନା ବିକାଶ କରିବା ଓ ସମାନତା ପୂର୍ଣ୍ଣ ସମାଜ ଗଢ଼ିବା ଦିଗରେ ବର୍ତ୍ତମାନର ବଂଶଧରଙ୍କୁ ପ୍ରସ୍ତୁତ କରିବା । ଜାତୀୟ ଶିକ୍ଷାନୀତି ଦେଶର ସମ୍ବିଧାନରେ ଘୋଷିତ ଗଣତାନ୍ତ୍ରିକ ଓ ସମାଜବାଦୀ ଢାଞ୍ଚାକୁ ଦୁର୍ବଳ କରିବା ଓ ବ୍ୟବସାୟୀକ ଶିକ୍ଷାକୁ ଅଧିକ ଶକ୍ତିଶାଳୀ କରିବ ବୋଲି ସେ କହିଥିଲେ । ସମ୍ମାନିତ ବକ୍ତା ଭାବେ ଯୋଗଦେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ମାନସ ବେହେରା ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣକୁ ପ୍ରୋତ୍ସାହିତ କରିବ । ରାଷ୍ଟ୍ର ପ୍ରୋତ୍ସାହିତ ଶିକ୍ଷାକୁ ଦୁର୍ବଳ କରିବା ଦିଗରେ ଏହା ଅଧିକ ସାହାଯ୍ୟ କରିବ । ଜାତୀୟ ଶିକ୍ଷାନୀତି ବିରୁଦ୍ଧରେ ବିରୋଧୀଙ୍କ ସ୍ୱରକୁ ଚାପି ଦେବା ପାଇଁ ଶିକ୍ଷକ ସଙ୍ଗଠନ,ଓ ଛାତ୍ର ସଂସଦ ଓ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ଉପରେ ସାମ୍ପ୍ରଦାୟିକ ଶକ୍ତିମାନଙ୍କ ଆକ୍ରମଣ ବଢ଼ିବାରେ ଲାଗିଛି । କର୍ମଶାଳାରେ ସମ୍ମାନିତ ବକ୍ତାଭାବେ ପ୍ରାକ୍ତନ ପ୍ରାଧାପକ ତଥା ସୁରଜମଲ ସାହା ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷ ସୁରେନ୍ଦ୍ର କୁମାର ଜେନା ବିଦ୍ୟାଳୟ ଶିକ୍ଷା ଉପରେ ବକ୍ତବ୍ୟ ରଖି କହିଲେ ଯେ ବାଲ୍ୟାବସ୍ଥା ଶିକ୍ଷା ଓ ଯତ୍ନ ପାଇଁ ପାଠ୍ୟକ୍ରମ, ଆବଶ୍ୟକୀୟ ତାଲିମପ୍ରାପ୍ତ ଶିକ୍ଷକ ଓ ଭିତ୍ତିଭୂମି ନଥାଇ ବାଲ ବାଟିକା ଖୋଲାଯାଇଛି । ଘରୋଇ ଭାବେ ନର୍ସରୀ ଭାବେ ଚାଲିଥିବା ଶିକ୍ଷାନୁଷ୍ଠାନ ମାନଂକ ବ୍ୟବସାୟକୁ ଆନୁଷ୍ଠାନିକ ସ୍ୱୀକୃତି ଦେବାପାଇଁ ଅତି ତରବରିଆ ଭାବେ ଏହା କରାଯାଇଛି । ବିଜେପି ଓ ଆର ଏସ ଏସ ପ୍ରତ୍ୟେକ୍ଷ ପ୍ରୋତ୍ସାହନରେ ଚାଲିଥିବା ବିଦ୍ୟା ଭାରତୀ ଅଧୀନରେ ଥିବା ହଜାର ହଜାର ଶିକ୍ଷାନୁଷ୍ଠାନ ଏହାର ପ୍ରତ୍ୟକ୍ଷ ବ୍ୟବସାୟୀକ ଫାଇଦା ପାଇବେ । ଗତ ୧୦ ବର୍ଷ ଶାସନରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଦୁର୍ବଳ ହେବା ଯୋଗୁ ଦେଶରେ ବିଦ୍ୟାଳୟରେ ନାମ ଲେଖାଇଥିବା ୫ କୋଟି ପଢ଼ିବା ଲେଖିବା ଜାଣି ନାହାନ୍ତି ବୋଲି ଶିକ୍ଷାନୀତିରେ ଉଲ୍ଲେଖ ରହିଛି । ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ସ୍ତରରେ ଅଧିକ ଅଧାରୁ ପାଠ ଛାଡ଼ୁଛନ୍ତି ଓ ଏହାକୁ ରୋକିବା ପାଇଁ ଜାତୀୟ ଶିକ୍ଷାନୀତିରେ ନିର୍ଦ୍ଦିଷ୍ଟ ଭାବେ କିଛି ପ୍ରସ୍ତାବ ନାହିଁ ।ସାଧାରଣ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ସହ ଶିକ୍ଷାର ଘରୋଇ କରଣ ଓ ବ୍ୟବସାୟୀକରଣ ନିୟନ୍ତ୍ରଣ ପାଇଁ ଆଇନ ଜରୁରୀ ବୋଲି ସେ କହିଥିଲେ । ଶିକ୍ଷା ପାଇଁ ଆବଶ୍ୟକୀୟ ବ୍ୟୟ ବରାଦ ହ୍ରାସ ଯୋଗୁଁ ସରକାରୀ ଶିକ୍ଷା ବ୍ୟବସ୍ଥା ଗୁରୁତର ଭାବେ ଦୁର୍ବଳ ହେଉଛି । ଶିକ୍ଷାରେ କର୍ପୋରେଟ ଲୁଣ୍ଠନ ବଢିବ ଓ ପାଠ୍ୟକ୍ରମରେ ଅବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଜରିଆରେ ସାଂପ୍ରଦାୟିକ ଶକ୍ତି ମଦତ ପୁଷ୍ଟ ହେବେ ବୋଲି ସେ କହିଥିଲେ । ଓଡ଼ିଶା ମାଧ୍ୟମିକ ଶିକ୍ଷା ବିଦ୍ୟାଳୟ ଶିକ୍ଷା ସଂଘର ସଭାପତି ଅକ୍ଷୟ ମିଶ୍ର, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ଜଗବନ୍ଧୁ ଜେନା , ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଭୁ ପ୍ରସାଦ ସାହୁଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ କର୍ମଶାଳା ପରିଚାଳନା କରିଥିଲେ । ଉଦଘାଟନ ପରେ ସଂଘର ସର୍ବଭାରତୀୟ କୋଷାଧକ୍ଷ ପ୍ରକାଶ ମହାନ୍ତି ଭିତ୍ତିପତ୍ର ଉପସ୍ଥାପନ କରି ଜାତୀୟ ଶିକ୍ଷାନୀତି ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ ଗଢ଼ିବା ଆହ୍ୱାନ ଦେଇଥିଲେ । ଏହି ଭିତ୍ତିପତ୍ରକୁ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ସୁକୁମାର ପାଇନ୍ ପ୍ରସ୍ତାବକୁ ସମର୍ଥନ କରିଥିଲେ। ସଂଘର ଅନ୍ୟତମ ସମ୍ପାଦକ ତ୍ରିପୁରାର ସାଲିବାଲ ରାୟ ଧନ୍ୟବାଦ୍ ପ୍ରଦାନ କରିଥିଲେ ।କର୍ମଶାଳାର ଦ୍ୱିତୀୟ ଅଧିବେଶନରେ ଶିକ୍ଷକ ନେତା ଜାତୀୟ ଶିକ୍ଷାନୀତି ଉପରେ ପଶ୍ଚିମ ବଙ୍ଗର ଶିକ୍ଷକ ନେତ୍ରୀ କାକୋଲି ଭୌମିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶିକ୍ଷକ ନେତା ମୋହନ ଦାସ ପଣ୍ଡିତ, ନନ୍ଦନ ଚକ୍ରବର୍ତ୍ତୀ, କୁମାର ଅମରେନ୍ଦ୍ର ପ୍ରସାଦ, ବିନୋଦ ବିହାରୀ ପାଣିଗ୍ରାହୀ, ଶଙ୍କର କୁମାର ସୁବୁଦ୍ଧି ,ବ୍ରହ୍ମାନନ୍ଦ ମହାରଣା, ଯୁଧିଷ୍ଠିର ପ୍ରଧାନ ଓ ସୁକାନ୍ତ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ଭାରତୀୟ ସେନାଙ୍କ ସଫଳତାରେ ଦୀପ ଦାନ




ବୋଲଗଡ଼ (ଭାସ୍କର ନ୍ୟୁଜ୍) : ଭାରତୀୟ ସେନା ବାହିନୀ ର ଅପରେସନ 'ସିନ୍ଦୂର' ମାଧ୍ୟମରେ ସନ୍ତ୍ରାସବାଦୀ ଙ୍କୁ ନିପାତ କରିବା ପାଇଁ ଆକାଶ ପଥରେ ପାକିସ୍ଥାନ ରେ ସନ୍ତ୍ରାସବାଦୀଙ୍କ ଆଡ୍ଡା କୁ ଧ୍ୱଂସ କରାଯାଇଛି। ଭାରତୀୟ ସେନା ଙ୍କର ମନୋବଳ ବଢ଼ାଇବା ପାଇଁ ବୋଲଗଡ଼ ଅଞ୍ଚଳ ବାସୀ ଙ୍କ ତରଫରୁ ଐତିହାସିକ ରବିନ୍ଦ୍ର କୁମାର ପରିଡ଼ା ଙ୍କ ସଭାପତିତ୍ୱରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା।ଏହି ସଭାରେ ସମ୍ବାଦ ସାହିତ୍ୟ ଘର ର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ପାଞ୍ଚଗଡ ସୃଜନଶୀଳ ସହ୍ମସଦର ସଭାପତି ତଥା ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଅବସରପ୍ରାପ୍ତ ସହ୍ମଘ ର ସଭାପତି ରଘୁନାଥ ଦଳବେହେରା, ବୋଲଗଡ଼ ଉନ୍ନୟନ ପରିଷଦ ର ?ସଭାପତି ଗୋପୀନାଥ ଖାଡଙ୍ଗା, ବରିଷ୍ଠ ନାଗରିକ ମଞ୍ଚ ର ଉପଦେଷ୍ଟା ଦିବାକର ପରମଗୁରୁ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦିଘିରୀ ର ପ୍ରଧାନଶିକ୍ଷକ ଭିକାରୀ ପୁଷ୍ଟି, ସମ୍ବାଦ ସାହିତ୍ୟ ଘର ଉପଦେଷ୍ଟା ହରିବନ୍ଧୁ ସାହୁ, ବୋଲଗଡ଼ ସରପଞ୍ଚ ଙ୍କ ପ୍ରତିନିଧି ସଂସାରୀ ସାହୁ, ବୋଲଗଡ଼ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ରାଧାଶ୍ୟାମ ରାୟଗୁରୁ ମହାପାତ୍ର ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଶହୀଦ ସୈନ୍ୟ ମାନଙ୍କର ଆତ୍ମା ଙ୍କର ସଦଗତି କାମନା କରିଥିଲେ। ଭାରତୀୟ ସୈନ୍ୟ ମାନଙ୍କର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଜଗନ୍ନାଥ ଭଗବାନ ଭାରତବର୍ଷ କୁ ରକ୍ଷା ପାଇଁ ସମସ୍ତେ ପ୍ରାର୍ଥନା କରିଥିଲେ।

# ଗଞ୍ଜେଇ ଜବତ୍, ଦୁଇ ଗିରଫ



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଥାନା ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଆରଟିଓ ଅଫିସ ନିକଟରୁ କାର ସହ ୪୮ କେଜି ଗଞ୍ଜେଇ ଜବତ କରାଯାଇଛି ଓ ଚାଲାନରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ନ ୨. ୩୦ ମିନିଟ ସମୟରେ ବୌଦ୍ଧ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଏକ କାରକୁ ଅଟକାଇ ଯାଞ୍ଚ କରିଥିଲା । ସେଥିରେ ଗଞ୍ଜେଇ ବାହାରିଥିଲା ଓ କାରରେ ଥିବା ଦୁଇ ଜଣଙ୍କୁ ଗିରଫ କରିଥିଲା କ୍ଷ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ କାରରେ ଥିବା ଗଞ୍ଜେଇ ୪୮ କେଜି ହୋଇଥିଲା । ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ କଟକ ଜିଲ୍ଲା ନରସିଂହପୁର ଥାନା ନିମସାହିର ହାଡ଼ିବନ୍ଧୁ ତ୍ରିପାଠୀ ଓ ଦାମକଟା ଗ୍ରାମର ପ୍ରଫୁଲ୍ଲ କୁମାର ମୁଖି ବୋଲି ସୂଚନା ମିଳିଛି କ୍ଷ ବୌଦ୍ଧ ପୋଲିସ ଘଉଚଝ ଆକ୍ଟରେ ୨୩୬/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଆଇଆଇସି ରଂଜିତ କୁମାର ମୁନି ସୂଚନା ଦେଇଛନ୍ତି।

# ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ




ରାୟଗଡା (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା(ଦିଶା)କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧ୍ୟକ୍ଷ ତଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଧାୟକ ଗୁଣୁପୁର ସ୍ୱାତ୍ୟଜିତ ଗମାଙ୍ଗ, ରାୟଗଡ ବିଧାୟକ ଆପଲସ୍ୱାମୀ କାଡ୍ରାକକ୍ଷଙ୍କ ପ୍ରତିନିଧି ଦୁର୍ଗା ପ୍ରସାଦ ପଣ୍ଡା, ମାନ୍ୟବର ଗୁଣୁପୁର ବିଧାୟକ, ଜିଲ୍ଲାପାଳ ପାରୁଲ ପଟାୱରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଆରୋକ୍ଷୀ ଅଧିକ୍ଷକ ରାୟଗଡ଼ ସ୍ୱାତୀ ଏସ କୁମାର, ରେଳମଣ୍ଡଳ ଅଧିକାରୀ ଅମିତାଭ ସିଂଘଲ, ନଗରପାଳ ପି ମହେଶ ପଟ୍ଟନାୟକ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ବୈଠକରେ ପ୍ରାରମ୍ଭରେ ପୂର୍ବ ବୈଠକରେ ଆଲୋଚିତ ବିଷୟ ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ। ଏହାପରେ ଆଜିର ବୈଠକରେ ଆଲୋଚନା ହେବାକୁ ଥିବା କାର୍ଯ୍ୟ ସୂଚି ଅନୁଯାୟୀ ବିଶେଷ କରି ପୂର୍ବତଟ ରେଳ ବିଭାଗ ଦ୍ୱାରା କରାଯାଉଥିବା ଗୁଣୁପୁର ଥେରୁବାଲି ନୂତନ ରେଳ ଲାଇନର ଆଗ୍ରତି ଓ ବିଭିନ୍ନ ସମସ୍ୟା, ନୂତନ ରେଳ ମଣ୍ଡଳ, କୋରାପୁଟ ସିଙ୍ଗାପୁର ରେଳ ଲାଇନର ଦୋହରୀକରଣ, ନିମନ୍ତେ ପଦକ୍ଷେପ ନେବାକୁ ରେଲବାଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ ଏବଂ ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ଜମି ଅଧିଗ୍ରହଣ କରିବା ନିମନ୍ତେ ଅନୁରୋଧ କରିଥିଲେ । ସେହିପରି ରାୟଗଡାଠାରେ ରେଳମଣ୍ଡଳ ନୂତନ ଗୃହ ନିର୍ମାଣ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଗୃହରେ ଅବଗତ କରାଇଥିଲେ। ସେହିଭଳି ଗ୍ରାମ୍ୟ ନିର୍ମାଣ ବିଭାଗ ରାୟଗଡା ଏବଂ ଗୁଣୁପୁର ତରଫରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ ସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା ବିଶେଷକରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ୧,୨,୩ ଏବଂ ପ୍ରଧାନମନ୍ତ୍ରୀ ଜନମନ ପରି ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ରାୟଗଡା ଗ୍ରାମ୍ୟ ନିର୍ମାଣ ବିଭାଗରେ ଏହିସବୁ ଯୋଜନାରେ ୪୪୯ଟି ହାତକୁ ନିଆଯାଇଥିବା ବେଳେ ୪୩୬ଟି ସଂପୂର୍ଣ୍ଣ ହୋଇଯାଇଛି ଓ ୧୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି କ୍ଷ ସେଥିରୁ ୧୯୮୭ କିମି ସମ୍ପୂର୍ଣ୍ଣହୋଇ ଥିବା ବେଳେ ୩୬କିମି ବାକି ରହିଛି । ସେହିପରି ଗୁଣୁପୁର ଗ୍ରାମ୍ୟ ନିର୍ମାଣ ବିଭାଜନରେ ୨୧୬ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା ସେଥିରୁ ୨୦୮ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୮ଟି ରେ ଅଗ୍ରଗତି ଚାଲିଛି । ବଡନାଲା ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ଉପରେ ଆଲୋଚନା କରିଥିଲେ କ୍ଷବର୍ଷା ଦିନ ପୂର୍ବରୁ ନିର୍ମାଣ କାର୍ଯ୍ୟ ସାରିବାକୁ କହିଥିଲେ କ୍ଷ ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା କରି ଡାକ୍ତର ମମତା ସାହୁ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ବିଷୟରେ ଉପସ୍ଥାପନା କରିଥିଲେ କ୍ଷ ଜିଲ୍ଲା ଶିକ୍ଷା ଅଧିକାରୀ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ କ୍ଷ ଜିଲ୍ଲା ମଙ୍ଗଳ ବିଭକ୍ଷଗ,ମୋବାଇଲ ଯୋଗାଯୋଗ, ଉଦ୍ୟାନ ବିଭାଗ, ଜଳଜୀବନ ମିଶନ ଯୋଜନାରେ ହର ଘର କି ଜଲ, ମେଗା ଜଳ ଯୋଗାଣ ପ୍ରକଳ୍ପ ଓ ଗ୍ରାମ୍ୟ ଗୃହ ଯୋଜନା ଉପରେ ଆଲୋଚନା କରାଯାଇଥିଲା।

# ରାୟଗଡାରେ ମକ୍‌ଡ୍ରିଲ୍



ରାୟଗଡା (ଭାସ୍କର ନ୍ୟୁଜ୍) : ଜାମ୍ମୁ କାଶ୍ମିରର ପେହେଲଗାଁ ଠାରେ ଆତତାୟୀଙ୍କଦ୍ୱାରା ୨୮ ଜଣ ନୀରିହ ନାଗରିକଙ୍କ ନରସଂହାର ଘଟଣା ପରେ ଭାରତ ଓ ପାକିସ୍ଥାନ ଣଦ୍ୟରେ ତିକ୍ତା ବଢିବାରେ ଲାଗିଛି। ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏସ୍.ଓ.ପି ଜାରୀ କରିଛନ୍ତି । ଯୁଦ୍ଧ ସମୟରେ ଧନ ଜୀବନର ରକ୍ଷା ପାଇଁ ସଧାରଣ ନାଗରିକ କିଭଳି ଏସ୍.ଓ.ପି ମାନି ଚଳିବେ ସେଥିନେଇ ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ଏକ ମକଡ୍ରିଲର ଆୟୋଜନ କରାଯାଇଥିଲା । ରାୟଗଡା ସହରର ବସଷ୍ଟାଣ୍ଡ, ଜ୍ୟୋତିମହଲ ଛକ, ରେଳ ଷ୍ଟେସନ ଓ ମୁଖ୍ୟ ବଜାରରେ ଏହିଭଳି ମକଡ୍ରିଲର ଆୟୋଜନ କରାଯାଇଥିଲା ।ଏହି ମକଡ୍ରିଲ ରେ ସହରର ବୁଦ୍ଧିଜୀବୀ, ବିଭିନ୍ନ ସ୍କୁଲ କଲେଜର ଏନ୍.ସି.ସି କ୍ୟାଡେଟ ଯୋଗଦେଇ ସହରବାସୀ ସଚେତନ କରିଥିଲେ। ସହରରେ ସାଇରନ ବଜାଇ ଜରୁରୀ କାଳୀନ ପରିସ୍ଥିତିରେ କିଭଳି ସୁରକ୍ଷିତ ରହିପାରିବେ ସେଥିନେଇ ସାଇରନ ବଜାଯାଇଥିଲା ।

# ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଶ୍ରମିକ ସଭା



କଣିହାଁ (ଭାସ୍କର ନ୍ୟୁଜ୍): ଆନ୍ତର୍ଜାତିକ ଶ୍ରମିକ ଦିବସର ୧୩୯ତମ ବାର୍ଷିକୀ ପାଳନ ଉପଲକ୍ଷେ ଏଆଇୟୁଟିୟୁସି ଓ ଏଆଇପିଏଫ୍ ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନଟିପିସି) ପକ୍ଷରୁ ବୁଧବାର ସନ୍ଧ୍ୟାରେ ଗଦାଶିଳାସ୍ଥ ୟୁନିୟନ ଅଫିସ୍ ଠାରେ ଏକ ଶ୍ରମିକ ସଭା ଅନୁଷ୍ଠିତ ହୋଇ ଯାଇଛି। ୟୁନିୟନର ସଭାପତି ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଏଆଇୟୁଟିୟୁସି ରାଜ୍ୟ ଇପସଭାପତି ଭିକାରି ପ୍ରଧାନ ଯୋଗ ଦେଇ ଥିଲେ।ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଏଆଇୟୁଟିୟୁସି ଅନୁଗୁଳ ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସହୁ ଯୋଗ ଦେଇ ମହାନ ଆନ୍ତର୍ଜାତିକ ଶ୍ରମିକ ଦିବସର ଐତିହାସିକ ଗୌରବଜ୍ଜ୍ୱଳ ସଂଗ୍ରାମର ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଦୈନିକ ଶ୍ରମ ଦିବସର ସମୟ ହ୍ରାସ କରିବା ପାଇଁ ବିଶ୍ୱରେ ବିଭିନ୍ନ ଦେଶରେ ଶ୍ରମିକ ଶ୍ରେଣୀ ଦୀର୍ଘ ୮୦ ବର୍ଷ ଧରି ବହୁ ଲଢେଇ କରିବା ପରେ ଦୈନିକ ୮ ଘଣ୍ଟା ଶ୍ରମ ଦିବସ ଦାବିରେ ୧୮୮୬ ମସିହା ମଇ ପହିଲା ରୁ ୪ ତାରିଖ ପର୍ଯ୍ୟନ୍ତ ଆମେରିକାର ଚିକାଗୋ ସହରରେ ହୋଇ ଥିବା ଶ୍ରମିକ ଶ୍ରେଣୀର ରକ୍ତାକ୍ତ ସଂଗ୍ରାମ ଯୋଗୁଁ ଦୈନିକ ୮ ଘଣ୍ଟା ଶ୍ରମ ଦିବସ ଆଇନଗତ ଭାବେ ସାରା ବିଶ୍ୱରେ ଗୃହୀତ ହୋଇଛି ।କିନ୍ତୁ ବର୍ତ୍ତମାନ ମାଲିକ ଶିଳ୍ପପତିମାନେ ଓ ସେମାନଙ୍କର ସ୍ୱାର୍ଥ ରକ୍ଷାକାରୀ ସରକାର ଦୈନିକ ୧୨ଘଣ୍ଟାରୁ ଅଧିକ କରିବା ପାଇଁ ଚକ୍ରାନ୍ତ କରିଚାଲିଛନ୍ତି। ସେହି ଭଳି ମାଲିକ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ କେନ୍ଦ୍ରର ବିଜେପି ସରକାର ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ( ଶ୍ରମ ସଂହିତା) ପ୍ରଣୟନ କରିଛନ୍ତି ଓ ଲାଗୁ କରିବାକୁ ଉଦ୍ୟମ କରୁଛନ୍ତି। ତେଣୁ ଶ୍ରମିକ କର୍ମଚାରୀ ବିରୋଧୀ ନୀତି ବିରୁଦ୍ଧରେ ସଚେତନ ସଙ୍ଗଠିତ ଶକ୍ତିଶାଳୀ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ଗଢିତୋଳିବାକୁ ମୁଖ୍ୟ ବକ୍ତା ଶ୍ରୀ ସାହୁ ଆହ୍ୱାନ ଦେଇଛନ୍ତି। ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ( ଶ୍ରମ ସଂହିତା) ବାତିଲ କରିବା, ଠିକାଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା କରିବା ଆଦି ୧୭ ଦଫା ଦାବିରେ ଏଆଇୟୁଟିୟୁସି ସମେତ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଆହ୍ୱାନରେ ୨୦ ମେ ରେ ସର୍ବ ଭାରତୀୟ ଧର୍ମଘଟରେ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ସାମିଲ ହେବା ପାଇଁ ସଭାର ସଭାପତି ଘୋଷଣା କରିଥିଲେ। ସଭାରେ ୟୁନିୟନର ଯୁଗ୍ମସମ୍ପାଦକ ଟୁନା ନାଏକ ପ୍ରାରମ୍ଭିକ ସୂଚନା ଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ୟୁନିୟନର କାର୍ଯ୍ୟକାରୀ ସଭ୍ଯ ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ସିଙ୍ଗେଶ୍ୱର ସାହୁ, ଅଭୟ କୁମାର ନାଏକ, କାଳନ୍ଦୀ ଚରଣ ନାଏକ,ନରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ସଂଗଠକ ଯୋଗ ଦେଇ ଥିଲେ।

# ଏସିଡ୍ ଆକ୍ରମଣ ଘଟଣାର ତଦନ୍ତ କଲା ସାଇଣ୍ଟିଫିକ୍ ଟିମ୍



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ପୋଲିସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଥାନା ସାମ୍ପୋଚ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଯୁବକଙ୍କୁ ହୋଇଥିବା ଏସିଡ ଆକ୍ରମଣ ମାମଲାର ଆଜି ତଦନ୍ତ କରିଛି ପୋଲିସ ସାଇଣ୍ଟିଫିକ ଟିମ। ଆଜି ଦିନ ୧୧.୩୦ ମିନିଟ ସମୟରେ ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଥିଲା । ମିଳିଥିବା ସୂଚନା ଅନୁଯାୟୀ ସାମ୍ପୋଚ ଗ୍ରାମର ସଞ୍ଜୟ ସ୍ୱାଇଁ ନିଜ ଦୋକାନ ଆଗରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଏସିଡ ଆକ୍ରମଣ କରି ଚାଲି ଯାଇଥିଲେ। ସଂଜୟ ଗୁରୁତର ଅବସ୍ଥାରେ ବୌଦ୍ଧ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ଆଜି ଗ୍ରାମକୁ ଯାଇ ସାଇଣ୍ଟିଫିକ ଟିମ ଶୋଇଥିବା ଖଟ, ଲୁଗାପଟା ଆଦି ଯାଞ୍ଚ କରିଥିବା ସୂଚନା ମିଳିଛି।

# ଆଳିର ଦୁଇଟି ସ୍ଥାନରେ ମକ୍‌ଡ୍ରିଲ୍



ଆଳି (ଭାସ୍କର ନ୍ୟୁଜ୍) : ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଯୁଦ୍ଧ ଆଶଙ୍କା ଘନଉଥିବା ବେଳ ଯଦି ଶତ୍ରୁ ଦେଶ ଆକ୍ରମଣ କରେ ତେବେ ସାଧାରଣ ଲୋକ ନିଜକୁ କେମିତି ସୁରକ୍ଷା ଦେବେ ସେନେଇ ଆଜି ସାରା ଦେଶରେ ମକଡ୍ରିଲ କରାଜିଛି । ଦେଶର ୨୪୪ ଜିଲ୍ଲାରେ ଏହି ମକ ଡ୍ରିଲ ହୋଇଥିବା ବେଳେ ଓଡ଼ିଶାର ମୋଟ ୧୨ ଜିଲ୍ଲାରେ ହୋଇଛି ।ଏହି ମକଡ୍ରିଲ ଏକ ସପ୍ତାହ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମରେ ଅନୁଷ୍ଠିତହେବ । ଆଜି ଅପରାହ୍ନ ୪ ଟାରେ ସାଇରନ ବାଜିବା ସହ ମକଡ୍ରିଲ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀ ରେ ଆଳି ବ୍ଲକ ରେ ଦୁଇଟି ସ୍ଥାନ ରେ ମୋକଡ୍ରିଲ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରଥମ ତ ଆଳି ବ୍ଲକ ପରିସର ଏବଂ ପଦାନୀପାଳରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ରେ ମକଡ୍ରିଲ ମାଧ୍ୟମ ରେ ସଚେତନତା କରାଯାଇଛି। ଏହି ମକ ଡ୍ରିଲ ସାତ ଦିନ ଧରି ଚାଲିବ । ଓଏସଡିଏମଏ କର୍ତ୍ତୃପକ୍ଷ ଉପକୂଳ ଅଞ୍ଚଳରେ ଥିବା ପ୍ରାକୃତିକ ବିପର୍ଯ୍ୟୟ ସାଇରନ ବଜାଇବା ଲାଗି ବ୍ୟବସ୍ଥା କରିଛନ୍ତି । ଶତ୍ରୁ ବିମାନ ଆକ୍ରମଣ ସମୟରେ ସାଇରନ ବଜେଇ ସାଧାରଣ ଲୋକଙ୍କୁ ସତର୍କ କରିବା ଏହି ମକଡ୍ରିଲର ମୂଳଲକ୍ଷ୍ୟ ଅଧିକାରୀ ମାନେ ପ୍ରତିକ୍ରିୟା ରେ କହିଛନ୍ତି । ଆଜି ଅପରାହ୍ନ ୪ ଟା ସମୟ ରେ ୫ ମିନିଟ ଧରି ସାଇରନ ବାଜିଥିଲା। ସାଇରନ ବାଜିବା କ୍ଷଣି ସମସ୍ତେ କଂକ୍ରିଟ ଛାତ ଘରକୁ ଚାଲି ଯାଇଥିଲେ । ଆକ୍ରମଣର ପ୍ରଭାବ ସରିବା ପରେ ପ୍ରଶିକ୍ଷିତ ଅଗ୍ନିଶମ ବାହିନୀ ସାଇରନ ବଜେଇ ସୂଚନା ଦେଇଥିଲେ। ଆକ୍ରମଣ ପ୍ରଭାବରେ ମୃତାହତ, ଅଗ୍ନିକାଣ୍ଡ ଓ ଅନ୍ୟାନ୍ୟ କ୍ଷୟକ୍ଷତିର ଆକଳନ କରାଯାଇଥିଲା ଏବଂ ଆହତ ହୋଇଥିବା ଲୋକ ଙ୍କୁ ପ୍ରାଥମିକ ଚିକିତ୍ସା କରାଯଇଥିଲା। ଏହି ମକଡ୍ରିଲ ମାଧ୍ୟମରେ ସମ୍ପୂର୍ଣ୍ଣ ଯୁଦ୍ଧ ସମୟ ର ବାସ୍ତବିକତା କୁ ପ୍ରଦର୍ଶନ କରାଯାଇ ଲୋକମାନଙ୍କୁ ସଚେତନତା କରାଯଇଥିଲା। ଏହି ସଚେତନତା କର୍ଯ୍ୟକ୍ରମ ରେ ଓଏସଡିଏମଏ ର ଅଧିକାରୀ ସୁଶାନ୍ତ ଦାସ, ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ଅଗ୍ନିଶମ ବାହିନୀ ଅଧିକରୀ ବିଭୁତି ନାୟକ ଙ୍କ ସହିତ ଅଗ୍ନିଶମ ବାହିନୀ ଦଳ , ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିବା ବେଳେ ପଦନୀପାଳ ରେ ଅନୁଷ୍ଠିତ ମକଡ୍ରିଲ ରେ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ଅଗ୍ନିଶମ ବାହିନୀ ସମେତ ମେଡିକାଲ ଟିମ ଯୋଗଦେଇଥିଲେ କ୍ଷ ଏହି ପରିପ୍ରେକ୍ଷୀରେ ସଡ଼କ ବନ୍ଧୁ ସୁଶାନ୍ତ ତରାଇ ଏକ କବିତା ମଧ ପାଠ କରିଥିଲେ।



# ଆମ କଳାହାଣ୍ଡି



### ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଅବହେଳା ଅଭିଯୋଗ

## ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଦାବି

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱ ସେବା ଯୋଗାଇ ଦେବାରେ ପ୍ରଶାସନ ଫେଲ ମାରିଛି। ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତିରେ ଅବହେଳା ତାର ପ୍ରମାଣ ଦର୍ଶାଉଛି ପର୍ଲା ଠାରେ ଥିବା ଡାକ୍ତରଖାନାରେ। ଇତି ମଧ୍ୟରେ ଡାକ୍ତରଖାନା ପିଏଚସିରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପାଇଁ ସାରିଛି। ସିଏଚସି ମାନ୍ୟତା ପାଇବାର ଦୀର୍ଘ ବର୍ଷ ବିତି ଯାଇଥିଲେ ବି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବାରେ ଅବହେଳା କରାଯାଇଥିବା ଅଭିଯୋଗ ହେଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମ ଅନୁଯାୟୀ ମୁଖ୍ୟତଃ ୪ଜଣ ବିଶେଷଜ୍ଞ ସମେତ ୧୧ଜଣ ସାଧାରଣ ଡାକ୍ତର ନିଯୁକ୍ତି ଦେବା ବ୍ୟବସ୍ଥା ରହିଛି। ତେବେ ପର୍ଲା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ସଦା ଅବହେଳା କରାଯାଉଥିବା ନେଇ ଲୋକଙ୍କ ମଧ୍ୟରେ ସମାଲୋଚନା ହେଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅତିକମରେ ଜଣେ ମେଡ଼ିସିନ ବିଶେଷଜ୍ଞ ସମେତ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ଶୈଲ୍ୟ ରୋଗ ବିଶେଷଜ୍ଞ ସହ ଏମବିବିଏସ ଡାକ୍ତର ନିଯୁକ୍ତି ଦେବା ବ୍ୟବସ୍ଥା ରହିଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ମୂଳରୁ ବିଶେଷଜ୍ଞ ଡାକ୍ତର ସାତ ସପନ ପାଲଟିଛି। ଯାହା ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟୟ ଦେଖା ଦେଇଛି। ସାଧାରଣ ଭାବେ ଗ୍ରାମାଞ୍ଚଳ ମହିଳା, ଶିଶୁ ଗର୍ଭବତୀ ପ୍ରସୂତିଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର ପ୍ରୟାସ କରୁଥିବା ବେଳେ ଏଥିପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୋଗାଇ ଦିଆଯାଇଛି। ବିଶେଷଜ୍ଞ ଅଭାବରୁ ତାହା ଖତ ଖାଉଥିବା ଆଲୋଚନା ହେଉଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଛତିଶଗଡ଼, ନବରଙ୍ଗପୁର ସମେତ ପ୍ରାୟ ୧୪ଟି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ବିଶେଷ ଭାବେ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଏକ ମାତ୍ର ଅଞ୍ଚଳର ସାହା ଭରସା ପାଲଟି ଥିବା ବେଳେ ସ୍ତ୍ରୀ ରୋଗ ବିଶେଷଜ୍ଞ ଅଭାବରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନଜର ରହିଛି। ସରକାର ବିଶେଷ ଭାବେ ମହିଳା ମାନଙ୍କୁ ତ୍ୱରାନ୍ୱିତ ସେବା ଯୋଗାଇବାକୁ ଅନେକ ବ୍ୟବସ୍ଥା ହାତକୁ ନେଇଛନ୍ତି। ଏପରିକି ମାଗଣାରେ ଜନନୀ ଏକ୍ସପ୍ରେସ ଜରିଆରେ ଡାକ୍ତରକୁ ନେବା, ଉନ୍ନତ ମାନର ଯନ୍ତ୍ରପାତି, ଉନ୍ନତ ପରୀକ୍ଷା ନିରୂପଣ ଆଦି ଉପଲବ୍ଧ ଥିବା ବେଳେ ଡାକ୍ତର ଅଭାବରୁ ତାହା ଖତ ଖାଉଛି। ସୂଚନା ମୋତେ ୨୦୨୩-୨୦୨୪ ମସିହାରେ ମୋଟ ୭୭୦ଜଣ ଗର୍ଭବତୀ ମହିଳା ପର୍ଲା ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି ହୋଇ ଥିବା ବେଳେ ୬୮୧ଜଣ ମହିଳା କ୍ଷେତ୍ରରେ ସାଧାରଣ ଭାବେ ପ୍ରସବ ହୋଇଛନ୍ତି ଓ ୮୯ଜଣଙ୍କୁ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଭଳି ଅପ୍ରେଲ ୨୦୨୪ରୁ ବର୍ତ୍ତମାନ ଯାଏ ୪୮୯ ପ୍ରସବ ହୋଇଥିବା ବେଳେ ୭୪ଜଣକୁ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା କୁହାଯାଏ। ବର୍ତ୍ତମାନ ନୂତନ ସରକାର ଆସିଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରାଧାନ୍ୟ ଦେଉଛନ୍ତି-ହେଲେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି କେବେ ଦୃଷ୍ଟି ପଡିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ବଦଳିଛି ହେଲେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାଗ୍ୟ କେବେ ବଦଳି ତାହା ଦେଖିବାକୁ ବାକି ରହିଛି।

## ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଏସ୍‌ଡିପିଓଙ୍କ ଆଲୋଚନା



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୋଲିସ ଉପଖଣ୍ଡ ଅଧିକାରୀ ଭାବେ ଯୋଗ ଦେଇଛନ୍ତି ଯୁବ ପୋଲିସ ପ୍ରଶାସକ ସନ୍ଦୀପ କୁମାର ମାଝୀ। ଆଜି ସେ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ପରିଦର୍ଶନରେ ଆସିଥିବାବେଳେ ତାଙ୍କୁ ସାକ୍ଷାତ କରି ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଗଣ। ଲାଞ୍ଜିଗଡ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ପୂର୍ବତନ ସରପଞ୍ଚ ଅନନ୍ତ ପ୍ରଧାନୀ, ସମାଜସେବୀ ହରିଶଙ୍କର ପାତ୍ର, ଲକ୍ଷ୍ମୀଧର ସନ୍ତୋଷରାୟ, ବିଶ୍ୱନାଥପୁର ସମିତିସଭ୍ୟ ଅଜିତ କୁମାର ପ୍ରଧାନୀ, ସମାଜସେବୀ ତରୁଣ କୁମାର ଦାସ, ମନୋରଞ୍ଜନ ବିଶି, କିଶୋର ହରପାଲ, ଜିତେନ୍ଦ୍ର ସାହୁ ପ୍ରମୁଖ ଶ୍ରୀ ମାଝୀଙ୍କୁ ସାକ୍ଷାତ କରି ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶ୍ୱନାଥପୁର ଥାନାଧିକାରୀ ବିଜୟରାଜ ମାଝୀ ମଧ୍ୟ ଉପସ୍ଥିତ ଥିଲେ।

## ଅଚଳ ନଳକୂପକୁ ନେଇ ଚିନ୍ତାରେ ଗ୍ରାମବାସୀ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ପଞ୍ଚାୟତ ସମିତି ଅଧୀନସ୍ଥ ପରଲସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ବେଲାମାଲ ଗ୍ରାମରେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ସୋଲାର ସିଷ୍ଟମ ୱାଟର ସପ୍ଲାଏ ଫଣ୍ଡରୁ ୪ଲକ୍ଷ ୫୦ହଜାର ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା। ନଳକୂପ ଭିତରେ ମୋଟର ସଂଯୋଗ ମଧ୍ୟ କରାଯାଇଛି। କିନ୍ତୁ ଦୁଇ ବର୍ଷ ଠିକ୍ ଭାବେ ଚାଲିଲା ପରେ ଆଜକୁ ତିନି ବର୍ଷ ହେଲା ନଳକୂପ ଭିତରେ ମୋଟର ଫସି ରହି ଖରାପ ହେବାରୁ ନଳକୂପରୁ ପାଣି ଆଉ ବାହାରିଲା ନାହିଁ। ମେକାନିକ୍ ଆସି ମୋଟରକୁ କାଢ଼ିବା ପାଇଁ ବହୁ ଚେଷ୍ଟା କଲେ ତଥାପି ମୋଟର କାଢ଼ିବା ବହୁତ କଷ୍ଟ ହେବାରୁ ଦୀର୍ଘ ତିନି ବର୍ଷ ହେଲା ମୋଟର ଅଚଳ ହୋଇ ପଡ଼ିରହିଛି। ଯାହାଫଳରେ ପାଣି ବାହାରିବା କଷ୍ଟ ହେଉଛି। ଫଳରେ ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଦୂର କରିବା ପାଇଁ ପରଲସିଙ୍ଗା ପଞ୍ଚାୟତ ପକ୍ଷରୁ ନୂତନ ଭାବେ ଆଉ ଏକ ନଳକୂପ ଖୋଳାଗଲା କିନ୍ତୁ ପାଣି ବାହାରିଲା ନାହିଁ। ବେଲାମାଲ ଗ୍ରାମ ଚାରି ପଟେ ପଥୁରିଆ ହୋଇଥିବାରୁ ପାଣି ବାହାରିବା ବହୁତ କଷ୍ଟ ହେଉଛି। ନଳକୂପ ଭିତରେ ମୋଟର ଫସି ରହି ଥିବାରୁ କମ୍ ପରିମାଣରେ ପାଣି ବାହାରୁଛି। ଉକ୍ତ ଗ୍ରାମର ଲୋକେ ପାନୀୟଜଳ ପାଇଁ ଡହଳବିକଳ ହେଉଛନ୍ତି। ଏ ସଂକ୍ରାନ୍ତରେ ପରଲସିଙ୍ଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ଝସକେତନ ସାହୁଙ୍କୁ ପଚାରିବାରୁ ଲୋକଙ୍କ ସୁବିଧା ପାଇ ନୂତନ ଏକ ନଳକୂପ ଖୋଳାଯାଇଛି, କିନ୍ତୁ ପାଣି ନ ବାହାରିବାରୁ ପୁଣି ବିଧାୟକଙ୍କୁ ଆଉ ଗୋଟାଏ ନଳକୂପ ମଞ୍ଜୁର କରିବା ପାଇଁ ଅନୁରୋଧ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।

## ବିପଦରେ ପୋଖରୀବନ୍ଧ ଗୋଲେଇ ଛକ, ପୂର୍ତ୍ତ ବିଭାଗର ନିଘା ନାହିଁ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ପୋଖରୀବନ୍ଧ ଗୋଲେଇ ଛକ। ଏହି ଛକରୁ ଗୋଟିଏ ପଟେ ରାୟଗଡା ଓ ଆରପଟେ ଲାଞ୍ଜିଗଡକୁ ରାସ୍ତା ରହିଛି। ତେବେ ଏହି ଛକର ଗୋଲେଇ ସହିତ ବୁଲାଣି ସବୁବେଳେ ବିପଦକୁ ସତେ ଯେମିତି ହାତଠାରି ଡାକୁଛି। ଏହି ଛକରେ ହଠାତ ବୁଲାଣି ଥିବାବେଳେ ଛକରୁ ରାୟଗଡା ପଟ ରାସ୍ତା ଦିଶୁନଥିବାରୁ ସବୁବେଳେ ଦୁର୍ଘଟଣା ଆଶଙ୍କା ଦେଖାଦେଇଥାଏ। ଏପରିକି ଏହି ଛକରେ ଛୋଟ ବଡ଼ ଦୁର୍ଘଟଣା ଅନେକଥର ଘଟୁଥିବାବେଳେ ବିଭିନ୍ନ ସମୟରେ ଧନଜୀବନ ହାନୀ ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ଏପରିକି ରାସ୍ତା ଉପରେ ଥିବା ଗୋଲେଇ ଚଉତରା ଓ ଏକ ବିଶ୍ରାମାଗାର ଏହି ବିପଦ ଓ ଦୁର୍ଘଟଣା ଆଶଙ୍କାକୁ ଆହୁରି ବଢ଼ାଇ ଦେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଦାବି ଓ ଅଭିଯୋଗ ହେଉଥିଲେ ମଧ୍ୟ କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ଏହି ସମସ୍ୟାକୁ ନଜର ଅନ୍ଦାଜ କରିଚାଲିଛି। ଯାହାଫଳରେ ଏହି ଛକ ନିକଟରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବା ସହିତ ଧନଜୀବନ ହାନୀ ହେଉଛି। ଏଣୁ ଏଥିପ୍ରତି ଦୃଷ୍ଟି ଦେବା ସହିତ ଜିଲ୍ଲା ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଛକରେ ରାସ୍ତା ଚଉଡା କରିବା ସହିତ ଏଠାରେ ଥିବା ବିଶ୍ରାମାଗାରକୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି।

## ଗଳାରେ ବଢୁଛି ମାଂସ ପିଣ୍ଡୁଳା, ଅର୍ଥାଭାବ ସାଜିଛି ଚିକିତ୍ସାରେ ବାଧକ

**ଦୁଃଖରେ ମଞ୍ଜୁଳା**



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ): ଦେଖୁ ଦେଖୁ ବିତିଗଲାଣି ଛଅ ବର୍ଷ। ଗଳା ପାଖରେ ଛୋଟ ଆବୁ ଭଳି ସୃଷ୍ଟି ହୋଇଥିବା ମାଂସ ପିଣ୍ଡୁଳା, ଧିରେ ଧିରେ ବଢ଼ିବାରେ ଲାଗିଛି। ଗଳାରେ ବୋଝ ପାଲଟିଥିବା ଏହି ମାଂସ ପିଣ୍ଡୁଳା ମହିଳାଙ୍କ ଦୁଃଖର କାରଣ ପାଲଟିଛି। ଏଥିଯୋଗୁଁ ସେ ଭଲରେ କିଛି ଖାଇପିଇ ପାରୁନାହାନ୍ତି। ଦୀର୍ଘଦିନ ହେଲା ଏହା ବଢ଼ି ଚାଲିଥିବାବେଳେ କୁଲିମଜୁରୀ କରି ଚଳୁଥିବା ତାଙ୍କ ସ୍ୱାମୀ କେମିତି ଚିକିତ୍ସା କରିବେ କିଛି କୁଳକିନାରା ପାଉନାହାନ୍ତି। ଅର୍ଥାଭାବ ଚିକିତ୍ସାରେ ବାଧକ ସାଜିଥିବାବେଳେ ମହିଳାଙ୍କ ଜୀବନ ଦୁର୍ବିସହ ହେବାରେ ଲାଗିଛି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ନିକଟସ୍ଥ ସୀତାପୁର ଗାଁରେ। ଏହି ଗାଁରେ ରହନ୍ତି ଡମ୍ବରୁଧର ପାତ୍ରଙ୍କ ପରିବାର। ସ୍ତ୍ରୀ ଓ ପିଲାଛୁଆଙ୍କ ସହିତ ରହୁଥିବା ଡମ୍ବରୁ କୁଲିମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି। ତେବେ ପ୍ରାୟ ଛଅ ବର୍ଷ ହେଲା ତାଙ୍କ ସ୍ତ୍ରୀ ମଞ୍ଜୁଳାଙ୍କ ଗଳାରେ ମାଂସ ବଢୁଥିବା ଦେଖିବାକୁ ମିଳିଥିଲା। ଧିରେ ଧିରେ ଏହା ବଢୁଥିବାବେଳେ ଅର୍ଥାଭାବ ଓ ଅଜ୍ଞତାବଶତଃ ଏହାର ଚିକିତ୍ସା ବି କରାଇପାରିନାହାନ୍ତି। ଗରିବ ଓ ଦୁସ୍ଥ ତଥା ଅସହାୟ ଲୋକଙ୍କୁ ମାଗଣା ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଥିବାବେଳେ ଏହାର ଉପଯୋଗ ମଧ୍ୟ ସେ କରିନାହାନ୍ତି। ଏବେ ଗଳାରେ ବଢ଼ି ଚାଲିଥିବା ଏହି ମାଂସ ପିଣ୍ଡୁଳା ଯୋଗୁଁ ମଞ୍ଜୁଳା ଅକଥନୀୟ ଯନ୍ତ୍ରଣା ସହିତ ଗଭୀର ମାନସିକ ସନ୍ତାପ ଭୋଗୁଛନ୍ତି। କିନ୍ତୁ ସଠିକ ପରାମର୍ଶ ଓ ସଚେତନତା ଅଭାବରୁ ସେ ସରକାରୀ ଚିକିତ୍ସାସେବାର ସୁବିଧା ହାସଲ କରିପାରିନାହାନ୍ତି। ଏଣୁ ସରକାର, ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ କିମ୍ବା କୌଣସି ସ୍ୱେଚ୍ଛାସେବୀ ସଂସ୍ଥା ଓ ବ୍ୟକ୍ତିବିଶେଷ ଆଗେଇ ଆସିବା ସହିତ ମଞ୍ଜୁଳାଙ୍କ ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

## କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା ଦାବି





ସିଟିଜେନ ଫୋରମ ପକ୍ଷରୁ ୯ଦଫା ଦାବିପତ୍ର ପ୍ରଦାନ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବା ପାଇଁ ସହରର ସିଟିଜେନ ଫୋରମର ସଭାପତି ଡା. ହେମସାଗର ସାହା ଭୁବନେଶ୍ୱର ସ୍ଥିତ ନିର୍ଦ୍ଦେଶକ, ନଗର ପ୍ରଶାସନ ନିର୍ଦ୍ଦେଶାଳୟ ତଥା ଅତିରିକ୍ତ ସଚିବ ନଗର ଉନ୍ନୟନ ବିଭାଗ ଅରବିନ୍ଦ ଡ଼ାକୁଆ ଓ ଉଷା ପାଢ଼ୀ, ପିନ୍ସିପାଲ ସେକ୍ରେଟାରୀଙ୍କୁ ମଙ୍ଗଳବାର ସାକ୍ଷାତ କରି ୯ଦଫା ଦାବି ସମ୍ବଳିତ ପ୍ରଦାନ କରିଛନ୍ତି। କେସିଙ୍ଗା ଏନ୍‌ଏସି ଗତ ୧୯୬୫ମସିହାରୁ ହାଉସିଂ ଏଣ୍ଡ ଅର୍ବାନ ଡ଼ିପାର୍ଟମେଣ୍ଟ ପକ୍ଷରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଦୀର୍ଘ ୬୦ବର୍ଷ ହେଲା ପରି ଚାଳିତ ହୋଇ ଆସୁଛି। ସହରର ୧୨ଟି ୱାର୍ଡରେ ୨୦୧୧ ମସିହା ଜନଗଣନା ଅନୁସାରେ ୧୯ହଜାର୨୩୯ ଜନସଂଖ୍ୟା ରହିଛି। ସେଥିମଧ୍ୟରୁ ୯ହଜାର ୮୪୪ ଜଣ ପୁରୁଷ ଏବଂ ୯ହଜାର ୩୯୫ଜଣ ମହିଳା ସହରର ୧୨ଟି ୱାର୍ଡରେ ବସବାସ କରୁଛନ୍ତି। ବର୍ତ୍ତମାନ ସହରର ୧୨ଟି ୱାର୍ଡରେ ୨୬ହାଜରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଆବଶ୍ୟକତା ଅନୁସାରେ ଭିତ୍ତି ଭୂମି, ବାଣିଜ୍ୟ ବ୍ୟବସାୟ, ଆର୍ଥିକ ମାନଦଣ୍ଡ ମଜଭୁତ କରିବାକୁ ପଡିବ। ତେଣୁ ରାଜ୍ୟ ସରକାର କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲିଟି ଭାବେ ଘୋଷଣା କଲେ ସହରର ଉନ୍ନତି ଆହୁରି ଦ୍ୱିଗୁଣିତ ହେବ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବା ପୂର୍ବରୁ ସହରକୁ ଲାଗି ରହିଥିବା ଲଇତରା ଗ୍ରାମ ପଞ୍ଚାୟତର ମଶାମ୍ବିମୁଣ୍ଡା ଜନସଂଖ୍ୟା ୯୮୨ ଓ ଯୋଲକୋ ଗ୍ରାମର ୧୨୦୮, ସିରୁଲ ଗ୍ରାମ ପଞ୍ଚାୟତର ଡୁମେରମୁଣ୍ଡା ୨୧୧୫ ଓ କନ୍ତେଶିର ଗ୍ରାମ ପଞ୍ଚାୟତର କୁର୍ଲୁପଡ଼ା ନୂଆପଡ଼ାର ୧୦୯୩ ଜନସଂଖ୍ୟା ମିଶି ଏହି କେସିଙ୍ଗା ସହରରେ ସାମିଲ କରିବାକୁ କାଉନ୍ସିଲ ମିଟିଂ ମଧ୍ୟ ନିଷ୍ପତ୍ତି ହୋଇ ସାରିଛି। ଏହି ଏନ୍‌ଏସି ୨୪-୨୫ ଆର୍ଥିକ ବର୍ଷରେ ହୋଲ୍ଡିଂ ଟାକ୍ସ ବାବଦକୁ ୫୯.୭୪ଲକ୍ଷ ଆଦାୟ କରିଛି ଏବଂ ବିଭିନ୍ନ ରାଜସ୍ୱ ବାବଦରେ ୧.୫କୋଟି ଅର୍ଥ ଆଦାୟ କରିଛି। ୧୨ଟି ୱାର୍ଡରେ ରାସ୍ତା ଘାଟ ନିର୍ମାଣ, ଡ୍ରେନ, ପାନୀୟଜଳ, ସ୍ୱଚ୍ଛ ଭାରତ, ବିଦ୍ୟୁତ ସେବା, ଶିକ୍ଷା, ସ୍ୱାସ୍ଥ୍ୟ, ଆଦି ସୁବିଧା ଜନସାଧାରଣ ସେବା ଦେଇ ଆସୁଛି। କିନ୍ତୁ ରାଜ୍ୟ ସରକାର ଯଦି ଏନ୍‌ଏସି ପରିବର୍ତ୍ତେ କେସିଙ୍ଗାକୁ ମ୍ୟୁନିସିପାଲିଟି ଘୋଷଣା କଲେ ଆହୁରି ଦ୍ୱିଗୁଣିତ ସୁବିଧା ଲୋକମାନେ ପାଇ ପାରିବେ ବୋଲି ସିଟିଜେନ ଫୋରମର ସଭାପତି ଡ଼.ହେମରାଜ ସାହା ମୁଖ୍ୟମନ୍ତ୍ରୀଙ୍କ ସମେତ ଉଚ୍ଚ ପଦାଧିକାରୀଙ୍କୁ ୯ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି।


## ବିଭିନ୍ନ ଦାବି ନେଇ ପାଚିକା ସହାୟିକା ସଙ୍ଘ ପକ୍ଷରୁ ବିକ୍ଷୋଭ





ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ସରକାରୀ ବିଦ୍ୟାଳୟ ମାନଙ୍କରେ ମଧ୍ୟାହ୍ନ ଭୋଜନ ଯୋଜନା ଭଳି ପାଇଲଟ ପ୍ରୋଜେକ୍ଟକୁ ସଫଳ କରିବା ପାଇଁ ପାଚିକା ସହାୟିକାଙ୍କୁ ନିଯୋଜିତ କରାଯାଇଛି। ଏମାନେ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ବିନା ଛୁଟିରେ ବହୁ ଅସୁବିଧା ମଧ୍ୟରେ ଅକ୍ଳାନ୍ତ ପରିଶ୍ରମ କରି ମଧ୍ୟାହ୍ନ ଭୋଜନ କାମ କରିବା ସହ ସେମାନଙ୍କୁ ବିଦ୍ୟାଳୟର ଅନ୍ୟାନ୍ୟ କାମ କରିବାକୁ ବାଧ କରାଯାଉଛି। ଏଆଇଟିୟୁସି ନେତୃତ୍ୱରେ ସୋମବାର ବିଭିନ୍ନ ଦାବି ନେଇ ସଙ୍ଘ ପକ୍ଷରୁ ଧର୍ମଗଡ ଠାରେ ବିଭିନ୍ନ ନାରାବାଜି ମାଧ୍ୟମରେ ଶୋଭାଯାତ୍ରା ସହ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରି ଉପଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦେଶର କ୍ଷମତାସୀନ ସରକାର ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାଙ୍କ ଶ୍ରମ ଶୋଷଣ କରି ମଜୁରୀ ନଦେଇ ସାମାନ୍ୟ ମାନଦେୟରେ ସୀମିତ ରଖି ଶୋଷଣ କରୁଥିବା ଅଭିଯୋଗ କରି ପାଚିକା ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ମାସିକ ସର୍ବନିମ୍ନ ମଜୁରୀ ପ୍ରଦାନ, ପାଚିକା ମାନଙ୍କୁ ୧୦ ମାସର ପାରିଶ୍ରମିକ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ପିଲା ସଂଖ୍ୟା କମ ପାଇଁ ବନ୍ଦ ହୋଇଥିବା ସ୍କୁଲକୁ ଖୋଲାଯାଇ ପାଚିକା ମାନଙ୍କୁ ନିଯୁକ୍ତି ପ୍ରଦାନ, ମଧ୍ୟାହ୍ନ ଭୋଜନ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟ ରେ ନିୟୋଜିତ ବନ୍ଦ କରାଯାଉ, ମଧ୍ୟାହ୍ନ ଭୋଜନ ଯୋଜନା କୁ ଘରୋଇ ସଂସ୍ଥାକୁ ହସ୍ତାନ୍ତର ବନ୍ଦ କରାଯାଉ, ପାଚିକା ସହାୟିକାଙ୍କ ଅବସର ଓ ମୃତ୍ୟୁ ପରେ ନିଜ ଉତ୍ତରାଧିକାରୀଙ୍କୁ ସୁଯୋଗ ପ୍ରଦାନ, ପାଚିକା ସହାୟିକା ନିଯୁକ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ନିଯୁକ୍ତି ପ୍ରଦାନ ଭଳି ୧୫ ଗୋଟି ଦାବି ନେଇ ଧର୍ମଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରିଥିଲେ। ରାଜ୍ୟ ସଭାପତି ଅକ୍ଷୟ କୁମାର ମେହେରଙ୍କ ନେତୃତ୍ୱରେରାଜ୍ୟ ପରିଷଦ ସଭ୍ୟା ଅବନ୍ତୀ ଦଣ୍ଡସେନା, କବିତା ଖର୍ସେଲ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟା ବନିତା ବାଗ, ହେମ ନାଏକ, ଧନମତି ଖରସେଲ, କ୍ଷୀର ବାଗ, ରିଖିରାମ ଭାଟି, ଅଯୋଧ୍ୟା ହାତୀ, ଗାୟତ୍ରୀ ଗୋପାଳ, ଦେବକୀ ମାଝୀ, ମାଳସିଲା ନିଆଲ ସମେତ ଶତାଧିକା ପାଚିକା ସାମିଲ ହୋଇଥିଲେ।

## ରାଶିଫଳ


ଗୁରୁବାର, ୦୮ ମଇ ୨୦୨୫




**ମେଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ। ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତୁ। ଧାର୍ମିକ ଯାତ୍ରା ଆୟୋଜିତ ହେବ।




**ବୃଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ମିଥୁନ:** ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ଆଜି ପ୍ରଣୟଙ୍କ ପାଇଁ ଏକ ଭଲ ଦିନ। ମିଠା ଖାଦ୍ୟ ମିଳିପାରିବ। ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।




**କର୍କଟ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।




**ତୁଳା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।



**ବିଛା:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।



**ସିଂହ:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ।




**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ। ଆଜି ଆପଣ କଠିନ ପରିଶ୍ରମ କରିବା ପରେ ହିଁ ସଫଳତା ପାଇବେ।



**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।



ଜ୍ୟୋତିଷ ଚର୍ଚ୍ଚା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯